R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୭୨
ତିଥି : ସପ୍ତମୀ
୦୭ ଜୁଲାଇ ୨୦୨୬, ମଙ୍ଗଳବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 272
07 July 2026, Tuesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ଲଗାଣ ବର୍ଷାରେ ବୈତରଣୀରେ ପ୍ରଥମ ବନ୍ୟା

ଧାମନଗର/ଆରଡ଼ି /ଦୋବଲ, ୦୬ ।୭ (ସବ୍ୟୁ) : ବୈତରଣୀ ନଦୀର ଉପରମୁଣ୍ଡରେ ଲଘୁଚାପ ଜନିତ ପ୍ରବଳ ବର୍ଷା ହେତୁ ନଦୀରେ ଏବର୍ଷର ପ୍ରଥମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ରବିବାର ଦିନ ବୈତରଣୀ ନଦୀର ଉପରମୁଣ୍ଡରେ ହୋଇଥିବା



ପ୍ରବଳ ବର୍ଷା ଜଳ ଆଖୁଆପଦା ଠାରେ ପ୍ରବାହିତ ହେଉଛି । ସୋମବାର ଦିନ ଚମ୍ପୁଆ ଠାରେ ୩୦ମିଲିମିଟର ବର୍ଷା ହୋଇଥିବା ବେଳେ ସୋମପାଟଣା ଠାରେ ୭୫.୬ମିଲିମିଟର,କେନ୍ଦୁଝର ଠାରେ ୩୧.୨ମିଲିମିଟର ଓ ଆନନ୍ଦପୁର ଠାରେ ସର୍ବାଧିକ ୧୮୧.୬ମିଲିମିଟର ବର୍ଷା ହୋଇଥିବାର ରେକର୍ଡ କରାଯାଇଛି । ଉକ୍ତ ବର୍ଷା ଜଳ ଆଖୁଆପଦା ଠାରେ ପହଁଚିଲେ ନଦୀରେ ବନ୍ୟାର ପ୍ରକୋପ ଆହୁରି ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି । ଏବେ ଆଖୁଆପଦା ଠାରେ ବନ୍ୟାଜଳ ବିପଦ ସଙ୍କେତର ନିକଟତର ହୋଇ ପ୍ରବାହିତ ହେଉଛି । ସେଠାରେ ସତର୍କ ସଙ୍କେତ ୧୭.୮୩ ମିଟର ଥିବାବେଳେ ବିପଦ ସଙ୍କେତ ହେଉଛି ୧୮.୩୩ ମିଟର । ସୋମବାର ସନ୍ଧ୍ୟା ୬ଟା ସୁଦ୍ଧା ଆଖୁଆପଦା ଠାରେ ଜଳସ୍ତର ବିପଦ ସଙ୍କେତର ନିକଟତର ଅର୍ଥାତ ୧୮.୧୭ ମିଟରରେ ପ୍ରବାହିତ ହୋଇ ସ୍ଥିର ରହିଥିବା ଜଣାଯାଇଛି। ଉପର ମୁଣ୍ଡରେ ବର୍ଷାର ପ୍ରକୋପ କମୁଥିବାରୁ ବଡ ବନ୍ୟା ହେବନାହିଁ ବୋଲି ଧାମନଗର ଜଳସଂପଦ ବିଭାଗ କାର୍ଯ୍ୟାଳୟରୁ ସୂଚନା ମିଳିଛି । ଭଦ୍ରକ ଜିଲ୍ଲାପାଳ (୯ ପୃଷ୍ଠାରେ)

## ସମ୍ଭାବ୍ୟ ବନ୍ୟା ପରିସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ

ଭୁବନେଶ୍ୱର, ୦୬ ।୭ (ସବ୍ୟୁ): ବୈତରଣୀ ନଦୀ ଅବବାହିକାରେ ଲଗାଣ ବର୍ଷାଜନିତ ଉଚ୍ଚ ଜଳସ୍ତର ଯୋଗୁ ଆଶଙ୍କା କରାଯାଉଥିବା ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ରାଜୀବ ଭବନଠାରେ ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍ଆର୍ସି)ଙ୍କ କାର୍ଯ୍ୟାଳୟରେ ଉଚ୍ଚସ୍ତରୀୟ ସମୀକ୍ଷା କରିଛନ୍ତି । ବୈଠକରେ ବୈତରଣୀ ନଦୀର ବର୍ତ୍ତମାନ ଜଳସ୍ତର, ଆଶଙ୍କା କରାଯାଉଥିବା ବନ୍ୟା ପରିସ୍ଥିତି, ସମ୍ଭାବ୍ୟ ପ୍ରଭାବିତ ଅଞ୍ଚଳ ଓ ଜନସଂଖ୍ୟା, ଜିଲ୍ଲା ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଇଥିବା ପ୍ରସ୍ତୁତି, ଉଦ୍ଧାର ଓ ସ୍ଥାନାନ୍ତରଣ ବ୍ୟବସ୍ଥା, ଆଶ୍ରୟସ୍ଥଳ ପରିଚାଳନା, ରିଲିଫ ସାମଗ୍ରୀର ମହଜୁଦ ଏବଂ (୯ ପୃଷ୍ଠାରେ)

# ଇଣ୍ଡୋନେସିଆ, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ ଗସ୍ତରେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ,୦୬ ।୭ (ସବ୍ୟୁ) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇଣ୍ଡୋନେସିଆ, ଅଷ୍ଟ୍ରେଲିଆ ଓ ନ୍ୟୁଜିଲ୍ୟାଣ୍ଡ ଗସ୍ତରେ ଯାଇଛନ୍ତି । ଗସ୍ତରେ ଯିବା ପୂର୍ବରୁ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଇଣ୍ଡୋନେସିଆର ରାଷ୍ଟ୍ରପତି ପ୍ରବୋବୋ ସୁବିଆନ୍ତୋଙ୍କ ନିମନ୍ତ୍ରଣରେ, ମୁଁ ୬-୮ ଜୁଲାଇ ପର୍ଯ୍ୟନ୍ତ ଇଣ୍ଡୋନେସିଆ ଗସ୍ତ କରିବି । ୨୦୧୮ରେ ମୋର ପ୍ରଥମ ଇଣ୍ଡୋନେସିଆ ଗସ୍ତ ସମୟରେ ଭାରତ ଏବଂ ଇଣ୍ଡୋନେସିଆ ଦ୍ୱିପାକ୍ଷିକ ସମ୍ପର୍କକୁ ଏକ ବ୍ୟାପକ ରଣନୈତିକ ସହଭାଗୀତା ସ୍ତରକୁ ଉନ୍ନୀତ କରିଥିଲେ । ଆମର ସମ୍ପର୍କର ଉନ୍ନତି ପରେ ଏହା ମୋର ପ୍ରଥମ ଦ୍ୱିପାକ୍ଷିକ ଗସ୍ତ ହେବ ।

ଏହି ଗସ୍ତ ରାଷ୍ଟ୍ରପତି (୯ ପୃଷ୍ଠାରେ)

# ଅବପାତ ଅତିକ୍ରମବେଳେ ପଶ୍ଚିମରେ ଭୀଷଣ ବର୍ଷିଲା

ଭୁବନେଶ୍ୱର, ୦୬ ।୭ (ସବ୍ୟୁ) : ରାଜ୍ୟରେ ଅବପାତ ପ୍ରଭାବରେ ପଶ୍ଚିମ ଓଡିଶାରେ ଭୀଷଣ ବର୍ଷା ହୋଇଛି । ଗତ ୨୪ ଘଣ୍ଟା ମଧ୍ୟରେ ସୋନପୁରରେ ସର୍ବାଧିକ ୩୨୮ ମିମି ଓ ଉଲୁଣ୍ଡାରେ

- ସୋନପୁରରେ ସର୍ବାଧିକ ୩୨୮ ମିମି ବର୍ଷା
- ଆଗାମୀ ୩ ଦିନ ପାଗ ଶୃଙ୍ଖଳା ରହିପାରେ
- ୧୧ ରୁ ପୁଣି ବଢ଼ିବ ବର୍ଷାର ପରିମାଣ
- ୧୧ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା

୨୯୦ମିମି ବର୍ଷା ରେକର୍ଡ କରାଯାଇଛି । ଏହା ସହ ୧୧ ଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଯୋଗୁ ତଳିଆ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ତେବେ ଆସନ୍ତା ୩ ଦିନ ପାଇଁ ସେପରି ବଡ ବର୍ଷା ନାହିଁ । ୧୦ ତାରିଖ ବେଳକୁ ପୁଣି ବର୍ଷା ପରିମାଣ ବଢିବ ବୋଲି ପୂର୍ବାନୁମାନ କରିଛନ୍ତି ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାଶ ।

ଶ୍ରୀ ଦାଶଙ୍କ କହିବାନୁସାରେ ଜୁଲାଇ ପ୍ରଥମ ସପ୍ତାହରେ ଏତେ ପରିମାଣରେ ବର୍ଷା ହୋଇଛି ଯେ ଜୁନର ନିଅଣ୍ଟିଆ ବର୍ଷାକୁ ଭରଣା କରିବା ସହ ଅଧିକ ୨୨ ପ୍ରତିଶତ ବର୍ଷା ରେକର୍ଡ କରାଯାଇଛି । ରାଜ୍ୟରେ ଗତ ୪୮ ଘଣ୍ଟା ଧରି ମୌସୁମୀ ଅତ୍ୟଧିକ ସକ୍ରିୟ ହେବା ଯୋଗୁ ଦୈନିକ ହାରାହାରି ବର୍ଷା ଠାରୁ ୪ ଗୁଣା କିମ୍ବା ତା'ଠାରୁ ଅଧିକ ବର୍ଷା ହୋଇଛି । ଫଳରେ ଜୁନ୍ ମାସର ୪୭ ପ୍ରତିଶତ ନିଅଣ୍ଟିଆ ବର୍ଷା ଭରଣ ସହ ୧ ଜୁନରୁ ଜୁଲାଇ ୬ ସୁଦ୍ଧା ରାଜ୍ୟରେ ୩୨୩.୪ ମିମି ବର୍ଷା ରେକର୍ଡ ହୋଇଛି । ଯାହାକି ସ୍ୱାଭାବିକ ବର୍ଷା ୨୬୫.୮ ମିମି ତୁଳନାରେ ୨୨ ପ୍ରତିଶତ ଅଧିକ ବର୍ଷା ରେକର୍ଡ ହୋଇଛି ।

ସେହିପରି ଜୁଲାଇ ୧ ରୁ ୬ ତାରିଖ ମଧ୍ୟରେ ଦେଶରେ ସ୍ୱାଭାବିକଠାରୁ ୪୧ ପ୍ରତିଶତ ଅଧିକ ବର୍ଷା ରେକର୍ଡ ହୋଇଛି। ରାଜ୍ୟରେ ଏହି ଅବଧି ମଧ୍ୟରେ ୨୧୩.୧ ମିମି ବର୍ଷା ରେକର୍ଡ କରାଯାଇଛି । ଯାହାକି ସ୍ୱାଭାବିକ ବର୍ଷା ୫୬.୫ ମିମି ପୂରଣରେ ୨୭୭ ପ୍ରତିଶତ ଅଧିକ ରହିଛି । ଜୁଲାଇ ମାସରେ ୩୧ ଦିନର ସ୍ୱାଭାବିକ ବର୍ଷା ୩୪୧.୧ ମିମିର ୬୨ ପ୍ରତିଶତ ପ୍ରଥମ ୬ ଦିନରେ ଅନୁଭୂତ ହୋଇସାରିଛି । (୯ ପୃଷ୍ଠାରେ)

## ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ରଥଯାତ୍ରାର ସ୍ୱତନ୍ତ୍ର ସମୀକ୍ଷା

# ରଥଯାତ୍ରା ସୁପରିଚାଳନା ଲାଗି ପ୍ରଶାସନ ପ୍ରସ୍ତୁତ

ପୁରୀ, ୦୬ ।୭ (ସବ୍ୟୁ) : ସୋମବାର ପୂର୍ବାହ୍ନରେ ପୁରୀ ଟାଉନ ହଲ ଠାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚଳିତ ବର୍ଷ ରଥଯାତ୍ରା ସୁପରିଚାଳନା ପାଇଁ ଏକ ସ୍ୱତନ୍ତ୍ର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୈଠକରେ ଅଧ୍ୟକ୍ଷତା କରି ଥିଲେ। ମୁଖ୍ୟମନ୍ତ୍ରୀ ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଉପରେ ଗୁରୁତ୍ୱ ଆରୋପ କରିଛନ୍ତି । ପୁରୀ ଟାଉନ ହଲ୍ ଠାରେ ଆୟୋଜିତ ଏହି ବୈଠକରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମହାପ୍ରଭୁଙ୍କ ଆଶୀର୍ବାଦ ନେଇ ଆମର ବୁଦ୍ଧି, ଜ୍ଞାନ, ଦକ୍ଷତା ଓ ଅଭିଜ୍ଞତା- ଏସବୁକୁ ଏକାଠି କରି ସମର୍ପଣ ମନୋଭାବ ନେଇ ସମସ୍ତ




ସମ୍ପୃକ୍ତ ବଭାଗର ଅଧିକାରୀ ଓ କର୍ମଚାରୀ ତଥା ସେବକ ବନ୍ଧୁମାନେ ରଥଯାତ୍ରା ପରିଚାଳନା କରିବା ଆବଶ୍ୟକ। ଏହାଦ୍ୱାରା ରଥଯାତ୍ରା ତ୍ରୁଟିଶୂନ୍ୟ ଭାବେ ସମ୍ପନ୍ନ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଆମ ସମସ୍ତଙ୍କ ହୃଦୟର ଠାକୁର। ରଥଯାତ୍ରା କେବଳ ପୁରୀ ନୁହେଁ, ସାରା ଓଡିଶା ଓ ସମଗ୍ର ଦେଶ ଓ ବିଶ୍ୱର ଜଗନ୍ନାଥ ଭକ୍ତଙ୍କ ପାଇଁ ସବୁଠାରୁ ପବିତ୍ର ଦିନ। ଏହି ପର୍ବ ଉପରେ ସମଗ୍ର ବିଶ୍ୱର ନଜର ରହିଛି। ଏକ ସୁରକ୍ଷିତ ରଥଯାତ୍ରା କେବଳ ଏକ ସରକାରୀ କର୍ତ୍ତବ୍ୟ ନୁହେଁ, ଏହା ଆମ ସମସ୍ତଙ୍କ ନୈତିକ ଦାୟିତ୍ୱ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସମସ୍ତ ଅଧିକାରୀ

### ସମନ୍ୱୟ ଉପରେ ଗୁରୁତ୍ୱାରୋପ

### ସମର୍ପଣ ମନୋଭାବ ନେଇ କାର୍ଯ୍ୟ କରିବାକୁ ପରାମର୍ଶ

ନିଜ ନିଜ କର୍ତ୍ତବ୍ୟକୁ ନିଷ୍ଠାର ସହିତ ମହାପ୍ରଭୁଙ୍କ ଆଦେଶ ମନେ କରି ସେବା ପ୍ରଦାନ କରିବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସୁରକ୍ଷା ଓ ଭିଡ ପରିଚାଳନା ପାଇଁ ବ୍ୟାପକ ପୋଲିସ (୯ ପୃଷ୍ଠାରେ)

# ଆନ୍ତଃରାଜ୍ୟ ଚୋରକୁ ଏନ୍‌କାଉଣ୍ଟର

ଯୋଡ଼ା, ୦୬ ।୭ (ସବ୍ୟୁ) : କେଉଁଝର ଏବଂ ମୟୂରଭଞ୍ଜ ଅଞ୍ଚଳରେରେ ୩୦ ରୁ ଅଧିକ ଚୋରି ମାମଲାରେ ଜଡିତ କୁଖ୍ୟାତ ଆନ୍ତଃରାଜ୍ୟ ଚୋର ମହମ୍ମଦ ନାଫିସ (୨୨)କୁ ଏନକାଉଣ୍ଟର କରିଛି ଚମ୍ପୁଆ ପୁଲିସ । ଅଭିଯୁକ୍ତ ସୋମବାର ଭୋର ପ୍ରାୟ ୫ଟା ସମୟରେ ପତଳା ଜଙ୍ଗଲ ନିକଟରେ ପୁଲିସ ଦଳ ଉପରେ ଗୁଳି ୨ରାଉଣ୍ଡ ଗୁଳି ଚଳାଇ ଫେରାର ହେବାକୁ ଉଦ୍ୟମ ବେଳେ ଏନକାଉଣ୍ଟର କରିଛି ଚମ୍ପୁଆ ପୁଲିସ । ବିଭିନ୍ନ ସ୍ଥାନରୁ ଚୋରି ପରେ ଚୋରି ସାମଗ୍ରୀ ଚମ୍ପୁଆ ନିକଟସ୍ଥ ପତଳା ଜଙ୍ଗଲରେ ଲୁଚାଇ ରଖିଥିଲା ନାଫିସ । ଗିରଫ ପରେ ଚୋରି ସାମଗ୍ରୀ ଜବତ ପାଇଁ ପୁଲିସ ତାକୁ ସୋମବାର ସକାଳୁ ପତଳା ଜଙ୍ଗଲକୁ ନେଇଥିଲେ । ଡାହାଣ ଆଣ୍ଠୁରେ ଗୁଳି ବାଜିଛି ସେଠାରେ ନାଫିସ ପୂର୍ବରୁ ଲୁଚାଇ ରଖିଥିବା ବନ୍ଧୁକରେ ପୁଲିସ ଉପରକୁ ଦୁଇ ରାଉଣ୍ଡ ଗୁଳି ଚଳାଇ ଫେରାର ହେବାକୁ ଉଦ୍ୟମ ବେଳେ ବ୍ୟକ୍ତିଗତ ପ୍ରତିରକ୍ଷା ପାଇଁ ପୁଲିସ ଗୁଳି ଚଳାଇଥିଲା, ଯେଉଁଥିରେ ଅଭିଯୁକ୍ତର ଡାହାଣ ଆଣ୍ଠୁରେ ଗୁଳି ଲାଗିଛି । ତାକୁ ଚମ୍ପୁଆର ଡାକ୍ତରଖାନାକୁ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇ (୯ ପୃଷ୍ଠାରେ)

# ୯ରେ ଛଡ଼ାଯିବ ହୀରାକୁଦର ପ୍ରଥମ ବନ୍ୟାଜଳ

ସମ୍ବଲପୁର, ୦୬ ।୭(ସବ୍ୟୁ): ହୀରାକୁଦ ଡ୍ୟାମର ଉପରମୁଣ୍ଡରେ ଗତ କିଛି ଦିନ ହେବ ବର୍ଷା ଲାଗି ରହିଛି। ପ୍ରବଳବର୍ଷା ଯୋଗୁଁ ହୀରାକୁଦର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୯ତାରିଖରେ ପୂର୍ବାହ୍ନ ୧୧ଟାରେ ହୀରାକୁଦ ଡ୍ୟାମର ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସିତ ହେବ । ଡ୍ୟାମର ଉପର ଓ ତଳମୁଣ୍ଡରେ ବର୍ଷା, ଜଳପ୍ରବାହ ଓ ଜଳସ୍ତର ନିରୀକ୍ଷଣ ପାଇଁ ୧୨ଟି ଓ୍ୱାରଲେସ୍ ଷ୍ଟେସନକୁ ସକ୍ରିୟ କରାଯାଇଛି । ସମ୍ବଲପୁର, ସୋନପୁର, ବୌଦ୍ଧ, ନୟାଗଡ, ଅନୁଗୁଳ, କଟକ, ଜଗତସିଂହପୁର, କେନ୍ଦ୍ରାପଡା ଓ ପୁରୀ ଜିଲ୍ଲାପାଳଙ୍କୁ ସତର୍କ କରାଯାଇଛି। ବନ୍ୟାଜଳ ନିଷ୍କାସନ ବେଳେ ମହାନଦୀକୁ ନଯିବାକୁ ଅନୁରୋଧ କରାଯାଇଛି । ଏଥିସହ ନଦୀ ନିକଟକୁ ଗାଇଗୋରୁଙ୍କୁ ନଛାଡିବା ପାଇଁ ସଚେତନ କରାଯାଇଛି । ନଦୀକୂଳିଆ ଲୋକଙ୍କୁ ଡାକବାଜି ଯନ୍ତ୍ର ସାହାର୍ଯ୍ୟରେ ମଧ୍ୟ ସଚେତନ କରାଯାଉଛି ।

ହୀରାକୁଦ ଡ୍ୟାମର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ଫୁଟ୍ ଅଟେ । ତେବେ ସୋମବାର ସଂନ୍ଧ୍ୟା ୬ଟା ସୁଦ୍ଧା ଜଳସ୍ତର ୬୦୪.୧୨ଫୁଟରେ ପହଞ୍ଚିଛି। ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୮୯ହଜାର୩୫୯ ଘନଫୁଟ ଜଳ ପ୍ରବେଶ କରୁଛି । ସେହିପରି ୨୨ହଜାର୨୪୬ଘନଫୁଟ ଜଳ ନିଷ୍କାସିତ ହେଉଛି । ଗତ ୨୪ଘଣ୍ଟା ମଧ୍ୟରେ ନଦୀବନ୍ଧର ଉପର ମୁଣ୍ଡରେ ୯୭.୩୬ମିଲିମିଟର ଓ ତଳମୁଣ୍ଡରେ ୧୨୭.୮୫ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି । ହୀରାକୁଦ ନଦୀବନ୍ଧରେ ୩୪ଟି (୯ ପୃଷ୍ଠାରେ)

# ଗଞ୍ଜାମରେ କଟିଛନ୍ତି ସର୍ବାଧିକ ଭୋଟର

ଭୁବନେଶ୍ୱର, ୦୬ ।୭ (ସବ୍ୟୁ) : ଏସ୍ଆଇଆର ପରେ ପ୍ରକାଶ ପାଇଥିବା ସଂଶୋଧିତ ଭୋଟର ଚିଠା ତାଲିକାରେ ୨୦ ଲକ୍ଷ ୧୨ ହଜାରଙ୍କ ନାମ କଟିଛି। କାହା ନାଁ କଟିଛି, କାହାର ରହିଛି ତାହାକୁ ନେଇ ଏବେ ଭୋଟରମାନେ ଟେନ୍‌ସନ୍‌ରେ ଅଛନ୍ତି। ତେବେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସୂଚନା ଅନୁଯାୟୀ ଯେଉଁମାନଙ୍କ ଠାରୁ ପରିଗଣନା ଫର୍ମ ମିଳିନଥିଲା ସେମାନଙ୍କ ନାଁ କଟିଛି। ଅଗଷ୍ଟ ୪ ମଧ୍ୟରେ ଆପତ୍ତି ଅଭିଯୋଗ କଲେ ପୁଣି ନାଁ ଯୋଡ଼ିବା ନେଇ ତର୍ଜମା କରାଯିବ। ତେବେ ଗଞ୍ଜାମ ଜିଲ୍ଲାରୁ ସର୍ବାଧିକ ୨ ଲକ୍ଷ ୭୭୨୪ ଭୋଟ୍ କଟିଛି। ତେବେ୮ ଲକ୍ଷ ୩୨ ହଜାର ମୃତ ଭୋଟରଙ୍କ ତଥ୍ୟ ସାମ୍ନାକୁ ଆସିଥିବାବେଳେ ୨ ଲକ୍ଷ ଭୋଟରଙ୍କ ପତ୍ତା ମିଳୁନାହିଁ।

ଗଞ୍ଜାମ ପରେ କଟକରୁ ୧ ଲକ୍ଷ ୫୫ ହଜାର ୧୬୪ ଭୋଟରଙ୍କ ନାମ କଟିଥିବାବେଳେ ମୟୂରଭଞ୍ଜରେ ୧ ଲକ୍ଷ ୧୧ ହଜାର ୨୬୭, ୧,୦୫, ୦୧୪, ବଲାଙ୍ଗିରରେ ୯୯, ୨୫୮, ବାଲେଶ୍ୱରରେ ୯୩,୬୪୯, ପୁରୀରେ ୮୫,୧୬୨, କଳାହାଣ୍ଡିରେ ୭୪,୫୪୬, (୯ ପୃଷ୍ଠାରେ)

## ଗନ୍ଧମାର୍ଦ୍ଦନ ପାହାଡ଼ରୁ ୫ କର୍କଟ ନିରୋଧକ ଔଷଧୀୟ ବୃକ୍ଷ ଚିହ୍ନଟ

# ସରିଛି ଗବେଷଣା, କେମୋଥେରାପିର ବିକଳ୍ପ!

ସମ୍ବଲପୁର, ୦୬ ।୭ (ସବ୍ୟୁ): ଓଡିଶାର ଜୈବବିବିଧତାରେ ଗନ୍ଧମାର୍ଦ୍ଦନ ପର୍ବତ ଅନନ୍ୟ । ରାମାୟଣ , ମହାଭାରତରେ ଏହି ଧର୍ମୀକ ଓ ପକୃତିର ଗନ୍ତାଘର ବିଷୟରେ ଅନେକ କିଛି ବର୍ଣ୍ଣନା କରାଯାଇଛି ।

ବରଗଡ଼ ଓ ବଲାଙ୍ଗିର ଜିଲ୍ଲା ସୀମାନ୍ତରେ ଥିବା ଏହି ପାହାଡ଼ରେ ରହିଛି ଔଷଧୀୟ ଗୁଳ୍ମରାଜି । ଫଳରେ ବିଗତ ଦିନ ମାନଙ୍କରେ ଦେଶ ବିଦେଶର ଗବେଷକ ମାନଙ୍କର ଏହି ଗନ୍ଧମାର୍ଦ୍ଦନ ଆକୃଷ୍ଟ କରିବା ସହ ବିଶ୍ୱସ୍ତରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ଏବେ



ପୁଣି ଥରେ ଗନ୍ଧମାର୍ଦ୍ଦନର ଗୁଳ୍ମରାଜି/ ବୃକ୍ଷ ନିରାପଦ ଓ ପ୍ରଭାବଶାଳୀ କର୍କଟ ନିରୋଧକ ଔଷଧୀୟ ଗୁଣ ଥିବା ୫ଟି ବୃକ୍ଷ ଚିହ୍ନଟ କରାଯାଇଛି। ଏହି ବୃକ୍ଷରୁ ପ୍ରସ୍ତୁତ ଉପାଦାନ ଅତ୍ୟଧିକ କର୍କଟ ନିରୋଧକ କ୍ଷମତା ସମ୍ପନ୍ନ ବୋଲି ଗବେଷଣା ଓ ପରୀକ୍ଷଣରୁ ଜଣାପଡିଛି । ତେଣୁ ଆଗାମୀ ଦିନରେ ଆୟୁଷ ମନ୍ତ୍ରଣାଳୟର ସିସିଆରଏସ୍ ଓ ଏମ୍ସ ଭୁବନେଶ୍ୱର ସହଯୋଗରେ ମଣିଷ ଉପରେ ଏହାର କ୍ଲିନିକାଲ ମୂଲ୍ୟାଙ୍କନ ଉପରେ ବିଶେଷ ଧ୍ୟାନ ଦିଆଯିବ । ରାଜ୍ୟ ସରକାରଙ୍କ ବାୟୋ ଟେକ୍ନୋଲୋଜି ଓ ବ୍ୟାୟୋ ଇନଫର୍ମେଟିକ୍ ବିଭାଗ ଉତ୍କର୍ଷତା ଗବେଷଣା କେନ୍ଦ୍ର ପକ୍ଷରୁ ଓଏଚ୍ଇପିଇଇ ପକ୍ଷରୁ ଗନ୍ଧମାର୍ଦ୍ଦନ ପର୍ବତମାଳାର ଔଷଧୀୟ ବୃକ୍ଷ ଉପରେ (୯ ପୃଷ୍ଠାରେ)

# ଇସ୍ତଫା ଦେଲେ ଭୁବନେଶ୍ୱର ଡିସିପି

ଭୁବନେଶ୍ୱର,୦୬ ।୭ (ସବ୍ୟୁ) : ୨୦୧୩ ବ୍ୟାଚ୍‌ର ଆଇପିଏସ୍ ଅଫିସର ତଥା ଭୁବନେଶ୍ୱର ଡିସିପି ଜଗମୋହନ ମୀନା ଚାକିରିରୁ ଇସ୍ତଫା ଦେଇଛନ୍ତି। ତାଙ୍କ ଇସ୍ତଫା ଗୃହ ବିଭାଗ ଗ୍ରହଣ କରିନଥିବା ବେଳେ ସେ ବ୍ୟକ୍ତିଗତ କାରଣ ପାଇଁ ଇସ୍ତଫା ଦେଇଥିବା ଗଣମାଧ୍ୟମକୁ ସେ କହିଛନ୍ତି ।

ଶ୍ରୀ ମୀନାଙ୍କ ବୟସ ୩୭ବର୍ଷ ବୋଲି। ଓଡ଼ିଶା ପୋଲିସରେ ସେ ୧୩ବର୍ଷ କାମ କରିଛନ୍ତି । ଗଞ୍ଜାମ ଜିଲ୍ଲାରୁ ଚାକିରି ଜୀବନ ଆରମ୍ଭ କରିଥିଲେ। ଗଞ୍ଜାମରେ ଟ୍ରେନିଂ ସରିବା ପରେ କେସିଙ୍ଗାରେ ଏସ୍‌ଡିପିଓ ଭାବେ କାମ କରିଥିଲେ । ଏହାପରେ ଅନୁଗୁଳ, ମାଲକାନଗିରି ପ୍ରଭୃତି ଜିଲ୍ଲାରେ ଏସ୍‌ପି ଭାବେ କାମ କରିବା ପରେ କଟକରେ



ଡିସିପି ଭାବେ କାମ କରିଥିଲେ । ୨୦୨୫ ମସିହା ଫେବୃଆରୀ ୨୮ ତାରିଖରେ ଭୁବନେଶ୍ୱର ଡିସିପି ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ । ଦୀର୍ଘ ୧୩ବର୍ଷ କାମ କରି ସରକାର ଓ ଓଡ଼ିଶା ଲୋକଙ୍କ ଆସ୍ଥାଭାଜନ ହୋଇପାରିଥିଲେ । କାହିଁକି ସେ ଏପରି ନିଷ୍ପତ୍ତି ନେଲେ ତାହା ସ୍ପଷ୍ଟ ଜଣାପଡି ନଥିବା ବେଳେ (୯ ପୃଷ୍ଠାରେ)

# ସୋସିଆଲ କୋଟ୍ସ



ମଣିଷତ୍ୱ ଆଉ ନାହିଁ । ମୋତେ ଏହାର ଦୁଃଖ ନାହିଁ କି ମୋ ଫିଲ୍ମ ଓଟିଟିରୁ ହଟା ଯାଇଛି । ଫିଲ୍ମଟି ଦର୍ଶକଙ୍କ ପାଖରେ ପହଞ୍ଚି ସାରିଛି ।

**ଦିଲଜିତ ଦୋସାଞ୍ଜା, ଅଭିନେତା**



ହିଟ ଶୋ'ରେ ଅଭିନୟ କରିବା ପରେ ବି ମୋତେ ଚାରି ବର୍ଷ ଯାଏ କାମ ମିଳିନଥିଲା । ମୁମ୍ବାଇ ଛାଡିବା ପରେ ହିଁ ମୋତେ ବ୍ରେକ ମିଳିଥିଲା । ଅନେକ ଷ୍ଟ୍ରଗଲ କରିଛି ।


**ରମନଦୀପ ଯାଦବ, ଅଭିନେତା**



ମୋତେ ବିବାହ ପୂର୍ବରୁ ଝିଅମାନେ ପସନ୍ଦ ଥିଲେ । ଅନେକ ଝିଅଙ୍କ ସହିତ ମୁଁ ପ୍ରେମ ସମ୍ପର୍କରେ ରହିଛି । ହେଲେ ଏହା ଏତେ ଇଣ୍ଟିମେଣ୍ଟ ନଥିଲା ।

**ଆକାଂକ୍ଷା ଚାମୋଲା, ଅଭିନେତ୍ରୀ**

ସୂଚନା ଅନୁଯାୟୀ, ଚୀନର ହାଙ୍ଗଝୋଉ ସହରରୁ ଏକ ଅତି ବିଚିତ୍ର ଘଟଣା ସାମ୍ନାକୁ ଆସିଛି, ଯେଉଁଠାରେ ଜଣେ ବ୍ୟକ୍ତିଙ୍କୁ ତାଙ୍କ ଶରୀରର ଅତ୍ୟଧିକ ଝାଳର ଦୁର୍ଗନ୍ଧ ଯୋଗୁଁ ନିଜର ଜିମ୍ ମେମ୍ବରସିପ୍ ହରାଇବାକୁ ପଡ଼ିଛି । ଏହି ବ୍ୟକ୍ତିଜଣକ ୨୦୨୫ ମସିହାରେ ଏକ ଜିମ୍‌ରେ ୩ ବର୍ଷ ପାଇଁ ମେମ୍ବରସିପ୍ ନେଇଥିଲେ ଏବଂ ସେ ସପ୍ତାହକୁ ୫ ଦିନ ଜିମ୍ ଯାଉଥିଲେ, ଯାହା ସାହାଯ୍ୟରେ ସେ ନିଜର ଓଜନକୁ ୧୨୫ କିଲୋରୁ କମାଇ ୮୦ କିଲୋ କରିବାରେ ସଫଳ ହୋଇଥିଲେ । ମାତ୍ର ତାଙ୍କ ଶରୀରରୁ ବାହାରୁଥିବା ପ୍ରବଳ ଝାଳର ଗନ୍ଧକୁ ନେଇ ଜିମ୍‌ର ଅନ୍ୟ ସଦସ୍ୟମାନେ କ୍ରମାଗତ ଭାବେ ଅଭିଯୋଗ କରିବା ସହ ସେ ବ୍ୟବହାର କରୁଥିବା ଟ୍ରେଡ୍‌ମିଲ୍ ଓ ପାଖାପାଖି ମେସିନ୍ ଗୁଡ଼ିକୁ ବ୍ୟବହାର କରିବାକୁ ମଧ୍ୟ ପସନ୍ଦ କରୁନଥିଲେ । ଏହି ସମସ୍ୟା ପାଇଁ ଜିମ୍ ପକ୍ଷରୁ ପ୍ରଥମେ ତାଙ୍କୁ କମ୍ ଭିଡ଼ ଥିବା ସମୟରେ ଆସିବାକୁ ଏବଂ ଗୋଟିଏ କୋଣରେ ଥିବା ମେସିନ୍ ବ୍ୟବହାର କରିବାକୁ ବୁଝାଯାଇଥିଲା । ମାତ୍ର ପରବର୍ତ୍ତୀ ସମୟରେ ଅଭିଯୋଗ ବନ୍ଦ ନହେବାରୁ ଜିମ୍ କର୍ତ୍ତୃପକ୍ଷ ବାଧ୍ୟ ହୋଇ ତାଙ୍କର ମେମ୍ବରସିପ୍ ରଦ୍ଦ କରିଛନ୍ତି । ତେବେ ଏହା ବଦଳରେ ସେମାନେ ତାଙ୍କର ବାକି ଥିବା ଅବଶିଷ୍ଟ ଫିସ୍ ଫେରସ୍ତ କରିବା ସହ ଅନ୍ୟ ଏକ ଜିମ୍‌ରେ ତାଙ୍କ ପାଇଁ ୩ ମାସର ମେମ୍ବରସିପ୍ ବ୍ୟବସ୍ଥା ମଧ୍ୟ କରିଦେଇଛନ୍ତି ।



# ବିଶ୍ୱ ଚକୋଲେଟ୍ ଦିବସ



ପ୍ରତିବର୍ଷ ଜୁଲାଇ ୭ ତାରିଖରେ ସାରା ବିଶ୍ୱରେ 'ବିଶ୍ୱ ଚକୋଲେଟ୍ ଦିବସ' ଅତ୍ୟନ୍ତ ଉତ୍ସାହର ସହ ପାଳନ କରାଯାଏ, ଯାହା ଚକୋଲେଟ୍ ପ୍ରେମୀମାନଙ୍କ ପାଇଁ ନିଜର ପ୍ରିୟ ସ୍ୱାଦକୁ ମନଭରି ଉପଭୋଗ କରିବାର ଏକ ସୁଯୋଗ ଆଣିଥାଏ । ବିଶ୍ୱାସ କରାଯାଏ ଯେ, ୧୫୫୦ ମସିହା ଜୁଲାଇ ୭ ତାରିଖରେ ପ୍ରଥମ ଥର ପାଇଁ ୟୁରୋପରେ ଚକୋଲେଟ୍‌ର ପ୍ରବେଶ ହୋଇଥିଲା ଏବଂ ଏହି ଐତିହାସିକ ଦିନକୁ ସ୍ମରଣୀୟ କରିବା ପାଇଁ ୨୦୦୯ ମସିହାରୁ ଆନୁଷ୍ଠାନିକ ଭାବେ ଏହି ଦିବସ ପାଳନ କରାଯାଉଛି । ଆମେରିକାର ମଧ୍ୟ ଓ ଦକ୍ଷିଣ ଭାଗର ପ୍ରାଚୀନ ମାୟା ଏବଂ ଆଜ୍‌ଟେକ୍ ସଭ୍ୟତାରେ ଚକୋଲେଟ୍‌କୁ ପ୍ରଥମେ ଏକ ତିକ୍ତ ତଥା ପବିତ୍ର ପାନୀୟ ଭାବେ ବ୍ୟବହାର କରାଯାଇଥାଏ । କାଳକ୍ରମେ ଏଥିରେ ଚିନି ଓ କ୍ଷୀର ମିଶ୍ରଣ କରାଯାଇ ଆଜିର ଏହି ରୂପ ଦିଆଯାଇଛି । କୋକୋ ଗଛର ମଞ୍ଜିରୁ ପ୍ରସ୍ତୁତ ହେଉଥିବା ଚକୋଲେଟ୍ କେବଳ ପାଟିକୁ ସ୍ୱାଦିଷ୍ଟ ଲାଗେ ନାହିଁ, ବରଂ ବିଶେଷ କରି ଡାର୍କ ଚକୋଲେଟ୍‌ରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଶରୀରରେ ରକ୍ତ ସଞ୍ଚାଳନ ସ୍ୱାଭାବିକ କରିବା ସହ ମନକୁ ପ୍ରଫୁଲ୍ଲିତ ରଖିବାରେ ମଧ୍ୟ ସାହାଯ୍ୟ କରିଥାଏ । ଏହି ମିଠା ଦିବସରେ ଲୋକମାନେ ପରସ୍ପରକୁ ଚକୋଲେଟ୍ ବାର୍, କେକ୍ କିମ୍ବା ବ୍ରାଉନିଜ୍ ଉପହାର ଦେଇ ଖୁସି ବାଣ୍ଟିବା ସହ ସାମାଜିକ ଗଣମାଧ୍ୟମରେ ନିଜର ମଧୁର ଅନୁଭୂତି ଅଂଶୀଦାର କରି ଏହି ଦିନକୁ ବେଶ୍ ଧୂମଧାମରେ ସେଲିବ୍ରେଟ୍ କରନ୍ତି ।

# ଘୁଙ୍ଗୁଡ଼ି ପାଇଁ ଛାଡ଼ପତ୍ର

ଭୋପାଳର ଏକ ଆଶ୍ଚର୍ଯ୍ୟଜନକ ଖବର ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି । ସୂଚନା ଅନୁସାରେ ଜଣେ ମହିଳା ନିଜ ସ୍ୱାମୀଙ୍କ ଜୋରଦାର ଘୁଙ୍ଗୁଡି ମାରିବା ଅଭ୍ୟାସରେ ଅତିଷ୍ଠ ହୋଇ ଛାଡ଼ପତ୍ର ମାଗିଛନ୍ତି । ଏହି କାରଣରୁ ସେମାନଙ୍କର ୫ ବର୍ଷର ପୁରୁଣା ବୈବାହିକ ସମ୍ପର୍କ ଭାଙ୍ଗିବା ସ୍ଥିତିକୁ ଚାଲିଆସିଥିଲା । ମହିଳାଙ୍କ କହିବା ଅନୁଯାୟୀ, ତାଙ୍କର ସ୍ୱାମୀ କିମ୍ବା ଶ୍ୱଶୁର ଘର ଲୋକଙ୍କ ପ୍ରତି କୌଣସି ଅଭିଯୋଗ ନଥିଲା, କିନ୍ତୁ ସ୍ୱାମୀଙ୍କ ଘୁଗୁଡି ମାରିବା ଗୁଣ ଯୋଗୁଁ ସେ ରାତିସାରା ଆଦୌ ଶୋଇପାରୁନଥିଲେ ଏବଂ ସକାଳେ ଏନେଇ ଅଭିଯୋଗ କଲେ ସ୍ୱାମୀ ମଧ୍ୟ ନିଜର ଏହି ଅଭ୍ୟାସକୁ ସ୍ୱୀକାର କରୁନଥିଲେ । ଧୀରେ ଧୀରେ ଏହି ପାରିବାରିକ ବିବାଦ ଏତେ ବଢ଼ିଗଲା ଯେ ମାମଲାଟି ପାରିବାରିକ ପରାମର୍ଶ କେନ୍ଦ୍ରରେ ପହଞ୍ଚିଥିଲା । ଯେଉଁଠାରେ କାଉନସେଲର ଉଭୟଙ୍କୁ ୩ ମାସ ପାଇଁ ପରସ୍ପରଠାରୁ ଅଲଗା ରହିବାକୁ ପରାମର୍ଶ ଦେଇଥିଲେ । ନିର୍ଦ୍ଧାରିତ ସମୟ ସୀମା ଶେଷ ହେବା ପରେ ଯେତେବେଳେ ଉଭୟ ପୁଣିଥରେ ପରସ୍ପରକୁ ଭେଟିଲେ, ସେମାନେ ଅନୁଭବ କଲେ ଯେ ସେମାନଙ୍କ ସମ୍ପର୍କରେ ଅନ୍ୟ କୌଣସି ବଡ଼ ସମସ୍ୟା ନାହିଁ ଏବଂ କେବଳ ଘୁଙ୍ଗୁଡି ଯୋଗୁଁ ଏତେ ନିଷ୍ପତ୍ତି ନେବା ଆଦୌ ଉଚିତ ହେବନାହିଁ । ଶେଷରେ ଉଭୟେ ପୁନର୍ବାର ଏକାଠି ରହିବାକୁ ନିଷ୍ପତ୍ତି ନେଇଛନ୍ତି ।





ରିଆଲିଟି ଶୋ' 'ଆଲାଇନ୍ସ'ରେ ଜଣାଶୁଣା ଟିଭି ଅଭିନେତ୍ରୀ ନୀତି ଟେଲର ନିଜ ବ୍ୟକ୍ତିଗତ ଜୀବନକୁ ନେଇ ଏକ ମନ୍ତବ୍ୟ ଦେଇଛନ୍ତି ଯାହା ଖୁବ ଭାଇରାଲ ହେବାରେ ଲାଗିଛି । ନିଜର ସହ-ପ୍ରତିଯୋଗୀ ରୁହି ଦୋସାଞ୍ଜ, ମିନି ମାଥୁର ଏବଂ ଡେଜି ଶାହଙ୍କ ସହ କଥାବାର୍ତ୍ତା ହେବା ସମୟରେ ତାଙ୍କ ଜଙ୍ଘରେ ଥିବା ପାଞ୍ଚଟି କ୍ଷତ ଚିହ୍ନ ଦେଖାଇଥିଲେ । ଏହାସହ ଏହି ଚିହ୍ନ ତାଙ୍କର ଜଣେ ପୂର୍ବତନ ପ୍ରେମିକ ତାଙ୍କୁ ସିଗାରେଟ୍‌ରେ ଜଳାଇ ଚେଙ୍କ ଦେଇଥିବା କହିଛନ୍ତି । ଉକ୍ତ ବ୍ୟକ୍ତିଜଣକ ଅତ୍ୟନ୍ତ ହିଂସ୍ର ଓ ମାନସିକ ବିକାରଗ୍ରସ୍ତ ଥିଲେ ଏବଂ ତାଙ୍କ ଜନ୍ମଦିନ ଅବସରରେ ହିଁ ସେ ନୀତିଙ୍କୁ ଅତି ନିର୍ମମ ଭାବେ ଏକାଧିକ ସ୍ଥାନରେ ସିଗାରେଟ୍ ଚେଙ୍କ ଦେବା ସହ ଶକ୍ତ ଚାପୁଡ଼ା ମଧ୍ୟ ମାରିଥିଲେ । ଯାହା ପରେ ନୀତି

# କଷ୍ଟ ଦେଇଛି ପ୍ରେମ

ସେହି ସମ୍ପର୍କ ସବୁଦିନ ପାଇଁ ଭାଙ୍ଗି ଦେଇଥିଲେ । ସୋସିଆଲ ମିଡିଆରେ ବର୍ତ୍ତମାନ ନୀତିଙ୍କର ଏହି ଷ୍ଟେଟମଣ୍ଟ ଖୁବ ଭାଇରାଲ ହେଉଛି । 'ଇସ୍କବାଜ୍', 'କୈସି ୟେ ୟାରିୟାଁ' ଓ 'ଗୁଲାମ' ଭଳି ଧାରାବାହିକ, ୩ଟି ତେଲୁଗୁ ଚଳଚ୍ଚିତ୍ର ଏବଂ ଅନେକ ମ୍ୟୁଜିକ୍ ଭିଡିଓରେ ଅଭିନୟ କରି ମାତ୍ର ୧୫ ବର୍ଷ ବୟସରୁ କ୍ୟାରିୟର ଆରମ୍ଭ କରିଥିବା ୩୧ ବର୍ଷୀୟା ନୀତି ଟେଲର ୨୦୨୦ରେ ପରୀକ୍ଷିତ ବାୱାଙ୍କୁ ବିବାହ କରିଛନ୍ତି । ଏହାସହ ରିଆଲିଟି ଶୋରେ ମଧ୍ୟ ସେ ଖୁବ ଭଲ ପ୍ରଦର୍ଶନ କରୁଛନ୍ତି ।

ମେକ୍ସିକୋର ଓଆକ୍ସାକା ରାଜ୍ୟ ଅନ୍ତର୍ଗତ ସାନ ପେଡ୍ରୋ ହୁଆମେଲୁଲା ସହରରୁ ଏକ ଅଦ୍ଭୁତ ତଥା ଚାଞ୍ଚଲ୍ୟକର ଖବର ସାମ୍ନାକୁ ଆସିଛି । ଯେଉଁଠାରେ ସ୍ଥାନୀୟ ମେୟର ଡାନିଏଲ୍ ଗୁଟିୟରେଜ୍ 'ଏନା ସିଣ୍ଟିଆ ରାମିରେଜ୍ ଅହୁମାଦା' ନାମ୍ନୀ ଏକ ମାଈ କୈମ୍ୟାନ୍ ବା କୁମ୍ଭୀର ପ୍ରଜାତିର ଜୀବ ସହ ପ୍ରତୀକାତ୍ମକ ବିବାହ କରିଛନ୍ତି । ପ୍ରାୟ ୨୩୦ ବର୍ଷର ପୁରୁଣା ଏହି ଅନନ୍ୟ ପରମ୍ପରା ଅନୁଯାୟୀ ପ୍ରତିବର୍ଷ ଏଠାକାର ମେୟରଙ୍କୁ ଏକ ମାଈ କୁମ୍ଭୀର ସହ ବିବାହ କରାଯାଇଥାଏ । ଯାହାକୁ ସ୍ଥାନୀୟ ଲୋକେ ଉତ୍ତମ ବର୍ଷା, ପ୍ରଚୁର ଫସଲ ଏବଂ ସମୃଦ୍ଧିର ପ୍ରତୀକ ବୋଲି ମାନନ୍ତି । ଏହି ନିଆରା ବିବାହର ରୀତିନୀତି ଅନୁଯାୟୀ, ପ୍ରଥମେ କୁମ୍ଭୀରକୁ ଏକ ଧଳା ରଙ୍ଗର ୱେଡିଂ ଗାଉନ୍ ପିନ୍ଧାଇ ସମ୍ପୂର୍ଣ୍ଣ କନ୍ୟା ଭଳି ସଜାଯିବା ସହ ବ୍ୟାଣ୍ଡ-ବାଜା ସହିତ ସାରା ସହରରେ ଏକ ବିରାଟ ଶୋଭାଯାତ୍ରା ବାହାର କରାଯାଏ । ବିବାହର ସମସ୍ତ କାର୍ଯ୍ୟ ସମ୍ପନ୍ନ ହେବା ପରେ ମେୟର ସେହି କୁମ୍ଭୀରକୁ ଚୁମ୍ବନ ମଧ୍ୟ ଦେଇଥାଆନ୍ତି । ସ୍ଥାନୀୟ ମାନ୍ୟତା ଅନୁସାରେ, ଦୁଇଟି ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ହୋଇଥିବା ଏକ ଐତିହାସିକ ଚୁକ୍ତିନାମା ଓ ଶାନ୍ତିର ସ୍ମୃତିକୁ ମନେ ପକାଇ ଏହି ପରମ୍ପରା ପାଳନ କରାଯାଇଥାଏ । ଏହା ଦ୍ୱାରା ଅଞ୍ଚଳରେ ଭଲ ବର୍ଷା, ପ୍ରଚୁର ପରିମାଣର ମାଛ, ଉତ୍ତମ ଚାଷ ଏବଂ ବର୍ଷସାରା ସୁଖ-ସମୃଦ୍ଧି ବଜାୟ ରହିଥାଏ ବୋଲି ସେଠାକାର ଲୋକମାନେ ଦୃଢ଼ତାର ସହ ବିଶ୍ୱାସ କରନ୍ତି ।

# କୁମ୍ଭୀର ସହ ବିବାହ






ସଞ୍ଜୁ: ଆରେ ମୋ ସ୍ତ୍ରୀ ମୋତେ ଏତେ ଭଲପାଏ ଯେ, ଦିନକୁ ୪ ଥର ମୋ ପାଇଁ ପ୍ରାର୍ଥନା କରେ ।

ସାଙ୍ଗ: ସତରେ? କ'ଣ ପ୍ରାର୍ଥନା କରେ?

ସଞ୍ଜୁ: ସେ ଭଗବାନଙ୍କୁ କହେ— "ହେ ପ୍ରଭୁ! ଏହାଙ୍କୁ ଟିକେ ସଦ୍‌ବୁଦ୍ଧି ଦିଅ!"

# ଇତିହାସ

୧୯୪୮: ସ୍ୱାଧୀନ ଭାରତର ପ୍ରଥମ ବହୁଦେଶୀୟ ପରିଯୋଜନା ପାଇଁ ଦାମୋଦର ଘାଟି ନିଗମର ସ୍ଥାପନା ।

୧୯୮୦: ଇରାନରେ ଲାଗୁହେଲା ଶରିୟା ନିୟମ ।

୧୬୫୬: ଅଷ୍ଟମ ଶିଖ୍ ଗୁରୁ ହରକିଶନଙ୍କ ଜନ୍ମ ।

୧୮୯୬: ମୁମ୍ବାଇର ୱାଟ୍‌ଶନ୍ ହୋଟେଲ୍‌ରେ ଭାରତର ପ୍ରଥମ ସିନେମା ପ୍ରଦର୍ଶନ ।

୧୯୧୨: ଷ୍ଟକ୍‌ହୋମ୍ ଅଲିମ୍ପିକ୍ସରେ ୪ ସ୍ୱର୍ଣ୍ଣ ଜିତି ରେକର୍ଡ କାଏମ୍ କରିଥିଲେ ଆମେରିକାର ଜିମ୍ ଥୋର୍ପେ ।

୧୯୮୫: ମାତ୍ର ୧୭ ବର୍ଷ ବୟସରେ ୱିମ୍ବଲଡନ୍ ଜିତିଲେ ବୋରିସ ବେକର ।

୧୯୮୧: ପୂର୍ବତନ ଭାରତୀୟ କ୍ରିକେଟ ଅଧିନାୟକ ତଥା କ୍ୟାପ୍ଟେନ୍‌କୁଲ୍ ମହେନ୍ଦ୍ର ସିଂ ଧୋନିଙ୍କ ଜନ୍ମ ।

୧୯୯୯: ଶହିଦ ହେଲେ ପରମବୀର୍‌ଚକ୍ର ବିଜେତା କ୍ୟାପ୍ଟେନ୍ ବିକ୍ରମ୍ ବାତ୍ରା ।

୧୯୩୦: ପ୍ରସିଦ୍ଧ ବ୍ରିଟିଶ୍ ଲେଖକ ଆର୍ଥର କାନନ ଡାୟଲଙ୍କ ନିଧନ ।

୨୦୦୮: କାବୁଲସ୍ଥିତ ଭାରତୀୟ ଦୂତାବାସ ଆକ୍ରମଣରେ ୪୧ ମୃତ ।

୨୦୦୭: ମହାକାଶକୁ ପ୍ରେରଣ ହେଲା ଆମେରିକାର ଦୂରସଂଚାର ଉପଗ୍ରହ ଡାୟରେକଫ ବି-୧୦ ।



**ମେଷ:** କାର୍ଯ୍ୟରେ ଖୁସି, ଅର୍ଥଲାଭ, ଦୂରଯାତ୍ରା, ମାନସିକ ଶାନ୍ତି, ବନ୍ଧୁଲାଭ, ବ୍ୟବସାୟରେ ଲାଭ, ଶତ୍ରୁ ପରାଜିତ, ବନ୍ଧୁମିଳନ, ଦ୍ୱିଜା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୭, ଆରାଧନା-ପ୍ରଭୁ ହନୁମାନ ।

**ବୃଷ:** ଖୁସିଦିନ, କର୍ମକ୍ଷେତ୍ରେ ଶାନ୍ତି, ଅନୁଷ୍ଠାନରୁ ଲାଭ, ସ୍ୱାଦିଷ୍ଟ ଭୋଜନ, ନୂତନ କାର୍ଯ୍ୟରେ ଯୋଗଦାନ, ଶତ୍ରୁସମସ୍ୟା, ଲୋକସମ୍ପର୍କ ବୃଦ୍ଧି, ରୋହିଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୬, ଆରାଧନା-ମା' ମହାଲକ୍ଷ୍ମୀ ।

**ମିଥୁନ:** ବ୍ୟବସାୟରେ ଲାଭ, ଅର୍ଥଲାଭ, ଶତ୍ରୁସମସ୍ୟା, ପାରିବାରିକ ଶାନ୍ତି, ନୂତନ କର୍ମଆରମ୍ଭ, ସମ୍ପତ୍ତିଲାଭ, ବିଶିଷ୍ଟ ବ୍ୟକ୍ତି ସହଯୋଗ, ବନ୍ଧୁସମସ୍ୟା, ଆଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୮, ଆରାଧନା-ମା' ଭଗବତୀ ।

**କର୍କଟ:** ସମ୍ମାନଲାଭ, ବ୍ୟବସାୟରେ ଲାଭ, ଲୋକସମ୍ପର୍କ ବୃଦ୍ଧି, ବ୍ୟକ୍ତି ସହାୟତା, ପାରିବାରିକ ଖୁସି, ଶତ୍ରୁ ପରାଜିତ, ଅର୍ଥସୁଖ, ପୂଜାରେ ଆନନ୍ଦ, ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୯, ଆରାଧନା-ଲକ୍ଷ୍ମୀନାରାୟଣ ।

**ସିଂହ:** ସନ୍ତାନଖୁସି, କର୍ମେ ଅଶାନ୍ତି, ବ୍ୟବସାୟରେ ଲାଭ, ଲୋକସମ୍ପର୍କ ବୃଦ୍ଧି, ଶୁଭ ଆଲୋଚନା, ଅଯଥା ବିବାଦ, ଗୃହେ ଉତ୍ସବ, ପୂର୍ବାପାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୬, ଆରାଧନା-ମା' ଭଗବତୀ ।

**କନ୍ୟା:** ପାରିବାରିକ ଖୁସି, ଦ୍ରବ୍ୟଲାଭ, ବ୍ୟକ୍ତିସାହାଯ୍ୟ, ଶୁଭଖବର, ସାମାନ୍ୟ ଅର୍ଥଚିନ୍ତା, ଶତ୍ରୁସମସ୍ୟା, ସନ୍ତାନଲାଭ, ବ୍ୟବସାୟରେ କଷ୍ଟ, ଦୂରଯାତ୍ରାରେ ସତର୍କ, ହସ୍ତା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୫, ଆରାଧନା-ଗ୍ରାମଦେବତୀ ।

**ତୁଳା:** ମାନସିକ କଷ୍ଟ, ହେବାକାର୍ଯ୍ୟ ବିଳମ୍ବ, ଅର୍ଥସମସ୍ୟା, ବନ୍ଧୁସାହାଯ୍ୟ, ନୂତନ କର୍ମଆରମ୍ଭ, ପାରିବାରିକ ସାହାଯ୍ୟ, ଦାମ୍ପତ୍ୟକଳହ, କର୍ମକ୍ଷେତ୍ରେ ଶାନ୍ତି, ଶୁଭଖବର, ବ୍ୟବସାୟରେ ସନ୍ତୁଷ୍ଟ, ସ୍ୱାତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୪, ଆରାଧନା-ପ୍ରଭୁ ହନୁମାନ ।

**ବିଛା:** ଅଯଥା ବିବାଦ, ଅର୍ଥକୁ ନେଇ କଳହ, କର୍ମକ୍ଷେତ୍ରେ ଶାନ୍ତି, ବିଶିଷ୍ଟ କାର୍ଯ୍ୟରେ ଲାଭ, ଶୁଭଖବର, ବ୍ୟବସାୟରେ ସନ୍ତୁଷ୍ଟ, ଦୂରଯାତ୍ରା ସଫଳ, ସନ୍ତାନଖୁସି, ଅନୁରାଧା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୮, ଆରାଧନା-ଭଗବାନ ବିଷ୍ଣୁ ।

**ଧନୁ:** ନୂତନ କର୍ମନିଯୁକ୍ତି, ସନ୍ତାନ ସମସ୍ୟା, ଅର୍ଥଚିନ୍ତା, ସମ୍ପତ୍ତିବିବାଦ, ଦୂରଯାତ୍ରାରେ ସତର୍କ, ଦ୍ରବ୍ୟଲାଭ, ବନ୍ଧୁସାହାଯ୍ୟ, ଉତ୍ତରାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୪, ଆରାଧନା-ମା' ଗୌରୀ ।

**ମକର:** ସନ୍ତାନଲାଭ, ଶୁଭଖବର, ବ୍ୟବସାୟରେ ଉନ୍ନତି, ଦୂରଯାତ୍ରା ସଫଳ, ସମ୍ପତ୍ତିଲାଭ, ନୂତନ ବନ୍ଧୁଲାଭ, ଧନିଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୧୦, ଆରାଧନା-ମା' ଦକ୍ଷିଣକାଳୀ ।

**କୁମ୍ଭ:** ଆୟବୃଦ୍ଧି, ଶୁଭଆଲୋଚନା, ଅଯଥା ଚିନ୍ତା, ଶରୀର ସୁସ୍ଥ, ଭ୍ରମଣଯୋଗ, ପାରିବାରିକ ସାହାଯ୍ୟ, ନୂତନ କର୍ମଆରମ୍ଭ, ପୂର୍ବଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୯, ଆରାଧନା-ଶଙ୍କର ଭଗବାନ ।

**ମୀନ:** ଦୂରଯାତ୍ରା ସଫଳ, ଦେବଦର୍ଶନ, ଦ୍ରବ୍ୟଲାଭ, ସମ୍ପତ୍ତିଲାଭ, ବନ୍ଧୁଲାଭ, ସମ୍ମାନବୃଦ୍ଧି, ନୂତନ କର୍ମଆରମ୍ଭ, ଶରୀର ସୁସ୍ଥ, ଶତ୍ରୁ ପରାଜିତ, ରେବତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୨, ଆରାଧନା-ପ୍ରଭୁ ଜଗନ୍ନାଥ ।

**ଆଷାଢ଼ କୃଷ୍ଣପକ୍ଷ ସପ୍ତମୀ**

**୭.୭.୨୦୨୬, ମଙ୍ଗଳବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

## ପୁରୀ-କୋରାପୁଟ-ପୁରୀ ନୂଆ ଟ୍ରେନର ଶୁଭାରମ୍ଭ

# ଦେଶରେ ଏକ ଟ୍ରାନସ୍‌ଫର୍ମେସନର ଯୁଗ ଆସିଛି : ମୁଖ୍ୟମନ୍ତ୍ରୀ



▸▸ ଉତ୍ତର ଓଡିଶା ପାଇଁ ଆରମ୍ଭ ହେବ ନୂଆ ଟ୍ରେନ

▸▸ ରେଳବାଇ କ୍ଷେତ୍ରରେ ସ୍ୱର୍ଣ୍ଣ ଚତୁର୍ଭୂଜ ଯୋଜନା ଲକ୍ଷ୍ୟ : ରେଳମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ନେତୃତ୍ୱରେ ଦେଶରେ ଏବେ ଏକ ଟ୍ରାନସ୍‌ଫର୍ମେସନର ଯୁଗ ଆସିଛି। ସଡକ ଠାରୁ ଆରମ୍ଭ କରି ରେଳ, ବିମାନସେବା ସବୁ କ୍ଷେତ୍ରରେ ପରିବର୍ତ୍ତନ ଆସିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରୀ ରେଳ ଷ୍ଟେସନଠାରେ ପୁରୀ-କୋରାପୁଟ-ପୁରୀ ନୂତନ ଟ୍ରେନର ଶୁଭାରମ୍ଭ ଅବସରରେ କହିଛନ୍ତି। ପୁରୀ ରେଳ ଷ୍ଟେସନଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ରେଳମନ୍ତ୍ରୀ ଏହି ଟ୍ରେନକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ମୋଦୀଜୀଙ୍କ ନେତୃତ୍ୱରେ ବିକଶିତ ଭାରତ ଗଠନ ପାଇଁ ଯେଉଁ ଅଭିଯାନ ଚାଲିଛି ସେଥିରେ ଅଶ୍ୱିନୀ ବୈଷ୍ଣବଜୀ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ମହାପ୍ରଭୁଙ୍କ ରଥଯାତ୍ରା ପୂର୍ବରୁ ଏହି ଟ୍ରେନର ଲୋକାର୍ପଣ ଚଳିତ ବର୍ଷ ଭକ୍ତମାନଙ୍କ ପାଇଁ କେନ୍ଦ୍ର ରେଳମନ୍ତ୍ରୀଙ୍କର ଏକ ସୁନ୍ଦର ଉପହାର ବୋଲି ସେ କହିଥିଲେ। ଏହି ଟ୍ରେନ ସପ୍ତାହକୁ ତିନି ଦିନ ଚାଲିବ ଏବଂ ପୂର୍ବ, ପଶ୍ଚିମ ଓ ଦକ୍ଷିଣ ଓଡିଶାକୁ ଯୋଡି ସମସ୍ତଙ୍କ ପାଇଁ ଏକ ସୁଖଦ ଯାତ୍ରାର ଅନୁଭବ ଆଣିବ। ଦକ୍ଷିଣ ଓ ପଶ୍ଚିମ ଓଡିଶାର ଯେଉଁ ଲୋକମାନେ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆସିବେ କିମ୍ବା ଭୁବନେଶ୍ୱରକୁ କୌଣସି କାମରେ ଆସିବେ ସେମାନଙ୍କ ପାଇଁ ଏହି ଟ୍ରେନ ଏକ ଆଶୀର୍ବାଦ ସ୍ୱରୂପ ହେବ ବୋଲି ସେ କହିଛନ୍ତି।

ସେ ପୁଣି କହିଥିଲେ ବର୍ତ୍ତମାନ ରାଜ୍ୟର ସବୁ ଜିଲ୍ଲାରେ ରେଳ ଯୋଗାଯୋଗ ବ୍ୟବସ୍ଥା କରିବା ପାଇଁ କେନ୍ଦ୍ର ରେଳମନ୍ତ୍ରୀ ତାଙ୍କ ଉଦ୍ୟମ ଜାରି ରଖିଛନ୍ତି। ଓଡିଶାରେ ବର୍ତ୍ତମାନ ୯୭ ହଜାର କୋଟି ଟଙ୍କାର ରେଳ ପ୍ରକଳ୍ପ କାର୍ଯ୍ୟ ଚାଲୁ ରହିଛି। ଓଡିଶାର ୫୯ ରେଳ ଷ୍ଟେସନକୁ 'ଅମୃତ ଭାରତ' ଯୋଜନାରେ ଆଧୁନିକୀକରଣ କରାଯାଉଛି। ସେଥିରେ ୧୮୪ କୋଟି ଟଙ୍କା ଖର୍ଚ୍ଚରେ ପୁରୀ ଷ୍ଟେସନର କାମ ମଧ୍ୟ ଚାଲୁ ରହିଛି। ପୁରୀର ସାଂସ୍କୃତିକ ଓ ଆଧ୍ୟାତ୍ମିକ ବୈଭବକୁ ଦୃଷ୍ଟିରେ ରଖି ଏହାର ଡିଜାଇନ କରାଯାଇଛି। ଆସନ୍ତା ବର୍ଷ ଏହାକୁ ସମ୍ପୂର୍ଣ୍ଣ କରିବା ପାଇଁ ଧାର୍ଯ୍ୟ କରାଯାଇଛି । କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତି ପାଇଁ ଧନ୍ୟବାଦ ଜଣାଇ କହିଥିଲେ ଯେ, ଉପକୂଳ ଓଡିଶାକୁ ପଶ୍ଚିମ ଓ ଦକ୍ଷିଣ ଓଡିଶା ସହ ଯୋଡିବା ପାଇଁ ବହୁ ଦିନରୁ ଜନସାଧାରଣଙ୍କ ଦାବୀ ରହିଥିଲା। ମୁଖ୍ୟମନ୍ତ୍ରୀ ମଧ୍ୟ ଏ ସମ୍ପର୍କରେ ଚିଠି ଦ୍ୱାରା ଅନୁରୋଧ କରିଥିଲେ ବୋଲି ପ୍ରକାଶ କରି ଶ୍ରୀ ବୈଷ୍ଣବ କହିଥିଲେ ଯେ, ଆଜି ଶୁଭାରମ୍ଭ ହୋଇଥିବା ଏହି ଟ୍ରେନ ଓଡିଶାର ଅନେକ ଜିଲ୍ଲାକୁ ପୁରୀ ସହ ଯୋଡିବ। ଦୁଇ ବର୍ଷ ତଳେ ଆମେ ଓଡିଶାବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲୁ ୫ ବର୍ଷରେ ଏକ ଲକ୍ଷ କୋଟି ଟଙ୍କା ରେଳ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ବିନିଯୋଗ କରିବୁ ବୋଲି । ଦୁଇ ବର୍ଷରେ ୯୭ ହଜାର କୋଟି ଟଙ୍କାରେ ପହଞ୍ଚିଲାଣି।

ଜାତୀୟ ରାଜପଥ କ୍ଷେତ୍ରରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳଜୀଙ୍କ ସ୍ୱର୍ଣ୍ଣ ଚତୁର୍ଭୂଜ ଯୋଜନା ପରି ରେଳବାଇ କ୍ଷେତ୍ରରେ ସମଗ୍ର ଦେଶକୁ ଯୋଡିବା ପାଇଁ ମୋଦୀଜୀ ସ୍ୱର୍ଣ୍ଣ ଚତୁର୍ଭୂଜ ଯୋଜନାର ଲକ୍ଷ୍ୟ ରଖିଛନ୍ତି ବୋଲି ସେ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧକ୍ରମେ କେନ୍ଦ୍ର ରେଳମନ୍ତ୍ରୀ ପୁରୀ-କୋରାପୁଟ ଟ୍ରେନ ପରି ଉତ୍ତର ଓଡିଶା ପାଇଁ ଏକ ଟ୍ରେନ ଆରମ୍ଭ କରାଯିବ ବୋଲି ଘୋଷଣା କରିଥିଲେ। ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀ ବିଭୂତି ଜେନା ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇ କହିଥିଲେ ଯେ ଉପତ୍ୟକାରୁ ଉପକୂଳକୁ ଯୋଡିବ ଏହି ନୂତନ ଟ୍ରେନ। ୫ ବର୍ଷରେ ରେଳ ବିକାଶ ପାଇଁ ଯେଉଁ କଥା ଦେଇଥିଲେ ଆଜି ଦୁଇ ବର୍ଷରେ ତାହା ପୂରଣ ହେବାକୁ ଯାଉଛି । ଏହା ହେଉଛି ଡବଲ ଇଞ୍ଜିନ ସରକାରର କମାଲ୍। ପୁରୀ ସାଂସଦ ଡ. ସମ୍ବିତ ପାତ୍ର ଏହି ଟ୍ରେନ ପାଇଁ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇ କହିଥିଲେ ଯେ, ରଥଯାତ୍ରାକୁ ଦୃଷ୍ଟିରେ ରଖି ପୁରୀ ରେଳ ଷ୍ଟେସନରେ ସମସ୍ତ ସୁବିଧା କରାଯାଉଛି। ରଥଯାତ୍ରା ଅବସରରେ ୩୦୦ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରିବ ବୋଲି ସେ କହିଥିଲେ।

ଏହି ଅବସରରେ କଳାହାଣ୍ଡି ସାଂସଦ ଶ୍ରୀମତୀ ମାଳବିକା ଦେବୀ, ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ବ୍ରହ୍ମଗିରି ବିଧାୟିକା ଶ୍ରୀମତୀ ଉପାସନା ମହାପାତ୍ର ଏବଂ ପୁରୀ ଜିଲ୍ଲା ପ୍ରଶାସନ ଓ ରେଳ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଲଗାଣ ବର୍ଷାରେ ଜଳବନ୍ଦୀ ଅଞ୍ଚଳ ପରିଦର୍ଶନ କଲେ ମେୟର

## ତୁରନ୍ତ ଜଳ ନିଷ୍କାସନ ଓ ସ୍ଥାୟୀ ସମାଧାନ ପାଇଁ ଅଧିକାରୀଙ୍କୁ କଡ଼ା ନିର୍ଦ୍ଦେଶ

କଟକ, (ସବ୍ୟୁ): ଦୁଇ ଦିନ ଧରି ଲଗାଣ ବର୍ଷା ଯୋଗୁଁ କଟକ ସହରର ବିଭିନ୍ନ ସ୍ଥାନରେ ସୃଷ୍ଟି ହୋଇଥିବା ଜଳବନ୍ଦୀ ପରିସ୍ଥିତିକୁ ଗୁରୁତ୍ୱର ସହ ନେଇ କଟକ ମହାନଗର ନିଗମର ମେୟର ଶ୍ରୀ ସୁବାସ ସିଂହ ବିଭିନ୍ନ ଜଳବନ୍ଦୀ ପ୍ରବଣ ଅଞ୍ଚଳ ପରିଦର୍ଶନ କରି ସ୍ଥିତିର ସମୀକ୍ଷା କରିଛନ୍ତି। ତାଙ୍କ ସହ କଟକ ମହାନଗର ନିଗମର ବରିଷ୍ଠ ଅଧିକାରୀ ଏବଂ ସମ୍ପୃକ୍ତ ବିଭାଗର କର୍ମକର୍ତ୍ତାମାନେଏବଂ ସ୍ଥାନୀୟ କୋର୍ପୋରେଟର ଓ ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ। ପରିଦର୍ଶନ ସମୟରେ ମେୟର ବିଭିନ୍ନ ସ୍ଥାନରେ ସ୍ଥାନୀୟ ବାସିନ୍ଦାଙ୍କ ସହ ଆଲୋଚନା କରି ଜଳବନ୍ଦୀ ଯୋଗୁଁ ସେମାନେ ସମ୍ମୁଖୀନ ହେଉଥିବା ଅସୁବିଧା ସମ୍ପର୍କରେ ଅବଗତ ହୋଇଥିଲେ। ବର୍ଷାଜଳ ନିଷ୍କାସନ ବ୍ୟବସ୍ଥା, ନାଳ ଓ ଡ୍ରେନର ସ୍ଥିତି, ପମ୍ପିଂ ବ୍ୟବସ୍ଥା ଏବଂ ତୁରନ୍ତ ଜଳ ନିଷ୍କାସନ ପ୍ରକ୍ରିୟାର ଅଗ୍ରଗତିକୁ ସେ ସମୀକ୍ଷା କରିଥିଲେ।

ମେୟର ଶ୍ରୀ ସୁବାସ ସିଂହ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ ପଦକ୍ଷେପ ଗ୍ରହଣ କରି ଜଳବନ୍ଦୀ ସମସ୍ୟାର ଦ୍ରୁତ ସମାଧାନ କରିବାକୁ କଡ଼ା ନିର୍ଦ୍ଦେଶ ଦେଇଥିଲେ। ଆବଶ୍ୟକ ସ୍ଥାନରେ ଅତିରିକ୍ତ ପମ୍ପସେଟ୍ ନିୟୋଜନ, ନାଳ ସଫେଇ, ଜଳ ନିଷ୍କାସନ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ସହ ୨୪ ଘଣ୍ଟିଆ ନଜର ରଖିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ।

ମେୟର କହିଥିଲେ ଯେ, ବର୍ଷା ଯୋଗୁଁ ସାଧାରଣ ଲୋକଙ୍କ ଦୈନନ୍ଦିନ ଜୀବନ ଯେପରି ଅଧିକ ପ୍ରଭାବିତ ନହୁଏ, ସେଥିପାଇଁ କଟକ ମହାନଗର ନିଗମର ସମସ୍ତ ଟିମ୍ ସତର୍କ ଓ ସକ୍ରିୟ ରହିଛନ୍ତି। ନାଗରିକମାନଙ୍କ ସୁବିଧାକୁ ସର୍ବାଧିକ ପ୍ରାଥମିକତା ଦେଇ ସମସ୍ତ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରାଯାଉଛି। କେବଳ ତୁରନ୍ତ ଜଳ ନିଷ୍କାସନ ନୁହେଁ, ଭବିଷ୍ୟତରେ ଏଭଳି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ମଧ୍ୟ ଆବଶ୍ୟକ ଯୋଜନା ପ୍ରସ୍ତୁତ କରିବାକୁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ସହରବାସୀଙ୍କୁ ଅଯଥା ଆତଙ୍କିତ ନହେବା ସହ କୌଣସି ସମସ୍ୟା ଦେଖାଦେଲେ କଟକ ମହାନଗର ନିଗମର କଣ୍ଟ୍ରୋଲ ରୁମ୍ କିମ୍ବା ସମ୍ପୃକ୍ତ ୱାର୍ଡ କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ ମେୟର ଆହ୍ୱାନ ଜଣାଇଥିଲେ। କଟକ ମହାନଗର ନିଗମ ପକ୍ଷରୁ ବର୍ଷାଜନିତ ପରିସ୍ଥିତି ଉପରେ ନିରନ୍ତର ନଜର ରଖାଯାଉଥିବା ସହ ଯେକୌଣସି ଜରୁରୀ ପରିସ୍ଥିତିର ତୁରନ୍ତ ମୁକାବିଲା ପାଇଁ ସମସ୍ତ କ୍ଷେତ୍ରସ୍ତରୀୟ ଅଧିକାରୀ ଓ କର୍ମଚାରୀଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର (ସବ୍ୟୁ) : ଜନନାୟକ ତଥା ଦୂରଦ୍ରଷ୍ଟା ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଜୟନ୍ତୀ ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଭୁବନେଶ୍ୱରର ସତ୍‌ସଙ୍ଗ ବିହାରସ୍ଥିତ ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀ ପାର୍କରେ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀ, ରାଜ୍ୟସଭା ସାଂସଦ ମନମୋହନ ସାମଲ, ବିଧାୟକ ବାବୁ ସିଂ, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଓ ବହୁ ବିଶିଷ୍ଟ ବ୍ୟକ୍ତି, ରାଜନୈତିକ, ସାମାଜିକ, ସାଂସ୍କୃତିକ ସଂଗଠନର କାର୍ଯ୍ୟକର୍ତ୍ତା ପ୍ରମୁଖ ଡଃ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣପୂର୍ବକ ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ ।

ଡକ୍ଟର ମୁଖାର୍ଜୀ କେବଳ ଜଣେ ରାଜନୈତିକ ନେତା ନଥିଲେ ବରଂ ଜଣେ ଜାତୀୟତାବାଦୀ ଚିନ୍ତକ ଏବଂ ସଂସ୍କାରକ ଥିଲେ । "ଦୋ ବିଧାନ, ଦୋ ପ୍ରଧାନ, ଦୋ ନିଶାନ, ନେହିଁ ଚଲେଗା' ସ୍ଲୋଗାନ ଦେଇଥିବା



ଡକ୍ଟର ମୁଖାର୍ଜୀ ଭାରତର ଅଖଣ୍ଡତା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ । ତାଙ୍କର ଐତିହ୍ୟ ଆମକୁ ମନେ ପକାଇ ଦିଏ ଯେ ଜାତୀୟ ଏକତା, ସାଂସ୍କୃତିକ ଗର୍ବ ଏବଂ ନିର୍ଭୀକ ନେତୃତ୍ୱ ଏକ ରାଷ୍ଟ୍ରର ପ୍ରଗତି ପାଇଁ ଅତ୍ୟାବଶ୍ୟକ । ଏହି ଅବସରରେ ସୂଚନା ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ, ନିର୍ଦ୍ଦେଶକ (ବୈଷୟିକ) ଗୁର୍ବୀର ସିଂହ, ଯୁଗ୍ମନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ପ୍ରମୁଖ ଡଃ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଅବସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ଚନ୍ଦ୍ରଭାଗାରେ ସଂଘବଦ୍ଧ ଆକ୍ରମଣ ଘଟଣା:ଅଭିଯୁକ୍ତକୁ ଛାଡ଼ିଦେଲା ପୁଲିସ

କୋଣାର୍କ ,(ସବ୍ୟୁ) : ଗତ ୨୬ତାରିଖରେ ଚନ୍ଦ୍ରଭାଗା ବଜାରରେ ଦୁଇ ଭାଇଙ୍କୁ ଲୁହା ରଡରେ ସଂଘବଦ୍ଧ ଆକ୍ରମଣ ଘଟଣାରେ କୋଣାର୍କ ପୁଲିସ ଜଣେ ଅଭିଯୁକ୍ତକୁ ଚିହ୍ନଟ କରି ପରେ ଛାଡିଦେଇଥିବା ଅଭିଯୋଗ ହୋଇଛି । ଫଳରେ ଆସନ୍ତା ୧୦ତାରିଖରେ କାଦୁଆ ଗ୍ରାମ ପଞ୍ଚାୟତ ବିକାଶ ମଞ୍ଚ ପକ୍ଷରୁ କୋଣାର୍କ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ । କୋଣାର୍କ ଥାନା ଧନିତ୍ରୀ ଗ୍ରାମର ରଶ୍ମିରଞ୍ଜନ ବେହୁରା,କମଳ ଲୋଚନ ବେହୁରା ସାଥି ମାନଙ୍କ ସହିତ ପିଉସୀ ପୁଅ ବିବାହ ଉତ୍ସବରେ ଗୋପ ଥାନା ଅନ୍ତର୍ଗତ ନାଗପୁରରୁ ଭୋଜି ସାରି ନିଜ ଗ୍ରାମକୁ ଫେରୁଥିବାବେଳେ ଚନ୍ଦ୍ରଭାଗା ବଜାରରେ ୧୫ରୁ ଉର୍ଦ୍ଧ୍ୱ ଅଜଣା ବ୍ୟକ୍ତି ସଂଘବଦ୍ଧ ଭାବେ ଦୁଇ ଭାଇଙ୍କୁ ଲୁହା ରଡରେ ମରଣାନ୍ତକ ଆକ୍ରମଣ କରିଥିବା କୋଣାର୍କ ଥାନାରେ ଅଭିଯୋଗ ହୋଇଥିଲା । ରଶ୍ମିରଞ୍ଜନଙ୍କ ମୁଣ୍ଡ ଓ ଶରୀରର ଗଭୀର ଆଘାତ ଲାଗିଥିବାବେଳେ ସାନ ଭାଇ କମଳ ଲୋଚନ ଗୁରୁତର ଭାବେ ଆହତ ହୋଇଥିଲେ । ଏହି ଘଟଣାରେ କୋଣାର୍କ ପୁଲିସ ଜଣକୁ ଧରି ପରେ ଛାଡ଼ି ଦେଇଥିବା ଅଭିଯୋଗ ହୋଇଛି । କୋଣାର୍କ, ଚନ୍ଦ୍ରଭାଗା ଓ ରାମଚଣ୍ଡୀରେ ୩ଟି ଥାନା, ବେଳାମାର୍ଗରେ ସିସି କ୍ୟାମେରା ଥାଇ ମଧ୍ୟ ଅଭିଯୁକ୍ତଙ୍କୁ ପୁଲିସ ଧରିପାରିନଥିବାରୁ ପୁଲିସ ଅପାରଗତା ପଦାରେ ପଡ଼ିଛି । ତୁରନ୍ତ ସଂପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରାନଗଲେ ୧୦ତାରିଖରେ କୋଣାର୍କ ବସଷ୍ଟାଣ୍ଡରୁ ଏକ ଶୋଭାଯାତ୍ରା ବାହାରି ବଜାର ପରିକ୍ରମା କରିବା ପରେ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି କାଦୁଆ ପଞ୍ଚାୟତ ବିକାଶ ମଞ୍ଚ ଚେତାବନୀ ଦେଇଛି । ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ,ପୁରୀ ଏସପି,ନିମାପଡା ଏସଡିପିଓଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଥିବା ଜଣାପଡିଛି ।

## ବିସ୍ଫୋରକ କାରବାରର ପର୍ଦ୍ଦାଫାଶ

# ୧୦୦ ଡେଟୋନେଟର, ୨୦୦ ଜିଲୋଟିନ ଷ୍ଟିକ୍, ୬.୮୦ ଲକ୍ଷ ଟଙ୍କା ଜବତ; ୩ଗିରଫ

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ସଦର ଥାନା ପୁଲିସ ଏକ ବଡ଼ ଧରଣର ବେଆଇନ ବିସ୍ଫୋରକ ସାମଗ୍ରୀ କାରବାର ର ପର୍ଦ୍ଦାଫାଶ କରିଛି। ତାପଙ୍ଗ ପାହାଡ଼ ନିକଟସ୍ଥ ଗ୍ରୀନ ଲେକ୍ ଅଂଚଳରେ ଚଢ଼ାଉ କରି ପୁଲିସ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ, ନଗଦ ୬ ଲକ୍ଷ ୮୦ ହଜାର ଟଙ୍କା, ୩ଟି ମୋବାଇଲ୍ ଫୋନ୍, ଦୁଇଟି ମୋଟରସାଇକେଲ୍ ଏବଂ ଗୋଟିଏ ଅଶୋକ ଲେଲାଣ୍ଡ ଗାଡ଼ି ଜବତ କରିଛି। ଏହି ଘଟଣାରେ ତିନିଜଣଙ୍କୁ ଗିରଫ କରାଯାଇଥିବାବେଳେ ବେଆଇନ ବିସ୍ଫୋରକ କାରବାର ର ଏକ ବୃହତ୍ ନେଟୱାର୍କ ଥିବା ସନ୍ଦେହରେ ପୁଲିସ ତଦନ୍ତ ଆରମ୍ଭ କରିଛି ବୋଲି ଜିଲ୍ଲା ପୁଲିସ କାର୍ଯ୍ୟାଳୟ ରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପରମାର ସ୍ମିଥ ପରଶୋତମ ଦାସ ଗଣ ମାଧ୍ୟମ କୁ ସୂଚନା ଦେଇଛନ୍ତି। ଗିରଫମାନେ ହେଲେ ଢେଙ୍କାନାଳ ଜିଲ୍ଲା ଭୁବନ ଥାନା ପଳାଶପିଠିଆ ଗ୍ରାମର ବିଶ୍ୱନାଥ କଅଁର ଓରଫ୍ ବିଶୁ, ଗଞ୍ଜାମ ଜିଲ୍ଲା ଜକରା ର ଫିଟୁ



ପ୍ରଧାନ (୩୩) ଏବଂ ଖୋର୍ଦ୍ଧା ଶିଳ୍ପାଂଚଳ ଥାନା ଗଡନିଆଳ ର ରବିନାରାୟଣ ଖଟେଇ ଓରଫ୍ ରବି (୩୪)। ଖୋର୍ଦ୍ଧା ସଦର ଥାନାର ଏ.ଏସ.ଆଇ ପ୍ରଦୀପ କୁମାର ପ୍ରଧାନଙ୍କୁ ଗତ ୫ ତାରିଖ ସନ୍ଧ୍ୟାରେ ତାପଙ୍ଗ ପାହାଡ଼ ନିକଟ ଗ୍ରୀନ ଲେକ୍ ଅଂଚଳରେ କିଛି ବ୍ୟକ୍ତି ବେଆଇନ ଭାବେ ବିସ୍ଫୋରକ ସାମଗ୍ରୀ କାରବାର କରୁଥିବା ନେଇ ଗୁପ୍ତ ସୂଚନା ମିଳିଥିଲା। ସୂଚନା ପାଇବା ପରେ ସେ ଅନ୍ୟ ପୁଲିସ କର୍ମଚାରୀ ଓ ଦୁଇଜଣ ସ୍ୱାଧୀନ ସାକ୍ଷୀଙ୍କୁ ସାଙ୍ଗରେ ନେଇ ଉକ୍ତ ସ୍ଥାନରେ ଚଢ଼ାଉ କରିଥିଲେ।

ଚଢ଼ାଉ ବେଳେ ତିନିଜଣ ସନ୍ଦିଗ୍ଧ ବ୍ୟକ୍ତି ବିସ୍ଫୋରକ ସାମଗ୍ରୀ ବିକ୍ରି ପାଇଁ ଆଲୋଚନା କରୁଥିବା ସମୟରେ ଧରାପଡ଼ିଥିଲେ। ସେମାନଙ୍କ ତଲାସି ସମୟରେ ୧୦୦ଟି ଡେଟୋନେଟର ଓ ୨୦୦ଟି ଜେଲାଟିନ ଷ୍ଟିକ୍ ଜବତ କରାଯାଇଥିଲା। ଏଥିସହିତ ପ୍ରଥମ ଅଭିଯୁକ୍ତଙ୍କ ନିକଟରୁ ଗୋଟିଏ ହିରୋ ସ୍ପେଲଣ୍ଡର ମୋଟରସାଇକେଲ୍ ଓ ଗୋଟିଏ ଓପୋ ମୋବାଇଲ୍, ଦ୍ୱିତୀୟ ଅଭିଯୁକ୍ତଙ୍କ ନିକଟରୁ ୬ ଲକ୍ଷ ୮୦ ହଜାର ଟଙ୍କା ନଗଦ, ଗୋଟିଏ ଭିଭୋ ମୋବାଇଲ୍ ଓ ଅଶୋକ ଲେଲାଣ୍ଡ ଗାଡ଼ି, ଏବଂ ତୃତୀୟ ଅଭିଯୁକ୍ତଙ୍କ ନିକଟରୁ ଗୋଟିଏ ଭିଭୋ ମୋବାଇଲ୍ ଓ ଗୋଟିଏ ହୋଣ୍ଡା ଏସପି-୧୨୫ ମୋଟରସାଇକେଲ୍ ଜବତ କରାଯାଇଛି।

ପ୍ରାଥମିକ ପଚରାଉଚରା ବେଳେ ଅଭିଯୁକ୍ତମାନେ ବେଆଇନ ଭାବେ ବିସ୍ଫୋରକ ସାମଗ୍ରୀ କାରବାର କରି ଅଳ୍ପ ସମୟ ମଧ୍ୟରେ ଅଧିକ ଲାଭ କମାଇବା ଉଦ୍ଦେଶ୍ୟରେ ସେଠାରେ ଏକାଠି ହୋଇଥିବା କଥା ସ୍ୱୀକାର କରିଥିବା ଆରକ୍ଷୀ ଅଧିକ୍ଷକ ସୂଚନା ଦେଇଥିଲେ।

### ଭେନେଜୁଏଲାରେ ପାଣ୍ଡିଆନ

## ଭୂକମ୍ପ ପରବର୍ତ୍ତୀ ସ୍ଥିତିର ମୁକାବିଲା ଲାଗି ଦେଲେ ପରାମର୍ଶ

ଭୁବନେଶ୍ୱର, (ସବ୍ୟୁ) : ଭେନେଜୁଏଲାରେ ହୋଇଥିବା ଭୟାବହ ଭୂମିକମ୍ପର ପରବର୍ତ୍ତୀ ସ୍ଥିତି ଓ ଉଦ୍ଧାର କାର୍ଯ୍ୟର ସମୀକ୍ଷା ଲାଗି ସେଠାକାର ସରକାର ଙ୍କ ନିମନ୍ତ୍ରଣ କ୍ରମେ ପୂର୍ବତନ ୫-ଟି ଅଧ୍ୟକ୍ଷ ଭି.କେ ପାଣ୍ଡିଆନ ଭେନେଜୁଏଲା ଗସ୍ତ କରିଛନ୍ତି। ଭୂକମ୍ପ ପୀଡ଼ିତଙ୍କୁ ଭେଟି ସମବେଦନା ପ୍ରକାଶ ସହ ପୁନଃ ଥଇଥାନ କାର୍ଯ୍ୟ ନେଇ ଆଲୋଚନା ମଧ୍ୟ କରିଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଓ ପ୍ରଶମନ କ୍ଷେତ୍ରରେ ଓଡ଼ିଶାର ଆନ୍ତର୍ଜାତିକ ଖ୍ୟାତି ରହିଛି। ବାତ୍ୟା ଓ ଅନ୍ୟାନ୍ୟ ବିପର୍ଯ୍ୟୟ ସମୟରେ ଓଡ଼ିଶା ସରକାରଙ୍କ ତ୍ୱରିତ ପଦକ୍ଷେପ ଓ ଶୂନ୍ୟ ଜୀବନହାନି ନୀତିକୁ ସାରା ବିଶ୍ୱ ଗ୍ରହଣ କରିଛି। ପାଣ୍ଡିଆନଙ୍କ ଏହି ଦୀର୍ଘ ଦିନର ପ୍ରଶାସନିକ ଅଭିଜ୍ଞତାକୁ ବିନିଯୋଗ କରିବା ପାଇଁ ଭେନେଜୁଏଲା ରାଷ୍ଟ୍ରପତି ତାଙ୍କୁ ସ୍ୱତନ୍ତ୍ର ଭାବେ ଆମନ୍ତ୍ରଣ କରିଥିଲେ। ଗସ୍ତ ସମୟରେ ପାଣ୍ଡିଆନ ଭେନେଜୁଏଲାର ଉଚ୍ଚପଦସ୍ଥ ଅଧିକାରୀ ଓ ଉଦ୍ଧାରକାରୀ ଦଳଙ୍କ ସହ ବୈଠକରେ ଯୋଗ



ଦେଇଥିଲେ। ବିପର୍ଯ୍ୟୟ ପ୍ରଶମନରେ ନିଜର ଅଭିଜ୍ଞତାକୁ ସେମାନଙ୍କୁ ଜଣାଇଥିଲେ। ଭୂକମ୍ପ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ପୀଡ଼ିତ ଓ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଦଳଙ୍କ ସହ ଆଲୋଚନା କରିଥିଲେ। ସେଠାରେ ସେବା ଯୋଗାଇ ଦେଉଥିବା ଭାରତୀୟ ସେନାର ଅତୁଳନୀୟ କାର୍ଯ୍ୟକୁ ପ୍ରଶଂସା କରିବା ସହ ଦିନରାତି ଏକ କରି ଲୋକଙ୍କ ଜୀବନ ବଞ୍ଚାଉଥିବା ଡାକ୍ତରୀ ଦଳ ଓ ସ୍ୱାସ୍ଥ୍ୟକର୍ମୀଙ୍କ ତ୍ୟାଗକୁ ମଧ୍ୟ ପ୍ରଶଂସା କରିଥିଲେ। ଭେନେଜୁଏଲାରେ ଖୁବ୍‌ଶୀଘ୍ର ସ୍ୱାଭାବିକ ସ୍ଥିତି ଓ ଶାନ୍ତି ଫେରି ଆସୁ ବୋଲି ତାଙ୍କର ପ୍ରାର୍ଥନା ବୋଲି ମତ ଦେଇଛନ୍ତି।

## ଜଳିଗଲା ୨ ବଖରା ଗାଈ ମୃତ

ଖଣ୍ଡପଡା ,(ସବ୍ୟୁ) : ଖଣ୍ଡପଡ଼ା ବ୍ଲକର ସିଂଘାପଡା ପଞ୍ଚାୟତ ଅଧୀନ ବେଡାଙ୍କି ଗ୍ରାମରେ ଆକସ୍ମିକ ଅଗ୍ନିକାଣ୍ଡ ଘଟି ଦୁର୍ଯ୍ୟୋଧନ ନାୟକଙ୍କ ୨ ବଖରା ନୂଆଣିଆ ଚାଳଘର ସମେତ ଧାନ, ଚାଉଳ, ମୁଗ, ବିରି ସମେତ ଅନ୍ୟାନ୍ୟ ସାମଗ୍ରୀ ପୋଡି ପାଉଁଶ ହୋଇଯାଇଛି । ଗୁହାଳରେ ବନ୍ଧା ହୋଇଥିବା ୨ ଗୋଟି ଗାଈ ଗୁରୁତର ଆହତ ହୋଇଥିବା ବେଳେ ଗୋଟିଏ ଗାଈର ମୃତ୍ୟୁ ହୋଇଥିବା ଜଣାଯାଇଛି ।ଅଗ୍ନିକାଣ୍ଡ ଜନିତ କ୍ଷୟକ୍ଷତିର ପରିମାଣ ୧ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି । ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ପରିବାରକୁ ଆନୁସଙ୍ଗିକ ସରକାରୀ ସହାୟତା ଯୋଗାଇ ଦେବା ନିମନ୍ତେ ଖଣ୍ଡପଡ଼ା ତହସିଲ ପ୍ରଶାସନ ଦୃଷ୍ଟି ଦେବାକୁ ବରିଷ୍ଠ ଜିଲ୍ଲା ପରିଷଦ ସଦସ୍ୟ ରାମେଶ୍ୱର ଶତପଥି , ସିଂଘାପଡା ପଞ୍ଚାୟତର ପୂର୍ବତନ ସରପଞ୍ଚ ପରମାନନ୍ଦ ସ୍ୱାଇଁ ଓ ବିଜୟ କୁମାର ନନ୍ଦ ପ୍ରମୁଖ ଦାବି କରିଛନ୍ତି ।

### ଚାଉଳିଆଗଞ୍ଜ ଆଇଆଇସିଙ୍କ ଆତ୍ମହତ୍ୟା ଘଟଣା

## ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା, ଯାଞ୍ଚ ହେଉଛି ବିଉଟିଙ୍କ ଶେଷ କଲ୍, ହ୍ୱାଟସ୍‌ଆପ୍ ଚାଟ୍

କଟକ,(ସବ୍ୟୁ): ଆଇଆଇସି ବିଉଟି ମହାନ୍ତିଙ୍କ ରହସ୍ୟଜନକ ମୃତ୍ୟୁ ମାମଲା ଦିନକୁ ଦିନ ଭିନ୍ନ ମୋଡ଼ ନେଉଛି । ଘଟଣାର ଗୁରୁତ୍ୱ ଓ ସମ୍ବେଦନଶୀଳତାକୁ ଦୃଷ୍ଟିରେ ରଖି କମିଶନରେଟ୍ ପୁଲିସ ପକ୍ଷରୁ ଖୋଳତାଡ଼କୁ ବେଶ୍ ଜୋରଦାର କରାଯାଇଛି । ଏହି ହାଇପ୍ରୋଫାଇଲ ମୃତ୍ୟୁ ମାମଲାକୁ ନେଇ ଆଜି ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ ନିଜର ପ୍ରତିକ୍ରିୟା ରଖିବା ସହ ପୁଲିସର ପରବର୍ତ୍ତୀ ରଣନୀତି ସମ୍ପର୍କରେ ସୂଚନା ଦେଇଛନ୍ତି । ମୃତ୍ୟୁ ପଛର ଅସଲ ରହସ୍ୟ ଏବଂ ପ୍ରକୃତ ସତ୍ୟାସତ୍ୟ ପଦାକୁ ଆଣିବା ପାଇଁ ପୁଲିସ କୌଣସି ବି ଦିଗକୁ ହାଲୁକା ଭାବେ ନେଉନାହିଁ ଏବଂ ସମସ୍ତ ସମ୍ଭାବ୍ୟ ଦିଗକୁ ଆଧାର କରି ଅନୁଧ୍ୟାନ ଚଳାଇଛି । ଘଟଣାର ସ୍ୱଚ୍ଛ ଓ ନିରପେକ୍ଷ ତଦନ୍ତ ପାଇଁ ଏକ ଉଚ୍ଚସ୍ତରୀୟ ମିଳିତ ଟିମ୍ ଗଠନ କରାଯାଇଛି । ଏହି ସ୍ୱତନ୍ତ୍ର ଟିମ୍‌ରେ ୨ ଜଣ ଆଇଆଇସି , ଜଣେ ଏସ୍‌ସିପି ଏବଂ ଜଣେ ଅତିରିକ୍ତ ଡିସିପି ସାମିଲ ହୋଇ ତଦନ୍ତ କରୁଛନ୍ତି । ଅଯଥାରେ ସୋସିଆଲ୍ ମିଡିଆରେ ଏହି ଘଟଣାକୁ ନେଇ କୌଣସି ପ୍ରକାର ଗୁଜବ ନକରିବାକୁ ଡିସିପି ନିବେଦନ କରିଛନ୍ତି ।

ମୃତ୍ୟୁ ପୂର୍ବରୁ ବିଉଟି ମହାନ୍ତି କାହା କାହା ସହ ଯୋଗାଯୋଗରେ ଥିଲେ, କେଉଁ ପରିସ୍ଥିତି ଦେଇ ଗତି କରୁଥିଲେ ଏବଂ ତାଙ୍କର ମାନସିକ ସ୍ଥିତି କିପରି ଥିଲା, ତାହା ଜାଣିବା ପାଇଁ ପୁଲିସ ଏବେ ବୈଷୟିକ ଏବଂ ଡିଜିଟାଲ୍ ପ୍ରମାଣ ଉପରେ ସବୁଠାରୁ ଅଧିକ ଗୁରୁତ୍ୱ ଦେଉଛି । ଡିସିପି ଶ୍ରୀ ଦ୍ୟାନଦେଓଙ୍କ କହିବା ଅନୁଯାୟୀ, ବିଉଟିଙ୍କ ବ୍ୟକ୍ତିଗତ ମୋବାଇଲ୍ ଫୋନ୍‌ରୁ ମିଳିଥିବା ହ୍ୱାଟ୍ସଆପ୍ ଚାଟ୍, ମେସେଜ୍ ଏବଂ ଅନ୍ୟାନ୍ୟ ସୋସିଆଲ ମିଡିଆ ଆକାଉଣ୍ଟର ଚାଟ୍ ହିଷ୍ଟ୍ରିକୁ ଗଭୀର ଭାବେ ସ୍କାନିଂ କରାଯିବ । ବିଶେଷ କରି ମୃତ୍ୟୁ ପୂର୍ବରୁ ସେ ତାଙ୍କ ଫୋନ୍‌ର ଶେଷ କଲ୍‌ରେ କାହା ସହ ଏବଂ କେତେ ସମୟ କଥା ହେଉଥିଲେ, ତାହା ପୁଲିସ ପାଇଁ ସବୁଠାରୁ ବଡ଼ ପ୍ରମାଣ ହେବ । ସେହି ଶେଷ କଲ୍‌ରେ କଣ ଆଲୋଚନା ହୋଇଥିଲା, ତାହାର ସତ୍ୟାସତ୍ୟ ଜାଣିବା ପାଇଁ କଲ୍ ଡିଟେଲ୍ସ ରେକର୍ଡ ବାହାର କରାଯାଉଛି । ଫୋନ୍‌ରୁ ଯେପରି କୌଣସି ଗୁରୁତ୍ୱପୂର୍ଣ୍ଣ ଡାଟା ଡିଲିଟ୍ କରାଯାଇ ନାହିଁ କିମ୍ବା କୌଣସି ତଥ୍ୟ ନଷ୍ଟ ହୋଇନାହିଁ, ସେଥିପାଇଁ ସଠିକ୍ ଓ ବୈଷୟିକ ତଥ୍ୟ ପ୍ରମାଣ ହାସଲ କରିବା ସକାଶେ ମୋବାଇଲ୍‌କୁ ତୁରନ୍ତ ସାଇଣ୍ଟିଫିକ୍ ଟିମ୍ ଜରିଆରେ ଫରେନ୍ସିକ ଲ୍ୟାବ୍‌କୁ ପଠାଯାଇଛି । କେବଳ ପାରିବାରିକ କିମ୍ବା ମାନସିକ ବିବାଦ ନୁହେଁ, ବରଂ ଘଟଣାର ଆର୍ଥିକ ଦେଣନେଣର ଦିଗକୁ ମଧ୍ୟ ପୁଲିସ ତଦନ୍ତ ପରିସରଭୁକ୍ତ କରିଛି । ଏହି କ୍ରମରେ ବିଉଟିଙ୍କ ବ୍ୟାଙ୍କ୍ ଆକାଉଣ୍ଟର ସମସ୍ତ ବିବରଣୀ ତଥା ବ୍ୟାଙ୍କ୍ ଡିଟେଲ୍ସର ମଧ୍ୟ ଖୋଳତାଡ଼ କରାଯାଉଛି, ଯଦ୍ୱାରା କୌଣସି ପ୍ରକାରର ମାନସିକ ଚାପ କିମ୍ବା ବ୍ଲାକମେଲିଂର ସନ୍ଦେହ ଥିଲେ ତାହା ସ୍ପଷ୍ଟ ହୋଇପାରିବ । ଅନ୍ୟପଟେ ତଦନ୍ତ ପ୍ରକ୍ରିୟା ଆଗକୁ ବଢ଼ାଇବାକୁ ଯାଇ ପୁଲିସ ଏହି ମାମଲାରେ ବର୍ତ୍ତମାନ ସୁଦ୍ଧା ବିଉଟିଙ୍କ ସ୍ୱାମୀ ଏବଂ ତାଙ୍କର ଦୁଇ ଭଉଣୀଙ୍କୁ ପଚରାଉଚରା କରିବା ସହ ସେମାନଙ୍କର ବୟାନ ରେକର୍ଡ କରିସାରିଛି । ତେବେ ଏତେ ବଡ଼ ରହସ୍ୟଜନକ ଘଟଣା ଘଟିଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ବିଉଟିଙ୍କ ପରିବାର ଲୋକଙ୍କ ପକ୍ଷରୁ ଥାନାରେ କୌଣସି ପ୍ରକାରର ଆନୁଷ୍ଠାନିକ କିମ୍ବା ଲିଖିତ ଅଭିଯୋଗ କରାଯାଇ ନାହିଁ, ଯାହାକୁ ନେଇ ଚର୍ଚ୍ଚା ଜୋର ଧରିଛି । ଡିସିପି ଶ୍ରୀ ଦ୍ୟାନଦେଓ ଏହି ପ୍ରସଙ୍ଗରେ ସ୍ପଷ୍ଟ କରିଛନ୍ତି ଯେ, ପୁଲିସ ମାମଲାର ପ୍ରତ୍ୟେକଟି ଛୋଟରୁ ଛୋଟ ଦିଗ ଏବଂ ସମସ୍ତ ବିଷୟକୁ ନେଇ ଅତି ସୂକ୍ଷ୍ମ ଭାବେ ତଦନ୍ତ ଚଳାଇଛି । ଲ୍ୟାବ୍‌ରୁ ଫରେନ୍ସିକ ରିପୋର୍ଟ ଆସିବା ଏବଂ ସମସ୍ତ ପ୍ରକାରର ଯାଞ୍ଚ ପ୍ରକ୍ରିୟା ଶେଷ ହେବା ପରେ ହିଁ ଏକ ନିର୍ଦ୍ଦିଷ୍ଟ ନିର୍ଯାସ ବାହାରିବ । ସେହି ଚୂଡ଼ାନ୍ତ ନିର୍ଯାସ ଏବଂ ବୈଷୟିକ ପ୍ରମାଣ ଆଧାରରେ ହିଁ ପୁଲିସ ଆଗାମୀ ଦିନରେ ତାର ପରବର୍ତ୍ତୀ ଦୃଢ଼ ଆଇନଗତ ପଦକ୍ଷେପ ଗ୍ରହଣ କରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ବର୍ତ୍ତମାନ ସମଗ୍ର କମିଶନରେଟ୍ ପୁଲିସ ଏହି ଫରେନ୍ସିକ ରିପୋର୍ଟ ଏବଂ ସୋସିଆଲ ମିଡିଆ ଆନାଲିସିସକୁ ଅପେକ୍ଷା କରିଛି, ଯାହା ବିଉଟିଙ୍କ ମୃତ୍ୟୁର ରହସ୍ୟ ଉପରୁ ପରଦା ହଟାଇବାରେ ସବୁଠାରୁ ବଡ଼ ମାଧ୍ୟମ ସାଜିବ ବୋଲି କୁହାଯାଉଛି । ଏସ୍‌ସିବିରୁ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବାକୁ ପୁଲିସ ଅପେକ୍ଷା କରିଥିବା ବେଳେ ଏହି ଘଟଣାରେ ଯାହାର ସମ୍ପୃକ୍ତି ମିଳିବ ତାକୁ କଠୋର ଦଣ୍ଡ ଦିଆଯିବ ବୋଲି ଡିସିପି ଶ୍ରୀ ଦ୍ୟାନଦେଓ କହିଛନ୍ତି ।

## ଚନ୍ଦ୍ରିକା ମୃତ୍ୟୁ ମାମଲାରେ ଜାମିନ ପାଇଁ ହାଇକୋର୍ଟରେ ଭୀମସେନ

କଟକ,(ସବ୍ୟୁ): ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମଙ୍କ ମୃତ୍ୟୁ ଘଟଣାରେ ଗିରଫ ହୋଇଥିବା ତାଙ୍କର ପୁରୁଷ ବନ୍ଧୁ ଭୀମସେନ ପ୍ରସାଦ ଟୁଡୁ ହାଇକୋର୍ଟରେ ଜାମିନ ଆବେଦନ କରିଛନ୍ତି। ଗତ ଜୁଲାଇ ୧ରେ କଟକ ଅତିରିକ୍ତ ଦୌରା ଜଜ ତଥା ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଶ୍ରୀ ଟୁଡୁଙ୍କ ଜାମିନ ଆବେଦନକୁ ଖାରଜ କରିଥିଲେ। ଏହି ନିର୍ଦ୍ଦେଶ ବିରୋଧରେ ସେ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପ୍ରକାଶଥାଉକି ଚନ୍ଦ୍ରିକାଙ୍କ ମୃତ ଦେହ କାଠଯୋଡି କୂଳରୁ ମିଳିବା ପରେ ଗତ ଜୁନ ୪ରେ ବାରଙ୍ଗ ଥାନାରେ ଚନ୍ଦ୍ରିକାଙ୍କ ପରିବାର ତରଫରୁ ଏତଲା ଦିଆଯାଇଥିଲା। ବାରଙ୍ଗ ଥାନା ପୁଲିସ ମାମଲା ରୁଜୁ କରିବା ସହିତ ଅଭିଯୋଗ ଆଧାରରେ ଜୁନ ୧୩ରେ ଶ୍ରୀ ଟୁଡୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଗିରଫ ହେବା ପରେ ଗତ ଜୁନ ୨୭ରେ ଶ୍ରୀ ଟୁଡୁଙ୍କୁ ସରକାରୀ ଚାକିରିରୁ ବହିଷ୍କାର କରାଯାଇଥିଲା। ସେ ଓଡ଼ିଶା ଟାକ୍ସେସନ ଓ ଆକାଉଣ୍ଟସ ସର୍ଭିସର ଅଧିକାରୀ ଭାବେ ନିଯୁକ୍ତି ପାଇ କାର୍ଯ୍ୟରତ ଥିଲେ।

## ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଅଧୀନରେ ୪୯୪ ଟି ସହରାଞ୍ଚଳ ବିକାଶ ପ୍ରକଳ୍ପର ଶୁଭାରମ୍ଭ

# ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ନାମରେ ଓଡ଼ିଶାର ୭ଟି ପାର୍କ ଓ ରାସ୍ତା ଉତ୍ସର୍ଗୀକୃତ

ପୁରୀ, (ସବ୍ୟୁ): ଓଡ଼ିଶାର ସହରଗୁଡ଼ିକରେ ସହରାଞ୍ଚଳ ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ନାଗରିକଙ୍କ ଜୀବନଧାରଣର ମାନରେ ସୁଧାର ଆଣିବା ଦିଗରେ ଏକ ବଡ଼ ପଦକ୍ଷେପ ସ୍ୱରୂପ ଗୃହନିର୍ମାଣ ଓ ନଗର ଉନ୍ନୟନ ଏବଂ ସରକାରୀ ଉଦ୍ୟୋଗ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଆଜି 'ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା' ଅଧୀନରେ ୩୭ଟି ପୌରାଞ୍ଚଳରେ ୪୯୪ଟି ନଗର ଉନ୍ନୟନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ପୁରୀ ଜିଲ୍ଲା ଓସୱାନ ହଲ୍‌ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏହି ସମସ୍ତ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି। ଏହି ପଦକ୍ଷେପ ଉନ୍ନତ ସହରାଞ୍ଚଳ ଭିତ୍ତିଭୂମି ନିର୍ମାଣ, ନାଗରିକ ସୁବିଧା ସୁଯୋଗର ବିକାଶ ଏବଂ ରାଜ୍ୟର ସହରାଞ୍ଚଳଗୁଡ଼ିକରେ ସ୍ଥାୟୀ ତଥା ନାଗରିକ-କେନ୍ଦ୍ରିକ ବିକାଶ ସୁନିଶ୍ଚିତ କରିବା ଦିଗରେ ରାଜ୍ୟ ସରକାରଙ୍କ ନିରନ୍ତର ପ୍ରୟାସକୁ ପ୍ରତିଫଳିତ କରୁଛି। ଏହି ଅବସରରେ, ଦେଶ ଗଠନରେ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଅବଦାନ ଓ ସ୍ମୃତିକୁ ସମ୍ମାନ ଜଣାଇ ରାଜ୍ୟର ୭ଟି




ପାର୍କ ଏବଂ ରାସ୍ତାକୁ ତାଙ୍କ ନାମରେ ଉତ୍ସର୍ଗ କରାଯାଇଛି। ମନ୍ତ୍ରୀଙ୍କ ଦ୍ୱାରା ଏହି ୪୯୪ଟି ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ ସହିତ ସେହି ୭ଟି ପାର୍କ ଏବଂ ରାସ୍ତାର ନାମକରଣ କରାଯାଇଥିଲା। ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ନାମରେ ନାମିତ ହୋଇଥିବା ପ୍ରକଳ୍ପଗୁଡ଼ିକ ମଧ୍ୟରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ନିକଟସ୍ଥ ବେହେରା ସାହି ରାସ୍ତାର ଉନ୍ନତିକରଣ, ବାରିପଦାର ଫରେଷ୍ଟ କଲୋନୀ ପାର୍କ, କଟକର ଟାଉନ ହଲ୍ ନିକଟସ୍ଥ ପାର୍କ, ବ୍ରହ୍ମପୁର ନୀଳକଣ୍ଠ ନଗରର ପ୍ରେମ ନଗରରୁ ମାଙ୍ଗୋ ମାର୍କେଟ ପର୍ଯ୍ୟନ୍ତ ସଂଯୋଗୀକରଣ ରାସ୍ତା, ରାଉରକେଲାର ସିଭିଲ୍ ଟାଉନସିପ୍ ପାର୍କ, ଢେଙ୍କାନାଳର ବସ୍ ଷ୍ଟାଣ୍ଡରୁ କୋର୍ଟ ଛକ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତା ଏବଂ ଜଟଣୀର ସରସ୍ୱତୀ ଶିଶୁ ମନ୍ଦିରରୁ ଶ୍ରୀହରି ବିହାର ପର୍ଯ୍ୟନ୍ତ ରାସ୍ତା ସାମିଲ ରହିଛି।

ଏହି ସମାବେଶକୁ ସମ୍ବୋଧିତ କରି ଡା କୃଷ୍ଣଚନ୍ଦ୍ର ମହାପାତ୍ର ଯୋଜନାବଦ୍ଧ ସହରାଞ୍ଚଳ ବିକାଶକୁ ତ୍ୱରାନ୍ୱିତ କରିବା ଏବଂ ସମସ୍ତ ସହରାଞ୍ଚଳର ନାଗରିକମାନଙ୍କ ପାଖରେ ଉନ୍ନତ ଭିତ୍ତିଭୂମି ଓ ନାଗରିକ ସୁବିଧା ସୁଯୋଗ ପହଞ୍ଚାଇବା ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେ କହିଛନ୍ତି ଯେ, ସ୍ଥାନୀୟ ଭିତ୍ତିଭୂମିର ଆବଶ୍ୟକତା ପୂରଣ କରିବା ଏବଂ ସହରାଞ୍ଚଳରେ ଉନ୍ନତ ଜନସାଧାରଣଙ୍କ ସୁବିଧା ସୁଯୋଗ ସୃଷ୍ଟି କରିବାରେ 'ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା' ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ନାଗରିକଙ୍କ ଆବଶ୍ୟକତା ଓ ପ୍ରାଥମିକତା ଆଧାରରେ ଏହି ବିକାଶମୂଳକ ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ଓଡ଼ିଶାର ସହରଗୁଡ଼ିକୁ ଅଧିକ ବାସୋପଯୋଗୀ, ସମାବେଶୀ ଏବଂ ସ୍ଥାୟୀ କରିବାରେ ସହାୟକ ହେବ ବୋଲି ସେ ପ୍ରକାଶ କରିଛନ୍ତି।

ଏଥିସହ ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ସମସ୍ତ ପୌରସଂସ୍ଥାଗୁଡ଼ିକୁ ପ୍ରସ୍ତୁତ ରହିବାକୁ କହିଥିଲେ। ଏହି କାର୍ଯ୍ୟକ୍ରମରେ ସାଂସଦ, ବିଧାୟକ ଓ ବିଭିନ୍ନ ପୌରସଂସ୍ଥାର ଅଧକ୍ଷ ଆଭାସି ମାଧ୍ୟମରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଏହା ପରେ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଅଧୀନରେ ସହରାଞ୍ଚଳ ବିକାଶର ସଫଳତାକୁ ନେଇ ଏକ ଭିଡିଓ ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ମନ୍ତ୍ରୀ ଡା ମହାପାତ୍ର ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଯୋଜନାର ରୂପରେଖ ଓ ସହରାଞ୍ଚଳ ବିକାଶ ସମ୍ପର୍କରେ ସୂଚନା ଦେଇଥିଲେ। ପୁରୀ ୨ ହଜାର ସଂଖ୍ୟା ବିଶିଷ୍ଟ ଏକ ବହୁମୁଖୀ ଅଡିଟୋରିୟମ କରାଯିବା ସହ ଅଠରନଳାର ସୌନ୍ଦର୍ଯ୍ୟ କରଣ କରାଯିବ ବୋଲି ସୂଚନା ଦେଇଥିଲେ। ଶେଷରେ ପୁରୀ ପୌରପାଳିକାର ଯୁଗ୍ମ କମିଶନର ଶ୍ରୀ ଅଭିମନ୍ୟୁ ବେହେରା ଧନ୍ୟବାଦ ଅର୍ପଣ କରିବା ସହ କାର୍ଯ୍ୟକ୍ରମ ସାଙ୍ଗ ହୋଇଥିଲା।

## ଡ଼ଃ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ରାଜ୍ୟ ସ୍ତରୀୟ ଜୟନ୍ତୀ ଉତ୍ସବ

# ଦେଶର ଏକତା ଓ ଅଖଣ୍ଡତାକୁ ବଜାୟ ରଖିବା ଦିଗରେ ଡ଼ଃ ମୁଖାର୍ଜୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ : ସଂସ୍କୃତି ମନ୍ତ୍ରୀ

ଭୁବନେଶ୍ୱର (ସବ୍ୟୁ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଆଜି ଯୋଗଜନ୍ମା ରାଷ୍ଟ୍ରନୀତିଜ୍ଞ ଡ଼ଃ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଜୟନ୍ତୀ ଉତ୍ସବ ଭୁବନେଶ୍ୱର ସ୍ଥିତ ଜୟଦେବ ଭବନ ଠାରେ ଆୟୋଜିତ ହୋଇଯାଇଛି। ଆଜିର କାର୍ଯ୍ୟକ୍ରମକୁ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ନିଜର ଅଭିଭାଷଣରେ ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂରଜ କହିଥିଲେ ଯେ, ଆମ ଦେଶର ଏକତା ଓ ଅଖଣ୍ଡତାକୁ ବଜାୟ ରଖିବା ଦିଗରେ ଡ଼ଃ ଶ୍ୟାମା ପ୍ରସାଦ ମୁଖାର୍ଜୀ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ଜଣେ ସୁବକ୍ତା ଓ ସମାଜ ସଂସ୍କାରକ ଭାବେ ଡ଼ଃ ମୁଖାର୍ଜୀ ସୁପରିଚିତ। ଜଣେ ବିଶିଷ୍ଟ ରାଷ୍ଟ୍ରନୀତିଜ୍ଞ ଓ ରାଜନେତା ଭାବେ ସେ ଦେଶପାଇଁ ସର୍ବସ୍ୱ ତ୍ୟାଗ କରିଛନ୍ତି। ଡ଼ଃ ମୁଖାର୍ଜୀଙ୍କ ମୂଲ୍ୟବୋଧ ରାଜନୀତି ସମସ୍ତ ରାଜନେତାମାନଙ୍କୁ ପ୍ରେରିତ କରିଛି। ଡ଼ଃ ମୁଖାର୍ଜୀ ଆମ ସମସ୍ତଙ୍କ ପାଇଁ ଆଦର୍ଶ ଏବଂ ତାଙ୍କ ଆଦର୍ଶରେ ଆଜି ଦେଶର ଲକ୍ଷ ଲକ୍ଷ ଲୋକ ଅନୁପ୍ରାଣିତ ହୋଇଛନ୍ତି ବୋଲି ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂରଜ ମତପ୍ରକାଶ କରିଥିଲେ। ବିଶିଷ୍ଟ ସାହିତ୍ୟିକ ତଥା ସମାଜସେବୀ ଶ୍ରୀ ମୁକୁଳ



କାନିତ୍‌କର ଆଜିର କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗ ଦେଇ କହିଥିଲେ ଯେ, ଡ଼ଃ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଚିନ୍ତା ଓ ଚେତନା ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ। ଜଣେ ଯୁଗସ୍ରଷ୍ଟା ଓ ସ୍ୱପ୍ନଦ୍ରଷ୍ଟା ଭାବେ ଡ଼ଃ ମୁଖାର୍ଜୀଙ୍କ ଅଖଣ୍ଡ ଓ ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବା ପାଇଁ ଆମେ ସମସ୍ତେ ପ୍ରତିଶ୍ରୁତିବଦ୍ଧ ବୋଲି ଶ୍ରୀ ମୁକୁଳ କାନିତ୍‌କର ମତପ୍ରକାଶ କରିଥିଲେ। ଏଥିସହ ଶ୍ରୀ କାନିତ୍‌କର ଡ଼ଃ ମୁଖାର୍ଜୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଆଜିର କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ବାବୁ ସିଂ, ବିଶିଷ୍ଟ ସାହିତ୍ୟିକ ଶ୍ରୀ ସୁଦର୍ଶନ ନାୟକ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଡ଼. ବିଜୟ କେତନ ଉପାଧ୍ୟାୟ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ଼. ଚନ୍ଦ୍ର ଶେଖର ହୋତା ଆଜିର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ରେଳ ଷ୍ଟେସନ ଓ ମନ୍ଦିର ପାର୍ଶ୍ୱରେ

# ବିଦେଶୀ ମଦ ଦୋକାନ ଖୋଲାକୁ ନେଇ ସାଧାରଣରେ ଅସନ୍ତୋଷ

ଜଟଣୀ, (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲାରେ ୨୦୨୬-୨୭ଆର୍ଥିକ ବର୍ଷ ପାଇଁ ଗତ ମାସରେ ମଦଦୋକାନର ଲଟେରୀ ଉଠାଣ ସମ୍ପନ୍ନ ହୋଇଥିବା ବେଳେ ଏଥିରେ ଏହି ମଦଦୋକାନ ମଧ୍ୟରୁ ୨ ଟି ଜଟଣୀ ସହରାଞ୍ଚଳରେ ଅବସ୍ଥିତ ଥିବା ବେଳେ ସେମାନଙ୍କ ମଧ୍ୟରୁ ଅନେକ ଦୋକାନ ନିଜସ୍ୱ ଜମିରେ ନୁହେଁ ବରଂ ରେଳବାଇ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଜମି ଉପରେ ରହିଥିବା ଅଭିଯୋଗ ହୋଇଥିବା ବେଳେ ସେସବୁ ସ୍ଥାନରେ ପ୍ରଶାସନିକ ଅନୁମତି କିଭଳି ଦିଆଯାଇଛି ବା ଜାଣି ନଜାଣିଲା ଭଳି ଅଭିନୟ କରିଛନ୍ତି ତାହାକୁ ନେଇ ସୃଷ୍ଟି ହୋଇଛି ପ୍ରଶ୍ନବାଚୀ। ତେବେ ଅଭିଯୋଗ ଅନୁଯାୟୀ, ପୂର୍ବରୁ ରେଳବାଇ ଗୋଲେଇ ମାର୍କେଟରେ ଚାଲୁଥିବା ବିଦେଶୀମଦ ଦୋକାନଟିର ମୂଳ ଠିକଣା କିନ୍ତୁ ବଡବଜାରରେ ତେବେ ବର୍ତ୍ତମାନ ଗୋଲେଇ ମାର୍କେଟରେ ଦୋକାନ ଚଳାଉଥିବା ମାଲିକଙ୍କ ମାଲିକାନା ଯିବା ପରେ ନୂଆ ପାଇଥିବା ଦୋକାନୀ ମଦ ଦୋକାନଟି ସେହି ମାର୍କେଟର ରେଳ ଷ୍ଟେସନକୁ ଲାଗି ଥିବା ଏକ ହୋଟେଲ ଯାହାକି ରେଳବାଇ ଜମିଉପରେ ଅବସ୍ଥାପିତ ଥିଲା ଏବଂ ରେଳ ପ୍ରଶାସନିକ ଅନୁମତି ପାଇ ଖୋଲିଥିଲା ସେହି ସ୍ଥାନରେ କାହା ଅନୁମତିରେ ଖୋଲିବାକୁ ଯାଉଅଛି ତାକୁ ନେଇ ବୁଦ୍ଧିଜୀବୀ ମହଲରେ ହଟଚମଟ ସୃଷ୍ଟି କରିଛି କ୍ଷ ସେହିପରି ରାଜାବଜାରରେ ଥିବା ମଦ ଦୋକାନର ମାଲିକାନା ପରିବର୍ତ୍ତନ ହେବାପରେ ସୀତାରାମ ଛକ ଠାରେ ଥିବା ସ୍ୱପ୍ନେଶ୍ୱର ମହାଦେବଙ୍କ ମନ୍ଦିରକୁ ଲାଗିକି ଥିବା ଏକ ଫଳ ଦୋକାନକୁ ବନ୍ଦ କରାଇ ରାତାରାତି ସେଠାରେ ନୂଆ ଦୋକାନ ପାଇଁ ଲାଇସେନ୍ସ ହାତେଇଥିବା ବ୍ୟକ୍ତି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନାମରେ ଥିବା ଜମିରେ କିଭଳି ଭାବେ ଏଠାରେ ଏକ ପ୍ରମୁଖ ଜନଗହଳି ପୂର୍ଣ୍ଣ ମୁଖ୍ୟ ରାସ୍ତାରେ ଦୋକାନ ପାଇଁ ଅନୁମତି ପାଇଲେ ତାହା ସାଧାରଣରେ ଅଭିଯୋଗ ଉଠିଛି।ତେବେ ଏହି ଅଭିଯୋଗଗୁଡ଼ିକ ଆଧାରରେ ଉକ୍ତ ଦୋକାନ ଗୁଡ଼ିକର ବୈଧତା, ଲିଜ୍ ବ୍ୟବସ୍ଥା ଏବଂ ପ୍ରଶାସନିକ ଅନୁମତିର ସ୍ୱଚ୍ଛତାକୁ ନେଇ ସାଧାରଣରେ ପ୍ରଶ୍ନଉଠୁଛି। ଏନେଇ ଜିଲ୍ଲା ଅବକାରୀ ସୁପରିଟେଣ୍ଡେଣ୍ଟ ଙ୍କୁ ଫୋନ ମାଧ୍ୟମରେ ଯୋଗାଯୋଗ କରି ଜାଣିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାଙ୍କ ପକ୍ଷରୁ କୌଣସି ସନ୍ତୁଷ୍ଟ ଜନକ ସ୍ପଷ୍ଟୀକରଣ ଦିଆ ଯାଇନଥିବା ବେଳେ ସେ କହିଥିଲେ ଏ ସଂକ୍ରାନ୍ତରେ ଜଟଣୀର ବିଭିନ୍ନ ସ୍ଥାନରେ ବେଆଇନ ଭାବେ ମଦ ଦୋକାନ ସ୍ଥାପନ କରାଯାଇଥିବାରୁ ଏ ନେଇ ଜନସାଧାରଣ ମାନେ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ନିକଟରେ ଦୃଢ଼ ଦାବୀ ଜଣାଇଛନ୍ତି କ୍ଷ ଜଟଣୀ ଅବକାରୀ ଅଧିକାରୀଙ୍କ କାର୍ଯ୍ୟକଳାପକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅତଏବ ଏଥିପ୍ରତି ଖୋରଧା ଜିଲ୍ଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ କରାଯାଇଛି।

## ବନମହୋତ୍ସବରେ ୭ଟି ଅନୁଷ୍ଠାନକୁ ପ୍ରକୃତିମିତ୍ର ସମ୍ମାନ

ଚୌଦ୍ୱାର,(ସ.ବ୍ୟୁ.): ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଅନ୍ତର୍ଗତ ବାଣିପଦା ପଂଚାୟତରେ ଥିବା ବାଲୁଙ୍କେଶ୍ୱର ବିଦ୍ୟାପୀଠରେ କଟକ ଜିଲ୍ଲାସ୍ତରୀୟ ୭୭ତମ ବନମହୋତ୍ସବ ପାଳିତ ହୋଇଯାଇଛି । ଡାଳିଯୋଡ଼ା ରେଂଜର ସଚ୍ଚିଦାନନ୍ଦ ସୁବୁଦ୍ଧିରାୟଙ୍କ ପୌରୋହିତ୍ୟରେ ଆୟୋଜିତ ଚୌଦ୍ୱାର-କଟକ ବିଧାୟକ ସୌଭିକ୍‌ବିଶ୍ୱାଳ ମୁଖ୍ୟଅତିଥି, ଡିଏଫ୍‌ଓ ଅନିଲ କୁମାର ମୁଖ୍ୟବକ୍ତା, ଟିପିସିଓଡିଏଲ ଏସ୍‌ଡିଓ ବିଶ୍ୱରଞ୍ଜନ ଦେହୁରୀ, ଜିଲ୍ଲାପରିଷଦ ସଭ୍ୟା ଜ୍ୟୋତ୍ସ୍ନାରାଣୀ ସୁବୁଦ୍ଧିରାୟ, ସ୍ଥାନୀୟ ସରପଂଚ ଦିଲ୍ଲୀପ ଭୋଇ, ସମିତି ସଭ୍ୟ ସୁରେନ୍ଦ୍ର ସାମଲ, ଏସିଏଫ୍ ପ୍ରମୋଦ କୁମାର ସେଠୀ, ରବିନାରାୟଣ ମହାନ୍ତି ସମ୍ମାନିତ ପ୍ରମୁଖ ଯୋଗ ଦେଇଥିଲେ । ଏହା ସହ ବିଦ୍ୟାଳୟ ପରିସରରେ ଅତିଥିମାନଙ୍କ ଦ୍ୱାରା ବିଭିନ୍ନ କିସମର ଫଳ ଚାରା ରୋପଣକରାଯାଇଥିଲା । ଚଳିତ ବର୍ଷ ୫୦ଲକ୍ଷରୁ ଉର୍ଦ୍ଧ୍ୱ ଚାରା ରୋପଣ କରାଯିବା ନେଇ ବନବିଭାଗ ଅଧିକାରୀ ଶ୍ରୀ ସୁବୁଦ୍ଧିରାୟ ପ୍ରକାଶକ ରିଛନ୍ତି ।

# ମହାପ୍ରଭୁଙ୍କ ସେବାରେ ସର୍ବକନିଷ୍ଠ ଦଇତାପତି ଶ୍ରୀଅଂଶ

ପୁରୀ, (ସବ୍ୟୁ) : କୋଟି ବ୍ରହ୍ମାଣ୍ଡର ଠାକୁରଙ୍କ ସେବାରେ ଏବେ ସର୍ବକନିଷ୍ଠ ଦଇତାପତି ଶ୍ରୀଅଂଶ ଦାସ ମହାପାତ୍ର । ବୟସ ୬ ମାସ ୨୧ଦିନ । ମହାପ୍ରଭୁ ସ୍ନାନବେଦୀରେ ସ୍ନାନ କରିବା ପରେ ଏବେ ଅସୁସ୍ଥ ହୋଇ ଅଣସରରେ ଅବସ୍ଥାନ କରିଛନ୍ତି କ୍ଷ ତାଙ୍କର ସୁସ୍ଥତା ପାଇଁ ଦଇତାପତି ସେବକଙ୍କ ଦ୍ୱାରା ଗୁପ୍ତ ସେବା ଜାରୀ ରହିଛି । ଏହି ସେବା ଅତି ଗୋପନୀୟ କ୍ଷ ଏହି ଅବସରରେ ମହାପ୍ରଭୁଙ୍କ ଅଣସର ସେବାରୁ ସେବା ଆରମ୍ଭ କରିଛନ୍ତି ସର୍ବକନିଷ୍ଠ ଦଇତାପତି ଶ୍ରୀଅଂଶ । ଶ୍ରୀଅଂଶ ହେଉଛନ୍ତି ଦୋଳମଣ୍ଡପସାହିର ଭବାନୀ ପ୍ରସାଦ ଦାସ ମହାପାତ୍ରଙ୍କ ସାନଭାଇ ଶିବାନୀ ପ୍ରସାଦ ଦାସ ମହାପାତ୍ରଙ୍କ ପୁଅ । ଅଣସର ପିଣ୍ଡିରେ ବିଜେ ଶ୍ରୀଜିଉଙ୍କୁ ପାଉଣା ଭେଟି ଦେବା ସହ ଚକଟା ଭୋଗ ସେବନ କରି ସର୍ବକନିଷ୍ଠ ଦଇତାପତି ସେବକର ମାନ୍ୟତା ପାଇଛନ୍ତି । ଶ୍ରୀଅଂଶ ମକୁଟା ପିନ୍ଧି ଦଇତାପତିଙ୍କ ବେଶରେ ଶ୍ରୀମନ୍ଦିରରେ ପ୍ରବେଶ ପରେ ଅଣସର ଟାଟି ଦେଇ ଅଣସର ପିଣ୍ଡିରେ ବିଜେ ଠାକୁରଙ୍କ ନିକଟକୁ ଯାଇଥିଲେ । ସେଠାରେ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ନିଜ ହାତରେ ପାଉଣା ଭେଟି ଦେଇ ସେବା ସ୍ୱୀକାର କରିଥିଲେ।



ମହପ୍ରଭୁ ଅଣସର ଘରେ ଜ୍ୱରରେ ଅସୁସ୍ଥ ଥିବାରୁ ଗୁପ୍ତ ସେବା କରିବେ ସର୍ବକନିଷ୍ଠ ଦଇତାପତି ଶ୍ରୀଅଂଶ । ଦଇତାକୂଳର ପରମ୍ପରା ଅନୁଯାୟୀ ଜନ୍ମ ହେବାର ୨୧ ଦିନ ପରେ ଦଇତା ଭାବେ ଗଣତି ହେବା ସହ ଅଣସର ଘରେ ମହାପ୍ରଭୁଙ୍କ ସେବା କରିଥାନ୍ତି। ଅଣସରର ପଞ୍ଚମୀ ତିଥି ଅର୍ଥାତ୍ ଫୁଲୁରି ତେଲ ଲାଗି ପରଦିନ ଠାରୁ ଏହି କୁନି ଦଇତାପତି ମାନେ ମହାପ୍ରଭୁଙ୍କ ଗୁପ୍ତ ସେବାରେ ଯୋଗ ଦେଇଥାନ୍ତି। ଏତେ କମ୍ ବୟସରେ ମହାପ୍ରଭୁଙ୍କ ସେବା ପୂଜା, ନିତୀକାନ୍ତି ବିଷୟରେ ଶ୍ରୀଅଂଶ ଅଜ୍ଞ ଥିଲେ ମଧ୍ୟ ଭବିଷ୍ୟତରେ ସମର୍ପଣ ମନଭାବ ନେଇ ମହାପ୍ରଭୁଙ୍କ ସେବା କରିବେ ବୋଲି କହିଛନ୍ତି ତାଙ୍କ ବଡବାପା ଭବାନୀ ପ୍ରସାଦ ଦାସ ମହାପାତ୍ର।

## ଜିଲ୍ଲା ଯୁବମୋର୍ଚ୍ଚାର ଛାତ୍ର ସମ୍ମିଳନୀ

କଟକ, (ସବ୍ୟୁ):ଭାରତୀୟ ଜନତା ପାର୍ଟି କଟକ ଜିଲ୍ଲା ଯୁବ ମୋର୍ଚ୍ଚା ଡକ୍ଟର ଶ୍ୟାମା ପ୍ରସାଦ ମୂଖାର୍ଜୀ ସ୍ମୃତି ପକ୍ଷ ଉପଲକ୍ଷେ ' ଛାତ୍ର ସମ୍ମିଳନୀ ' ସାରଳା ଭବନ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ସମ୍ମିଳନୀରେ ବିଭିନ୍ନ କଲେଜ ର ଛାତ୍ର ,ଛାତ୍ରୀ ମାନେ ଯୋଗ ଦେଇ ଥିଲେ। ଯୁବ ନେତା ମନୋଜୀତ ଦାସ ସଭାପରି ଚାଳନା କରିଥିଲେ। ଜିଲ୍ଲା ବିଜେପି ସଭାପତି ଶ୍ରୀ ସୁକାନ୍ତ ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ବକ୍ତା କଟକ ଜିଲ୍ଲା ସାଂସଦ ଶ୍ରୀଯୁକ୍ତ ଭର୍ତ୍ତୃହରି ମହତାବ ଯୋଗ ଦେଇ ଡକ୍ଟର ଶ୍ୟାମା ପ୍ରସାଦ ମୂଖାର୍ଜୀ ଅନୁଶାସନ କୁ ପ୍ରେରଣା ସହିତ ଅନୁସରଣ କରିବାକୁ କହିଥିଲେ। ମୁଖ୍ୟ ଅତିଥି ରାଜ୍ୟ ସଭା ସାଂସଦ, ରାଜ୍ୟ ବିଜେପି ସଭାପତି ଶ୍ରୀଯୁକ୍ତ ମନମୋହନ ସାମଲ ଡକ୍ଟର ଶ୍ୟାମା ପ୍ରସାଦ ମୂଖାର୍ଜୀ ଙ୍କୁ ଭାରତକୁ ଅବଦାନ ବିଷୟରେ କହିଥିଲେ। ଏହି ସମ୍ମିଳନୀରେ କଟକ ସଦର ବିଧାୟକ ଶ୍ରୀ ପ୍ରକାଶ ସେଠୀ, ରାଜ୍ୟ ବିଜେପି ସମ୍ପାଦକ ସରୋଜ କର, ବରିଷ୍ଠ ବିଜେପି ନେତା ନୟନ କିଶୋର ମହାନ୍ତି, ଇଞ୍ଜିନିୟର ଝାଦେବ ବେଉରା,ଯୁବମୋର୍ଚ୍ଚା ରାଜ୍ୟ ସଂଯୋଜକ ସୌମ୍ୟଜିତ ମହାପାତ୍ର, ଆଶୁତୋଷ ଦାସ, ସିମ୍ରନ୍ ରାଜପୁତ ମଞ୍ଚ ରେ ଉପସ୍ଥିତ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବିନୋଦ ଦାଶ, ଲକ୍ଷ୍ମୀଧର ପ୍ରଧାନ, ଓମ୍ ରାୟ, ଜଗନ୍ନାଥ ପରିଡ଼ା, ଦେବୁ ଘୋଷ, ବିଶ୍ୱରଂଜନ ମିଶ୍ର, ଭାଗିରଥୀ ଦଳେଇ ଉପଚିତ ଥିଲେ। ଯୁବ ନେତା ଅଭିରାମ ଲେଙ୍କା ଧନ୍ୟବାଦ୍ ଜଣାଇଥିଲେ।

# କୁଆଡେ ଗଲେ ଡ୍ରେନ୍‌ରେ ଭାସିଯାଇଥିବା ଅନୀଲ

ଭୁବନେଶ୍ୱର, (ସବ୍ୟୁ) : ଡ୍ରେନ୍‌ରେ ଭାସିଯାଇଥିବା ଅନୀଲ ସିଂ କୁଆଡେ ଗଲେ । କୁଆଡେ ଡ୍ରେନ୍ ପାଣି ଭିତରେ ଭାସିଗଲେ ନା ଡ୍ରେନ୍ ପାଖରେ ଗଦା ହୋଇଥିବା ବିଶାଳ ଅଳିଆଗଦା ଭିତରେ କେଉଁଠି ତାଙ୍କ ମରଶରୀର ଲୁଚି ରହିଛି ତାହା ବି ସ୍ପଷ୍ଟ ହୋଇନାହିଁ । ଦୀର୍ଘ ୫୦ଘଣ୍ଟାରୁ ଉର୍ଦ୍ଧ୍ୱର୍ ସମୟ ଅଗ୍ନିଶମ ବାହିନୀ ଓ ଓଡ୍ରାଫ୍ ପୋଲିସ ଉପସ୍ଥିତିରେ ଖୋଜଖବର କରିଥିଲେ ମଧ୍ୟ କିଛି ସନ୍ଧାନ ମିଳିନାହିଁ । ଦୁଇଦିନ ତଳେ ବାଣୀବିହାର ନିକଟ ୪ ନମ୍ବର ଡ୍ରେନ୍‌ରେ ବୋତଲ ଓ ଜରି ଗୋଟାଉଥିଲେ ତିନିଜଣ ଯୁବକ । ସେହି ଅଳିଆଗଦା ପାଶ୍ୱର୍ରେ ତାଙ୍କ ଗୋଡ ଖସିଯିବାରୁ ଡ୍ରେନ୍ ପାଣି ସ୍ରୋତରେ ସେ ଭାସିଯାଇଥିଲେ । ସାଙ୍ଗରେ ଥିବା ଦୁଇ ବନ୍ଧୁ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରି ବିଫଳ ହେବା ପରେ ପଥରବନ୍ଧ ବସ୍ତିକୁ ଜଣାଇଥିଲେ । କାରଣ ଅନୀଲ ସିଂଙ୍କ ଘର କେନ୍ଦୁଝର ଜିଲ୍ଲାରେ ହୋଇଥିବା ବେଳେ ସେ ପଥରବନ୍ଧ ବସ୍ତିରେ ରହୁଥିଲେ । ସେଠାରୁ ଅଳିଆଗଦାକୁ ତିନିଜଣ ସାଙ୍ଗ ହୋଇ ଆସିଥିଲେ । କେତେକଙ୍କ କହିବା କଥା ହୁଏତ ଅନୀଲ ୪ ନମ୍ବର ଡ୍ରେନ୍‌ରେ ଭାସିଯାଇ ଭିଏସ୍‌ଏସ୍‌ନଗର ମୁଖ୍ୟ ଡ୍ରେନ୍‌କୁ ଯିବା ପରେ ଗଙ୍ଗୁଆ ନାଳକୁ ଚାଲିଯାଇ ଥାଇପାରନ୍ତି । ଓଡ୍ରାଫ୍ ଓ ଅଗ୍ନିଶମ ବାହିନୀ ପାଖରେ ଉଦ୍ଧାର କାର୍ଯ୍ୟକୁ ନେଇ ଅସମ୍ଭବକୁ ସମ୍ଭବ କଲାଭଳି କ୍ଷମତା ସେମାନଙ୍କ ପାଖରେ ରହିଛି । ହେଲେ ୫୦ଘଣ୍ଟାରୁ ଉର୍ଦ୍ଧ୍ୱର୍ ସମୟ ଖୋଜଖବର କରି ବିଫଳ ହେବାକୁ ନେଇ ସାଧାରଣରେ ଚର୍ଚ୍ଚା ହେଉଛି । ବାସ୍ତବରେ ଅନୀଲ ଗଲେ କୁଆଡେ । ପଥରବନ୍ଧ ବସ୍ତିରେ ମଧ ୨/୩ଦିନ ହେବ ସେ ଭାସିଯିବାକୁ ନେଇ ଆଲୋଚନା ହେଉଛି । ଭୁବନେଶ୍ୱର ସବୁ ଲୋକଙ୍କ ମନରେ ଗୋଟିଏ ପ୍ରଶ୍ନ ଅନୀଲ ଗଲେ କୁଆଡେ ?

## ରଥଯାତ୍ରା ଲାଗି ପାନୀୟ ଜଳ ବ୍ୟବସ୍ଥାର ସମୀକ୍ଷା

# ୨୪ ଘଣ୍ଟା କାର୍ଯ୍ୟ କରିବ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ୍

ଭୁବନେଶ୍ୱର(ସବ୍ୟୁ): ଆଗାମୀ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଓ ଏଥିପାଇଁ ପୁରୀକୁ ଆସିବାକୁ ଥିବା ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର ସୋମବାର ଫିଲେଫ୍ରସନ୍‌ୟୁନିଟ୍, ଯନ୍ତ୍ରପାତି ସ୍ଥାପନ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଭିତ୍ତିଭୂମିର ଅଗ୍ରଗତି ପରିଦର୍ଶନ କରିଥିଲେ । ପୁରୀ ସହରର ବର୍ତ୍ତମାନ ଓ ଭବିଷ୍ୟତର ଜଳ ଆବଶ୍ୟକତା ପୂରଣ ଦିଗରେ ଏହି ପ୍ରକଳ୍ପର ଗୁରୁତ୍ୱ ଉପରେ ଆଲୋକପାତ ଅସ୍ଥାୟୀ ଶିବିର ଏବଂ ସହରର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ୨୪ ଘଣ୍ଟିଆ ଜଳ ଯୋଗାଣ ପାଇଁ କରାଯାଇଥିବା ବ୍ୟବସ୍ଥାର ସମୀକ୍ଷା ମନ୍ତ୍ରୀ ଡଃ ମହାପାତ୍ର କରିଥିଲେ । ଜଳ ଯୋଗାଣ ନେଟୱାର୍କର କ୍ରମାଗତ ନିରୀକ୍ଷଣ




ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ଏକ ବ୍ୟାପକ ସମୀକ୍ଷା କରିବା ସହ ସହରରେ ନିର୍ମାଣାଧୀନ ନୂତନ ୪୨ ଏମଏଲଡି ଜଳ ବିଶୋଧନ ପ୍ଲାଣ୍ଟର କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି । ଉତ୍ସବ ସମୟରେ ନିରବଚ୍ଛିନ୍ନ ଭାବେ ସୁରକ୍ଷିତ ଓ ସ୍ୱଚ୍ଛ ପାନୀୟ ଜଳର ଉପଲବ୍ଧତା ସୁନିଶ୍ଚିତ କରିବା ଏବଂ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ପ୍ରସ୍ତୁତିର ଆକଳନ କରିବା ପାଇଁ ମନ୍ତ୍ରୀ ଡଃ ମହାପାତ୍ର ବରିଷ୍ଠ ଅଧିକାରୀମାନଙ୍କ ସହ ଏକ ସମୀକ୍ଷା ବୈଠକ କରିଥିଲେ । କ୍ଷେତ୍ର ପରିଦର୍ଶନ ସମୟରେ ଡଃ ମହାପାତ୍ର ୪୨ ଏମଏଲଡି ଜଳ ବିଶୋଧନ ପ୍ଲାଣ୍ଟର ପ୍ରମୁଖ ଅଂଶ ଯେପରିକି କ୍ଲାରିଫାୟର୍, କରି ସେ କାର୍ଯ୍ୟକାରୀ ସଂସ୍ଥାଗୁଡ଼ିକୁ ଗୁଣବତ୍ତା ବଜାୟ ରଖିବା ସହ କାମକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ରଥଯାତ୍ରା ସମୟରେ ପୁରୀର ଜନସଂଖ୍ୟା ବହୁଗୁଣିତ ହୋଇଯାଏ । ଶ୍ରଦ୍ଧାଳୁ ଏବଂ ସ୍ଥାନୀୟ ବାସିନ୍ଦାଙ୍କୁ ନିରବଚ୍ଛିନ୍ନ ଭାବେ ସୁରକ୍ଷିତ ପାନୀୟ ଜଳ ଯୋଗାଇବା ଆମର ସର୍ବୋଚ୍ଚ ପ୍ରାଥମିକତା । ଯେକୌଣସି ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ସମସ୍ତ ସଂସ୍ଥା ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବା ଆବଶ୍ୟକ ବୋଲି ମନ୍ତ୍ରୀ ଡଃ ମହାପାତ୍ର କହିଛନ୍ତି ।

ଶ୍ରୀଜଗନ୍ନାଥ ମନ୍ଦିର ଚାରିପାଖ, ସେବାୟତ, ତୀର୍ଥଯାତ୍ରୀଙ୍କ ରହଣିସ୍ଥଳ, କରିବା ସହ ପାୱାର ବ୍ୟାକଅପ୍ ବ୍ୟବସ୍ଥା ଏବଂ ଜରୁରୀକାଳୀନ ପଦକ୍ଷେପ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରଖିବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏକ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ, ଜଳ ଯୋଗାଣରେ କୌଣସି ଅପ୍ରତ୍ୟାଶିତ ବାଧା ଦୂର କରିବା ପାଇଁ ୱାଟକୋ ପକ୍ଷରୁ ଭ୍ରାମ୍ୟମାଣ ପାଣି ଟାଙ୍କି, ଅସ୍ଥାୟୀ ଜଳ ବର୍ଣ୍ଟନ କେନ୍ଦ୍ର ଏବଂ ଜରୁରୀକାଳୀନ ପ୍ରତିକ୍ରିୟା ଦଳକୁ ପ୍ରସ୍ତୁତ ରଖାଯାଇଛି । ତୁରନ୍ତ ସେବା ଏବଂ ନିରବଚ୍ଛିନ୍ନ କାର୍ଯ୍ୟ ସୁନିଶ୍ଚିତ କରିବା ପାଇଁ ରଥଯାତ୍ରା ସମୟରେ ଏକ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ୍ ୨୪ ଘଣ୍ଟା କାର୍ଯ୍ୟ କରିବ ବୋଲି ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି ।

## ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ନିରାକାରପୁର,(ସବ୍ୟୁ) : ଖୋରଧା ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ ଛଣଗିରି ପଞ୍ଚାୟତ ରମାବିଲି ମଝି ସାହିରେ ପୋଖରୀରେ ବୁଡ଼ି ଜଣେ ବୃଦ୍ଧଙ୍କର ମୃତ୍ୟୁ ଘଟିଛି । ମୃତ ବୃଦ୍ଧ ଜଣକ ହେଉଛନ୍ତି ସ୍ଥାନୀୟ ଗ୍ରାମର ବିଶ୍ୱନାଥ ବାରିକ (୬୮) ।ସୋମବାର ଦିପହର ସମୟରେ ବିଶ୍ୱନାଥ ମଧ୍ୟାହ୍ନ ଭୋଜନ ସାରି ଶୌଚ ହେବା ପାଇଁ ସ୍ଥାନୀୟ ନୂଆ ପୋଖରୀକୁ ଯାଇ ଗଭୀର ପାଣିରେ ବୁଡ଼ି ଯାଇଥିଲେ । ଦୀର୍ଘ ସମୟ ଧରି ଘରକୁ ନଫେରିବାରୁ ପରିବାର ଲୋକେ ଖୋଜଖୋଜି ଖୋଜୁ ପୋଖରୀ ହୁଡ଼ାରେ ତାଙ୍କର ଲଗାପଟା ଦେଖିଥିଲେ । ଅଘଟଣ ଆଶଙ୍କା କରି ପରିବାର ପକ୍ଷରୁ ତୁରନ୍ତ ଟାଙ୍ଗୀ ଦମକଳ ବାହିନୀକୁ ଖବର ଦିଆଯାଇଥିଲା । ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ପୋଖରୀ ଭିତରୁ ବୃଦ୍ଧଙ୍କୁ ଅଚେତ ଅବସ୍ଥାରେ ଅପରାହ୍ନରେ ଉଦ୍ଧାର କରିଥିଲେ ।

# ଦେଶରେ ଶ୍ରେଷ୍ଠ ୧୦ ମେଡିକାଲ କଲେଜ ମଧ୍ୟରେ ଏମ୍ସ ଭୁବନେଶ୍ୱର

ଭୁବନେଶ୍ୱର, (ସବ୍ୟୁ): ଉତ୍କର୍ଷତାର ଉଲ୍ଲେଖନୀୟ ଯାତ୍ରା ଜାରି ରଖିବା ସହିତ, ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଏମ୍ସ ଭୁବନେଶ୍ୱର, ପ୍ରତିଷ୍ଠିତ ଇଣ୍ଡିଆ ଟୁଡେ-ଏମଡିଆରଏ ମେଡିକାଲ କଲେଜ ସର୍ଭେ ୨୦୨୬ରେ ସମଗ୍ର ଦେଶରେ୧୦ମ ଶ୍ରେଷ୍ଠ ମେଡିକାଲ କଲେଜ ଭାବେ ସ୍ଥାନ ପାଇଛି । ଏଥିସହିତ ଏହି ପ୍ରତିଷ୍ଠାନ ଦେଶର ଶ୍ରେଷ୍ଠ ଉନ୍ନତ ମେଡିକାଲ କଲେଜ ବର୍ଗରେ ମଧ୍ୟ ଦ୍ୱିତୀୟ ସ୍ଥାନ ହାସଲ କରିଛି । ଯାହାକି ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଏବଂ ମେଡିକାଲ୍ ଶିକ୍ଷା କ୍ଷେତ୍ରରେ ଶ୍ରେଷ୍ଠତାର ଦ୍ରୁତ ବର୍ଦ୍ଧିତ ପ୍ରତିଷ୍ଠାର ପ୍ରମାଣ ଦେଇଛି ।

ଏହି ମାଇଲଖୁଣ୍ଟ ଶିକ୍ଷାଗତ ଉତ୍କର୍ଷତା, ଅତ୍ୟାଧୁନିକ ଗବେଷଣା ଏବଂ ସମର୍ପିତ ରୋଗୀ ସେବା ପ୍ରତି ଏମ୍ସ ଭୁବନେଶ୍ୱରର ଅଟଳ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ । 'ଇଣ୍ଟେକ୍ କ୍ୱାଲିଟି ଆଣ୍ଡ ଗଭର୍ନାନ୍ସ', 'ଏକାଡେମୀକ ଉତ୍କର୍ଷତା', 'ଭିତ୍ତିଭୂମି ଏବଂ ଅଭିଜ୍ଞତା', 'ବ୍ୟକ୍ତିତ୍ୱ ଏବଂ ନେତୃତ୍ୱ ବିକାଶ', 'ବୃତ୍ତିଗତ ଉନ୍ନତି



ଏବଂ ପ୍ଲେସମେଣ୍ଟ ଭଳି ପାଞ୍ଚଟି ବ୍ୟାପକ ପାରାମିଟରକୁ ନେଇ ଗଠିତ ମାପଦଣ୍ଡ ଆଧାରରେ ସାରା ଦେଶରେ ଥିବା ମେଡିକାଲ କଲେଜ ଗୁଡିକୁ ନେଇ ଏହି ସର୍ଭେ କରାଯାଇଥିଲା । ଇଣ୍ଡିଆ ଟୁଡେ ପକ୍ଷରୁ ଏହି ସମ୍ମାନଜନକ ସର୍ଭେ ଖ୍ୟାତନାମା ଅନୁସନ୍ଧାନ ଏଜେନ୍ସି ମାର୍କେଟିଂ ଆଣ୍ଡ ଡେଭଲପମେଣ୍ଟ ରିସର୍ଚ୍ଚ ଆସୋସିଏଟ୍ସ (ଏମଡିଆରଏ) ସହିତ ମିଳିତ ଭାବରେ କରାଯାଇଛି ।

ଏହି ଅବସରରେ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ କହିଛନ୍ତି ଯେ ଏହି ମାନ୍ୟତା ଉତ୍କର୍ଷତା ପାଇଁ ଆମର ନିରନ୍ତର ପ୍ରୟାସର ପ୍ରତିଫଳନ । ୨୦୨୧ରେ ଏହି ସର୍ଭେରେ ଏମ୍ସ ଭୁବନେଶ୍ୱର ୨୫ତମ ସ୍ଥାନ ପାଇଥିଲା । ୨୦୨୬ ରେ ଏହି ସୂଚୀରେ ୧୦ମ ସ୍ଥାନକୁ ଉନ୍ନୀତ ହେବା ଏମ୍ସର ଦଳଗତ କାର୍ଯ୍ୟ ଏବଂ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱର ପରାକାଷ୍ଠାର ନିଦର୍ଶନ ବୋଲି ଡ. ବିଶ୍ୱାସ ମତବ୍ୟକ୍ତ କରିଛନ୍ତି । ଆୟୋଜିତ ସ୍ୱତନ୍ତ୍ର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଡିନ୍ (ଏକାଡେମିକ) ଡ. ଦିଲ୍ଲୀପ କୁମାର ପରିଡ଼ା, ଡିନ୍ (ପରୀକ୍ଷା) ଡ. ମନସ୍ୱିନୀ ମଙ୍ଗରାଜ, ଡିନ୍ (ଗବେଷଣା) ଡ. ବୈଜୟନ୍ତୀମାଳା ମିଶ୍ର, ଡିଡିଏ ଲେଫଟନାଣ୍ଟ କର୍ଣ୍ଣେଲ ଅଭିଜିତ ସରକାର, କୁଳସଚିବ ଡ. ସୁଦୀପ୍ତ ରଂଜନ ସିଂହ, ଡ. ସୌଭାଗ୍ୟ କୁମାର ଜେନା, ଡ. ସଞ୍ଜୀୟ କୁମାର ଗିରି ପ୍ରମୁଖ ଯୋଗ ଦେଇଥିଲେ ।

# ବ୍ରହ୍ମପୁର-ଉଧ୍ନା ଅମୃତ ଭାରତ ଏକ୍ସପ୍ରେସ ଶୁଭାରମ୍ଭ

## ଗୁଜୁରାଟ ସହ ସମ୍ପର୍କ ଆହୁରୀ ନିବିଡ଼ ହେବ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର/ବ୍ରହ୍ମପୁର, (ସବ୍ୟୁ) : ଓଡ଼ିଶାର ବିକାଶ ଯାତ୍ରାରେ ଆଜି ଏକ ନୂତନ ପର୍ବ ଯୋଡ଼ି ହୋଇଯାଇଛି । ରେଶମ ସହର ବ୍ରହ୍ମପୁରରୁ ବାହାରି ପଶ୍ଚିମ ଓଡ଼ିଶା ଦେଇ ଗୁଜୁରାଟର ଉଧ୍ନା (ସୁରଟ) ପର୍ଯ୍ୟନ୍ତ ଚାଲୁଥିବା ସାପ୍ତାହିକ ଅମୃତ ଭାରତ ଏକ୍ସପ୍ରେସ ଆଜିଠାରୁ ଦୈନିକ ଟ୍ରେନ ରୂପେ ନିଜର ଯାତ୍ରା ଆରମ୍ଭ କରିଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ସମଗ୍ର ରାଜ୍ୟବାସୀ, ବିଶେଷ କରି ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, କଳାହାଣ୍ଡି, ବଲାଙ୍ଗିର ଓ ନୂଆପଡ଼ା ଜିଲ୍ଲାବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ଏହାକୁ ଓଡ଼ିଶାର ବିକାଶ ଲାଗି ଏକ ଐତିହାସିକ ଦିନ ବୋଲି ପ୍ରକାଶ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସୁରଟ ସହ ଓଡ଼ିଶାର ଭାବଗତ, ସାଂସ୍କୃତିକ ଓ ଅର୍ଥନୈତିକ ସମ୍ପର୍କ ଅତି ନିବିଡ଼ । ଓଡ଼ିଶାର ଲକ୍ଷ ଲକ୍ଷ ଶ୍ରମିକ ଓ ବ୍ୟବସାୟୀ ଭାଇମାନେ ସୁରଟରେ ରହି ସେଠାକାର ଟେକ୍ସଟାଇଲ ଓ ଡାଇମଣ୍ଡ ଶିଳ୍ପରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି । ପୂର୍ବରୁ ସାପ୍ତାହିକ ଟ୍ରେନ ଯୋଗୁ



ଯାତାୟତରେ ଅନେକ ଅସୁବିଧା ହେଉଥିଲା । ଓଡ଼ିଶା ସରକାରଙ୍କ ଅନୁରୋଧ କ୍ରମେ କେନ୍ଦ୍ର ସରକାର ଏହି ସେବାକୁ ଦୈନିକ କରିଥିବାରୁ,

■ ବ୍ରହ୍ମପୁର ଷ୍ଟେସନ ହେବ ବିଶ୍ୱ ସ୍ତରୀୟ

■ ଖର୍ଚ୍ଚ ହେବ ୩୦୦ କୋଟି

ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ କୃତଜ୍ଞତା ଜଣାଇଛନ୍ତି । ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏହି ଅତ୍ୟାଧୁନିକ ଟ୍ରେନ ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ଭାଇଭଉଣୀଙ୍କ ପାଇଁ ନିରାପଦ, ଶସ୍ତା ଓ ଦ୍ରୁତ ଯାତ୍ରାର ସୁବିଧା ପ୍ରଦାନ କରିବ । ଏହାଦ୍ୱାରା ଗୁଜୁରାଟ ସହ ଓଡିଶାର ସମ୍ପର୍କ ଆହୁରି ନିବିଡ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ଭିତ୍ତିଭୂମି ଓ ଅର୍ଥନୈତିକ ପ୍ରଗତି ଉପରେ ଆଲୋକପାତ କରି କହିଛନ୍ତି ଯେ ଗତ ଦୁଇ ବର୍ଷ ମଧ୍ୟରେ ୩.୧୧ ଲକ୍ଷ କୋଟି ଟଙ୍କାର ୧୫୨ଟି ଶିଳ୍ପ ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ହୋଇଛି, ଯାହା ଦ୍ୱାରା ୨.୫୦ ଲକ୍ଷ ଯୁବକଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି । ଗୋପାଳପୁର ବନ୍ଦରର ସମ୍ପ୍ରସାରଣ ସହ ଆଗାମୀ ଦିନରେ ବାହୁଦା ଠାରେ ଏକ ବୃହତ ବନ୍ଦର ସ୍ଥାପନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ବ୍ରହ୍ମପୁର ସହରକୁ "ଗ୍ରେଟର ବ୍ରହ୍ମପୁର ସିଟି' ଭାବେ ବିକଶିତ କରିବା ସହ ବ୍ରହ୍ମପୁର-ଜୟପୁରକୁ ସଂଯୋଗ କରୁଥିବା ଏକ ୬-ଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି । କେନ୍ଦ୍ର ରେଳ, ଇଲେକ୍ଟ୍ରୋନିକ୍ସ ଓ ଆଇଟି, ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଥିଲେ ଯେ ଅତୀତରେ ସୁରଟ ଠାରେ ଗୋଟିଏ ସଭାରେ ଯୋଗ ଦେଇଥିବା ଅବସରରେ ସୁରଟରୁ ବ୍ରହ୍ମପୁର ଯାଏ ନିୟମିତ ରେଳ ଚଳାଚଳ ପାଇ ଯେଉଁ ଅନୁରୋଧ କରାଯାଇଥିଲା, ଆଜି ତାହା ପୂରଣ କରାଯାଇଛି । ବର୍ତ୍ତମାନ ସମୟର ଲାଟେଷ୍ଟ ଟେକ୍ନୋଲୋଜିର ଟ୍ରେନ୍ ଅମୃତ ଭାରତ ଏକ୍ସପ୍ରେସ ବର୍ତ୍ତମାନ ଠାରୁ ପ୍ରତିଦିନ ବ୍ରହ୍ମପୁରରୁ ସୁରଟ ଅଭିମୁଖେ ଚଳାଚଳ କରିବ । ସେ ଆହୁରି ଘୋଷଣା କରିଥିଲେ ଯେ ବ୍ରହ୍ମପୁର ରେଳ ଷ୍ଟେସନକୁ ବିଶ୍ୱସ୍ତରୀୟ ରେଳ ଷ୍ଟେସନ କରିବା ପାଇ ୩୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବ ଓ ଏହାର କାମ ଖୁବ୍‌ଶୀଘ୍ର ଆରମ୍ଭ ହେବ । ଏହି ଶୁଭାରମ୍ଭ ଉତ୍ସବରେ ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବ୍ରହ୍ମପୁରର ସାଂସଦ ଡକ୍ଟର ପ୍ରଦୀପ କୁମାର ପାଣିଗ୍ରାହୀ, ଆସ୍କାର ସାଂସଦ ଅନିତା ଶୁଭଦର୍ଶିନୀ, ପୂର୍ବତଟ ରେଳବାଇର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ୍‌ଙ୍କ ସମେତ ଗଞ୍ଜାମ ଜିଲ୍ଲାର ସମସ୍ତ ବିଧାୟକଗଣ, ଗଞ୍ଜାମ ଜିଲ୍ଲା ପ୍ରଶାସନ ଏବଂ ପୂର୍ବତଟ ରେଳପଥର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଲଗାଣ ବର୍ଷାରେ ଅସ୍ଥାୟୀ ପୋଲ ଉପରେ ୩ ଫୁଟର ପାଣି

ବାରିପଦା, (ସବ୍ୟୁ) : ଲଗାଣ ବର୍ଷାରେ ଅସ୍ଥାୟୀ ପୋଲ ଉପରେ ୩ ଫୁଟର ବନ୍ୟା ଜଳ ପ୍ରବାହିତ ହେଉଛି । ମୟୂରଭଞ୍ଜ ଜିଲ୍ଲା ଉଦଳା କଇଁସାରି ଜାମୁଘାଟ ପୋଲ ଉପରେ ପାଣି ପ୍ରବାହିତ ହେବା ଫଳରେ ଉଦଳା-ବାଲେଶ୍ୱର ସମେତ ୮ ଗୋଟି ପଞ୍ଚାୟତକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ଶିମିଳିପାଳ ଉପର ମୁଣ୍ଡରେ ଲଗାଣ ବର୍ଷା ଦୁଇ ଦିନ ଧରି ଜାରି ରହିବା କାରଣରୁ ଦେଓ ନଦୀ ଫୁଲିଛି, ଯାହା ଫଳରେ କଇଁସାରି ଠାରେ ଥିବା ଜାମୁଘାଟ ପୋଲ ଉପରେ ନଦୀ ପାଣି ପ୍ରବାହିତ ହୋଇଛି । ୩ ଫୁଟର ପାଣି ପ୍ରବାହିତ ହୋଇଥିବା ବେଳେ ଯୋଗାଯୋଗ ଠପ ହୋଇ ପଡିଛି । ଅନ୍ୟପଟେ କିଛି



## ୮ ଟି ପଞ୍ଚାୟତକୁ ଯୋଗାଯୋଗ ବିଚ୍ଛିନ୍ନ

ଲୋକ ବିପଦ ସଂକୁଳ ଅବସ୍ଥାରେ ମଧ୍ୟ ଅସ୍ଥାୟୀ ପୋଲ ଉପରେ ଯାତାୟାତ କରୁଥିବା ଦେଖିବାକୁ ମିଳିଛି । ପୁରୁଣା ପୋଲ ପିଲର ଦବିଯିବା ପରେ ସ୍ଥାୟୀ ପୋଲ ଆଜିକୁ ୪ ବର୍ଷ ହେବ ନିର୍ମାଣ ଚାଲିଥିବା ବେଳେ ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ସ୍ଥାନୀୟ ବାସିନ୍ଦା ।

# ୧୮ ରେ ଜିଲ୍ଲା ଜଜ କୋର୍ଟରେ ସ୍ୱତନ୍ତ୍ର ଲୋକ ଅଦାଲତ

ବ୍ରହ୍ମପୁର, (ସବ୍ୟୁ): ଜିଲ୍ଲା ଆଇନ ସେବା ପ୍ରାଧିକରଣ (ଡିଏଲଏସଏ) ପକ୍ଷରୁ ଆସନ୍ତା ୧୮ ଜିଲା ଜଜ କୋର୍ଟରେ ଏକ ସ୍ୱତନ୍ତ୍ର ଲୋକ ଅଦାଲତ ଆୟୋଜନ କରାଯାଉଛି । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଦୀର୍ଘ ଦିନ ଧରି ବିଚାରାଧୀନ ଥିବା ଏନ୍‌ଆଇ ଆକ୍ଟ ଅଧୀନ ଚେକ ବାଉନ୍ସ ମାମଲା ଗୁଡ଼ିକର ପରସ୍ପର ଆଲୋଚନା, ଆପୋଷ ବୁଝାମଣା ଓ ସହମତି ମାଧ୍ୟମରେ ଶୀଘ୍ର, ସରଳ ଓ ସ୍ଥାୟୀ ସମାଧାନ କରିବା । ଲୋକ ଅଦାଲତରେ ହୋଇଥିବା ଆପୋଷ ସମାଧାନକୁ ଆଇନଗତ ସ୍ୱୀକୃତି ମିଳିଥାଏ ଏବଂ ଏହାର ରାୟ ଏକ ସାଧାରଣ ସିଭିଲ କୋର୍ଟର ଡିକ୍ରି ସହ ସମାନ ଭାବରେ ବଳବତ୍ତର ହୋଇଥାଏ । ଏହି ନିଷ୍ପତ୍ତି ବିରୋଧରେ ସାଧାରଣତଃ କୌଣସି ଅପିଲର ସୁଯୋଗ ନଥିବାରୁ ଉଭୟ ପକ୍ଷ ଶୀଘ୍ର ଓ ଚୂଡ଼ାନ୍ତ ସମାଧାନ ପାଇପାରନ୍ତି । ସେହିପରି ଲୋକ ଅଦାଲତରେ ସମାଧାନ ହୋଇଥିବା ମାମଲାରେ ଆଇନ ଅନୁଯାୟୀ କୋର୍ଟ ଫି ଫେରସ୍ତ ପାଇବାର ମଧ୍ୟ ବ୍ୟବସ୍ଥା ରହିଛି । ଜିଲ୍ଲା ଆଇନସେବା ପ୍ରାଧିକରଣ, ଗଞ୍ଜାମ ପକ୍ଷରୁ ଏନ୍‌ଆଇ.ଆକ୍ଟ, ୧୮୮୧ ଅନ୍ତର୍ଗତ ମାମଲାରେ ସମ୍ପୃକ୍ତ ମାମଲାକାରୀ, ଅଭିଯୁକ୍ତ, ଅଧିବକ୍ତା, ବ୍ୟାଙ୍କ ଅଧିକାରୀ ଏବଂ ସମସ୍ତ ସଂପୃକ୍ତ ପକ୍ଷଙ୍କୁ ଏହି ସ୍ୱତନ୍ତ୍ର ଲୋକ ଅଦାଲତର ସୁଯୋଗର ସଦବ୍ୟବହାର କରି ପରସ୍ପର ଆପୋଷ ବୁଝାମଣା ମାଧ୍ୟମରେ ମାମଲାର ସମାଧାନ କରିବାକୁ ଅନୁରୋଧ କରାଯାଇଛି । ବିଚାରାଧୀନ ଚେକ୍ ବାଉନ୍ସ ମାମଲାର ଶୀଘ୍ର ସମାଧାନ ନ୍ୟାୟାଳୟର ମାମଲା ଭାର ହ୍ରାସ କରିବା ସହିତ ସାଧାରଣ ଲୋକଙ୍କୁ ସୁଲଭ, ସୁଗମ ଓ ଶୀଘ୍ର ନ୍ୟାୟ ପ୍ରଦାନ କରିବାରେ ସହାୟକ ହେବ । ଏହି ପରିପ୍ରେକ୍ଷୀରେ ଡିଏଲଏସଏ, ଗଞ୍ଜାମ ସମସ୍ତ ସମ୍ପୃକ୍ତ ପକ୍ଷଙ୍କୁ ଏହି ଲୋକ ଅଦାଲତ ମାଧ୍ୟମରେ ବିବାଦର ସମାଧାନରେ ସହଯୋଗ କରିବାକୁ ସେ କହିଛନ୍ତି ।

# ଅବପାତ ଚେତାବନୀ ସତ୍ତ୍ୱେ ସମୁଦ୍ର କୂଳରେ ଅଟକିଛି ୩୪ ଆନ୍ଧ୍ର ଟ୍ରଲର

## ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ଉଦ୍ଧାର କାର୍ଯ୍ୟ ଜାରି

ଛତ୍ରପୁର, (ସବ୍ୟୁ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଅବପାତ ରୂପ ନେବା ଫଳରେ ସମୁଦ୍ର ଅଶାନ୍ତ ରହିଛି । ଏହାର ପ୍ରଭାବରେ ସମୁଦ୍ର ମଧ୍ୟରେ ପ୍ରବଳ ବର୍ଷା ହେଉଥିବା ପାଣିପାଗ ବିଭାଗ ସୂଚନା ଦେଇଛି । ଏହାକୁ ଦୃଷ୍ଟିରେ ରଖି ଚଳିତ ମାସ ୪ ରୁ ୭ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ରରେ ମାଛ ଧରିବା ନିମନ୍ତେ ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍‌ଆରସି) ନିର୍ଦ୍ଦେଶ ଦେଇଛନ୍ତି । କିନ୍ତୁ ଆନ୍ଧ୍ର ପ୍ରଦେଶର କାକିନଡା ଅଞ୍ଚଳର ୩୪ ରୁ ଅଧିକ ମାଛଧରା ପାଇଁ ବ୍ୟବହୃତ ନୌକା ବା ଟ୍ରଲର ସମୁଦ୍ରକୂଳ ନିକଟରେ ରବିବାର ରାତି ଠାରୁ ଫସି ରହିଛନ୍ତି । ସେଥିରେ ମଧ୍ୟ ବହୁ ମତ୍ସ୍ୟଜୀବୀ ଅଛନ୍ତି । ସମୁଦ୍ର ଅଶାନ୍ତ ଥିବାରୁ ସେମାନେ ନିଜ ଅଞ୍ଚଳକୁ ଫେରି ପାରୁନାହାଁନ୍ତି । ଏବେ ପବନର ବେଗ ବଢୁଥିବାରୁ ସମୁଦ୍ର ଆହୁରୀ ଅଶାନ୍ତ ହୋଇପଡ଼ିଛି । ଏହି ବିଷୟରେ ସୂଚନା ପାଇ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଫସି ରହିଥିବା ମତ୍ସ୍ୟଜୀବୀଙ୍କୁ ଏବଂ ଟ୍ରଲର ଗୁଡ଼ିକୁ ସୁରକ୍ଷିତ ଭାବେ ଗୋପାଳପୁର ବନ୍ଦର ପରିସରରେ ସେମାନଙ୍କୁ ଆଶ୍ରୟ ଦେବାକୁ କୁହାଯାଇଛି । ତଟରକ୍ଷୀ ବାହିନୀ ଏବଂ ଆର୍ଯ୍ୟପଲ୍ଲୀ ସାମୁଦ୍ରିକ ଥାନା ପୋଲିସ ସତର୍କ ରହିଛନ୍ତି । ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ସମୁଦ୍ର ଭିତରେ ଫସିଥିବା ଟ୍ରଲର ଗୁଡ଼ିକୁ ସୁରକ୍ଷିତ ଭାବେ ଗୋପାଳପୁର ବନ୍ଦରରେ ଆଶ୍ରୟ ଦିଆଯାଉଛି । କେତକ ଟ୍ରଲର ପହଁଞ୍ଚି ଯାଇଥିବା ବେଳେ ଆଉ କିଛି ଟ୍ରଲରକୁ ଆଣିବା ପାଇଁ ବ୍ୟବସ୍ଥା କରାଯାଉଛି ବୋଲି ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

## ଫେରିପାଇଲେ ଭ୍ୟାନିଟ ବ୍ୟାଗ

ବ୍ରହ୍ମପୁର, (ସବ୍ୟୁ): ବଡବଜାର ଥାନା ଅନ୍ତର୍ଗତ କାଲୁପାତ୍ରସାହି ରାସ୍ତାରେ ପଡିଥିବା ସୁନା ଓ ଟଙ୍କା ଭର୍ତ୍ତି ବ୍ୟାଗ ଜଣେ ଗୃହରକ୍ଷୀ ପାଇଥିଲେ । ସେ ଉକ୍ତ ବ୍ୟାଗଟିକୁ ଥାନାରେ ଜିମାରେ ଦେଇଥିଲେ । ଅନ୍ୟପଟେ ରାସ୍ତାରେ ପଡିଯାଇଥିବା ଉକ୍ତ ବ୍ୟାଗକୁ ସଂପୃକ୍ତା ପାତ୍ର ବହୁ ଖୋଜାଖୋଜି କରି ନିରାଶ ହୋଇଥିଲେ । ଶେଷରେ ଭ୍ୟାନିଟ ବ୍ୟାଗରୁ ମିଳିଥିବା ମୋବାଇଲ ନମ୍ବର ଜରିଆରେ ପୋଲିସ ଉକ୍ତ ମହିଳାଙ୍କ ସହ ଯୋଗାଯୋଗ କରିଥିଲେ । ମହିଳା ଜଣଙ୍କ ଥାନାକୁ ଯାଇ ସେ ତାଙ୍କର ବ୍ୟାଗ ଫେରି ପାଇଥିଲେ । ବ୍ୟାଗ ଯାଞ୍ଚ ବେଳେ ସେଥିରେ ୮ହଜାର ଟଙ୍କା, ସୁନାର କାନ ଫୁଲ, କିଛି ପ୍ରମାଣପତ୍ର ଓ ମୋବାଇଲ ରହିଥିଲା । ହୋମଗାର୍ଡ ନିଜର ମାନବିକତା ଦେଖାଇ ବ୍ୟାଗକୁ ଫେରାଇଥିବାରୁ ତାଙ୍କୁ ପ୍ରଶଂସା କରାଯାଇଛି ।

## ବ୍ରହ୍ମପୁରରେ ଜିଲ୍ଲାସ୍ତରୀୟ ଜନଶୁଣାଣୀ

# ଆବେଦନର ଶତ ପ୍ରତିଶତ ସମାଧାନ ଉପରେ ଗୁରୁତ୍ୱ

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଜନଶୁଣାଣୀ ହୋଇଯାଇଛି । ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ୍, ବ୍ରହ୍ମପୁର ଉପ ଜିଲ୍ଲାପାଳ ଅବିନାଶ କୁମାର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ,ଗଞ୍ଜାମ ସମୀର କୁମାର ଜେନା ଉପସ୍ଥିତ ରହି ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣୀ କରିଥିଲେ । ଜନସାଧାରଣଙ୍କ ଅଭିଯୋଗ ଶୁଣିବା ସହ ଏହାର ତ୍ୱରିତ ସମାଧାନ ଦିଗରେ ଉପସ୍ଥିତ ବିଭାଗୀୟ




ଅଧିକାରୀଙ୍କୁ ଆବଶ୍ୟକୀୟ ନିର୍ଦ୍ଦେଶ ଦେଇଥିଲେ । ଉକ୍ତ ଜନଶୁଣାଣୀରେ ମୁଖ୍ୟତଃ ସ୍ୱାସ୍ଥ୍ୟ, ଶିକ୍ଷା, ସାମାଜିକ ସୁରକ୍ଷା ଭତ୍ତା, ଖାଉଟି କାର୍ଡ, ଅନ୍ତ୍ୟୋଦୟ, ପ୍ରଧାନମନ୍ତ୍ରୀ ଆବାସ, ଜମିଜମା, ସାମୁହିକ ଉନ୍ନୟନ ଏବଂ ବ୍ୟକ୍ତିଗତ ସହାୟତା ସମ୍ବନ୍ଧୀୟ ଆବେଦନ ଉପରେ ବିଚାର କରାଯାଇଥିଲା । ସୁଭଦ୍ରା ହେଲ୍ପ ଡେସ୍କ ମାଧ୍ୟମରେ ସୁଭଦ୍ରା ଯୋଜନା ସମ୍ବନ୍ଧିତ ସହାୟତାର ବ୍ୟବସ୍ଥା କରାଯାଇଥିଲା । ଏହି ଜିଲ୍ଲାସ୍ତରୀୟ ଜନଶୁଣାଣୀରେ ସମୁଦାୟ ୧୧୩ଟି ଦରଖାସ୍ତ ପଞ୍ଜିକୃତ ହୋଇଥିଲା । ତନ୍ମଧ୍ୟରୁ ୯୦ ଟି ବ୍ୟକ୍ତିଗତ ଆବେଦନ, ୦୯ ଟି ଗ୍ରାମ୍ୟ ସମସ୍ୟା ଆଧାରିତ ଥିବା ବେଳେ ୩ଟି ଦରଖାସ୍ତର ତତ୍କାଳ ସମାଧାନ ହୋଇଥିଲା । ୧୧ ଜଣଙ୍କୁ ୭୦ ହଜାର ଟଙ୍କାର ରେଡ଼କ୍ରସ ସହାୟତା ରାଶି ପ୍ରଦାନ କରାଯାଇଥିଲା । ଜନଶୁଣାଣୀ ଶିବିରରେ ଉପସ୍ଥିତ ବିଭାଗୀୟ ଅଧିକାରୀଗଣ ସକ୍ରିୟ ସହଯୋଗ କରିଥିଲେ ।

# ୨୦୨୫ରୁ ସରିଲାଣି ମୟୂରଭଞ୍ଜ କ୍ରୀଡା ସଂସଦ କାର୍ଯ୍ୟକାଳ

## ନିର୍ବାଚନ କରିବାକୁ ଜିଲ୍ଲାପାଳଙ୍କୁ ଭେଟିଲେ କ୍ରୀଡା ସଂସଦ ସଦସ୍ୟ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାପାଳଙ୍କ ଜନଶୁଣାଣି ଅଭିଯୋଗରେ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସଦସ୍ୟଗଣ ଗତ ଡିସେମ୍ବର ୬-୨୦୨୫ରେ ଆସୋସିଏସନର କାର୍ଯ୍ୟକାଳ ସମାପ୍ତ ହୋଇଯାଇଥିଲେ ମଧ୍ୟ ଦୀର୍ଘ ୭ ମାସ ହେବ ଏହାର ନୂତନ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇ ନଥିବାରୁ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଥିଲା । ପୂର୍ବରୁ ମଧ୍ୟ ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳଙ୍କ ସହିତ ଆଲୋଚନା କରାଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇ ନଥିବାରୁ ଉକ୍ତ ସଦସ୍ୟଗଣ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ । ମୟୂରଭଞ୍ଜ ଆଥଲେଟିକ ଆସୋସିଏସନ (ମା) ମୟୂରଭଞ୍ଜ ଜିଲ୍ଲାର ସର୍ବ ପୁରାତନ କ୍ରୀଡା ସଂସଦ ଅଟେ । ଏହା ୧୯୬୦ ମସିହାରେ ସରକାରଙ୍କ ଦ୍ୱାରା ପଞ୍ଜୀକୃତ ହୋଇଥିଲା । ଏଥିରେ ମୟରଭଞ୍ଜ ଜିଲ୍ଲାର କୋଣ ଅନୁକୋଣରୁ କରଂଜିଆ, ରାଇରଙ୍ଗପୁର, ଉଦଳା, ବଡସାହି, ମୋରଡା ଏବଂ ବାରିପଦାକୁ ମିଶାଇ ଅନ୍ୟୁନ ୬୫୦ରୁ ଉର୍ଦ୍ଧ ସଦସ୍ୟ ରହିଛନ୍ତି । ସଦସ୍ୟମାନଙ୍କର ଦିଆଯାଇଥିବା ଅଭିଯୋଗକୁ ଶୁଣି ଜିଲ୍ଲାପାଳ ଆଇନଗତ ପ୍ରକ୍ରିୟା ମଧ୍ୟରେ ପଦକ୍ଷେପ ନେବେ ବୋଲି ଦର୍ଶାଇଥିଲେ । ଏହି ଜନଶୁଣାଣି ଅଭିଯୋଗରେ ଆଥଲେଟିକ ଆସୋସିଏସନର ସଦସ୍ୟ ସରୋଜ କୁମାର ବୋଷ, ଦେବୀଦତ୍ତ ଦାଶ, ସଞ୍ଜୀବ ମହାନ୍ତି, ଦେବଶିଷ ଗୁପ୍ତା, ଅମିତ ବିଶ୍ୱାସ ପ୍ରମୁଖ ଜିଲ୍ଲାପାଳଙ୍କୁ ସାକ୍ଷତ କରିଥିଲେ ।

## ବଜରଙ୍ଗ ଦଳ ପକ୍ଷରୁ

# ବୃକ୍ଷରୋପଣ କାର୍ଯ୍ୟକ୍ରମ

ବୁଗୁଡ଼ା, (ସବ୍ୟୁ) : ଘୁମୁସର ସାଙ୍ଗଠନିକ ଜିଲ୍ଲା ବୁଗୁଡ଼ା ପ୍ରଖଣ୍ଡ ବଜରଙ୍ଗ ଦଳ ପକ୍ଷରୁ ସେବା ସପ୍ତାହ ପାଳନ ଅବସରରେ ସୋମବାର ଦିନ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର ସଦସ୍ୟଗଣ ଶିଶୁ ମନ୍ଦିର ହତା ମଧ୍ୟରେ ବୃକ୍ଷ ରୋପଣ ସାଙ୍ଗକୁ ରାସ୍ତାରେ ଯାତାୟାତ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରି ସେମାନଙ୍କୁ ଚାରା ବଣ୍ଟନ କରିଥିଲେ । ତେବେ ବଜରଙ୍ଗ ଦଳ ପକ୍ଷରୁ ଏହି ସେବା ସପ୍ତାହ ପାଳନର ଅନ୍ୟ ଦିନ ଗୁଡ଼ିକରେ ମଠ, ମନ୍ଦିର ଓ ଶ୍ମଶାନଘାଟ ସଫେଇ, ସ୍ୱେଚ୍ଛାକୃତ ରକ୍ତଦାନ ଏବଂ ଚକ୍ଷୁ ଚିକିତ୍ସା ଶିବିର ଆଦି କାର୍ଯ୍ୟକ୍ରମ ରହିଥିବା ଜଣାଯାଇଛି ।

# ନରେନ୍ଦ୍ରପୁର ସରକାରୀ ହାଇସ୍କୁଲରେ ବନମହୋତ୍ସବ

ଛତ୍ରପୁର, (ସବ୍ୟୁ) : ବନ ମହୋତ୍ସବ ସପ୍ତାହ ପାଳନ ଅସରରେ ଛତ୍ରପୁର ବ୍ଲକ ଅନ୍ତର୍ଗତ ନରେନ୍ଦ୍ରପୁର ସରକାରୀ ହାଇ ସ୍କୁଲଠାରେ ପ୍ରଧାନ ଶିକ୍ଷକ ଦେବରାଜ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ସଭାର ଆୟୋଜନ ହୋଇଯାଇଛି । ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସଭାରେ ଅସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ପ୍ରକୃତି ବନ୍ଧୁ ରୋଟାରୀଆନ କାମରାଜୁ ମହାରଣା ଏହି ଉତ୍ସବରେ ମୁଖ୍ୟଅତିଥିରୂପେ ଯୋଗଦେଇ ବୃକ୍ଷର ଉପକାରିତା, ପୃଥିବୀରେ ସମ୍ପ୍ରତି ସୃଷ୍ଟି ହେଉଥିବା ତାପନର ପ୍ରଭାବ ଉପରେ ବକ୍ତବ୍ୟ ରଖି ପ୍ରତ୍ୟେକ ଛାତ୍ର ଛାତ୍ରୀ ବୃକ୍ଷ ରୋପଣ କରିବା ପାଇଁ ଆହ୍ୱାନ ଦେଇଥିଲେ । ଛତ୍ରପୁର ଉପଖଣ୍ଡ ବନ ବିଭାଗର ଫରେଷ୍ଟର ବାବୁ ସେଠି ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ବର୍ତ୍ତମାନ ସ୍ଥିତିରେ ପ୍ରକୃତିକୁ ବଞ୍ଚାଇବାକୁ ହେଲେ ବୃକ୍ଷ ରୋପଣ ନିହାତି ଆବଶ୍ୟକ ବୋଲି ପ୍ରକାଶ କରି ବୃକ୍ଷ ଛେଦ ବିରୁଦ୍ଧରେ ଥିବା ବିଭିନ୍ନ ଆଇନ ଉପରେ ବକ୍ତବ୍ୟ ରଖିଥିଲେ । ପରିଚାଳନା କମିଟି ସଭ୍ୟ ଅବଦୁଲ ରହମନ, ଆଲୁମିନି ସଭ୍ୟ ଇପିଲି ଭାସ୍କର, ଅତିଥିରୂପେ ଯୋଗଦେଇ ବୃକ୍ଷ ରୋପଣ ଓ ବୃକ୍ଷର ଯନି ଉପରେ ଗୁରୁତ୍ୱାରୋପ କରିଥିଲେ । ବିଦ୍ୟାଳୟ ପରିସରରେ ଅତିଥିମାନେ ଚାରା ରୋପଣ କରିଥିଲେ । ବିଦ୍ୟାଳୟର ବରିଷ୍ଠ ଶିକ୍ଷୟତ୍ରୀ ସ୍ୱାଗତିକା ଦାଶ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ । ଅଭିଲିଂ ରଥ ଧନ୍ୟବାଦ ଅର୍ପଣ କରିଥିଲେ ।

# ବାରିପଦା ଉପଖଣ୍ଡ ପାଇଁ ଯୁଗ୍ମ ଜନଶୁଣାଣୀ

## ମୋଟ ୨୬୪ ଟି ଅଭିଯୋଗର ହେଲା ଶୁଣାଣି

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦାରେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଏକ ଯୁଗ୍ମ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଜନଶୁଣାଣୀ ଶିବିରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ (ଜିଲ୍ଲା ପରିଷଦ) ଧର୍ମାନନ୍ଦ ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ ବିଶ୍ୱନାଥ ଦାସ, ବାରିପଦା ଉପ-ଜିଲ୍ଲାପାଳ କସ୍ତୁରୀ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ଆଜିର ଶୁଣାଣିରେ ବାରିପଦା ଉପଖଣ୍ଡର ସର୍ବମୋଟ ୨୬୪ ଗୋଟି



ଅଭିଯୋଗର ଶୁଣାଣି କରାଯାଇଛି । ଏଥିରେ ୨୪୯ ଗୋଟି ବ୍ୟକ୍ତିଗତ ସମସ୍ୟା ଆଧାରିତ ଥିବାବେଳେ ୧୫ ଗୋଟି ସାମୁହିକ ସମସ୍ୟା ସମ୍ବଳିତ ଅଭିଯୋଗ ହୋଇଛି । ତନ୍ମଧ୍ୟରୁ ୧୪ ଗୋଟି ଅଭିଯୋଗର ତତକ୍ଷଣାତ ସମାଧାନ ଶିବିରରେ କରାଯାଇଛି । ଏହାସହ ୧୧ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଓ ୨ ଜଣଙ୍କୁ ରେଡକ୍ରସ୍ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ସେହିପରି ଆଜିର ଜନ ଅଭିଯୋଗ ଶୁଣାଣିରେ ଗ୍ରହଣ ହୋଇଥିବା ବିଭିନ୍ନ ବିଭାଗ ସମ୍ପର୍କିତ ଅନ୍ୟାନ୍ୟ ଅଭିଯୋଗ ଗୁଡିକ ଉପରେ ଅନୁଧ୍ୟାନ ପୂର୍ବକ ବିଚାର କରି ସେଗୁଡିକର ତ୍ୱରିତ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ସୟ ନିର୍ଦ୍ଦେଶ ଦେଇଛନ୍ତି । ଜନ ଅଭିଯୋଗ ଶୁଣାଣୀ ଶିବିରରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସମେତ ବାରିପଦା ଉପଖଣ୍ଡର ଉପଖଣ୍ଡ ଓ ବ୍ଲକ ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ । ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରି ସଫଳ କରିଥିଲେ ।

## ପୋଡ଼ମପେଟା ଓ ଆର୍ଯ୍ୟପଲ୍ଲୀ ସମୁଦ୍ରକୂଳ କ୍ଷୟ ଘଟଣା

# ଡିପିଆର୍ ପ୍ରସ୍ତୁତି ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ଛତ୍ରପୁର, (ସବ୍ୟୁ): ଦିନକୁ ଦିନ ସମୁଦ୍ର କୂଳ କ୍ଷୟକୁ ନେଇ ଚିନ୍ତା ବଢ଼ିବାରେ ଲାଗିଛି । ଭୟଭିତ ଅବସ୍ଥାରେ ରହିଛନ୍ତି ପୋଡ଼ମପେଟା ଓ ଆର୍ଯ୍ୟପଲ୍ଲୀ ଅଞ୍ଚଳବାସୀ । ଏହାର ସ୍ଥାୟୀ ପ୍ରତିକାର ନିମନ୍ତେ ଅଞ୍ଚଳବାସୀମାନେ ଜିଲ୍ଲାପାଳଙ୍କ ସହିତ ଆଲୋଚନା ସଭାରେ କହି ଆସୁଥିଲେ ହେଁ ତାହା କୋଣସି ସମାଧାନ ହେଉ ନାହିଁ । ଏନେଇ ଗଣମାଧ୍ୟମରେ ପ୍ରସାରଣ ହେବା ପରେ ପ୍ରଶାସନ ପକ୍ଷରୁ ତତ୍ପରତା ଦେଖା ଯାଇଛି । ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଗଣମାଧ୍ୟମରେ କହିଛନ୍ତି ଯେ ବିଗତ କିଛି ଦିନ ହେଲା ଗଞ୍ଜାମ ବ୍ଲକ ଅନ୍ତର୍ଗତ ପୋଡ଼ମପେଟା ଓ ଛତ୍ରପୁର ପୌରପରିଷଦ ଅନ୍ତର୍ଗତ ଆର୍ଯ୍ୟପଲ୍ଲୀ କୂଳର ବହୁ ପରିମାଣରେ କ୍ଷୟ ଘଟିଛି । ଜଳସେଚନ ବିଭାଗର ଅଧିକ୍ଷକ ଯନ୍ତ୍ରୀଙ୍କୁ ବୈଷୟିକ ବିଶ୍ଳେଷଣ କରି ବିଶେଷଜ୍ଞଙ୍କ ପରାମର୍ଶ ଅନୁଯାୟୀ ଡିପିଆର୍ ପ୍ରସ୍ତୁତ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।



ଏହା ପୂର୍ବରୁ ଚେନ୍ନାଇ ସ୍ଥିତ ଜାତୀୟ ସମୁଦ୍ର ପ୍ରଯୁକ୍ତିବିଦ୍ୟା ସଂସ୍ଥାନ (ଏନ୍.ଆଇ.ଓ.ଟି.) ପକ୍ଷରୁ ଚିକିଟି ବ୍ଲକର ରାମୟାପାଟଣା ଓ ଆର୍ଯ୍ୟପଲ୍ଲୀ ବେଳାଭୂମି କ୍ଷୟ ଉପରେ ବିଶ୍ଳେଷଣ କରିଛନ୍ତି ଏବଂ ତାହାର ଡିପିଆର୍ ଅତି ନିକଟରେ ପ୍ରସ୍ତୁତ ହେବାକୁ ଯାଉଥିବା ଜିଲ୍ଲାପାଳ ସୂଚନା ଦେଇଛନ୍ତି । ସେହି ଦିଗରେ ପୋଡ଼ମପେଟା ଓ ସାନ ଆର୍ଯ୍ୟପଲ୍ଲୀରେ ବି କାର୍ଯ୍ୟ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି । ସୂଚନାଯୋଗ୍ୟ ଯେ ସମୁଦ୍ର କୂଳ କ୍ଷୟ ଦ୍ୱାରା ଅଞ୍ଚଳବାସୀଙ୍କ ଅସୁବିଧା ନେଇ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ପୂର୍ବରୁ ଚିଠି ଦ୍ୱାରା ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି । ଏହା ସହିତ ବଢୁଥିବା ସମୁଦ୍ର କୂଳକ୍ଷୟ ଏବଂ ଭୟାବହ ସ୍ଥିତିକୁ ନେଇ ଉଭୟ ଅଞ୍ଚଳରେ ପହଁଞ୍ଚି ସମୁଦ୍ରକୂଳ ଅବକ୍ଷୟର ସ୍ଥିତି ଅନୁଧ୍ୟାନ କରିବା ସହିତ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରି ସ୍ଥାୟୀ ଉପକୂଳ ସୁରକ୍ଷା ବ୍ୟବସ୍ଥା କିପରି ଶୀଘ୍ର କରାଯାଇପାରିବ ସେନେଇ ମଧ୍ୟ ଆଲୋଚନା କରିଥିଲେ । ଏପଟେ ସମୁଦ୍ର କୂଳ ସୁରକ୍ଷା ପାଇଁ ସ୍ଥାୟୀ ପ୍ରତିରୋଧ ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି । ସେମାନଙ୍କ ଆଶଙ୍କା ଯେ, ଉଚିତ ସମୟରେ ପଦକ୍ଷେପ ଗ୍ରହଣ ନକରାଗଲେ ସମୁଦ୍ର ଜନବସତି ଆଡ଼କୁ ଅଗ୍ରସର ହୋଇ ବ୍ୟାପକ କ୍ଷୟକ୍ଷତି ଘଟାଇ ପାରେ ।

# ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

ରଘୁନାଥପୁର,(ସବ୍ୟୁ) :ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ରଘୁନାଥପୁର ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି ।ଶିବିର ରେ ଉପସ୍ଥିତ ରହି ଜିଲ୍ଲାପାଳ ଜେ ସୋନାଲ ଜନସାଧାରଣଙ୍କ ର ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ଆଜି ମୋଟ ୨୬୨ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୪୮ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୪ ଟି । ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ କାର୍ଡ ସମସ୍ୟା ସମ୍ପର୍କୀୟ ୮ ଟି, ଆବାସ ପାଇଁ ୬୭ ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୧୭ ଟି, ଭତ୍ତା ପାଇବା ପାଇଁ ୧୫ ଟି, ପୋଲିସ ସହାୟତା ପାଇଁ ୩ ଟି ଏବଂ ଅନ୍ୟାନ୍ୟ ୩୭ ଟି ଅଭିଯୋଗର ଶୁଣାଣି କରାଯାଇଥିଲା । ଏଥି ମଧ୍ୟରୁ ମୁଖ୍ୟ ଅଭିଯୋଗ ଭାବେ କଟକ -ପାରାଦୀପ ରାସ୍ତାର ଶିଉଳି ଠାରୁ କଣ୍ଟୀପାଳ ପର୍ଯ୍ୟନ୍ତ ରାସ୍ତା ମଝିରେ ଫାଙ୍କ ଯୋଗୁଁ ବହୁ ଦୁର୍ଘଟଣା ଘଟିବାର ଅଭିଯୋଗ ଶୁଣାଣି କରି ଯଥା ଶୀଘ୍ର ଏହାର ମରାମତି ପାଇଁ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କୁ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶ ଦେବା ସହିତ ୮ ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ,ଜଗତସିଂହପୁର,ଜ୍ୟୋତି ଶଙ୍କର ରାୟ, ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଅକ୍ଷୟ ପଲ୍ଲେ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ,ଗୋଷ୍ଠୀ ଉନ୍ନୟନ ଅଧିକାରୀ ,ରଘୁନାଥପୁର, ବିରଞ୍ଚି ନାରାୟଣ ବେହେରା, ତହସିଲଦାର, ରଘୁନାଥପୁର, ଶ୍ରୀମତୀ ରାଜଲକ୍ଷ୍ମୀ ନାୟକ, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ ।

## ବୈତରଣୀ ନଦୀରେ ପ୍ରଥମ ବନ୍ୟା

# ବନ୍ୟା ମୁକାବିଲା ପାଇଁ ପ୍ରଶାସନ ସଂପୂର୍ଣ୍ଣ ପ୍ରସ୍ତୁତ : ଜିଲ୍ଲାପାଳ

ବ୍ୟାସନଗର, (ଜିପ୍ର) : ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ଚଳିତ ବର୍ଷ ବୈତରଣୀ ନଦୀରେ ପ୍ରଥମ ବନ୍ୟା ଜଳ ପ୍ରବାହିତ ହୋଇଛି । ବୈତରଣୀ ନଦୀରେ ଛୋଟ ବନ୍ୟାର ଆଶଙ୍କା ଥିବାରୁ ତଳିଆ ଅଞ୍ଚଳ ଜଳମଗ୍ନ ହେବା ଆଶଙ୍କା ସୃଷ୍ଟି ହୋଇଛି । ବୈତରଣୀରେ ଛୋଟ ଧରଣର ବନ୍ୟା ଆଶଙ୍କା ଥିବାରୁ ବନ୍ୟା ମୁକାବିଲା କରିବା ପାଇଁ ପ୍ରଶାସନ ସଂପୂର୍ଣ୍ଣ ପ୍ରସ୍ତୁତ ଅଛି ବୋଲି ଜିଲ୍ଲାପାଳ ଅମୃତ କୁମାର କର ସୂଚନା ଦେଇଛନ୍ତି । ବୈତରଣୀ ନଦୀର ବନ୍ୟାରେ ଦଶରଥପୁର ବ୍ଲକର କେତେକାଞ୍ଚଳ ଜଳମଗ୍ନ ହେବା ଆଶଙ୍କା ଥିବାରୁ ଘଟଣା ସ୍ଥଳ ପରିଦର୍ଶନ କରି ସଜାଗ ରହିବା ପାଇଁ ତହସିଲଦାର ସମେତ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଅଖୁଆପଦା ଠାରେ ବୈତରଣୀ ନଦୀର ଜଳସ୍ତର ସନ୍ଧ୍ୟା ୭ ଘଟିକା ସୁଧା ବିପଦ ସଂକେତ ତଳେ ୧୭.୮୩ମିଟର ଜଳ ପ୍ରବାହିତ ହେଉଥିବା ବେଳେ ଏହାର ବିପଦ ସଂକେତ ୧୮.୩୩ ମିଟର । ସୋମବାର ରାତି ସୁଧା ଏହା ବିପଦ ସଂକେତ ଟପିବାର ଯଥେଷ୍ଟ ଆଶଙ୍କା ରହିଛି ବୋଲି ଜଳ ସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଅନ୍ତର୍ଯାମୀ ମହାନ୍ତି ସୂଚନା ଦେଉଥିବା ବେଳେ



ଆନନ୍ଦପୁର ଠାରେ ବୈତରଣୀ ନଦୀର ଜଳସ୍ତର ଧିରେ ଧିରେ ହ୍ରାସ ପାଉଛି ବୋଲି ସୂଚନା ପ୍ରଦାନ କରିଛନ୍ତି । ବୈତରଣୀ ନଦୀର ଜଳସ୍ତର ବୃଦ୍ଧି ଯୋଗୁ ଏହାର ଶାଖା ନଦୀ କାଣି ନଦୀରେ ବନ୍ୟାର ଜଳ ପ୍ରବାହିତ ହେଉଛି । ନଦୀରେ ବନ୍ୟା ଜଳ ପ୍ରବାହିତ ହେଉଥିବାରୁ ତଳିଆ ଅଞ୍ଚଳବାସୀ ଆତଙ୍କିତ ହୋଇପଡ଼ିଛନ୍ତି । ସେହିପରି ଖରସ୍ରୋତା ନଦୀରେ ପ୍ରଥମ ବନ୍ୟା ଜଳ ପ୍ରବାହିତ ହେଉଥିବା ବେଳେ ବନ୍ୟାର ଆଶଙ୍କା ନାହିଁ ବୋଲି ଜଳ ସମ୍ପଦ ବିଭାଗ ସୂଚନା ଦେଇଛି । ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ଖରସ୍ରୋତା ନଦୀ ଓ ତାର ଶାଖା ନଦୀ ତନ୍ତିଘାଇରେ ବନ୍ୟା ଜଳ ପ୍ରବାହିତ ହେଉଛି । ନଦୀରେ କୁମ୍ଭୀର ଥିବାର ଆଶଙ୍କା କରାଯାଉଥିବାରୁ ନଦୀକୂଳିଆଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି ।

# ଅଟଳ ସେନା ପକ୍ଷରୁ ଡ଼ଃ ଶ୍ୟାମା ମୁଖାର୍ଜୀଙ୍କ ଜୟନ୍ତୀ ପାଳିତ

ସାଲେପୁର ,(ସବ୍ୟୁ) :-ଅଟଳ ସେନା, ଓଡ଼ିଶା ତରଫରୁ ଡ଼ଃ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ୧୨୫ତମ ଜନ୍ମ ବାର୍ଷିକ ସମାରୋହ ଅଟଳ ସେନା କାର୍ଯ୍ୟାଳୟ, ସାଲେପୁର ଠାରେ ସେନାର ରାଜ୍ୟ ସଭାପତି ଦିବାକର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଅବସରରେ ମୁଖ୍ୟଅତିଥି ଭାବେ ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡଃ ଉମେଶ ଚନ୍ଦ୍ର ପତି ଯୋଗଦେଇ ଡଃ ମୁଖାର୍ଜୀଙ୍କୁ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ବୋଲି ବର୍ଣ୍ଣନା କରିଥିଲେ । ମୁଖ୍ୟବକ୍ତା ଭାବରେ ଶିକ୍ଷାବିତ୍ ଅଶୋକ କୁମାର ସ୍ୱାଇଁ ମୁଖାର୍ଜୀଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବରେ ଶିକ୍ଷାବିତ୍ ପ୍ରତାପ କିଶୋର ମିଶ୍ର, ଭିକାରୀ ଚରଣ ବେହେରା , ବକ୍ତାଭାବେ ରୁକ୍ମଣୀ କ୍ଷେତ୍ର ସଂଯୋଜକ ଲକ୍ଷ୍ମୀ ନାରାୟଣ ନାୟକ ଯୋଗଦେଇ ଜନ ସଂଘ ଗଠନରେ ତାଙ୍କର ଭୂମିକା ଉପରେ ମାର୍ଗ ଦର୍ଶନ କରିଥିଲେ । ଅଟଳ ସେନା ସଂଗଠନ ସମ୍ପାଦକ ରବୀନ୍ଦ୍ର କୁମାର ବେହେରା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ମହିଳା ସଂଘ ସଂପାଦିକା ବିଜୟିନୀ ନାୟକ ଧନ୍ୟବାଦ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଟଳ ବୁଦ୍ଧିଜିବୀ ସଂଘ ସଂପାଦକ ରାଜେନ୍ଦ୍ର ନାଥ ନାୟକ, ରବି ନାରାୟଣ ପଟ୍ଟନାୟକ, ତାପସ ରଞ୍ଜନ ତ୍ରିପାଠୀ,ଦ୍ରୁପଦ ସ୍ୱାଇଁ, ଯୁବ ସଂଘ ସଂପାଦକ ପ୍ରଶାନ୍ତ ମଲ୍ଲିକ, ସନ୍ତୋଷ ସାମଲ, କୃଷ୍ଣଚନ୍ଦ୍ର ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ମାମୁଁ ଗାଁରେ କଟିଲା ଭଣଜାର ହାତ ପାପୁଲି

ରାଜକନିକା ,(ସବ୍ୟୁ) : ରାଜକନିକା ଥାନା ଅଞ୍ଚଳରେ ଆଜି ପୂର୍ବାହ୍ଣରେ ଏକ ଚାଞ୍ଚଲ୍ୟକର ଘଟଣା ଘଟିଯାଇଛି । ସୂଚନାରୁ ପ୍ରକାଶ ବାଘବୁଦା ପଞ୍ଚାୟତ ଆରସା ଗାଁ ର ଗୋଲେଖ ଥାଟୋଇଙ୍କ ପୁଅ ସୌରଭ ଥାଟୋଇ (୨୧) ଆଜି ସକାଳବେଳା କୌଣସି ଏକ କାମରେ ନିଜ ମାମୁଁଘର ବରୁଣାଡିହା ଗାଁକୁ ଯାଇଥିଲେ ।ଫେରିବା ବାଟରେ ଉକ୍ତ ଗାଁ ର ଜଣେ ୪୫ ବର୍ଷିଅ ବ୍ୟକ୍ତି ଅତର୍କୀତ ଭାବେ ସୌରଭଙ୍କୁ ଏକ ଧାରୁଆ ଅସ୍ତ୍ର ସାହାଯ୍ୟରେ ଆକ୍ରମଣ କରିଥିଲେ ।ଫଳରେ ସୌରଭଙ୍କ ଡାହାଣ ହାତ ପାପୁଲି ଅଧାରୁ ଅଧିକ କଟି ଯାଇଥିଲା । ଏହା ଦେଖି ସ୍ଥାନୀୟ ଲୋକେ ତୁରନ୍ତ ତାଙ୍କୁ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ । ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରା ଯାଇଛି । ଅନ୍ୟପକ୍ଷରେ ଘଟଣା ଘଟାଇ ଥିବା ଯୁବକ ଫେରାର ହୋଇଯାଇଥିବା ବେଳେ ତାଙ୍କ ମୁଣ୍ଡ ଠିକ ଭାବେ କାମ



କରୁ ନ ଥିବା ସ୍ଥାନୀୟ ଲୋକ କହିଛନ୍ତି ।ଏହି ଘଟଣା କୁ ପୋଲିସ ଗୁରୁତର ଭାବେ ନେଇ ତନାଘନା କରୁଛି ।

# ଚୋରା ମଦ ଜବତ, ୬ କୋର୍ଟ ଚାଲାଣ

କେନ୍ଦ୍ରାପଡା,(ସବ୍ୟୁ) : କେନ୍ଦ୍ରାପଡା ଜିଲ୍ଲା ।ପାଳ ରଘୁରାମ ଆୟରଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧିକ୍ଷକ ବିପ୍ର ଚରଣ ମଣ୍ଡଳ ପ୍ରତ୍ୟକ୍ଷ ତ%୦ାବଧାନରେ ଜିଲ୍ଲାର ଜମ୍ବୁ ମେରେଇନ ଓ ମାର୍ଶାଘାଇ ଥାନା ଅଧିନସ୍ଥ ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ପ୍ରଭାକରପୁର ଗ୍ରାମର ଚନ୍ଦା ଖିଲର (-୫୦) ଙ୍କ ଠାରୁ ୨୭ ଲିଟର ଦେଶୀ ରନ୍ଧା ମଦ, ବଉଳକଣି ଗ୍ରାମର ରବି ଖିଲର (୫୦) ଙ୍କ ଠାରୁ ୮୫୦ କିଗ୍ରାର ଗୁଡ ପୋଚ ମଦ, ଗୌରାଙ୍ଗ ରାଉତ (୨୫) ଙ୍କ ଠାରୁ ୬୫୦ କିଗ୍ରାର ଗୁଡ ପୋଚ ମଦ, ବଡପାଳ ଗ୍ରାମର ଶୋଭ ବେହେରା (୫୮) ଙ୍କ ଠାରୁ ୭୧ ଲିଟର ବିଦେଶୀ ମଦ, ତିଖିରି ଗ୍ରାମର ତୁନିଲତା ପଲାଇ (୩୦) ଙ୍କ ଠାରୁ ୬୨ ଲିଟର ବିଦେଶୀ ମଦ ଓ ଡେକାନୀ ଗ୍ରାମର ନୃସିଂଘ ପ୍ରଧାନ (୪୫) ଙ୍କ ଠାରୁ ୩୫୪ ଲିଟର ଗୁଡପୋଚ ମଦ ଜବତ କରାଯାଇ ଏମାନଙ୍କୁ ଗିରଫ କରାଯାଇଛି । ଏମାନଙ୍କ ପାକ୍ଷରୁ ସମୁଦାୟ ୨୦୧୪ ଲିଟର ବିଦେଶୀ ଓ ଦେଶୀ ରନ୍ଧା ମଦ ଜବତ କରାଯାଇ ୦୬ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଅଛି । ଏହି ଚଢ଼ାଉରେ ଅବକାରୀ ଉପ ନିରିକ୍ଷକ ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର ଓ ଅନ୍ୟ କର୍ମଚାରି ସାମିଲ ଥିଲେ ।

# ଲଗାଣ ବର୍ଷାରେ ଜଳମଗ୍ନ ବରାହନାଥ ମନ୍ଦିର

ଯାଜପୁର ,(ସବ୍ୟୁ) :ଯାଜପୁର ଟାଉନର ପ୍ରସିଦ୍ଧ ଓ ବହୁ ପୁରାତନ ବରାହନାଥ ମନ୍ଦିର ଏବେ ଅବହେଳାର ଶିକାର ହୋଇଥିବା ଅଭିଯୋଗ ହେଉଛି । ଲଗାଣ ବର୍ଷା ଫଳରେ ମନ୍ଦିର ବେଢା ଭିତରେ ପ୍ରାୟ ଏକ ଫୁଟ ପାଣି ଜମି ରହିଛି । ବର୍ଷା ପାଣି ସହ ରାସ୍ତାର ଅପରିଷ୍କାର ପାଣି ମଧ୍ୟ ପ୍ରଭୁ ବରାହନାଥଙ୍କ ସିଂହାସନ ପର୍ଯ୍ୟନ୍ତ ପହଞ୍ଚିଯାଇଥିବାରୁ ନିୟମିତ ନୀତିକାନ୍ତି ଓ ପୂଜାର୍ଚ୍ଚନାରେ ବାଧା ସୃଷ୍ଟି ହେଉଛି । ସ୍ଥାନୀୟ ଲୋକ ଓ ସେବାୟତଙ୍କ କହିବା ଅନୁସାରେ, ଏହା ଆଜିର ସମସ୍ୟା ନୁହେଁ ।ବର୍ଷା ହେଲେ ପ୍ରତିଥର ମନ୍ଦିରରେ ପାଣି ପଶିବା ଏକ ନିତିଦିନିଆ ସମସ୍ୟା ପାଲଟିଛି । ବାରମ୍ବାର ପ୍ରଶାସନଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ସ୍ଥାୟୀ ସମାଧାନ ହୋଇନାହିଁ ।

ଗ୍ରାମବାସୀଙ୍କ ଅଭିଯୋଗ, ପୂର୍ବ ସରକାର ସମୟରେ ମନ୍ଦିରର ଉନ୍ନତି ପାଇଁ ପ୍ରକଳ୍ପ କାମ ଆରମ୍ଭ ହୋଇଥିଲା ଏବଂ ଜଳନିଷ୍କାସନ ସମସ୍ୟାର ସମାଧାନ ହେବ ବୋଲି ଆଶା ଥିଲା । ହେଲେ ସରକାର ପରିବର୍ତ୍ତନ ପରେ ସେହି କାମ ଆଗକୁ ବଢ଼ିନଥିବାରୁ ସେବାୟତ ଓ ପୂଜକମାନଙ୍କ ମଧ୍ୟରେ ନିରାଶା ଦେଖାଦେଇଛି । ଗ୍ରାମବାସୀଙ୍କ କହିବା ଅନୁସାରେ, ପୂର୍ବବର୍ଷ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଓ ଜିଲ୍ଲା ପ୍ରଶାସନର ଅଧିକାରୀମାନେ ମନ୍ଦିର ପରିଦର୍ଶନ କରି ଛଅ ମାସ ମଧ୍ୟରେ ସମସ୍ତ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ଏକ ବର୍ଷ ବିତିଯାଇଥିଲେ ସୁଦ୍ଧା କୌଣସି କାର୍ଯ୍ୟ ହୋଇନାହିଁ । ଏହାକୁ ନେଇ ସ୍ଥାନୀୟ ଲୋକ, ସେବାୟତ ଓ ଭକ୍ତମାନଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଥିବା ବେଳେ ତୁରନ୍ତ ସ୍ଥାୟୀ ଜଳନିଷ୍କାସନ ବ୍ୟବସ୍ଥା ଓ ମନ୍ଦିରର ଉନ୍ନତି କାର୍ଯ୍ୟ କରିବାକୁ ଦାବି ହୋଇଛି ।

# ଟ୍ରକ ଧକ୍କାରେ ୩ଟି ଗୋରୁ ମୃତ

ନିଶ୍ଚିନ୍ତକୋଇଲି,(ସବ୍ୟୁ) : ଆଜି କଟକ-ଚାନ୍ଦବାଲି ରାସ୍ତାର ନିଶ୍ଚିନ୍ତକୋଇଲି ବ୍ଲକ କଟରପଡା ନିକଟରେ ଏକ ଅଭାବନୀୟ ଘଟଣା ଘଟିଛି । ବେପରୁଆ ଭାବେ ଗାଡି ଚାଳନା ହେତୁ ଟ୍ରକ ଧକ୍କାରେ ୩ଟି ଗୋରୁ ଅକାଳରେ ମୃତ୍ୟୁବରଣ କରିଛନ୍ତି । ଏହି ଘଟଣାକୁ କେନ୍ଦ୍ରକରି ସାଧାରଣରେ ଉତେଜନା ପ୍ରକାଶ ପାଇଛି । ଆଜି ସକାଳେ କଟକ-ଚାନ୍ଦବାଲି ରାସ୍ତାର କଟରପଡା ଛକ ନିକଟରେ ୪ଟି ବୁଲା ଗୋରୁ ରାସ୍ତା ପାଶ୍ୱର୍ରେ ଠିଆ ହୋଇଥିଲେ । ଏହି ସମୟରେ କଟକରୁ କେନ୍ଦ୍ରାପଡା ଅଭିମୁଖେ ଦୃତ ଗତିରେ ଯାଉଥିବା ଏକ ଟ୍ରକ ଏହି ୪ଟି ଗୋରୁଙ୍କୁ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ୩ଟି ଗୋରୁ ଅକାଳରେ ମୃତ୍ୟୁବରଣ କରିଥିଲେ । ସ୍ଥାନୀୟ ଲୋକେ ନିଶ୍ଚିନ୍ତକୋଇଲି ପ୍ରାଣୀ ଚିକିସିଳୟକୁ ଖବର ଦେବା ପରେ ବିଭାଗୀୟ ଅଧିକାରୀ ଘଟଣାସ୍ଥଳରେ ପହଂଚି ଗୁରୁତର ଆହତ ହୋଇଥିବା ଗୋରୁଟିକୁ ଚିକିସା କରୁଥିବାର ଜଣାଯାଇଛି । ତେବେ ଏହି ରାସ୍ତାରେ ବେପରୁଆ ଭାବେ ଗାଡି ଚାଳନା ହେତୁ ଦୈନନ୍ଦିନ ଛୋଟବଡ ଦୁର୍ଘଟଣା ଘଟି ବହୁ ଧନଜୀବନ ହାନୀ ହେଉଥିବାର ଅଭିଯୋଗ ହୋଇଛି ।

# ନୂତନ ଶ୍ରେଣୀ ଗୃହର ଭିତିପ୍ରସ୍ତର ସ୍ଥାପନ

ଧର୍ମଶାଳା ,(ସବ୍ୟୁ) : ଧର୍ମଶାଳା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗଡମଧୁପୁର ଉଚ୍ଚ ବିଦ୍ୟାଳୟର ନୂତନ ଶ୍ରେଣୀ ଗୃହର ଆଜି ଭିତିପ୍ରସ୍ତର ସ୍ଥାପନ କରାଯାଇଛି । ପୂର୍ତ୍ତ ବିଭାଗ ପକ୍ଷରୁ ୪ କୋଟି ଟଙ୍କା ବ୍ୟୟ ଅଟକଳରେ ହେବାକୁ ଥିବା ସ୍କୁଲ ଗୃହ ଭିତିପ୍ରସ୍ତର ସ୍ଥାନ ଉତ୍ସବରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଭିତିପ୍ରସ୍ତର ସ୍ଥାପନ କରିଛନ୍ତି । ସୂଚନା ଥାଉକି ସ୍କୁଲରେ ଶ୍ରେଣୀ ଗୃହର ଅଭାବ ଯୋଗୁ ଛାତ୍ରଛାତ୍ରୀମାନଙ୍କ ପାଠ ପଢାରେ ବ୍ୟାଘାତ ହେଉଥିଲା । ଏସମ୍ପର୍କରେ ହୃଦୟଙ୍ଗମ କରି ବିଧାୟକ ଶ୍ରୀ ସାହୁ ନିଜ ଚେଷ୍ଟାରେ ପୂର୍ତ୍ତ ବିଭାଗ ପକ୍ଷରୁ ବ୍ୟୟ ଅଟକଳ କରାଇ ଗୃହ ନିର୍ମାଣ ପାଇଁ ବ୍ୟବସ୍ଥା କରିଥିଲେ । ସ୍କୁଲ ଗୃହ ହେବା ଫଳରେ ଛାତ୍ରଛାତ୍ରୀମାନେ ସୁବିଧାରେ ଶ୍ରେଣୀ ଗୃହରେ ବସି ପାଠ ପଢିପାରିବେ ବୋଲି ସ୍କୁଲର ଶିକ୍ଷକ କହିଛନ୍ତି ।

# ମଙ୍ଗଳପୁର ବଡ଼କୁଆଲ ଆର୍‌ଡି ରାସ୍ତା ବିଚ୍ଛିନ୍ନ

## ରାସ୍ତା କାଟି ପୋଲ ନିର୍ମାଣ, ଆପ୍ରୋଚ ରୋଡରେ ଆଣ୍ଠୁଏ ପାଣି

ମଙ୍ଗଳପୁର, (ସବ୍ୟୁ) : ଅବଧି ଶେଷର ତିନି ବର୍ଷ ପରେ ମଙ୍ଗଳପୁର - ବଡ଼କୁଆଲ ଆ.ର୍.ଡ଼ି ରାସ୍ତାରେ ନିର୍ମାଣ ହେଉଛି ପୋଲ । ମାତ୍ର ପୋଲ ନିର୍ମାଣ ହେଉଥିବା ଏକ ମାତ୍ର ରାସ୍ତାଟିକୁ ସମ୍ପୂର୍ଣ୍ଣ କାଟିଦେଇଛନ୍ତି ଠିକାଦାର । ୩ ଦିନ ପ୍ରବଳ ବର୍ଷା ହେବା ଫଳରେ ଶୁଖିଲା ବିଲ ଦେଇ ଲୋକେ ଯାତାୟାତ କରୁଥିବା ରାସ୍ତା ବୁଡ଼ିଯାଇଛି । ଡ଼ାଇଭର୍ସନ ରାସ୍ତା ନଥିବାରୁ ଲୋକେ ଯାତାୟାତ କରିପାରୁନାହାନ୍ତି ।ଫଳରେ ଲୋକେ ନହିନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଠିକାଦାର ରାସ୍ତା କାଟିବା ପୂର୍ବରୁ ଡ଼ାଇଭର୍ସନ ରାସ୍ତା ନିର୍ମାଣ କରି କାଟିବା କଥା ମାତ୍ର ସେମିତି କରାଯାଇନାହିଁ । ଫଳରେ ସ୍ଥାନୀୟ ଲୋକେ ନହିନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସୂଚନାଥାଉକି ମୁଖ୍ୟମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ମଂଗଲପୁର - ବଡକୁଆଁଲ ରାସ୍ତା ସଂପ୍ରଶାରଣ ପାଇଁ ଆରଡି ବିଭାଗ ପକ୍ଷରୁ ଗତ ୨୦୨୨ ମସିହାରେ ବ୍ୟୟ ମଂଜୁରୀ କରାଯାଇଥିଲା । କାର୍ଯ୍ୟ ପାଇଁ ମେସର୍ସ ସତ୍ୟସାଇ କନଷ୍ଟ୍ରକସନ ଶୁଶାନ୍ତ ପରିଡାଙ୍କୁ ବିଭାଗ ପକ୍ଷରୁ ଦାୟୀତ୍ୱ ପ୍ରଦାନ କରାଯାଇଥିଲା । ୮ କିଲୋମିଟର ୫୫୦ ମିଟର ରାସ୍ତା ସଂପ୍ରାସାରଣ ପାଇଁ ୮ କୋଟି ୩୧ ଲକ୍ଷ ବ୍ୟୟ ବରାଦ କରାଯାଇଥିଲା । କାର୍ଯ୍ୟଟି ୨୬ ଅକ୍ଟୋବର ୨୦୨୨ ରୁ ଆରମ୍ଭ ହୋଇ ୨୫ ଅକ୍ଟୋବର ୨୦୨୩ ରେ ଶେଷ ହେବା କଥା । ମାତ୍ର ଅବଧିର ୩ ବର୍ଷ ପରେ ମଧ୍ୟ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ । ଯଦିଓ ରାସ୍ତାଟି ପିଚୁ ଏବଂ ଢଳାଇ ୯୦ ପ୍ରତିଶତ ଶେହ ହୋଇଛି । ୨ ପାଶ୍ୱର୍ ୩ ଫୁଟ ଲେଖାଏଁ ମାଟି ମୋରମ ପଡିନାହିଁ । ୧୧ଟି ପୋଲ ମଧ୍ୟରୁ ୪ଟି ପୋଲ ନିର୍ମାଣ ହୋଇନାହିଁ । ଉକ୍ତ ପୋଲ ୨ଟି ନିର୍ମାଣ ହେଉଥିବାବେଳେ ରାସ୍ତା କଟାଯାଇଥିଲା । ଡ଼ାଇଭର୍ସନ ରାସ୍ତା ନିର୍ମାଣ ନହେବା କାଳ ସାଜିଛି । ଲଗାଣ ବର୍ଷା ପାଇଁ ଚାଷ ଜମି ବୁଡିଯିବାରୁ ସମ୍ପୂର୍ଣ ଭାବେ ମଙ୍ଗଳପୁର - ବଡ଼ କୁଆଲ ରାସ୍ତା ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି । ଏହି ରାସ୍ତା ଦେଇ ଥାଲକୁଡି, ବିରିପଟା, ଜାଫରପୁର, ପାଲଟପୁର, ଖାନନଗର, ପାଲଟପୁର ପଞ୍ଚାୟତ ସମେତ କେନ୍ଦ୍ରାପଡ଼ା ଜିଲ୍ଲାକୁ ସଂଯୋଗ କରୁଥିଲା । ରାସ୍ତା ବିଚ୍ଛିନ୍ନ ହେବାରୁ ଲୋକେ ସମସ୍ତ ଜରୁରୀ ସେବାରୁ ବଞ୍ଚିତ ହେଉଛନ୍ତି । ଠିକାଦାରଙ୍କ ଏଭଳି ଦାଇତ୍ୱହୀନ କାର୍ଯ୍ୟ ଏବଂ ବିଭାଗୀୟ ଜେଇ କିପରି ବିନା ଡ଼ାଇଭର୍ସନ ରାସ୍ତା ନକରି ଏମିତି ଅନୁମତି ଦେଉଛନ୍ତି ତାହା ସନ୍ଦେହ ସୃଷ୍ଟି କରିଛି । ଡ଼ାଇଭର୍ସନ ରାସ୍ତା ପାଇଁ ସରକାର ଅର୍ଥ ଦେଉଥିବା ବେଳେ କିପରି ଏହାକୁ କାର୍ଯ୍ୟକାରୀ କରାଯାଉନାହିଁ । ଏହାଛଡା ନିର୍ମାଣ ହୋଇଥିବା ପୋଲର ଗାର୍ଡ ଓ୍ୱାଲ ନିମ୍ନମାନର ହୋଇଥିବାରୁ ଢଳାଇ ବାହାରି ଯାଉଛି । ଏ ବିଷୟରେ ବିଭାଗୀୟ ଏସଇ ଅବିନାଶ ବାରିକଙ୍କୁ ପଚାରିବାରେ ଠିକାଦାରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ।

## ଶ୍ରୀବନ୍ତପୁର ସାଧନ କେନ୍ଦ୍ରସ୍ତରୀୟ ସହଭାଗିତା ବୈଠକ

କୁଆଖିଆ,(ସବ୍ୟୁ) : ରସୁଲପୁର ବ୍ଲକ ଅନ୍ତର୍ଗତ ଭଗତ ଭଗବାନ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶ୍ରୀବନ୍ତପୁର କ୍ଲଷ୍ଟରସ୍ତରୀୟ ସହଭାଗିତା ବୈଠକ ସି ଆର ସି ସି ବସନ୍ତ କୁମାର ସାମଲଙ୍କ ତତ୍ତ୍ୱାବଧାନ ରେ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ସାହୁ କ୍ଲଷ୍ଟରର ସମସ୍ତ ଶିକ୍ଷକଙ୍କୁ ସ୍ୱାଗତ କରିଥିଲେ । ଏଥିରେ ଶିକ୍ଷକ ହେମନ୍ତ କୁମାର ସାହୁ, ରମେଶ ଜେନା, ଲକ୍ଷ୍ମୀପ୍ରିୟା ରଣା, କ୍ଷୀରୋଦ ବିହାରୀ ପ୍ରଧାନ, ହିମାଂଶୁ ଭୂଷଣ ପାଳ, ଅଂଶୁମାଳି ପରିଡା, ଲକ୍ଷ୍ମୀପ୍ରିୟା ସାହୁ, ଅଭିରାମ ମଲିକ, ଶିଖର ସିଂ ସର୍ଦାର, ନିରଞ୍ଜନ ଓଝା ଯୋଗ ଦେଇ ଶୈକ୍ଷିକ ବାତାବରଣ, ପରୀକ୍ଷା, ନୂଆ ପାଠ୍ୟକ୍ରମ ସହଭାଗିତାରେ ଶିକ୍ଷକଙ୍କ ସେବା ଦାୟିତ୍ୱ, କର୍ତବ୍ୟ ଉପରେ କହିଥିଲେ । ଏଥିରେ ପରିଚାଳନା କମିଟି ସଦସ୍ୟ ମନୋଜ ରାଉତ, ବଚନ ତରାଇ, ସଭାପତି କୀର୍ତନ ପରିଡା ଉପସ୍ଥିତ ରହି ଶିକ୍ଷକଙ୍କୁ ଏଫ ଏଲ ଏନ ଶିଶୁ ବାଟିକା, ପରୀକ୍ଷା ଉପରେ ଆଲୋଚନା ହୋଇଥିଲା ।

# ଜମିଜମା ବିବାଦକୁ ନେଇ ଗଣ୍ଡଗୋଳ : ଜଣେ କୋର୍ଟ ଚାଲାଣ

ମହାକାଳପଡା,(ସବ୍ୟୁ) : ମହାକାଳପଡା ଥାନା ଅନ୍ତର୍ଗତ କେନ୍ତିଆ ଗ୍ରାମରେ ଚାଷ ଜମିକୁ କେନ୍ଦ୍ର କରି ଭାଇ ଭାଇ ଭିତରେ ଗଣ୍ଡଗୋଳ । ବଡ ଭାଇ ଓ ତାଙ୍କ ପୁଅ ଏବଂ ସମ୍ପର୍କୀୟ ଙ୍କ ମିଳିତ ଆକ୍ରମଣ ରେ ସାନ ଭାଇ ଓ ତାଙ୍କ ପନିୀ ଗୁରୁତର । ସୂଚନା ମୁତାବକ କେନ୍ତିଆ ଗ୍ରାମର ବାବୁଲି ପ୍ରଧାନ ଓ ତାଙ୍କ ପୁଅ ବିଶ୍ୱଜିତ ପ୍ରଧାନ ବିଲ ମୁଣ୍ଡରେ ତାଙ୍କ ସାନ ଭାଇ ମଙ୍ଗୁଳି ପ୍ରଧାନ ଓ ତାଙ୍କ ପନିୀ ସୁକାନ୍ତି ପ୍ରଧାନଙ୍କୁ ଗାଳିଗୁଲଜ କରିଥିଲେ । ପରେ ଉଭୟ ବାପ-ପୁଅ ଧାରୁଆ ଅସ୍ତ୍ର ରେ ମଙ୍ଗୁଳି ଓ ସୁକାନ୍ତିଙ୍କୁ ଆକ୍ରମଣ କରି ଲହୁଲୁହାଣ କରିଦେଇଥିଲେ । ଜୀବନରେ ମାରିଦେବାକୁ ଉଦ୍ୟମ କରିଥିଲେ । କୌଶଳ କ୍ରମେ ଦମ୍ପତି ଦୌଡି ପଳାଉଥିବା ବେଳେ ବାବୁଲିଙ୍କ ସମ୍ପର୍କୀୟ ଭାଇ ର ପୁଅ ସଂଗ୍ରାମ ପାତ୍ର ଘଟଣା ସ୍ଥଳରେ ପହଞ୍ଚି ମଧ୍ୟ ଧାରୁଆ ଅସ୍ତ୍ର ଦେଖାଇ ଧମକାଇଥିବା ସହ ଅଶାଳୀନ ବ୍ୟବହାର କରିଥିବା ରେ ଅଭିଯୋଗ ହୋଇଛି । ଗୁରୁତର ଅବସ୍ଥାରେ ମଙ୍ଗୁଳି ଓ ତାଙ୍କ ପନିୀ ମହାକାଳପଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଚିକିତ୍ସାଧୀନ ଅଛନ୍ତି । ମଙ୍ଗୁଳି ଙ୍କ ଅଭିଯୋଗ କ୍ରମେ ପୋଲିସ ୨୦୩/୨୬ ମୂଳେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବାର ଜଣାପଡିଛି ।ମହାକାଳପଡା ପୋଲିସ ଅଭିଯୁକ୍ତ ବିଶ୍ୱଜିତ ପ୍ରଧାନଙ୍କୁ ଙ୍କୁ ଗିରଫ କରି କୋର୍ଟ ଫରଓ୍ୱାର୍ଡ଼ କରିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ବାବୁଲି ପ୍ରଧାନ ଓ ସହଯୋଗୀ ସଂଗ୍ରାମ ପାତ୍ର ଫେରାର ଅଛନ୍ତି ।

# ରକ୍ତହୀନତାରେ ଜଣେ ମୃତ

ନିଶ୍ଚିନ୍ତକୋଇଲି, (ସବ୍ୟୁ) : ନିଶ୍ଚିନ୍ତକୋଇଲି ବ୍ଲକ ସରପଡା ଗ୍ରାମପଂଚାୟତ ବୋଧଙ୍ଗ ଗ୍ରାମର ଜଣେ ବ୍ୟକ୍ତି ରକ୍ତହୀନତା ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଛନ୍ତି । ତାଙ୍କ ମୃତ୍ୟୁରେ ଗ୍ରାମରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି । ସରପଡା ଗ୍ରାମପଂଚାୟତ ବୋଧଙ୍ଗ ଗ୍ରାମର କୃଷ୍ଣଚନ୍ଦ୍ର ବେହେରା(୭୦) ଦୀର୍ଘ ଦିନ ହେଲା ରକ୍ତହୀନତା ରୋଗରେ ଆକ୍ରାନ୍ତ ହୋଇ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ । ତେବେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି । ତାଙ୍କ ମରଶରୀରକୁ ପୈତୃକ ଗ୍ରାମକୁ ଅଣାଯାଇ ଶୋକାକୂଳ ପରିବେଶରେ ଦାହ କରାଯାଇଛି । ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ପନିୀ,ସାନଭାଇ ବିଷ୍ଣୁଚରଣ ବେହେରା,ପୁଅ ବୋହୂ ନାତି ନାତୁଣୀ ଓ ଆତ୍ମୀୟ ସ୍ୱଜନ୍ନ ଉପସ୍ଥିତ ଥିଲେ ।

# ମରାମତି କାର୍ଯ୍ୟ ଧରାପୁର ସ୍କୁଲର, କିନ୍ତୁ ଫଳକରେ ଭଗବତୀ ସ୍କୁଲ

ମାହାଙ୍ଗା ,(ସବ୍ୟୁ) :ମାହାଙ୍ଗା ବିଧାୟକ ପାଣ୍ଠିରୁ ୨୦୨୫-୨୬ ଆର୍ଥିକ ବର୍ଷରେ ଧାରପୁର ସରକାରୀ ବିଦ୍ୟାଳୟର ମରାମତି ଲାଗି ୧ଲକ୍ଷ ୫୦ହଜାର ଟଙ୍କା ଖର୍ଚ୍ଚ କରାଯାଇଥିଲା । ଏଠାରେ ସୂଚନାଯୋଗ୍ୟ ଯେ ୨୦୦୪ମସିହାରେ ପୂର୍ବତନ ବାଚସ୍ପତି ଶରତ କୁମାର କର ଧାରପୁର ପ୍ରାଥମିକ ବିଦ୍ୟାଳୟର ଓ.ବି.ବି ଗୃହକୁ ଶୁଭ ଉଦଘାଟନ କରିଥିଲେ । ସେ ସମୟରେ ବିଦ୍ୟାଳୟର ଚଟାଣ କାର୍ଯ୍ୟକୁ ଉଠାଯାଇ ବାଲିପକାଇ ତା ଉପରେ ଟାଇଟ୍ ବିଛାଯାଇଛି । ଯାହାକୁ ନେଇ ସ୍ଥାନୀୟ ଅଂଚଳରେ ଅସନ୍ତୋଷ ବୃଦ୍ଧି ପାଇଥିଲା ବେଳେ ବିଦ୍ୟାଳୟର କାନ୍ଥରୁ ରଙ୍ଗଛାଡିଯିବା ଦେଖିବାକୁ ମିଳିଛି । ଅପରପକ୍ଷରେ କାର୍ଯ୍ୟର ସୂଚନା ଫଳକରେ ଉଲ୍ଲେଖ କରାଯାଇଛି ଯେ ଜିଲ୍ଲାପରିଷଦ-କଟକ , ପଂଚାୟତସମିତ ମାହାଙ୍ଗା, ଗ୍ରା.ପ-ଉଷୁମା, ଗ୍ରାମ-ଧାରପୁର,ଯୋଜନା -ସରକାରୀ ପ୍ରାଥମିକ ବିଦ୍ୟାଳୟର ମରାମତି, ପ୍ରକଳ୍ପର ନାମ-ଭଗବତୀ ଉପ୍ରା ବିଦ୍ୟାଳୟ ମରାମତି, ଆର୍ଥିକ ବର୍ଷ-୨୦୨୫-୨୬,କାର୍ଯ୍ୟନିର୍ବାହୀ ସଂସ୍ଥା- ବିଭାଗୀୟ । ଏଠି ପ୍ରଶ୍ନ ଉଠୁଛି ଧାରପୁର ପ୍ରାଥମିକ ବିଦ୍ୟାଳୟର ମରାମତି କାର୍ଯ୍ୟ କରାଯାଇଥିଲା ବେଳେ ସୂଚନାଫଳକରେ ଭଗବତୀ ଉପ୍ରା ବିଦ୍ୟାଳୟ ଲେଖାଯିବା ଭିତିରି ଉଦ୍ଦେଶ୍ୟ କ'ଣ? ଏହି କାର୍ଯ୍ୟର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଏଥିରେ କରାଯାଇଥିବା ଅନିୟମିତତାକୁ ଲୋକଲୋଚନକୁ ଆଣିଲେ ବାସ୍ତବ ତଥ୍ୟ ଜଣାପଡିବ ବୋଲି ସର୍ବସାଧାରଣରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗୀୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ।

# ଜୟଚଣ୍ଡୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ

ଦଶରଥପୁର,(ସବ୍ୟୁ) : ଦଶରଥପୁର ବ୍ଲକ ଅନ୍ତର୍ଗତ କମାରଡିହ ଜୟଚଣ୍ଡୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଶାନ୍ତିଲତା ମେମୋରିଆଲ ଏବଂ ଓ୍ୱେଲଫେୟାର ଟ୍ରଷ୍ଟ ତରଫରୁ ବନ ମହୋତ୍ସବ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି ।ମଲ୍ଲିପୁରସ୍ଥିତ ଶିଳ୍ପୀ ସାଂସ୍କୃତିକ ଅନୁଷ୍ଠାନର ପ୍ରତାପ ପଣ୍ଡାଙ୍କ ପୌରାହିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାମ୍ବାଦିକ ଉମାକାନ୍ତ ଧଳ, ମୁଖ୍ୟବ କ୍ତା ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋରଞ୍ଜନ ସାମଲ, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ସୀତାଂଶୁ ଶେଖର ଜେନା ଉପସ୍ଥିତ ରହି ଗଛର ଆବଶ୍ୟକତା ବିଷୟରେ ଆଲୋକପାତ କରିଥିଲେ ।ଏହାପରେ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କରାଯାଇଥିଲା କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ଶିକ୍ଷକ ଅଶୋକ କୁମାର ଦାସ, ଆକାଶ ଚନ୍ଦ୍ର ଦାସ, ଯଶୋବନ୍ତ ଦାସ, ରତିକାନ୍ତ ଦାସ, ହିମାଂଶୁ ପୃଷ୍ଟି, ଶିକ୍ଷୟିତ୍ରୀ ଗୀତାଞ୍ଜଳି ନାଏକ, ପୁଷ୍ପାଞ୍ଜଳି ଦାସ, ବିଜୟଲକ୍ଷ୍ମୀ ନାୟକ, ସୁଶ୍ରୀ ସଂଗୀତା ରାଉତ ବୈଜୟନ୍ତ ଜେନା ପ୍ରମୁଖ ସହଯୋଗ କରିଥିଲେ ।

# ଏନଏଚ - ୫୫ କାର୍ଯ୍ୟରେ ଅବହେଳା ଓ ନିମ୍ନମାନର କାର୍ଯ୍ୟକୁ ନେଇ ଜିଲ୍ଲାପାଳଙ୍କ କଡା ଆକ୍ସନ

## ତିନି ଅଧିକାରୀଙ୍କ ନାଁରେ ଥାନାରେ ଏତାଲା

ଜଗତସିଂହପୁର ,(ସବ୍ୟୁ) : ଜଗତସିଂହପୁର ଜିଲାରେ ୫୫ ନମ୍ବର ଜାତୀୟ ରାଜପଥ ନିର୍ମାଣରେ ଅହେତୁକ ବିଳମ୍ବ ଓ ନିମ୍ନ ମାନର କାର୍ଯ୍ୟ ହେବା ଘଟଣାକୁ ନେଇ ଆକ୍ସନ ମୁଡକୁ ଆସିଛି ଜିଲା ପ୍ରଶାସନ । ଆଜି ଜଗତସିଂହପୁର ଜିଲାପାଳ ଜେ ସୋନାଲ ଓ ଏସ୍ପି ଅଙ୍କିତ କୁମାର ବର୍ମା ଏନ ଏଚ -୫୫ କାର୍ଯ୍ୟ ତଦାରଖକରି ବିଭାଗୀୟ ଅଧିକାରୀଙ୍କୁ ତାଗିଦ କରିଥିଲେ ।ଏହା ସହିତ ଏନ ଏଚ - ୫୫ ର ଦୁଇ ଜଣ ଅଧିକାରୀ ତଥା ଅଧିକ୍ଷଣ ଯନ୍ତ୍ରୀ ଆଦର୍ଶ ପାଣିଗ୍ରାହୀ ଓ ଏସଡ଼ିଓ ଶେଖର ସାମଲଙ୍କ ନାମରେ ଜଗତସିଂହପୁର ସଦର ଥାନାରେ ଏତଲା ଦିଆଯାଇଥିବା ବେଳେ ସମ୍ପୃକ୍ତ ଠିକା ଏ ଆର ଏସ ଏସ ସଂସ୍ଥାର ପ୍ରୋଜେକଫ ମ୍ୟାନେଜର କିଶୋର ପରିଡାଙ୍କ ନାଁ ରେ ମଧ୍ୟ ସଦର ଥାନାରେ ଜିଲ୍ଲାପାଳଙ୍କ ନିର୍ଦେଶ କ୍ରମେ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ଏତାଲା ଦେଇଛନ୍ତି । ଜଗତସିଂହପୁର ଜିଲ୍ଲାରେ ୫୫ନଂ ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ୨୦୧୭ ମସିହାରୁ ଆରମ୍ଭ ହୋଇଥିଲେ ସୁଦ୍ଧା ଏଯାବତ ଏହା ଅଧାପନ୍ତରିଆ ହୋଇ ପଡି ରହିଛି ।

ଏନ ଏଚ ୫୫ ର କାର୍ଯ୍ୟ ନିମମାନର ଓ ମନ୍ଥର ଗତିରେ ହେଉଥିବା ଜିଲ୍ଲାପାଳଙ୍କ ନିକଟରେ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା । ଅଭିଯୋଗ କ୍ରମେ ଆଜି ଅପରାହ@ରେ ଜିଲାପାଳ ଜେ ସୋନାଲ ଓ ଏସ୍ପି ଅଙ୍କିତ ବର୍ମାଙ୍କ ସହ ଜଗତସିଂହପୁର



ଆରଟିଓ ଦୀପକ ସେଠୀ ଏନ ଏଚ ୫୫ ର ନିର୍ମାଣ କାଯ୍ୟ ବୁଲି ଦେଖିବା ସହିତ ସ୍ଥିତି ଅନୁଧ୍ୟାନ କରିଥିଲେ । କାମ ଅତ୍ୟନ୍ତ ନିମ୍ନମାନର ହେବା ସହ ବିଭିନ୍ନ ସ୍ଥାନରେ ରାସ୍ତା ଫାଟିବା ଓ ପିଚୁ ଦବି ଯାଇଥିବାର ଦେଖିବାକୁ ପାଇଥିଲେ । ଏଥି ସହିତ କାମ ଅତି ମନ୍ଥର ଗତିରେ ମଧ୍ୟ ଚାଲୁଥିବାର ଅନୁଧ୍ୟାନରୁ ଜାଣିବା ପରେ ବିଭାଗୀୟ ଅଧିକାରୀଙ୍କୁ ତାଗିଦ କରିଥିଲେ । ୫୫ନଂ ଜାତୀୟ ରାଜପଥ ଜଗତସିଂହପୁର ଜିଲ୍ଲାକୁ ସମ୍ପ୍ରସାରଣ ପାଇଁ ୨୦୧୭ ମସିହାରୁ କାର୍ଯ୍ୟ ଆରମ୍ଭ ହୋଇଥିଲା । କଟକ ଜିଲ୍ଲାର ସି ଆର ଆର ଆଇ ଠାରୁ ଆରମ୍ଭ ହୋଇଥିବା ଏହି ରାଜପଥ ଜଗତସିଂହପୁର ଜିଲ୍ଲାର ନୂଆଗାଁ ପର୍ଯ୍ୟନ୍ତ ୯୪କିମି ଲମ୍ବର ଆକଳନ କରାଯାଇଛି । ସେଥି ମଧ୍ୟରୁ କେବଳ ଜଗତସିଂହପୁର ଜିଲ୍ଲାର କନ୍ଦରପୁର ଠାରୁ ନୂଆଗାଁ ପର୍ଯ୍ୟନ୍ତ ୭୯କିମି ଦୈର୍ଘ୍ୟ ରାସ୍ତା ନିର୍ମାଣ କରା ଯାଉଛି । ପ୍ରାଥମିକ ଆକଳନ ଅନୁଯାୟୀ ୧୦୦୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ ଚାଲିଥିବା ଏହି ରାଜପଥ ଦୀର୍ଘ ୮ ବର୍ଷ ଧରି ଚାଲିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଶେଷ ହୋଇ ପାରୁନାହିଁ । ଯାହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଦଳେଇ ଘାଇ ଓ ଜଗତସିଂହପୁର ସହର ନିକଟରେ ବାଏ ପାସ ଓ କନ୍ଦରପୁର ନିକଟରେ ଚାଲିଥିବା ରେଲେଓ୍ୱ ଫ୍ଲାଏ ଓଭର କାଯ୍ୟ ଯେପରି ମନ୍ଥର ଗତିରେ କରାଯାଉଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ମଙ୍ଗଳପୁର ଠାରୁ ଯୋଗଧାରୀ ପର୍ଯ୍ୟନ୍ତ ଜଗତସିଂହପୁର ସହର ପାର୍ଶ୍ୱରେ ଯାଇଥିବା ବାଏପାସ ନିର୍ମାଣ କାର୍ଯ୍ୟ ଶେଷ ହୋଇପାରୁନାହିଁ ଯାହା ଫଳରେ ସହର ଭିତରେ ବିଭିନ୍ନ ସମୟରେ ଭିଡ଼ ଲାଗି ରହୁଥିବାରୁ ଲୋକେ ଯାତାୟାତ ପାଇଁ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏ ବାବଦରେ ଜିଲାପାଳ ଅନୁଧ୍ୟାନ କରି ସ୍ଥିତିର ସତ୍ୟତା ପରଖିବା ପରେ ଜିଲାପାଳଙ୍କ ନିର୍ଦ୍ଦେଶରେ ଉପଜିଲାପାଳ ଜଗତସିଂହପୁର ସଦର ଥାନା ରେ ଏନ ଏଚ -୫୫ର ଅଧିକ୍ଷଣ ଯନ୍ତ୍ରୀ,ଏସ ଡିଓ ଏବଂ ନିର୍ମାଣ କାର୍ଯ୍ୟ ଦାୟିତ୍ୱ ନେଇଥିବା ଏଆରଏସଏସ ର ପ୍ରୋଜେକଫ ମ୍ୟାନେଜର ଙ୍କ ନାଁ ରେ ଏତାଲା ଦେଇଛନ୍ତି ।ଉପଜିଲ୍ଲାପାଳଙ୍କ ଏତଲା ଅନୁସାରର ଏହି ଜାତୀୟ ରାଜପଥ କାର୍ଯ୍ୟରେ ବ୍ୟାପକ ଅନିୟମିତତା ସହିତ ଅବହେଳା,ନିମ୍ନମାନର କାର୍ଯ୍ୟ, ଠିକ ଭାବରେ କାର୍ଯ୍ୟର ତଦାରଖ ନ କରିବା ଆଦି ଅଭିଯୋଗ କର୍ତ୍ତୃପକ୍ଷଙ୍କ ନାମରେ ରହିଛି ।ଏହା ସହିତ ଏନ ଏଚ କର୍ତ୍ତୃପକ୍ଷଙ୍କ ପାଇଁ ଏହି କାର୍ଯ୍ୟରେ ସରକାରୀ ଅର୍ଥ ବ୍ୟାପକ ଅପଚୟ ସହିତ ନିମ୍ନ ମାନର ମ୍ୟାଟେରିଆଲ ମଧ୍ୟ ଉପଯୋଗ ହୋଇଥିବା ଜଣାଯାଇଛି ।ଅନ୍ୟ ପଟରେ ଜାତୀୟ ରାଜପଥ କାର୍ଯ୍ୟ ବିଳମ୍ବ ଯୋଗୁଁ ସାଧାରଣ ଲୋକେ ନାହିଁ ନଥିବାର ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିବା ବେଳେ ଜୀବନ ପ୍ରତି ବିପଦ ମଧ୍ୟ ରହିଛି ବୋଲି ଏତଲାରେ ଦର୍ଶାଯାଇଥିବା ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ସୂଚନା ଦେଇଛନ୍ତି ।

# ନଦୀରୁ ଯୁବକଙ୍କ ମୃତ ଦେହ ଉଦ୍ଧାର: ପିଟି ପିଟି ହତ୍ୟା ପରେ ଫିଙ୍ଗି ଦେଇଥିବା ଅଭିଯୋଗ



ନୟାଗଡ଼, (ସବ୍ୟୁ): ନୟାଗଡ଼ ସଦର ଥାନା ଡାଳୟମଡ଼ା ଗାଁର ଯୁବକ ଅଭିମନ୍ୟ ସାହୁଙ୍କୁ ଏକାଧିକ ବ୍ୟକ୍ତି ପିଟି ପିଟି ହତ୍ୟା କରିବା ପରେ ମୃତ ଦେହକୁ ନଦୀରେ ଭସାଇ ଦେଇଥିବା ପରିବାର ଲୋକଙ୍କ ଅଭିଯୋଗର ୧୪ ଘଣ୍ଟା ମଧ୍ୟରେ ସଂପୃକ୍ତ ଯୁବକଙ୍କ କ୍ଷତବିକ୍ଷତ ମୃତ ଶରୀର ଗାଁ ନିକଟସ୍ଥ ଡ଼ାହୁକା ନଦୀରୁ ଉଦ୍ଧାର କରାଯାଇଛି। ଏନେଇ ଥାନାରେ ୧୪୮/୨୬ରେ ଏକ ହତ୍ୟା ମାମଲା ରୁଜୁ କରି ପୋଲିସ ଅଧିକ ତଦନ୍ତ ଚଳାଇଛି। ଏଥିରେ ୫ରୁ ୭ ଜଣଙ୍କୁ ଥାନାରେ ଅଟକ ରଖି ପୋଲିସ୍ ପଚରା ଉଚରା କରୁଛି। ନୟାଗଡ଼ ସଦରଥାନା ଡ଼ାଳିମ୍ବମଡ଼ା ଗାଁର ଅଭିମନ୍ୟୁସାହୁ (୨୪)ଙ୍କୁ ସଂଘବଦ୍ଧ ଆକ୍ରମଣ ଓ ହତ୍ୟା ଘଟଣା ଉପରୁ ଧିରେ ଧିରେ ପରଦା ଉଠିବାରେ ଲାଗିଛି। ଗାଁର ଲୋକେ ମୃତ ଅଭିମନ୍ୟୁଙ୍କ ବାପା ଚିରଂଜିବୀ ସାହୁଙ୍କ ପରିବାରକୁ ଦୀର୍ଘ ୩ ବର୍ଷ ହେବ ବାଛନ୍ଦ କରିଥିଲେ। ସେଥିରେ ଅଭିମନ୍ୟୁଙ୍କ ବାପା ଭାଇ ଓ ପରିବାର ଲୋକେ ଗାଁରେ ଏକଘରିଆ ରହି ଚଳି ଆସୁଥିଲେ। ଏହାକୁ ନେଇ ଗାଁର କିଛି ଲୋକ ଏବଂ ଚିରଂଜିବୀଙ୍କ ପରିବାର ମଧ୍ୟରେ ମନୋମାଲିନ୍ୟଲାଗି ରହିଥିଲା। କୌଣସି କାରଣକୁ ନେଇ ୨ ଦିନ ପୂର୍ବେ ଗାଁର କିଛି ଲୋକ ଏବଂ ଚିରଂଜିବୀଙ୍କ ପୁଅ ଅଭିମନ୍ୟୁଙ୍କ ମଧ୍ୟରେ ବଚସା ହୋଇଥିଲା। ରବିବାର ସନ୍ଧ୍ୟାରେ ଅଭିମନ୍ୟୁ ଗାଁ ନିକଟସ୍ଥ ଚାହାଳୀ ଛକକୁ କିଛି କିଣିବା ପାଇଁ ଯିବା ପରେ ଆଉ ଘରକୁ ଫେରି ନଥିଲେ। ଚାରିଆଡ଼େ ଖୋଜାଖୋଜି କରି ପୁଅର ସନ୍ଧାନ ନ ପାଇବା ପରେ ତାକୁ ଗାଁର ଏକାଧିକ ଲୋକ ସଂଘବଦ୍ଧ ଭାବେ ବାଟରୁ ଉଠାଇ ନେଇ ହତ୍ୟା କରି ନଈରେ ଫୋପାଡ଼ି ଦେଇଥିବା ଅଭିମନ୍ୟୁଙ୍କ ବାପା ଚିରଂଜିବୀ ସାହୁ ରବିବାର ରାତିରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସୋମବାର ସକାଳୁ ପୋଲିସ୍ କୁକୁର ଏବଂ ସଇଣ୍ଟିଫିକ୍ ଦଳ ଘଟଣା ସ୍ଥଳରେ ପହଂଚି ଯାଞ୍ଚ ଚଳାଇବା ସମୟରେ ଗାଁର ଏକ କୋଠଘରେ କିଛି ରକ୍ତ ପଡ଼ିଥିବା ଦେଖାଯାଇଥିଲା। ପରେ ସନ୍ଧାନୀ କୁକୁର ଅନୁସନ୍ଧାନ କରିବାରେ ନିକଟସ୍ଥ ନଦୀ କୁଳକୁ ବାମ୍ବାର ଯିବାରୁ ସେଠାରେ ଅଗ୍ନିଶମବାହୀନି ସହାୟତାରେ ନଦୀ ଭିତରେ ତଲାସୀ କରାଯାଇଥିଲା। କିଛି ଘଣ୍ଟା ପରେ ଅଭିମନ୍ୟୁଙ୍କ କ୍ଷତବିକ୍ଷତ ମୃତ ଦେହ ଗାଁର କୋଠ ଘର ଠାରୁ ୪ଶହ ମିଟର ଦୂର ଡାହୁକା ନଦୀ ପାଣିରୁ ଉଦ୍ଧାର ପରେ ପୋଲିସ ମୃତ ଦେହ ଜବତ କରି ଶବ ବ୍ୟବଚ୍ଛେଦ କରିଥିଲା। ପରେ ମୃତ ଶରୀର ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଉକ୍ତ ଘଟଣାରେ ୫/୭ ଜଣଙ୍କୁ ଥାନାରେ ଅଟକ ରଖି ପଚରା ଉଚରା କରାଯାଉଥିବା ଥାନା ପକ୍ଷରୁ ସୂଚନା ମିଳିଛି।

## ବାସୁଦେବ ସାହୁଙ୍କ ପରଲୋକ

ଖଣ୍ଡପଡ଼ା, (ସବ୍ୟୁ) :ଖଣ୍ଡପଡ଼ା ସହରାଞ୍ଚଳର ବିଶିଷ୍ଟ ବ୍ୟବସାୟୀ ବାସୁଦେବ ସାହୁ(୬୮)ଙ୍କର ପରଲୋକ ଘଟିଛି । ବାସୁଦେବଙ୍କର ରବିବାର ସନ୍ଧ୍ୟାରେ ହଠାତ ଶରୀର ଅସୁସ୍ଥ ହୋଇପଡ଼ିବା ଯୋଗୁଁ ପରିବାର ଲୋକେ ତାଙ୍କୁ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କର ମରଶରୀର ନିଜ ଜନ୍ମମାଟି ଯୋଗିଆପଲ୍ଲୀ ପଞ୍ଚାୟତର ଲକ୍ଷ୍ମୀପ୍ରସାଦ ଗ୍ରାମସ୍ଥିତ ବାସଗୃହ ଓ ସହରାଞ୍ଚଳସ୍ଥିତ ବାସଗୃହକୁ ଅଣାଯାଇଥିଲା। ଖବର ପାଇ ବିଶିଷ୍ଟ ବ୍ୟକ୍ତି, ନେତୃମଣ୍ଡଳୀ ଓ ଜନସାଧାରଣ ତାଙ୍କର ଶେଷ ଦର୍ଶନ କରିଥିଲେ।ତାଙ୍କ ଉଦ୍ୟମରେ ବହୁବର୍ଷ ତଳେ ବଜାରରେ ବ୍ୟବସାୟ କରୁଥିବା ବ୍ୟବସାୟୀମାନଙ୍କୁ ନେଇ ମା ଉମାଦେବୀ ବଣିକ ସଂଘ ପ୍ରତିଷ୍ଠା କରାଯାଇଥିଲା।ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ବେଳେ ଏକମାତ୍ର ପୁତ୍ର ବିକାଶ ମୁଖାଗ୍ନି ପ୍ରଦାନ କରିଥିଲେ। ସୋମବାର ସନ୍ଧ୍ୟାରେ ବଜାର ବଣିକ ସଂଘ ପକ୍ଷରୁ ସାମନ୍ତ ଚନ୍ଦ୍ରଶେଖର ସ୍ମୃତି ମନ୍ଦିର ଓ ପାଠାଗାର ପରିସରରେ ଏକ ଶୋକସଭା କରାଯାଇଛି।

# ରଣପୁର ବନାଞ୍ଚଳର ବନମହୋତ୍ସବ



ରଣପୁର(ସବ୍ୟୁ) :ସୋମବାର ଓଡିଶା ସରକାର ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୂଲ୍ୟରେ ଆୟୋଜିତ ୭୭ ତମ ବନମହୋତ୍ସବ ସପ୍ତାହ – ୨୦୨୬ ରଣପୁର ବନାଞ୍ଚଳ ଅଧିନସ୍ଥ ନୂଆପଡା ବି ସଂରକ୍ଷିତ ଜଙ୍ଗଲ ରେ ପାଳିତ ହୋଇଯାଇଛି । ଏହି ବନମହୋତ୍ସବରେ ମୁଖ୍ୟ ଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ , ସମ୍ମାନିତ ଅତିଥି , ବିଡିଓ ମନୋଜ କୁମାର ନାୟକ, ତହସିଲଦାର ଆର୍ଯ୍ୟ କୁମାର ସର୍ବଦମନ, ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷା ରଙ୍ଗୀନ ମହାନ୍ତି, କାର୍ଯ୍ୟ ନିର୍ବାହୀ ଅଧିକାରୀ ସାମନ୍ତ ବିଶ୍ୱମ୍ବର ମହାପାତ୍ର,ଜିଲ୍ଲା ପରିଷଦ ସଭ୍ୟା ଲକ୍ଷ୍ମୀପ୍ରିୟା ତରେଇ, ଖୋର୍ଦ୍ଧା ବନଖଣ୍ଡର ସହକାରୀ ବନ ସରଂକ୍ଷକ ଶୁଶାନ୍ତ କୁମାର ବନ୍ଧ, ଦେବାଶିଷ ଭୋଇ ଯୋଗଦେଇଥିଲେ ରଣପୁର ବନ ବିଭାଗ ତରଫରୁ ଏହି ଅବସରରେ ୧୦୦୦ ରୁ ଉର୍ଦ୍ଧ ବୃକ୍ଷ ରୋପଣ କରାଯାଇଅଛି, ଆଗକୁ ୧୦୦୦୦ ବୃକ୍ଷ ରୋପଣ କରାଯିବ ବୋଲି ରଣପୁର ବନାଞ୍ଚଳ ଅଧିକାରୀ ସିନ୍ଧୁ ଚରଣ ସିଂହ ତାଙ୍କ ବକ୍ତବ୍ୟ ରଖିଥିଲେ । ଅଞ୍ଚଳର ସ୍ଥାନୀୟ ଜନସାଧାରଣ ଓ ରଣପୁର ବନାଞ୍ଚଳ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମ ସୁଚାରୁ ରୁପେ ସମ୍ପାଦନ କରିଥିଲେ।

## ଚିକେନରେ ଗୋମାଂସ ମିଶିଥିବା ଭାଇରାଲ ଅଭିଯୋଗ ପରେ ଛେଳି ମାଂସ ବୋଲି ଏସ୍‌ଡିପିଓଙ୍କ ସୂଚନା

ନିମାପଡା,(ସବ୍ୟୁ) :ସ୍ଥାନୀୟ ଜୁଣୁପୁର ଗ୍ରାମର ଜଣେ ବ୍ୟକ୍ତି ଚାରିଛକ ବଜାରରେ ଥିବା ଏକ ଚିକେନ ଦୋକାନରୁ ମାଂସ କିଣି ଘରକୁ ନେଇଥିଲେ । ରୋଷାଇ କରିବା ବେଳେ ମାଂସ ରୋଷାଇରୁ ଫେଣ ବାହାରିବା ଏବଂ ମୋଟା ହାଡ ଦେଖିବାକୁ ପାଇଥିଲେ । କୁକୁଡା ମାଂସ ସହିତ ଅନ୍ୟ ପଶୁର ମାଂସ ମିଶିଥିବା ନେଇ ତାଙ୍କର ସନ୍ଦେହ ହୋଇଥିଲା । ମାଂସ ତରକାରୀକୁ ଆଣି ସେ କିଣିଥିବା ମାଂସ ଦୋକାନୀଙ୍କ ପାଖକୁ ଆସିଥିଲେ । ଚିକେନ ମାଂସରେ ପାଖ ଦୋକାନୀର ଥିବା ମଟନ କିଛି ମିଶିଯାଇଥିବା ଦୋକାନୀ ତାଙ୍କୁ କହିଥିଲେ । ସଂପୃକ୍ତ ବ୍ୟକ୍ତି ଜଣକ ଚିକେନରେ ଗୋ–ମାଂସ ମିଶିଥିବା ନେଇ କହିବାରୁ ସାମାଜିକ ଗଣମାଧ୍ୟମରେ ଏହା ପ୍ରଘଟ ହୋଇଥିଲା । ଚିକେନ ନେଇଥିବା ଗ୍ରାହକ ଜୁଣୁପୁର ଗ୍ରାମର ବସନ୍ତ ଜେନା ଚାରିଛକ ଥାନାରେ ଚିକେନ ଦୋକାନୀଙ୍କ ବିରୋଧରେ ଏକ ଅଭିଯୋଗ କରିଥିଲେ । ଅଭିଯୋଗ ଏବଂ ସାମାଜିକ ଗଣମାଧ୍ୟମ ପ୍ରଘଟକୁ ପୁଲିସ ଏହି ଘଟଣାକୁ ଗୁରୁତର ସହିତ ନେଇଥିଲା । ଅଭିଯୋଗକୁ ଭିତ୍ତିକରି ଚିକେନ ଦୋକାନୀଙ୍କ ବିରୋଧରେ ପୁଲିସ କେଶ ନଂ ୧୪୨/୨୬ ଏକ ମାମଲା ରୁଜୁକରି ଉକ୍ତ ଚିକେନ ଦୋକାନୀ ରଂଜନ ସିହ୍ନା ଓ ତାଙ୍କ ସହଯୋଗୀକୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି । ପୁଲିସ ଉକ୍ତ ରନ୍ଧା ମାଂସକୁ ପରୀକ୍ଷା ପାଇଁ ଭେଟନାରୀ ଲାବ୍ରୋଟୋରୀକୁ ପଠାଇଥିଲା । ପ୍ରାଥମିକ ପରୀକ୍ଷା ପରେ ତାହା ଗୋ ମାଂସ ନୁହେଁ ଛେଳି ମାଂସ ଜଣାପଡିଛି ବୋଲି ସୋମବାର ସଂଧ୍ୟାରେ ଚାରିଛକ ଥାନାରେ ଏକ ସାମ୍ବାଦିକ ସମ୍ମିଳୀନୀରେ ନିମାପଡା ଏସ୍‌ଡିପିଓ ଜନାର୍ଦ୍ଦନ ପାଢୀ ସୂଚନା ଦେଇଛନ୍ତି । ସାମ୍ବାଦିକ ସମ୍ମିଳନୀରେ ଚାରିଛକ ଥାନା ଅଧିକାରୀ ଶୋଭରାଜ ପ୍ରିୟଦର୍ଶୀ ମହାନ୍ତି ପ୍ରମୁଖ ଉପସ୍ଥିତଥିଲେ । କୁକୁଡା ମାଂସ ବିକୁଥିବା ଉକ୍ତ ଦୋକାନୀ ଜଣଙ୍କ ଜଣେ ହିନ୍ଦୁ ବ୍ୟକ୍ତି ବୋଲି ଜଣାପଡିଛି । ଫ୍ରିଜରରେ ବାସୀ ମାଂସକୁ ଗଚ୍ଛିତ ରଖି ବିକ୍ରି କରାଯାଉଥିବାରୁ ଚଡାଉ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବୀ ହେଉଛି ।

# ସୁରେନ୍ଦ୍ରନାଥ ନାୟକଙ୍କ ଶ୍ରାଦ୍ଧବାର୍ଷିକୀରେ ପ୍ରତିମୂର୍ତ୍ତି ଅନାବରଣ



ଅସ୍ତରଙ୍ଗ /କାକଟପୁର ,(ସବ୍ୟୁ): କାକଟପୁର ନିର୍ବାଚନ ମଣ୍ଡଳୀର ଜନନାୟକ,ଗାନ୍ଧିବାଦୀ ନେତା,ପ୍ରବାଦ ପୁରୁଷ, ପିତାମହ ଭୀଷ୍ମ,ବିଶିଷ୍ଟ ରାଜନେତା ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତଃ ସୁରେନ୍ଦ୍ରନାଥ ନାୟକ (ସୁର ବାବୁ)ଙ୍କ ଦିତୀୟ ଶ୍ରାଦ୍ଧ ବାର୍ଷିକୀ ଅବସରରେ ତାଙ୍କ ଜନ୍ମମାଟି କାକଟପୁରଠାରେ ଏକ ଭବ୍ୟ ଶ୍ରଦ୍ଧାଞ୍ଜଳି ସଭା ଓ ପ୍ରତିମୂର୍ତ୍ତି ଅନାବରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସୁରେନ୍ଦ୍ରନାଥ ମେମୋରିଆଲ ଟ୍ରଷ୍ଟ ଏବଂ ପଦ୍ମଚରଣ ସାମନ୍ତସିଂହାର ମେମୋରିଆଲ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଜେଡି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ (ଭର୍ଚୁଆଲ) ମାଧ୍ୟମରେ ଯୋଡ଼ି ହୋଇସ୍ୱର୍ଗତ ନାୟକଙ୍କ ପ୍ରତିମୂର୍ତ୍ତିର ଅନାବରଣ କରିବା ସହ ନିଜର ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ପ୍ରତିମୂର୍ତ୍ତି ଅନାବରଣ ପରେ ସ୍ଥାନୀୟ ପ୍ରସିଦ୍ଧ ସୋମେଶ୍ୱର ମନ୍ଦିର ନିକଟରେ ଏକ ବିଶାଳ ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରାଯାଇଥିଲା। ଉକ୍ତ ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ସାଂସଦ ତଥା ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ,ବରିଷ୍ଠ ବିଜେଡି ନେତା ତଥା ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପୂର୍ବତନ ମନ୍ତ୍ରୀ ତଥା କାକଟପୁର ନିର୍ବାଚନ ମଣ୍ଡଳୀର ବିଧାୟକ ତୁଷାରକାନ୍ତି ବେହେରା, ତାଙ୍କର ସୁପୁତ୍ର ତଥା ପୁରୀ ଜିଲ୍ଲା ପରିଷଦର ଉପାଧକ୍ଷ ସ୍ୱାଧୀନ କୁମାର ନାୟକ, ଯୁବନେତା ସୁବ୍ରତ ଚାଟୋଇଙ୍କ ସମେତ ବିଜେଡିର ଅନେକ ବରିଷ୍ଠ ନେତୃତ୍ୱ ଯୋଗଦେଇ ସୁର ବାବୁଙ୍କ ଓଡ଼ିଶା ରାଜନୀତି ଓ କାକଟପୁର ଅଞ୍ଚଳ ପ୍ରତି ରହିଥିବା ଅବଦାନକୁ ମନେ ପକାଇଥିଲେ। କାକଟପୁରରୁ ୭ ଥର ବିଧାୟକ ଭାବେ ନିର୍ବାଚିତ ହୋଇ ଉପ ବାଚସ୍ପତି ଓ ରାଜ୍ୟ ଯୋଜନା ବୋର୍ଡ ଉପାଧକ୍ଷ ସହ,ରାଜ୍ୟ ସରକାରଙ୍କ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରୀ ପଦରେ ରହି ସେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସୁର ବାବୁଙ୍କ ଶ୍ରାଦ୍ଧ ବାର୍ଷିକୀ ଅବସରରେ କାକଟପୁରରେ ବିଜେଡିର ଏହି ବିଶାଳ ସମାବେଶ ଏକ ପ୍ରକାର ଶକ୍ତି ପ୍ରଦର୍ଶନ ଓ କର୍ମୀମାନଙ୍କ ମଧରେ ଉତ୍ସାହ ଭରିବା ସହ ଅଞ୍ଚଳରେ ଦଳୀୟ ସଂଗଠନକୁ ଅଧିକ ମଜବୁତ କରିବା ପାଇଁ ଏକ ପ୍ରୟାସ ଥିଲା। ଏଠାରେ ପ୍ରକାଶ ଯୋଗ୍ୟ ଯେ, ସ୍ୱର୍ଗତ ନାୟକଙ୍କ ଜନ୍ମ ମାଟି ଅସ୍ତରଙ୍ଗ ବ୍ଲକ ଅଧିନ ଅଣକଣା ଗ୍ରାମରେ।

### ଭୋଟକେନ୍ଦ୍ର ଅନ୍ୟତ୍ର ସ୍ଥାନାନ୍ତର ନେଇ ତେଜିଲା ଅସନ୍ତୋଷ

# ସ୍କୁଲ ଫାଟକରେ ତାଲା ପକାଇ ଧାରଣା ଦେଲେ ଗ୍ରାମବାସୀ



ନିମାପଡା,(ସବ୍ୟୁ) : ନୂଆ ଭୋଟର ତାଲିକା ପ୍ରକାଶ ପାଇବା ପରେ ମତଦାନ କେନ୍ଦ୍ର ଅନ୍ୟତ୍ର ସ୍ଥାନାନ୍ତରକୁ ନେଇ ନିମାପଡା ବ୍ଲକ ଅନ୍ତର୍ଗତ ଛଣିଜଙ୍ଗ ପଞ୍ଚାୟତ ଆମ୍ଭୋର ଗ୍ରାମରେ ଅସନ୍ତେଷ ଦେଖାଦେଇଛି । ମତଦାନ କେନ୍ଦ୍ର ସ୍ଥାନାନ୍ତର ପ୍ରତିବାଦରେ ସୋମବାରଦିନ ଆମ୍ଭୋର ସ୍କୁଲର ମୁଖ୍ୟ ଫାଟକରେ ଗ୍ରାମବାସୀ ମାନେ ତାଲା ପକାଇ ଧାରଣା ଦେଇଛନ୍ତି ।। ବିଧାନସଭା ନିର୍ବାଚନ ଆରମ୍ଭ ଠାରୁ ଆମ୍ଭୋର ଗ୍ରାମବାସୀ ମାନେ ଆମ୍ଭୋର ସରକାରୀ ପ୍ରାଥମିକ ବିଦ୍ୟାଳୟ ବୁଥ ନଂ ୨୫୩ ରେ ମତଦାନ କରି ଆସୁଛନ୍ତି । ତେବେ ନୂତନ ତାଲିକା ପ୍ରକାଶର ଭୋଟର ବହିର ଠିକଣାରେ ୨୫୩ ନଂ ବୁଥ ଆମ୍ଭୋର ବିଦ୍ୟାଳୟ ବଦଳରେ ମୁଖ୍ୟ ଗ୍ରାମ ରୂପେ ବିଲସାହି ଉଲ୍ଲେଖ ରହିଛି । କେଉଁ ଉଦ୍ଦେଶ୍ୟରେ ଆମ୍ଭୋର ସ୍କୁଲରେ ହେଉଥିବା ମତଦାନ କେନ୍ଦ୍ରକୁ ବିଲସାହିକୁ ସ୍ଥାନାନ୍ତର କରାଗଲା ତାହା ଏବେ ଗ୍ରାମବାସୀଙ୍କ ମନରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଆମ୍ଭୋର ବୁଥ ନଂ ୨୫୩ରେ ଏହି ଗ୍ରାମର ୧,୨ ଓ ୩ ନମ୍ବର ୱାର୍ଡର ଭୋଟରମାନେ ଉକ୍ତ କେନ୍ଦ୍ରରେ ମତଦାନ କରିଆସୁଥିଲେ । ମାତ୍ର ନୂତନ ଭୋଟର ତାଲିକାରେ ଆମ୍ଭୋର ସ୍କୁଲ ମତଦାନ କେନ୍ଦ୍ର ବଦଳରେ ବିଲସାହି ଗ୍ରାମକୁ ଭୋଟ ବୁଥ ସ୍ଥାନାନ୍ତର ହେବା ପ୍ରତିବାଦରେ ଆମ୍ଭୋର ଗ୍ରାମର ୩ଟି ୱାର୍ଡର ବାସିନ୍ଦା ପ୍ରଦୀପ୍ତ ପରିଡା,ରଜନୀକା' ନାୟକ,ପ୍ରକାଶ ଦାସ,କାଳନ୍ଦୀ ଭୋଇ,ପ୍ରଫୁଲ୍ଲ ନାୟକ,ସଂଜୟ କୁମାର ସ୍ୱାଇଁ,ଜମ୍ମେଶ କୁମାର ମହାପାତ୍ର,ପଙ୍କଜ ଚରଣ ସ୍ୱାଇଁ,ପ୍ରଫୁଲ୍ଲ ପରିଡା,ପ୍ରଦୀପ୍ତ ମହାନ୍ତିଙ୍କ ସମେତ ଶତାଧିକ ଗ୍ରାମବାସୀ ଅଆମ୍ଭୋର ସ୍କୁଲରେ ତାଲା ପକାଇ ସ୍କୁଲ ସମ୍ମୁଖରେ ଧାରଣାରେ ବସିଥିଲେ । ଖବର ପାଇ ନିମାପଡା ବିଡିଓ ଡଃ. ଅଭିଜିତ୍ ଷଡଙ୍ଗୀ ଘଟଣା ସ୍ଥଳରେ ପହଂଚି ଲୋକମାନଙ୍କୁ ବୁଝାସୁଝା କରିବା ସହ ଭୋଟର ତାଲିକାରେ ମତଦାନ କେନ୍ଦ୍ର ସଂଶୋଧନ କରାଯିବ ବୋଲି ପ୍ରତିଶୃତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । ଏସଂକ୍ରାନ୍ତିରେ ଗ୍ରାମବାସୀଙ୍କ ପକ୍ଷରୁ ପୁରୀ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ପ୍ରଦାନ କରାଯାଇଛି । ୪ ଘଂଟା ଧରି ସ୍କୁଲ ଫାଟକରେ ତାଲା ପଡିବା ଯୋଗୁଁ ଶିକ୍ଷକ,ଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀମାନେ ସ୍କୁଲ ବାହାରେ ଛିଡା ହେବା ସହିତ ପିଲାମାନଙ୍କ ପାଠ ପଢାରେ ବ୍ୟାଘାତ ସୃଷ୍ଟି ହୋଇଥିଲା । ସ୍କୁଲ ତାଲା ଖୋଲିଥିଲା ।

## କୋରକରା ଜନ ଅଭିଯୋଗ ଶୁଣାଣି ଶିବିର

ଫୁଲନଖରା ,(ସବ୍ୟୁ): ବାରଙ୍ଗ ବ୍ଲକ ଅନ୍ତର୍ଗତ କୋରକରା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ଦ୍ୱିତୀୟ ପର୍ଯ୍ୟାୟ ଜନ ଅଭିଯୋଗ ଶୁଣାଣି ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଗ୍ରାମବାସୀମାନେ ବିଭିନ୍ନ ସରକାରୀ ଯୋଜନା, ମୌଳିକ ସୁବିଧା ଏବଂ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ଅଭିଯୋଗ ଉପସ୍ଥାପନ କରିଥିଲେ। ମୋଟ ୭୮ଟି ବ୍ୟକ୍ତିଗତ ଓ ସାମୂହିକ ଅଭିଯୋଗ ପଞ୍ଜୀକୃତ ହୋଇଥିବାବେଳେ, ସେଥିମଧ୍ୟରୁ ୫୮ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଅବଶିଷ୍ଟ ଅଭିଯୋଗଗୁଡ଼ିକର ସମାଧାନ ପାଇଁ ସମ୍ପୃକ୍ତ ବିଭାଗଗୁଡ଼ିକୁ ଆବଶ୍ୟକ ପଦକ୍ଷେପ ନେବାକୁ ପଠାଯାଇଛି। ଶିବିରରେ ବାରଙ୍ଗ ବିଡିଓ ସ୍ୱାଗତ ଦାସ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଧୈର୍ଯ୍ୟର ସହ ଶୁଣିବା ସହିତ ତୁରନ୍ତ ସମାଧାନ ଯୋଗ୍ୟ ପ୍ରସଙ୍ଗରେ ସମ୍ପୃକ୍ତ ଅଧିକାରୀଙ୍କୁ ଆବଶ୍ୟକ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଏହି ଜନ ଅଭିଯୋଗ ଶୁଣାଣି ଶିବିରରେ ସିଡିପିଓ ସଂଯୁକ୍ତା ମହାରଣା, ବିଏସଏସଓ ସ୍ମୀତରାଣୀ ସାହୁ, ସ୍ୱଚ୍ଛ ଭାରତ ସଂଯୋଜକ ମହେନ୍ଦ୍ର ବେହେରା, ଯୋଗାଣ ଅଧିକାରୀ ଜୟଶ୍ରୀ ହରିଚନ୍ଦନ, ବିପିସି ଗଙ୍ଗୋତ୍ରୀ ପ୍ରିୟଦର୍ଶିନୀ, ସୁଭଦ୍ରା ସଂଯୋଜିକା ମାମା ଭୂୟାଁ, ଏଡିଇଓ ରୁକ୍ମିଣୀ ପଣ୍ଡା, ପ୍ରିୟଦର୍ଶିନୀ ଆନିଲ, କିରଣ ସାହୁ, ଏସିପି ପବିତ୍ର ମୂଳିଆ, କୋରକରା ସରପଞ୍ଚ ଅଶୋକ କୁମାର ପାତ୍ରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଗ୍ରହଣ ଓ ଶୁଣାଣି ପ୍ରକ୍ରିୟାରେ ସକ୍ରିୟ ସହଯୋଗ କରିଥିଲେ। ଶିବିରରେ ଆସିଥିବା ଅଭିଯୋଗଗୁଡ଼ିକ ମଧ୍ୟରୁ ଅଧିକାଂଶ ବାସଘର ଯୋଜନା, ରାସନ କାର୍ଡ, ପେନ୍ସନ, ପାନୀୟ ଜଳ, ରାସ୍ତାଘାଟ, ସ୍ୱଚ୍ଛତା ଓ ଅନ୍ୟାନ୍ୟ ଜନକଲ୍ୟାଣମୂଳକ ଯୋଜନା ସମ୍ବନ୍ଧୀୟ ଥିଲା। ଗ୍ରାମସ୍ତରରେ ଏଭଳି ଜନ ଅଭିଯୋଗ ଶୁଣାଣି ଶିବିର ଆୟୋଜନ ଦ୍ୱାରା ସାଧାରଣ ଲୋକମାନେ ସିଧାସଳଖ ପ୍ରଶାସନ ସହ ଯୋଗାଯୋଗ କରି ନିଜ ସମସ୍ୟା ଉପସ୍ଥାପନ କରିବାର ସୁଯୋଗ ପାଉଥିବାବେଳେ, ପ୍ରଶାସନ ଓ ଜନସାଧାରଣଙ୍କ ମଧ୍ୟରେ ବିଶ୍ୱାସ ଓ ସମନ୍ୱୟ ଅଧିକ ସୁଦୃଢ଼ ହେଉଥିବା ମତ ପ୍ରକାଶ ପାଇଛି।

# ବ୍ଲକସ୍ତରୀୟ ଗୋପବନ୍ଧୁ ସ୍ମାରକ ପ୍ରତିଯୋଗିତା: କୁଇଜରେ –ସାଇପ୍ରିୟା , ଚିତ୍ରାଙ୍କନରେ –ମୋନାଲିସା ପ୍ରଥମ



ଆଠଗଡ, (ସବ୍ୟୁ) : ମହାନ ଜନସେବକ, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ 'ସମାଜ'ର ପ୍ରତିଷ୍ଠାତା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ୯୮ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଆଠଗଡ ବ୍ଲକରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗୋପବନ୍ଧୁ ସ୍ମାରକ କୁଇଜ ଓ ଚିତ୍ରାଙ୍କନ ପ୍ରତିଯୋଗିତା ସ୍ଥାନୀୟ ବିଶ୍ୱନାଥ ବିଦ୍ୟାପୀଠ ଠାରେ ଅନୁଷ୍ଠିତ ହୋଇଯାଇଛି । ପ୍ରତିଯୋଗିତାରେ ୮ମ, ୯ମ ଓ ୧୦ମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ କୁଇଜରେ ୨୮ ଜଣ ଏବଂ ୪ର୍ଥ ରୁ ୭ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଇଁ ଚିତ୍ରାଙ୍କନରେ ୧୫ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । କୁଇଜରେ ପ୍ରଥମ ବାଣୀକଣ୍ଠନଗର ସରସ୍ୱତୀ ଶିଶୁମନ୍ଦିରର ଛାତ୍ରୀ ସାଇପ୍ରିୟା ସାହୁ ,ଦ୍ୱିତୀୟ ସମସରପୁରସ୍ଥିତ ସାବିତ୍ରୀ ରଥ ବିଦ୍ୟାପୀଠର ଛାତ୍ରୀ ବିକସିତା ରାଉଳ ଓ ତୃତୀୟ ସ୍ଥାନ ଆଠଗଡ ସରକାରୀ ବାଳିକା ହାଇସ୍କୁଲ ଛାତ୍ରୀ ରାଜସ୍ମିତା ବରାଳ ଅଧିକାର କରିଥିଲେ । ସେହିପରି ଚିତ୍ରାଙ୍କନରେ ପ୍ରଥମ ଆଠଗଡ ସରକାରୀ ବାଳିକା ହାଇସ୍କୁଲର ଛାତ୍ରୀ ମୋନାଲିସା ପ୍ରିୟଦର୍ଶିନୀ ଦାସ, ଦ୍ୱିତୀୟ ବାଣୀକଣ୍ଠନଗର ସରସ୍ୱତୀ ଶିଶୁମନ୍ଦିରର ଛାତ୍ରୀ କ୍ରୀଷ୍ଟାଶ୍ରୀ ପଣ୍ଡା ଓ ତୃତୀୟ ସ୍ଥାନ ତିଗିରିଆ ପବିତ୍ର ମୋହନ ବିଦ୍ୟାପୀଠର ଛାତ୍ର ସାଇ ଆଦିତ୍ୟ ମହାନ୍ତି ଅଧିକାର କରିଥିଲେ । ପ୍ରତ୍ୟେକ କୃତି ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହ ଅର୍ଥରାଶି ପୁରସ୍କାର ଆକାରରେ ପ୍ରଦାନ କରାଯାଇଥିଲା । ଏହି ଉପଲକ୍ଷେ ବିଶନାଥ ବିଦ୍ୟାପୀଠର ବରିଷ୍ଠ ଶିକ୍ଷକ ବିଜୟ କୁମାର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ(ବିଆରସିସି) ରଞ୍ଜିତ କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବେ ସହକାରୀ ବ୍ଲକ ଶିକ୍ଷାଧିକାରୀ ମୁରଲୀଧର ସାହୁ, ଅନ୍ୟତମ ଏବିଇଓ ଆଶିଷ କୁମାର ରାଉତରାୟ, ବରିଷ୍ଠ ଶିକ୍ଷକ ମୃତ୍ୟୁଞ୍ଜୟ ରଥ, ସିଆରସିସି ଦୀପ୍ତିରଞ୍ଜନ ବେହେରା ଓ ବିଭୁତି ଭୁଷଣ ବେହେରା ପ୍ରମୁଖ ଯୋଗଦେଇ ଉଦବୋଧନ ଦେଇଥିଲେ ।

24001/274/2627

## ଓଡ଼ିଶା ସରକାର
## କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
## ଅଧିସୂଚନା

ନଥି ସଂ–IX(A)-05/2026 - 288 ତା–09/06/2026

ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଘାଗରାନାଳର ପୁନରୁଦ୍ଧାର ପ୍ରକଳ୍ପ ନିମନ୍ତେ ସରକାର (**Appropriate Government**) ସରକାରୀ ବ୍ୟୟରେ ମୌଜା–ମୋଚିନ୍ଦା, ଥାନା–ଆନନ୍ଦପୁର, ତହସିଲ–ଆନନ୍ଦପୁର, ଜିଲ୍ଲା– କେନ୍ଦୁଝରରେ ନିମ୍ନ ତଫସିଲ ମତେ ପ୍ରାୟ ଏ ୨.୦୭୦ ରକବା ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (**RFCTLAR&R Act-2013**) ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (**Appropriate Government**) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚାଟି ଏଥି ସହିତ ସମ୍ପୃକ୍ତ ସମସ୍ତ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦(ଷାଠିଏ) ଦିନ ମଧରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ– ଘାଗରାନାଳର ପୁନରୁଦ୍ଧାର ପ୍ରକଳ୍ପ ନିମନ୍ତେ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଅଧିକ୍ଷଣ ଯନ୍ତ୍ରୀ, ଡ୍ରେନେଜ ଡିଭିଜନ, ଭଦ୍ରକ ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ : ଘାଗରାନାଳର ପୁନରୁଦ୍ଧାର ପ୍ରକଳ୍ପ ନିମନ୍ତେ ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ : ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ : ଉପ ଜିଲ୍ଲାପାଳ, ଆନନ୍ଦପୁର ।

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| କେନ୍ଦୁଝର | ଆନନ୍ଦପୁର | ମୋଚିନ୍ଦା | ଗ୍ରାମାଞ୍ଚଳ | ସଂଲଗ୍ନ | ସଂଲଗ୍ନ | ୧୬,୫୮୦ | ୨.୦୭୦ | ସଂଲଗ୍ନ |
| | | | | | ମୋଟ | ୧୬,୫୮୦ | ୨.୦୭୦ | |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ ୦.୦୦ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।
ଉକ୍ତ ଭୂମିର ଏକ ନକ୍ସା ଭୂ–ଅର୍ଜନ ଅଧିକାରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝରରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ, ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି କେନ୍ଦୁଝର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା/- ବିଶାଳ ସିଂ
ଜିଲ୍ଲାପାଳ, କେନ୍ଦୁଝର

### ଭୂମି ଅନୁସୂଚୀ

ପ୍ରକଳ୍ପର ନାମ - ଘାଗରାନାଳର ପୁନରୁଦ୍ଧାର ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ
ମୌଜା-ମୋଚିନ୍ଦା, ଥାନା ନଂ-୧୨୬, ଥାନା-ଆନନ୍ଦପୁର, ତହସିଲ-ଆନନ୍ଦପୁର, ଜିଲ୍ଲା-କେନ୍ଦୁଝର

| କ୍ରମିକ ନଂ | ଖତିୟାନ ନଂ | ପ୍ରଜା ର ନାମ ଓ ଠିକଣା | ପ୍ଲଟ ନଂ | କିସମ | ମୋଟ ରକବା | ଅର୍ଜନ ରକବା |
|---|---|---|---|---|---|---|
| ୧ | ୯ | ଅନନ୍ତ ରାମ, ପି– କାଳନ୍ଦି ରାମ ଜା– ତାମିଳି, ବା–ଫକିରପୁର | ୧୧୩୭ | ଶାରଦ ଏକ | ୪.୪୪୦ | ୦.୩୦୦ |
| | | | ୧୧୩୮ | ଶାରଦ ଏକ | ୨.୧୪୦ | ୦.୨୫୦ |
| ୨ | ୧୬୨ | ଚିନ୍ତାମଣି ସାହୁ, ବାୟାଣି ସାହୁ, ରୁକ୍ଷଣି ସାହୁ, କୁନି ସାହୁ, ପି– ଗାଣ୍ଠୁ ସାହୁ, ହଗୁରୀ ସାହୁ, ସ୍ୱା– ଗାଣ୍ଠୁ ସାହୁ, ଲକ୍ଷ୍ମଣ ସାହୁ, ଜୁଲି ସାହୁ, କୋଇଲି ସାହୁ, ପି–କଳି ସାହୁ, ପାରା ସାହୁ, ସ୍ୱା–କାଳି ସାହୁ, ଜା–ତେଲି, ବା–ଡୁଡୁଗାଁ | ୧୩୦୨ | ଶାରଦ ତିନି | ୧.୨୦୦ | ୦.୨୩୦ |
| | | | ୧୩୦୭ | ଶାରଦ ତିନି | ୦.୬୨୦ | ୦.୦୬୦ |
| ୩ | ୧୯୧ | ଜେମା ରାଉତ, ପି–ବୈରାଗି ମଲିକ, ବୈଶମ ମଲିକ, ଶଙ୍କର ମଲିକ, ପି–ସଦେଇ ମଲିକ, ହାଡିବନ୍ଧୁ ମଲିକ, ପି–ନାଣ୍ଠୁ ଚରଣ ମଲିକ, ଗୋଲେଖ ମଲିକ, ପି–କାଳି ମଲିକ, ଜା– ଖଣ୍ଡାୟତ, ବା–ନିଜଗାଁ | ୧୨୭୮ | ଶାରଦ ତିନି | ୦.୬୬୦ | ୦.୦୬୦ |
| ୪ | ୨୯୬ | ପଦନ ମଲିକ, ପି– ବରଜୁ ମଲିକ, ଜା–ଖଣ୍ଡାୟତ, ବା– ବାଲକାଟି | ୧୨୭୭ | ଶାରଦ ଦୋଫସଲି ତିନି | ୦.୨୧୦ | ୦.୧୧୦ |
| | | | ୧୨୯୪ | ଶାରଦ ତିନି | ୦.୧୨୦ | ୦.୦୩୦ |
| ୫ | ୩୪୨ | ବଂଶିଧର ମଲିକ, ପି– ସଦେଇ ମଲିକ, ଜା–ଖଣ୍ଡାୟତ, ବା–ନିଜଗାଁ | ୧୨୯୭ | ଶାରଦ ତିନି | ୦.୨୨୦ | ୦.୦୫୦ |
| ୬ | ୪୭୫ | ରଘୁନାଥ ଜେନା, ପି– ହରି ଜେନା, ଜା–ଖଣ୍ଡାୟତ, ବା–ବାଲକାଟି | ୧୩୦୧ | ଶାରଦ ତିନି | ୦.୪୦୦ | ୦.୦୬୦ |
| ୭ | ୪୭୬ | ରଘୁ ମଲିକ, ଗଇଁ ମଲିକ, ପି– ଶ୍ରୀଧର ମଲିକ ଜା–ଖଣ୍ଡାୟତ, ବା–ବାଲକାଟି | ୧୨୯୫ | ଶାରଦ ତିନି | ୦.୦୯୦ | ୦.୦୪୦ |
| ୮ | ୫୧୭ | ଶଙ୍କର୍ଷଣ ମଲିକ, ପି–ସଦେଇ ମଲିକ, ଜା–ଖଣ୍ଡାୟତ, ବା–ନିଜଗାଁ | ୧୨୯୬ | ଶାରଦ ତିନି | ୦.୧୯୦ | ୦.୦୪୦ |
| ୯ | ୫୨୪ | ଶମ୍ଭୁ କାହାଳି, ପି– ବରଜୁ କାହାଳି, ଜା–ଘଣି, କିର୍ତ୍ତନ ସାହୁ, ଚୈତନ୍ୟ ସାହୁ, ବୈଲୋଚନ ସାହୁ, ଝିଣ୍ଟିକା ସାହୁ, ଘୁରୁଡୁ ସାହୁ, ଲକ୍ଷ୍ମି ସାହୁ, ମଖି ସାହୁ, ପି– କାଶି ସାହୁ, ମୂଷା ସାହୁ, ସ୍ୱା– କାଶି ସାହୁ, ଜା– ତେଲି, ବା–ନିଜଗାଁ | ୧୨୮୦ | ଶାରଦ ତିନି | ୦.୨୬୦ | ୦.୦୪୦ |
| ୧୦ | ୫୬୩ | ହରିହର ନନ୍ଦି, ଭାଗିରଥି ନନ୍ଦି, ପି– ହାଡି ନନ୍ଦି, ଜା– ତାମୁଲି, ବା–ଶାଳବଣି | ୧୨୯୮ | ଶାରଦ ତିନି | ୦.୧୬୦ | ୦.୦୬୦ |
| ୧୧ | ୫୭୭/୭ | ହୃଷିକେଶ ସାହୁ, ପି– ଲକ୍ଷ୍ମଣ ସାହୁ, ଜା– ତେଲି, ବା–ଡୁଡୁଗାଁ | ୧୩୦୪ | ଶାରଦ ତିନି | ୦.୧୩୦ | ୦.୦୭୦ |
| | | | ୧୩୦୪/ ୩୬୪୪ | ଶାରଦ ତିନି | ୦.୧୦୦ | ୦.୦୫୦ |
| ୧୨ | ୫୭୭/୭୬ | ପ୍ରଭାକର ରାମ, ପି– ଅନନ୍ତ ରାମ, ଜା– ତାମୁଲି, ବା–ଫକିରପୁର | ୧୧୩୩ | ଶାରଦ ଏକ | ୨.୭୮୦ | ୦.୨୨୦ |
| ୧୩ | ୫୭୭/ ୫୪୬ | ରାଜେନ୍ଦ୍ର ସିଂ, ଦିନେଶ ପାନଓାର ପି– ଲୁଦୁରାମ ପାଓାର ଜା– ଖରଡିଆ ଶରବି, ବା–ଧାମନଗର | ୧୧୩୭/ ୩୯୫୬ | ଶାରଦ ଏକ | ୧.୧୨୦ | ୦.୦୯୦ |
| | | | ୩୯୫୬/ ୪୧୧୦ | ଶାରଦ ଏକ | ୧.୨୨୦ | ୦.୦୫୦ |
| ୧୪ | ୫୭୭/୧୧୮ | ଚୈତନ୍ୟ ସାହୁ, ତ୍ରିଲୋଚନ ସାହୁ, ପି– କାଶି ସାହୁ, ଜା–ତେଲି, ବା–ନିଜଗାଁ | ୧୧୩୨/ ୪୦୬୭/ ୪୧୭୪ | ଶାରଦ ଏକ | ୦.୫୨୦ | ୦.୨୬୦ |
| | | ମୋଟ | | | ୧୬.୫୮୦ | ୨.୦୭୦ |

ସ୍ୱା- ଦୁର୍ଯ୍ୟୋଧନ ପାତ୍ର
AMIN
L.A. (Gen.) Section
Collectorate, Keonjhar

ସ୍ୱା- ହୃଷିକେଶ ମାଝୀ
Land Acquisition Inspector
L.A. (Gen.) Section
Collectorate, Keonjhar

ସ୍ୱା- ରିତେଶ୍ କୁମାର ପଣ୍ଡା
ଭୂ ଅର୍ଜନ ଅଧିକାରୀ
ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝର

OIPR : 24001/24045/3/26-27/0015

## ସମ୍ପାଦକୀୟ



# ସରଗରମ ହେବ ସଂସଦର ମୌସୁମୀ ଅଧିବେଶନ

ସଂସଦର ମୌସୁମୀ ଅଧିବେଶନ ଚଳିତ ମାସ ଜୁଲାଇ ୨୦ରୁ ଆରମ୍ଭ ହୋଇ ଆଗାମୀ ମାସ ଅଗଷ୍ଟ ୧୩ (୨୦୨୬) ପର୍ଯ୍ୟନ୍ତ ଚାଲିବ ବୋଲି କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ ରିଜଜୁ ପ୍ରକାଶ କରିଛନ୍ତି । କିନ୍ତୁ ବିଭିନ୍ନ ଦୃଷ୍ଟିକୋଣରୁ ଏହି ଆଗାମୀ ଅଧିବେଶନ ଗୁରୁତ୍ୱପୂର୍ଣ୍ଣ ଓ ସରଗରମ ହେବ ବୋଲି ଆଶା କରାଯାଉଛି । ଅନେକଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ବିଲ୍ ବା ବିଧେୟକ ଏହି ଅଧିବେଶନରେ ପାରିତ ହେବାର ସମ୍ଭାବନା ରହିଛି । ତନ୍ମଧ୍ୟରୁ ୧୩୦ତମ ସଂବିଧାନ ବିଧେୟକଟି ଖୁବ୍ ଗୁରୁତ୍ୱପୂର୍ଣ୍ଣ । କାରଣ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରିମାନେ ବା ଅନ୍ୟାନ୍ୟ ମନ୍ତ୍ରିମାନେ ଯଦି ଜେଲ ଦଣ୍ଡାଦେଶ ଭୋଗୁଥିବା ବେଳେ ୩୦ ଦିନ ମଧ୍ୟରେ ଜାମିନ ନ ପାଇବେ ତେବେ ସେମାନଙ୍କୁ ବହିଷ୍କାର କରାଯିବାକୁ ଏହି ୧୩୦ତମ ସଂବିଧାନ ସଂଶୋଧନ ବିଲ୍‌ରେ ବ୍ୟବସ୍ଥା ରହିଛି । ଏ ସଂକ୍ରାନ୍ତୀୟ ବିଲ୍ ସଂସଦରେ ଆଗତ ହୋଇପାରେ ବୋଲି କୁହାଯାଉଛି । କେନ୍ଦ୍ରର ଏନ୍‌ଡିଏ ସରକାର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ବିଲ୍ ଏହି ମୌସୁମୀ ଅଧିବେଶନରେ ଆଗତ କରିବାର ସମ୍ଭାବନା ମଧ୍ୟ ରହିଛି । ସେହି ବିଲ୍‌ଟି ହେଉଛି ଆଉ ଏକ ସଂବିଧାନ ସଂଶୋଧନ ବିଲ୍, ଯାହା କି ଲୋକସଭା ଓ ବିଧାନସଭାମାନଙ୍କରେ ତଥା ଦିଲ୍ଲୀ ସାଧାରଣ ନିର୍ବାଚନରେ ମହିଳାମାନଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ସଂକ୍ରାନ୍ତରେ । ଡିଲିମିଟେସନ (ନିର୍ବାଚନମଣ୍ଡଳୀ ସୀମା ନିର୍ଦ୍ଧାରଣ) ସଂକ୍ରାନ୍ତୀୟ ବିଲ୍ ମଧ୍ୟ ଆଗତ କରାଯିବ ।

ଏହି ଆଗାମୀ ଅଧିବେଶନରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ବିରୋଧରେ ସ୍ୱାଧିକାର ପ୍ରକ୍ରିୟା (Privilege Proceedings) ଉପରେ ବିରୋଧୀ ଦଳଗୁଡ଼ିକ ମଧ୍ୟ ଆଲୋଚନା କରିବାକୁ ଚାହିଁବେ । ଏହା ବ୍ୟତୀତ ଅଯୋଧ୍ୟାର ବହୁ ଚର୍ଚ୍ଚିତ ରାମ ମନ୍ଦିର ଦାନ ଟଙ୍କା ଚୋରୀ ଉପରେ ଆଲୋଚନା ଲାଗି ବିରୋଧୀ ଦଳ ମଧ୍ୟ ସଜବାଜ ହେଉଥିବା ଜଣାଯାଇଛି ।

> **ପରିବର୍ତ୍ତିତ ପରିସ୍ଥିତିରେ ତୃଣମୂଳ କଂଗ୍ରେସ, ଶିବସେନା (ୟୁବିଟି)ରୁ ଅନେକ ଦଳ ବଦଳ କରିଛନ୍ତି । ବିଶେଷ କରି ତୃଣମୂଳ କଂଗ୍ରେସରୁ କୋଡ଼ିଏ ଜଣ ବିଦ୍ରୋହୀ ସାଂସଦ ଦଳ ଛାଡିବାକୁ ଲୋକସଭାର ବାଚସ୍ପତି ଓମ୍ ବିର୍ଲାଙ୍କୁ ନୋଟିସ ଦେଇଛନ୍ତି । ସେହିପରି ଛଅ ଜଣ ଉଦ୍ଧବ ସେନା ସାଂସଦ ଦଳବଦଳ କରି ଏକନାଥ ସିନ୍ଦେଙ୍କ ଶିବସେନା ସହିତ ମିଶିବା ପାଇଁ ବାଚସ୍ପତି ଓମ୍ ବିର୍ଲାଙ୍କୁ ଦରଖାସ୍ତ ଦେଇଛନ୍ତି । ଏପରି ଦଳବଦଳ ପ୍ରକ୍ରିୟା ବିଚାରାଧୀନ ଥିବାବେଳେ ଡିଏମ୍‌କେ ଦଳର ସାଂସଦମାନେ କଂଗ୍ରେସ ଦଳର ସାଂସଦମାନଙ୍କ ସହିତ ପୂର୍ବଭଳି ନ ବସି, ଲୋକସଭା ଅଧିବେଶନରେ ଅନ୍ୟତ୍ର ବସିବା ପାଇଁ ମଧ୍ୟ ଲୋକସଭାର ବାଚସ୍ପତି ଶ୍ରୀ ବିର୍ଲାଙ୍କୁ ଦରଖାସ୍ତ ଦେଇଛନ୍ତି । ଏହି ଆଗାମୀ ଅଧିବେଶନରେ ବାଚସ୍ପତି ଏ ସବୁ ବିଷୟରେ ନିଷ୍ପତ୍ତି ନେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଘଟଣା ବୋଲି ମନେ ହେଉଛି ।**

ପରିବର୍ତ୍ତିତ ପରିସ୍ଥିତିରେ ତୃଣମୂଳ କଂଗ୍ରେସ, ଶିବସେନା (ୟୁବିଟି)ରୁ ଅନେକ ଦଳ ବଦଳ କରିଛନ୍ତି । ବିଶେଷ କରି ତୃଣମୂଳ କଂଗ୍ରେସରୁ କୋଡିଏ ଜଣ ବିଦ୍ରୋହୀ ସାଂସଦ ଦଳ ଛାଡିବାକୁ ଲୋକସଭାର ବାଚସ୍ପତି ଓମ୍ ବିର୍ଲାଙ୍କୁ ନୋଟିସ ଦେଇଛନ୍ତି । ସେହିପରି ଛଅ ଜଣ ଉଦ୍ଧବ ସେନା ସାଂସଦ ଦଳବଦଳ କରି ଏକନାଥ ସିନ୍ଦେଙ୍କ ଶିବସେନା ସହିତ ମିଶିବା ପାଇଁ ବାଚସ୍ପତି ଓମ୍ ବିର୍ଲାଙ୍କୁ ଦରଖାସ୍ତ ଦେଇଛନ୍ତି । ଏପରି ଦଳବଦଳ ପ୍ରକ୍ରିୟା ବିଚାରାଧୀନ ଥିବାବେଳେ ଡିଏମ୍‌କେ ଦଳର ସାଂସଦମାନେ କଂଗ୍ରେସ ଦଳର ସାଂସଦମାନଙ୍କ ସହିତ ପୂର୍ବଭଳି ନ ବସି, ଲୋକସଭା ଅଧିବେଶନରେ ଅନ୍ୟତ୍ର ବସିବା ପାଇଁ ମଧ୍ୟ ଲୋକସଭାର ବାଚସ୍ପତି ଶ୍ରୀ ବିର୍ଲାଙ୍କୁ ଦରଖାସ୍ତ ଦେଇଛନ୍ତି । ଏହି ଆଗାମୀ ଅଧିବେଶନରେ ବାଚସ୍ପତି ଏ ସବୁ ବିଷୟରେ ନିଷ୍ପତ୍ତି ନେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଘଟଣା ବୋଲି ମନେ ହେଉଛି ।

ଏହି ସଂସଦୀୟ ଅଧିବେଶନ ଆରମ୍ଭ ହେବାର ଅବ୍ୟବହିତ ପୂର୍ବରୁ ସାଂସଦ ଅପରାଜିତା ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ୧୩୦ତମ ସଂବିଧାନ ସଂଶୋଧନ ବିଲ୍ ପାଇଁ ଗଠିତ ଯୁଗ୍ମ ସଂସଦୀୟ କମିଟି (Joint Parliamentary Committee)ର ଗୁରୁତ୍ୱପୂର୍ଣ୍ଣ ବୈଠକ ଆସନ୍ତା ତା ୧୭/୦୭/୨୦୨୬ ରିଖରେ ବସିବ ଏବଂ ଏହା ପରେ ତାହାର ରିପୋର୍ଟ ସଂସଦକୁ ପଠାଯିବ ।

ତେଣୁ ଅନେକ ଦୃଷ୍ଟିରୁ ଏହି ମୌସୁମୀ ଅଧିବେଶନ ସରଗରମ ହେବ ବୋଲି ଆଶା କରାଯାଉଛି ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

# ପ୍ରାଥମିକ ପାଠ୍ୟପୁସ୍ତକ ପ୍ରମାଦ ଓ ଷଡଯନ୍ତ୍ର ତତ୍ତ୍ୱ



ଡ. ନିରଞ୍ଜନ ସାହୁ

କଥା ଅସରନ୍ତି

କିଛିଦିନ ହେଲାଣି ଓଡ଼ିଶାର ଜନଜୀବନକୁ ଯେଉଁସବୁ ଘଟଣା ଓ ଦୁର୍ଘଟଣା କ୍ରମାଗତ ଭାବରେ ପୀଡ଼ା ଦେଇଚାଲିଛି, ତା' ଭିତରେ ଅତ୍ୟନ୍ତ ଚିନ୍ତାଜନକ ହେଉଛି ପ୍ରାଥମିକ ଶ୍ରେଣୀର ପାଠ୍ୟ ପୁସ୍ତକରେ ଦେଖାଦେଇଥିବା ତ୍ରୁଟି । ତ୍ରୁଟିର ଆକାର ପ୍ରକାର ଏବଂ ସଂଖ୍ୟା ସୃଷ୍ଟି କରିଛି ବହୁଧା ବିତର୍କ, ବିମର୍ଷ ଓ ବିରକ୍ତି । କୋମଳମତି ଛାତ୍ରଛାତ୍ରୀ, ଅଭିଭାବକ ମଣ୍ଡଳୀ, ଶିକ୍ଷକ ଶିକ୍ଷୟିତ୍ରୀ, ଚିନ୍ତାଶୀଳ ବ୍ୟକ୍ତି ଏବଂ ସମାଜ ସଚେତନ ସମସ୍ତେ ବିଷାଦ ଜର୍ଜରିତ ।

ଏତିକିବେଳେ ପ୍ରାଥମିକ ତଦନ୍ତ ରିପୋର୍ଟ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ପହଞ୍ଚିବା ପରେ କିଛି ତଳତଳିଆ ଓ ମଝି ମଝିଆ ଅଧିକାରୀଙ୍କୁ ନିଲମ୍ବନ କରାଯାଇଥିବା ଗଣମାଧ୍ୟମରେ ପ୍ରକାଶିତ ହୋଇଛି, ମାତ୍ର ବିତର୍କ ଥମିବା ପରିବର୍ତ୍ତେ ବଢ଼ିଛି । କାରଣ ଏବେ ଆଲୋଚିତ ହେଉଛି ଯେ ୟା ପଛରେ କୁଆଡ଼େ ଥିଲା ଏକ ସୁପରିକଳ୍ପିତ ଷଡ଼ଯନ୍ତ୍ର ।

ଇତିହାସ ଓ ରାଜନୀତି ବିଜ୍ଞାନର ଛାତ୍ରମାନେ ମନେ ପକେଇ ପାରିବେ ପଞ୍ଚଦଶ ଷୋଡ଼ଶ ଶତାବ୍ଦୀରେ ନିଜର ଦାର୍ଶନିକ ତତ୍ତ୍ୱ ପାଇଁ ଅତ୍ୟନ୍ତ ଚର୍ଚ୍ଚିତ ହୋଇଥିବା ଇଟାଲି (ତତ୍‌କାଳୀନ ଫ୍ଲୋରେନ୍‌ସ)ର ଦାର୍ଶନିକ ମାକିଆଭେଲି । ଭାରତୀୟ ଚିନ୍ତାନାୟକ କୌଟିଲ୍ୟଙ୍କ ପରି ମାକିଆଭେଲି ଥିଲେ ବିଶିଷ୍ଟ କୂଟନୀତି ବିଷାରଦ ଓ ତାଙ୍କର ପୁସ୍ତକ (The Prince) ଆଜି ଯାଏ କୁଟନୀତିର ବ୍ୟାକରଣ ଭଳି ମାନ୍ୟତା ରଖେ । ଶାସକ ବର୍ଗଙ୍କ ନିକଟରେ କଣ ପ୍ରଯୁଜ୍ୟ, ଶାସକୀୟ ଦକ୍ଷତା ତାହା ବର୍ଣ୍ଣନା କରିବା ବେଳେ ମାକିଆଭେଲି ଶୃଗାଳ ଓ ସିଂହର ଦୁଇଟି ବିଶେଷ ସ୍ୱାଭାବିକ ଚରିତ୍ର ଓ କ୍ଷମତା ସଂପର୍କରେ ଆଲୋଚନା କରିଛନ୍ତି, ତାଙ୍କର ମତରେ–The Prince must be as cunning as a fox to detect traps and as powerful as a lion to destroy traps. ଅର୍ଥାତ୍ ରାଜଗାଦୀନସିନ ବ୍ୟକ୍ତିଙ୍କର ଦୁଇଟି ପ୍ରମୁଖ ଦାୟିତ୍ୱ ଓ ଚରିତ୍ର ହେଲା ସେମାନେ ଶୃଗାଳପରି ତୀକ୍ଷ୍ଣବୁଦ୍ଧି ସମ୍ପନ୍ନ ହେବେ, ଯାହା ଫଳରେ ସେମାନେ ରାଜ୍ୟ ଶାସନ ବିରୋଧରେ ସୃଷ୍ଟି ହେଉଥିବା ଷଡଯନ୍ତ୍ର ଆଗତୁରା ଜାଣିପାରିବେ ଏବଂ ସେମାନଙ୍କଠାରେ ସିଂହର ପରାକ୍ରମ ରହିବା କଥା ଯାହା ଫଳରେ ସେ ଷଡଯନ୍ତ୍ରକୁ ସେ ନିର୍ଣ୍ଣାୟକ ଭାବରେ ଚୁରମାର୍ କରିପାରିବେ– ଏତେକ ହୋଇପାରିଲେ ହିଁ ଶାସନରେ ଶାନ୍ତି ବିରାଜିବ ।

ଏଥିରୁ ପ୍ରତୀୟମାନ ହୁଏ ଶାସକମାନଙ୍କ ପ୍ରତି ସବୁଠାରୁ ବଡ଼ ଆହ୍ୱାନ ହେଲା ସେମାନଙ୍କୁ ଅଡୁଆରେ ପକେଇବା ପାଇଁ ନିତି ବସୁଥିବା ଚକ୍ରବ୍ୟୁହକୁ ଆଗତୁରା ଠାବ କରିବା ଏବଂ ତ୍ୱରିତ ଆଖିଦୃଷ୍ଟିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଲୋକଙ୍କର ବିଶ୍ୱାସଭାଜନ ହେବା।

ଗଣତନ୍ତ୍ର ଶାସନରେ ବିରୋଧୀ ଦଳ ତରଫରୁ ବିଭିନ୍ନ ସରକାର ବିରୋଧୀ କାର୍ଯ୍ୟକ୍ରମ ଆୟୋଜନ କରିବା ଏକ ସାଧାରଣ କଥା । କାରଣ ଗଣତନ୍ତ୍ରର ମୂଳକଥା ହେଲା ସାଧାରଣ ଲୋକଙ୍କୁ ସେମାନେ ବିଭିନ୍ନ ସମସ୍ୟା ଉପରେ ନିଜର ମତାମତ ଦେବେ ଏବଂ ଜନସାଧାରଣ ସେ ସବୁକୁ ମନ ଭିତରେ ରଖି ନିର୍ବାଚନ ବେଳେ ତାଙ୍କର ନିଜ ନିଜର ମତାମତ ଦେବେ ଏବଂ ସେଇ ଆଧାରରେ କେତେବେଳେ ବିରୋଧୀ ସରକାର ଗଠନ କରିବେ କିମ୍ବା ସରକାରୀ ଦଳ ପୁଣି ଜିତାପଟ ନେବେ ।

ଏଇ କଥାଟି ଯେତେ ସରଳ ଶୁଣାଯାଉଛି ବାସ୍ତବରେ ତାହା ସେତିକି ସହଜ ନୁହେଁ, ସେଥିପାଇଁ ସରକାରଙ୍କ ତରଫରୁ ତାଙ୍କୁ ଆଗୁଆ ସୂଚନା ଦେବାକୁ ବହୁ ସଂସ୍ଥା କାମ କରୁଛନ୍ତି ଏବଂ କେତେବେଳେ କେଉଁ ନିଷ୍ପତ୍ତି ନେବା ଉଚିତ ସେ କଥାରେ ପରାମର୍ଶ ଦେବାକୁ ବି ଅଛନ୍ତି ଅନେକ ଲୋକ । ଏତେ ସବୁ ଥାଉଁ ଥାଉଁ ପ୍ରାଥମିକ ଶିକ୍ଷାର ବହିରେ ଯାହା ବିଭ୍ରାଟ ଘଟିଗଲା, ତାହା ସାରାରାଜ୍ୟକୁ ଘୋର ଲଜ୍ଜା ଓ ଅପମାନ ଆଣି ଦେଇଛି ଏବଂ ଲଜ୍ଜାବନତ ହୋଇଛି ଓଡ଼ିଶା ।

ଇତିହାସର ଛାତ୍ରମାନେ ମନେ ପକେଇ ପାରିବେ ଈଶ୍ୱରୀ ପ୍ରସାଦଙ୍କର ଏକ ଐତିହାସିକ ଉକ୍ତି– Treachery has been the last solace to the pride of a beaten army ଅର୍ଥାତ୍ ହାରିଯାଇଥିବା ପକ୍ଷଟି ହାର ସ୍ୱୀକାର ନ କରି ହାରିବାର କାରଣ ସ୍ୱରୂପ କାହାରି ବିଶ୍ୱାସଘାତକତା ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରିଥାଏ– ଷଡଯନ୍ତ୍ର କହିଲେ ସେଇଭଳି କିଛି କଥା ନା ଅନ୍ୟକିଛି ପାଠକେ ବିଚାର କରନ୍ତୁ ।

**ମାନ୍ୟବର ମୁଖ୍ୟମନ୍ତ୍ରୀ ଜଣେ ସରଳ, ହୃଦୟବାନ ବ୍ୟକ୍ତି ଭାବରେ ଜଣାଶୁଣା– ଅମଲାମାନଙ୍କୁ ନିୟନ୍ତ୍ରଣ କରିବା ପାଇଁ ଯେଉଁ ଜ୍ଞାନ, ଅଭିଜ୍ଞତା ଓ ଦକ୍ଷତା ତାହା ତାଙ୍କ ପାଖରେ ଅଛି ନିଶ୍ଚୟ– ତାକୁ ସେ ଠିକ୍ ସମୟରେ ବ୍ୟବହାର କରିବା ନିତ୍ୟାନ୍ତ ଆବଶ୍ୟକ ।**

ଷଡଯନ୍ତ୍ର ବୋଲି ଖାଲି କହିଦେଲେ ହେବନାହିଁ– ତାର ଆମୂଳଚୂଳ ପର୍ଦ୍ଦାଫାସ ହେବା ଦରକାର ଏବଂ ସଂପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେବା ଜରୁରୀ ।

ପାଠକମାନଙ୍କର ଅବଗତି ନିମନ୍ତେ କହିବାକୁ ପଡୁଛି ଯେ ଭାରତ ସରକାର ଦୁଇହଜାର କୋଡ଼ିଏ ମସିହାରେ ନୂତନ ଶିକ୍ଷାନୀତି ପ୍ରଣୟନ କରିଥିଲେ– ମାତ୍ର ଦୁଇହଜାର ଚବିଶି ପର୍ଯ୍ୟନ୍ତ ତାକୁ ଝୁଲାଇ ରଖିଥିଲେ । ସେତେବେଳର ସରକାର– ଦୁଇହଜାର ଚବିଶରେ ଓଡ଼ିଶାରେ ନୂଆ ସରକାର ଗଠିତ ହେଲାପରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶିତ ହେଲା ଓଡ଼ିଶାରେ ନୂତନ ଶିକ୍ଷାନୀତି କାର୍ଯ୍ୟକାରିତା ସଂପର୍କରେ। NEP 2020 ବା ଜାତୀୟ ଶିକ୍ଷାନୀତି ୨୦୨୦ର ପ୍ରାବଧାନ ଅନୁସାରେ ବିଭିନ୍ନ ସ୍ତରରେ ପୁସ୍ତକଗୁଡ଼ିକ ନୂତନ ଭାବରେ ପ୍ରସ୍ତୁତ ହେବାକଥା ।

ରାଜ୍ୟ ସରକାର ପ୍ରାଥମିକ ସ୍ତରର ପୁସ୍ତକ ପ୍ରକାଶନ ଦାୟିତ୍ୱ ଚିରାଚରିତ ଭାବରେ ଶିକ୍ଷକ ପ୍ରଶିକ୍ଷଣ ପରିଷଦ ନିର୍ଦ୍ଦେଶାଳୟ (SCERT) ଉପରେ ନ୍ୟସ୍ତ କରିଥିଲେ । ବିଷୟ ଚୟନଠାରୁ ଆରମ୍ଭ କରି ଲେଖକ ଚୟନ ଏବଂ ସେଗୁଡ଼ିକର ଛାତ୍ରଛାତ୍ରୀଙ୍କ ବୟସ ଓ ଜ୍ଞାନ ଆଧାରରେ ଉପଯୋଗୀ କି ନାହିଁ ତାହା ସୁବ୍ୟବସ୍ଥିତ କରିବା ପାଇଁ ବହୁବିଧ କମିଟି ବ୍ୟବସ୍ଥା ରହିଥାଏ । ବାରମ୍ବାର ସମୀକ୍ଷା ମାଧ୍ୟମରେ ସେଗୁଡ଼ିକ ସଂଶୋଧିତ ହେଲାପରେ ଯାଇ ମୁଦ୍ରଣ କଥା ଉଠେ ।

ଏଥର ମୁଦ୍ରିତ ପୁସ୍ତକ (ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ଭିତରେ) ପ୍ରକାଶିତ ହେଲାପରେ ଯାହା ଜଣାପଡ଼ିଲା, ସେଗୁଡ଼ିକ ପାଠ୍ୟ ପୁସ୍ତକର ସର୍ବନିମ୍ନ ମୂଲ୍ୟବୋଧ ପାଇଁ ଅନୁପଯୁକ୍ତ– ମୁଦ୍ରିତ ପୁସ୍ତକକୁ ପଠନ କଲାବେଳେ ଏକ ସ୍ୱାଭାବିକ ଭାବନା କାର୍ଯ୍ୟକରେ ଯେ ସେଗୁଡ଼ିକ ନିର୍ଭୁଲ ହୋଇଥିବ । ମାତ୍ର ଏହି ପୁସ୍ତକଗୁଡ଼ିକରେ ଭୁଲ୍ ସଂଖ୍ୟା ଏତେ ଯେ ତାହା କୁନି କୁନି ପିଲାଙ୍କୁ ମନସ୍ତାତ୍ତ୍ୱିକ ଦୃଷ୍ଟିରୁ କେତେ ଯେ ଆଘାତ ଦେବ ତାହା ଅନୁମେୟ ।

କଠୋପନିଷଦର ଏକ ଶ୍ଲୋକ ଥିଲା ସ୍ୱାମୀ ବିବେକାନନ୍ଦଙ୍କର ଅତ୍ୟନ୍ତ ପ୍ରିୟ, 'ଉତ୍ତିଷ୍ଠତ ଜାଗ୍ରତ ପ୍ରାପ୍ୟ ବରାନ୍ ନିବୋଧତ', ଏହାକୁ ସେ ଇଂରାଜୀରେ କହୁଥିଲେ– "Arise, Awake and Acquire true knowledge from those who know the best for the path of knowledge is as impassable as the sharpened edge of a raror." ଜ୍ଞାନ ରାସ୍ତା ଯଦି ଏତେ ଦୁରୂହ ତାହେଲେ ଯେଉଁ ମହାନ୍ ବ୍ୟକ୍ତିମାନେ ଦାୟିତ୍ୱ ନେଉଥିଲେ ସେମାନେ କଣ ସେ କଥା ଭୁଲି ଯାଇଥିଲେ– ବିଭାଗର ତୁଙ୍ଗ ଅଧିକାରୀମାନେ କଣ ପାଇଁ ନିଜକୁ ମୁକ୍ତ ରଖିଥିଲେ– ପୁସ୍ତକ ପ୍ରକାଶନରେ SCERTକୁ OPEPA / OSEPA ଜ୍ଞାନ କୌଶଳ ଯୋଗାଇ ଦେବା କଥା ଏବଂ Directer Text Book Pressରେ ମୁଦ୍ରଣ ଜନିତ ତ୍ରୁଟି ନ ହେବାପାଇଁ ସମୁଚିତ ପଦକ୍ଷେପ ନିଆଯିବା କଥା । ଏହି ବିଭିନ୍ନ ନିର୍ଦ୍ଦେଶାଳୟ ମଧ୍ୟରେ ସମନ୍ୱୟର ଅଭାବ ଥିଲେ କର୍ତ୍ତୃପକ୍ଷ ଏବଂ ଶାସନ ସଚିବ ତାର ସମାଧାନ କରିବା କଥା । କେବଳ ଗୋଟିଏ ସ୍ୱପ୍ନ ସୁନ୍ଦର ହେଲେ ତା'ର କାର୍ଯ୍ୟାନ୍ୱୟନ ନିଖୁଣ ନ ହେଲେ ତା'ର ଫଳାଫଳ ଅତ୍ୟନ୍ତ ନୈରାଶ୍ୟଜନକ ହୋଇଥାଏ, ତାହା ପ୍ରମାଣିତ ହେଲା।

ଇଂରାଜୀରେ ଗୋଟିଏ କଥା କୁହାଯାଏ– You can not unscramble an omlette. ଅର୍ଥାତ୍ ଅଣ୍ଡାରୁ ଓମଲେଟ୍ ହୋଇପାରିବ ମାତ୍ର ଓମଲେଟରୁ ଅଣ୍ଡା ହେବା ଅସମ୍ଭବ– ଏହି ପ୍ରକ୍ରିୟାରେ ପଛକୁ ଫେରିବା ନଥାଏ– ତେଣୁ ଏତିକି ବେଳେ 'ଏକ ଷଡଯନ୍ତ୍ର' କହିଦେଲେ ଯେ ଜନମାନସରେ ଦୋଷ ଲୁଚିଯିବ ତାହା ନୁହେଁ– ବରଂ ଏହା ସରାକରଙ୍କୁ ଏକ ନିଷ୍ପ୍ରଭ ତାରକା ଭାବରେ ପରିଚିତ କରାଇବ । ଇଂରାଜୀରେ ଯାହାକୁ କୁହାଯାଏ Victim card. ସରକାର ଲୋକଙ୍କ ଆଗରେ ପୀଡ଼ିତ ପକ୍ଷ ହେବା ଅନୁଚିତ– ସରକାରଙ୍କ ପାଖରେ ରହିଛି ଲୋକମତ– ତାହାହିଁ ତାଙ୍କର କ୍ଷମତାର ଆଧାର–ସମ୍ବିଧାନ ତାଙ୍କୁ ଦେଇଛି ଅମାପ କ୍ଷମତା– ସେ ତାକୁ ପ୍ରୟୋଗ କରନ୍ତୁ ।

ଯେତେବେଳେ ସରକାରଙ୍କ ବିରୋଧରେ ଷଡଯନ୍ତ୍ର ରଚାଯାଇଛି ତାକୁ କୌଶଳରେ ଠାବ କରନ୍ତୁ ଏବଂ ଯେତେବେଳେ ଦୋଷୀ ଉପରେ କାର୍ଯ୍ୟାନୁଷ୍ଠାନ କରିବା କଥା ସେତେବେଳେ ତାଙ୍କର ସିଂହସମ ପରାକ୍ରମ ଦେଖାନ୍ତୁ । ମାନ୍ୟବର ମୁଖ୍ୟମନ୍ତ୍ରୀ ଜଣେ ସରଳ, ହୃଦୟବାନ ବ୍ୟକ୍ତି ଭାବରେ ଜଣାଶୁଣା– ଅମଲାମାନଙ୍କୁ ନିୟନ୍ତ୍ରଣ କରିବା ପାଇଁ ଯେଉଁ ଜ୍ଞାନ, ଅଭିଜ୍ଞତା ଓ ଦକ୍ଷତା ତାହା ତାଙ୍କ ପାଖରେ ଅଛି ନିଶ୍ଚୟ– ତାକୁ ସେ ଠିକ୍ ସମୟରେ ବ୍ୟବହାର କରିବା ନିତ୍ୟାନ୍ତ ଆବଶ୍ୟକ ।

ମୋ–୯୪୩୮୪୮୨୯୧୧
(ଲେଖକ ଭାରତୀୟ ପ୍ରଶାସନିକ ସେବାର ପୂର୍ବତନ ଅଧିକାରୀ ଓ ଜଣେ ସୁଲେଖକ)

# ପ୍ରବାସରେ ଡ. ଦୀପକ କୁମାର ଦାସଙ୍କ ଜୀବନଯାତ୍ରା



କୃପାନିଧି ବିଶ୍ୱାଳ

ଓଡ଼ିଶାର ଏକ ଛୋଟ ସହରରୁ ଜଣେ ଛାତ୍ର ଭାବେ ଯାତ୍ରା ଆରମ୍ଭ କରି ଅନ୍ତର୍ଜାତୀୟ ସ୍ତରରେ ଜଣେ କର୍ପୋରେଟର ନେତୃତ୍ୱ ଭାବେ ପ୍ରତିଷ୍ଠିତ ହେବା ପର୍ଯ୍ୟନ୍ତ, ଡ. ଦୀପକ କୁମାର ଦାସଙ୍କ ଜୀବନ ହେଉଛି ଅଧ୍ୟବସାୟ, ନିରନ୍ତର ଶିକ୍ଷା ଏବଂ ସମାଜ ସେବାର ଏକ ଅତ୍ୟନ୍ତ ପ୍ରେରଣାଦାୟୀ କାହାଣୀ ।

ସଫଳତାର କାହାଣୀ ସାଧାରଣତଃ ଏକ ସାଧାରଣ ପୃଷ୍ଠଭୂମିରୁ ହିଁ ଆରମ୍ଭ ହୋଇଥାଏ ଏବଂ ଡ. ଦାସଙ୍କ ଜୀବନ ହେଉଛି ଏହାର ଏକ ଜ୍ୱଳନ୍ତ ଉଦାହରଣ ଯେ କିପରି ଦୂରଦୃଷ୍ଟି, ଶୃଙ୍ଖଳା ଏବଂ ଦୃଢ଼ ସଂକଳ୍ପ ବଳରେ ଭୌଗୋଳିକ ଓ ଆର୍ଥିକ ସୀମା ସରହଦକୁ ଅତିକ୍ରମ କରି ସଫଳତା ଲାଭ କରାଯାଇ ପାରେ ।

ଓଡ଼ିଶାରେ ଜନ୍ମିତ ଓ ପ୍ରତିପାଳିତ ଡ. ଦାସ ୧୯୮୪ ମସିହାରେ ହରିହର ହାଇସ୍କୁଲରୁ ନିଜର ସ୍କୁଲ ଶିକ୍ଷା ସମାପ୍ତ କରିଥିଲେ । ପିଲାଦିନରୁ ଜଣେ ମେଧାବୀ ଛାତ୍ର ଭାବରେ, ସେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ବାଣିଜ୍ୟରେ କୃତିତ୍ୱର ସହ ସ୍ନାତକ ଡିଗ୍ରୀ ହାସଲ କରିଥିଲେ । ଏହା ତାଙ୍କର ଆଗାମୀ ବର୍ଷଗୁଡ଼ିକରେ କର୍ପୋରେଟ୍ ନେତୃତ୍ୱ ନେବା କ୍ଷେତ୍ରରେ ଏକ ଗୌରବମୟ ଅନ୍ତର୍ଜାତୀୟ କ୍ୟାରିୟର ପାଇଁ ଏକ ଦୃଢ଼ ଶିକ୍ଷାଗତ ଭିତ୍ତିଭୂମି ସ୍ଥାପନ କରିଥିଲା । ଆକାଉଣ୍ଟିଂ (ହିସାବ ରକ୍ଷଣ) କ୍ଷେତ୍ରରେ ସବୁଠାରୁ ଆହ୍ୱାନପୂର୍ଣ୍ଣ ବୃତ୍ତିଗତ ଯୋଗ୍ୟତା ହାସଲ କରିବା ପାଇଁ ଦୃଢ଼ ପରିକର ହୋଇ, ସେ ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ (CA) ହେବାର ଯାତ୍ରା ଆରମ୍ଭ କରିଥିଲେ । ଏହି କ୍ରମରେ ସେ ପ୍ରଥମେ ରାଉରକେଲାରୁ ନିଜର ପ୍ରଶିକ୍ଷଣ ଆରମ୍ଭ କରି ୧୯୯୪ ମସିହାରେ ଦିଲ୍ଲୀ ଯାଇଥିଲେ । ସେହି ଗଠନମୂଳକ ବର୍ଷଗୁଡ଼ିକ କଠିନ ପରିଶ୍ରମ, ସହନଶୀଳତା ଏବଂ ଆଗକୁ ବଢିବାର ଏକ ଅଦମ୍ୟ ଇଚ୍ଛା ଦ୍ୱାରା ପରିଚାଳିତ ଥିଲା ।

ତାଙ୍କର ବୃତ୍ତିଗତ ଜୀବନ ଦିଲ୍ଲୀରୁ ଆରମ୍ଭ ହୋଇଥିଲା, କିନ୍ତୁ ତାଙ୍କର ଆକାଂକ୍ଷା ଜାତୀୟ ସୀମା ମଧ୍ୟରେ ସୀମିତ ନଥିଲା । ୧୯୯୭ ମସିହାରେ, ସେ ଦୁବାଇକୁ (UAE) ସ୍ଥାନାନ୍ତରିତ ହୋଇଥିଲେ, ଯେଉଁଠାରେ ସେ ମୂଲ୍ୟବାନ ଅନ୍ତର୍ଜାତୀୟ କର୍ପୋରେଟ୍ ଅଭିଜ୍ଞତା ହାସଲ କରିଥିଲେ । କିଛି ବର୍ଷ ପରେ, ସେ ପଶ୍ଚିମ ଆଫ୍ରିକାରେ ଏକ ସୁଯୋଗ ପାଇଥିଲେ । ପ୍ରଥମେ ନାଇଜେରିଆର ଲାଗୋସ୍ରେ ଏବଂ ପରେ ଘାନାର ଆକ୍ରା (Accra) ସହରରେ, ଯେଉଁଠାରେ ସେ ୧୯୯୯ ମସିହାରୁ ବସବାସ କରିବା ସହ କାର୍ଯ୍ୟ କରି ଆସୁଛନ୍ତି ।

ବିଗତ ତିନି ଦଶନ୍ଧି ମଧ୍ୟରେ, ଡ. ଦାସ ସଫଳତାର ସହ କର୍ପୋରେଟ୍ ସିଡ଼ି ଚଢ଼ିଛନ୍ତି ଏବଂ ବରିଷ୍ଠ କାର୍ଯ୍ୟନିର୍ବାହୀ ଦାୟିତ୍ୱରୁ ଉନ୍ନୀତ ହୋଇ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (CEO) ଏବଂ ବୋର୍ଡ ସ୍ତରୀୟ ପଦବୀ ଗ୍ରହଣ କରିଛନ୍ତି । ଆଜି ସେ ଘାନାର ଏକ ବହୁରାଷ୍ଟ୍ରୀୟ C-Suite (ଉଚ୍ଚ ସ୍ତରୀୟ) କମ୍ପାନୀରେ ଉଚ୍ଚ ପଦବୀରେ କାର୍ଯ୍ୟରତ ଅଛନ୍ତି, ଯେଉଁଠାରେ ସେ କମ୍ପାନୀର ରଣନୀତି, ଆର୍ଥିକ ପରିଚାଳନା, ସୁଶାସନ ଏବଂ ସ୍ଥାୟୀ ବ୍ୟବସାୟିକ ଅଭିବୃଦ୍ଧିକୁ ଏକ ନୂତନ ରୂପ ଦେଉଛନ୍ତି ।



ତେବେ, ଯାହା ଡ. ଦାସଙ୍କୁ ଅନ୍ୟମାନଙ୍କଠାରୁ ସ୍ୱତନ୍ତ୍ର କରିଥାଏ, ତାହା କେବଳ ତାଙ୍କର ବୃତ୍ତିଗତ ସଫଳତା ନୁହେଁ, ବରଂ ଶିକ୍ଷାପ୍ରତି ତାଙ୍କର ନିରନ୍ତର ପ୍ରତିବଦ୍ଧତା । ନେତୃତ୍ୱ ପାଇଁ ଯେ ନିରନ୍ତର ବିକାଶ ଆବଶ୍ୟକ, ଏହା ବୁଝି ସେ ନିଜର ବୃତ୍ତିଗତ ଯୋଗ୍ୟତାକୁ ପାରମ୍ପରିକ ସୀମା ବାହାରକୁ ସମ୍ପ୍ରସାରିତ କରିଥିଲେ ।

ଘାନାରେ ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଭାବେ ଯୋଗ୍ୟତା ଅର୍ଜନ କରିବା ସହ, ସେ ୟୁନାଇଟେଡ୍ କିଙ୍ଗଡମ୍ (UK)ର ଚାର୍ଟାର୍ଡ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆକାଉଣ୍ଟାଣ୍ଟସ୍ (CIMA, CGMA) ର ଜଣେ ଫେଲୋ ଅଷ୍ଟ୍ରେଲିଆର ଇନଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ ଆକାଉଣ୍ଟାଣ୍ଟସର ଫେଲୋ ଏବଂ ୟୁନାଇଟେଡ୍ କିଙ୍ଗଡମ୍ ର ଇନଷ୍ଟିଚ୍ୟୁଟ୍ ଅଫ୍ ଫାଇନାନ୍ସିଆଲ ଆକାଉଣ୍ଟାଣ୍ଟସର ଜଣେ ଫେଲୋ ସଦସ୍ୟ ହୋଇଛନ୍ତି । କାର୍ଯ୍ୟନିର୍ବାହୀ ଉତ୍କର୍ଷ (Executive Excellence)ର ଏହି ଅନ୍ୱେଷଣ ତାଙ୍କୁ ଜଣେ ପୂର୍ବ ଛାତ୍ର ଭାବେ ସୁଇଜରଲ୍ୟାଣ୍ଡର IMD ବିଜନେସ୍ ସ୍କୁଲ ଏବଂ ଆମେରିକାର ହାର୍ଭାର୍ଡ ବିଜନେସ୍ ସ୍କୁଲକୁ ନେଇଯାଇଥିଲା, ଯେଉଁଠାରେ ସେ ଫାଇନାନ୍ସ ଏବଂ ଷ୍ଟ୍ରାଟେଜିରେ ସିନିୟର ଏକ୍‌ଜିକ୍ୟୁଟିଭ୍ ଏଜୁକେସନ୍ ପ୍ରୋଗ୍ରାମ ସମ୍ପୂର୍ଣ୍ଣ କରିଥିଲେ ।

ନିରନ୍ତର ସଫଳତା ଏବଂ ଉତ୍କର୍ଷର ଏହି ପ୍ରୟାସକୁ ନିକଟରେ ଶିକ୍ଷା ଜଗତର ଅନ୍ୟତମ ସର୍ବୋଚ୍ଚ ସମ୍ମାନ ମିଳିଛି । ବିଶ୍ୱସ୍ତରୀୟ କର୍ପୋରେଟ୍ ନେତୃତ୍ୱରେ ତାଙ୍କର ବିଶିଷ୍ଟ ଅବଦାନ ପାଇଁ ଆମେରିକାର ଟେକ୍ସାସ ସ୍ଥିତ ଡାଲାସର ଏକ ବିଶ୍ୱବିଦ୍ୟାଳୟ ତାଙ୍କୁ ପି.ଏଚ୍.ଡି. ଉପାଧି ପ୍ରଦାନ କରାଯାଇଛି ।

ଏହି ସମସ୍ତ ସଫଳତା ତାଙ୍କ ବୃତ୍ତିଗତ ଗୌରବର ପରିଚୟ ଦେଉଥିଲେ ମଧ୍ୟ, ଏହା ତାଙ୍କ ବ୍ୟକ୍ତିତ୍ୱର କେବଳ ଗୋଟିଏ ଦିଗକୁ ପ୍ରକାଶ କରେ । ନିଜ ବୃତ୍ତିଗତ ଜୀବନର ଅଧିକାଂଶ ସମୟ ବିଦେଶରେ ବିତାଇଥିଲେ ମଧ୍ୟ ଡ. ଦାସ ନିଜର ଭାରତୀୟ ମୂଳଦୁଆ ଏବଂ ମାଟି ସହ ଗଭୀର ଭାବେ ଜଡ଼ିତ ରହିଛନ୍ତି । ସେ ଦୃଢ଼ ଭାବରେ ବିଶ୍ୱାସ କରନ୍ତି ଯେ ସାଂସ୍କୃତିକ ମୂଲ୍ୟବୋଧ, ନୈତିକ ଆଚରଣ ଏବଂ ଆଧ୍ୟାତ୍ମିକ ଚେତନା ହେଉଛି ଉଭୟ ବ୍ୟକ୍ତିଗତ ସନ୍ତୋଷ ଏବଂ ଦାୟିତ୍ୱବାନ ନେତୃତ୍ୱର ଅପରିହାର୍ଯ୍ୟ ସ୍ତମ୍ଭ ।

ଏହି ବିଶ୍ୱାସ ତାଙ୍କୁ ଘାନାରେ ଥିବା ପ୍ରବାସୀ ଓଡ଼ିଆମାନଙ୍କର ସର୍ବୋଚ୍ଚ ଅନୁଷ୍ଠାନ ଉତ୍କଳ ଘାନା ସଂଘ (Utkala Ghana Association) ର ସହ-ପ୍ରତିଷ୍ଠାତା ଏବଂ ସଭାପତି ହେବା ପାଇଁ ପ୍ରେରିତ କରିଥିଲା । ତାଙ୍କ ନେତୃତ୍ୱରେ ଏହି ସଂଗଠନ ସାଂସ୍କୃତିକ ସମ୍ପର୍କକୁ ସୁଦୃଢ଼ କରିବା ସହ ସାମାଜିକ ସହଭାଗିତାକୁ ପ୍ରୋତ୍ସାହିତ କରିଛି ଏବଂ ମାତୃଭୂମିଠାରୁ ହଜାର ହଜାର ମାଇଲ୍ ଦୂରରେ ଓଡ଼ିଶାର ସମୃଦ୍ଧ ସଂସ୍କୃତି ଓ ଐତିହ୍ୟର ପ୍ରସାର କରିଛି । ଭାରତର ଆଧ୍ୟାତ୍ମିକ ପରମ୍ପରାକୁ ବଜାୟ ରଖିବା ପାଇଁ ତାଙ୍କର ପ୍ରତିବଦ୍ଧତା ଯୋଗୁଁ ୨୦୨୪ ମସିହାରେ ଘାନା ଠାରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ହୋଇପାରିଛି, ଯାହା ସେଠାରେ ଥିବା ଭାରତୀୟ ସମୁଦାୟ ଏବଂ ଜଗନ୍ନାଥପ୍ରେମୀଙ୍କ ପାଇଁ ଏକ ପବିତ୍ର ପୂଜାସ୍ଥଳୀ ଓ ସାଂସ୍କୃତିକ ପରିଚୟ ପ୍ରଦାନ କରିଛି । ସୌଭାଗ୍ୟବଶତଃ, ୨୦୨୫ ମସିହା ଆରମ୍ଭରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଦ୍ୟସେବକ ଶ୍ରୀଗଜପତି ମହାରାଜା ମହାରାଣୀ ସାହିବାଙ୍କ ସହ ଘାନାର ଆକ୍ରା ସହର ପରିଦର୍ଶନ କରି ସେଠାକାର ଶ୍ରଦ୍ଧାଳୁମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ ।

ଡ. ଦାସ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କର ଜଣେ ପରମ ଭକ୍ତ ଏବଂ ସତ୍‌ସଙ୍ଗର ଜଣେ ସହ ପ୍ରତିରିତ୍ୱିକ୍ ଭାବରେ ସେବା କରୁଛନ୍ତି । ତାଙ୍କର ଆଧ୍ୟାତ୍ମିକ ବିଶ୍ୱାସ ତାଙ୍କର ନେତୃତ୍ୱ ଦର୍ଶନକୁ ମାର୍ଗଦର୍ଶନ କରି ଚାଲିଛି, ଯାହା ସାଧୁତା, କରୁଣା ଏବଂ ନିଃସ୍ୱାର୍ଥପର ସେବାର ଗୁରୁତ୍ୱକୁ ଦୃଢ଼ କରେ ।

ତାଙ୍କୁ ଜାଣିଥିବା ବ୍ୟକ୍ତିମାନେ ପ୍ରାୟତଃ ତାଙ୍କୁ ଜଣେ ଏପରି ନେତୃତ୍ୱ ଭାବରେ ବର୍ଣ୍ଣନା କରନ୍ତି, ଯିଏ ରଣନୈତିକ ଚିନ୍ତାଧାରା ସହିତ ନମ୍ରତା, ବୃତ୍ତିଗତ ଉତ୍କର୍ଷତା ସହିତ କରୁଣା ଏବଂ ବିଶ୍ୱସ୍ତରୀୟ ଦୂରଦୃଷ୍ଟି ସହିତ ନିଜର ସାଂସ୍କୃତିକ ମୂଲ୍ୟବୋଧକୁ ସୁନ୍ଦର ଭାବେ ସମନ୍ୱୟ କରି ପାରିଛନ୍ତି । ତାଙ୍କ ଜୀବନ ପ୍ରମାଣିତ କରେ ଯେ ପ୍ରକୃତ ନେତୃତ୍ୱ କେବଳ କର୍ପୋରେଟ୍ ସଫଳତା ଦ୍ୱାରା ମପାଯାଏ ନାହିଁ, ବରଂ ଲୋକଙ୍କୁ ଅନୁପ୍ରାଣିତ କରିବା, ସମାଜକୁ ସୁଦୃଢ଼ କରିବା ଏବଂ ନିଜ ଆଦର୍ଶରେ ଅଟଳ ରହିବାର କ୍ଷମତା ଦ୍ୱାରା ହିଁ ମପାଯାଏ ।

ଓଡ଼ିଶାର ଶ୍ରେଣୀଗୃହରୁ ଆରମ୍ଭ କରି ବିଭିନ୍ନ ମହାଦେଶର ବୋର୍ଡରୁମ୍ ପର୍ଯ୍ୟନ୍ତ, ଶିକ୍ଷାଗତ ଯୋଗ୍ୟତାରୁ ଆନ୍ତର୍ଜାତୀୟ ମାନ୍ୟତା ପର୍ଯ୍ୟନ୍ତ ଏବଂ ବୃତ୍ତିଗତ ସଫଳତାରୁ ସମାଜସେବା ପର୍ଯ୍ୟନ୍ତ– ଡ. ଦୀପକ କୁମାର ଦାସଙ୍କ ସଫଳତାର ଯାତ୍ରା ହେଉଛି ଅଧ୍ୟବସାୟ ଏବଂ ଉଦ୍ଦେଶ୍ୟପୂର୍ଣ୍ଣ ଜୀବନର ଏକ ପ୍ରେରଣାଦାୟୀ ବାର୍ତ୍ତା ।

ତାଙ୍କର କାହାଣୀ ସାରା ବିଶ୍ୱର ଯୁବ ବୃତ୍ତିଧାରୀ ଏବଂ ଆଶାୟୀ ସମାଜସେବୀଙ୍କ ପାଇଁ ଏକ ଚିରନ୍ତନ ବାର୍ତ୍ତା ବହନ କରେ–ସ୍ୱପ୍ନ କେବେ ବି ମଣିଷର ପ୍ରାରମ୍ଭିକ ପରିସ୍ଥିତି କିମ୍ବା ସୀମିତତାକୁ ଦେଖେ ନାହିଁ । ଦୃଢ଼ ସଂକଳ୍ପ, ନିରନ୍ତର ଶିକ୍ଷା, ନୈତିକ ନେତୃତ୍ୱ ଏବଂ ନିଜର ମୂଲ୍ୟବୋଧ ଉପରେ ବିଶ୍ୱାସ ରଖିଲେ, ପ୍ରତ୍ୟେକ ଆହ୍ୱାନ ଏକ ସୁଯୋଗରେ ପରିଣତ ହୁଏ ଏବଂ ପ୍ରତ୍ୟେକ ସଫଳତା ବୃହତ୍ତର ସେବା ପାଇଁ ଏକ ମାଧ୍ୟମ ପାଲଟିଯାଏ ।

ଡ.ଦାସଙ୍କ ପାଇଁ ଏହି ଯାତ୍ରା କେବେ ବି ଏକ ନିର୍ଦ୍ଦିଷ୍ଟ ଗନ୍ତବ୍ୟ ସ୍ଥଳରେ ପହଞ୍ଚିବା ନଥିଲା । ଏହା ସର୍ବଦା ନମ୍ରତାର ସହ ଉତ୍କର୍ଷ ହାସଲ କରିବା, ସାଧୁତାର ସହ ନେତୃତ୍ୱ ନେବା ଏବଂ ଏଭଳି ଏକ ସ୍ମୃତି ଛାଡ଼ିଯିବା ବିଷୟରେ, ଯାହା ଉଭୟ ମାନବ ସମାଜ ଓ ସଂସ୍କୃତିର କଲ୍ୟାଣ କରିପାରିବ । ସେ ମଧ୍ୟ ଓଡ଼ିଆ ପୁଅ ହିସାବରେ, ଦୀର୍ଘ ୩୦ ବର୍ଷ ଧରି ଭାରତ ବାହାରେ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ଓ ଶ୍ରୀଠାକୁର ଅନୁକୂଳ ଚନ୍ଦ୍ରଙ୍କ ଭାବଧାରାକୁ ଆଗେଇ ନେବାରେ,ପ୍ରବାସୀ ଭାରତୀୟ ଭାବରେ ଓଡ଼ିଆ ଅସ୍ମିତାକୁ ବଜାୟ ରଖିଛନ୍ତି ।

ଏହିପରି ଦକ୍ଷତାସମ୍ପନ୍ନ ଓଡ଼ିଆ ଯୁବକର୍ମୀମାନଙ୍କ, ନିଷ୍ଠା, ସ୍ୱଚ୍ଛତା, ସାଧୁତାକୁ ନିରୀକ୍ଷଣ କରି ପ୍ରବାସୀ ଭାରତୀୟ ଭାବେ ଭାରତ ସରକାର ମାନ୍ୟତା ଦେବା ଆବଶ୍ୟକ ଯାହା ଏକ ନୂତନ ଯୁବ ଗୋଷ୍ଠୀକୁ ପ୍ରେରଣା ଦେବାରେ ସହାୟକ ହେବ ।

ଭୁବନେଶ୍ୱର, ମୋ–୯୮୧୯୯୬୪୫୧୭

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଲଗାଣ...

ଡଃ ବିଶ୍ୱାପ କୁମାର ରାଉତରାୟଙ୍କ ନିର୍ଦ୍ଦେଶକ୍ରମେ ଧାମନଗର ପ୍ରଶାସନ ସତର୍କ ଥିବାବେଳେ ଆମେ ସମ୍ପୂର୍ଣ୍ଣ ସଜାଗ ଅଛୁ ବୋଲି ଧାମନଗର ବିଡ଼ିଓ ବନବିହାରୀ ଦିଶ୍ରୀ କହିଛନ୍ତି । ତେବେ ଉପର ମୁଣ୍ଡରେ ବନ୍ୟା ଜଳ ବଢ଼ିଲେ ତଳ ମୁଣ୍ଡ ବନ୍ଧ ବାଡରେ କ୍ଷୟ କ୍ଷତି ହୋଇଥାଏ । ବୈତରଣୀ ନଦୀର ଶାଖା କୋଚିଳା ଓ ଗେଙ୍ଗୁଟି ନଦୀବନ୍ଧ ଅନେକ ସ୍ଥାନରେ ଦୁର୍ବଳ ଥିବାବେଳେ ବିଭିନ୍ନ ସ୍ଥାନରେ ବାରମ୍ବାର ଧସୁଛି । ଫଳରେ ନଦୀ କୂଳିଆ ଲୋକେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି । ସେଥିପାଇଁ ଧାମନଗର ଜଳସମ୍ପଦ ବିଭାଗ ସଜାଗ ଅଛି ବୋଲି ବିଭାଗୀୟ ଅଧିକାରୀଙ୍କ ଠାରୁ ସୂଚନା ମିଳିଛି ।

ଅପରପକ୍ଷେ ବୈତରଣୀ ନଦୀରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି । ଫଳରେ ନଦୀକୂଳରେ ଥିବା ଆରଡି ନିକଟ ମୁଁଆ ସମେତ ଖାଟିବାଙ୍କୁଡ଼ା, ବୋତକ, ଅମୃତମଣୀ, ଦୋହରା ପାଟଣା, ସୁନ୍ଦରପୁର ଆଦି ଗାଁର ଲୋକ ଆତଙ୍କିତ ହୋଇପଡ଼ିଛନ୍ତି । ବିଶେଷକରି ମୁଁଆ ଗାଁ ନିକଟ କଳକାମାହାଳା ନିକଟରେ ଗତବର୍ଷ ୩ଶହ ଫୁଟ ନଦୀବନ୍ଧ ବୈତରଣୀକୁ ରହିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ମରାମତି ହୋଇପାରିନାହିଁ । ଖାଟି ବାଙ୍କୁଡ଼ା ଗାଁ ଠାରୁ ବୋତକ ଖେଳ ପଡିଆ ଯାଏଁ ଦୀର୍ଘ ବନ୍ଧିମି ନଦୀବନ୍ଧର ସୁଦୃଢ଼ିକରଣ ନିମନ୍ତେ ୯କୋଟିରୁ ଊର୍ଦ୍ଧ୍ୱ ଟଙ୍କାରେ ମାଟି ପକାଯିବା ସହ ପଥର ପ୍ୟାକିଙ୍ଗ କରାଯାଇଥିଲେ ମଧ୍ୟ ଠିକ ଭାବେ କାର୍ଯ୍ୟ ହୋଇନଥିବାରୁ ଗତ ରବିବାର ୨ଶହ ଫୁଟ ନଦୀବନ୍ଧର ମାଟି ଅତଡା ନଦୀ ଗର୍ଭକୁ ଚାଲିଯାଇଥିବାବେଳେ ସୋମବାର ପୁଣି ଶହେ ଫୁଟ ଲମ୍ବର ନଦୀବନ୍ଧ ନଦୀ ଗର୍ଭରେ ଲିନ ହୋଇଛି ।

ସେହିପରି ବୈତରଣୀ ନଦୀର ଜଳସ୍ତର ବଢୁଥିବାବେଳେ ଏହାର ଶାଖା ନଦୀ କୋଚିଳା ଓ ଗେଙ୍ଗୁଟିରେ ମଧ୍ୟ ବନ୍ୟା ଜଳ ପ୍ରବେଶ କରିଥିବା ଦେଖିବାକୁ ମିଳିଛି । ଆଖୁଆପଦା ଠାରେ ବୈତରଣୀ ନଦୀର ବିପଦ ସଙ୍କେତ ୧୮.୩୩ ମିଟର ରହିଥିବା ବେଳେ ବର୍ତ୍ତମାନ ଜଳସ୍ତର ଏହି ସଙ୍କେତ ତଳେ ପ୍ରବାହିତ ହେଉଛି । ତେବେ ଗେଙ୍ଗୁଟି ନଦୀର ରାମେଶ୍ୱରପୁର ମଲିକ ସାହି ଏବଂ କୋଚିଳା ନଦୀର ବନ୍ଧ ଦୁର୍ବଳ ହୋଇଥିବାରୁ ବାସିନ୍ଦାଙ୍କ ମଧ୍ୟରେ କିଛି ମାତ୍ରାରେ ଭୟ ଓ ଆଶଙ୍କା ଦେଖାଦେଇଛି । ପରିସ୍ଥିତି ଉପରେ ନଜର ରଖି ଜଳସେଚନ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଉଛି । ପ୍ରଶାସନ ପକ୍ଷରୁ ସ୍ଥିତି ଉପରେ ନିରନ୍ତର ମନିଟରିଂ କରାଯାଉଥିବାରୁ ବନ୍ୟା ମୁକାବିଲା ନେଇ ପ୍ରସ୍ତୁତି ଜାରି ରହିଛି ।

## ସମ୍ଭାବ୍ୟ...

ଉଦ୍ଧାରକାରୀ ଦଳର ନିୟୋଜନ ସମ୍ପର୍କରେ ସବିଶେଷ ସମୀକ୍ଷା କରାଯାଇଥିଲା ।

ଗତ କିଛି ଦିନ ଧରି ଲଗାଣ ବର୍ଷା ଯୋଗୁ ସମଗ୍ର ଓଡ଼ିଶାର ବହୁ ସ୍ଥାନ ପ୍ରଭାବିତ ହୋଇଛି । ତେବେ ମହାନଦୀ, ଦେବୀ, ଜଳକା, କୁଶଭଦ୍ରା, ଋଷିକୁଲ୍ୟା, ଇବ୍ ଆଦି ନଦୀର ଜଳସ୍ତର ବିପଦ ସ୍ତରଠୁ କମ୍ ଅଛି । ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି, ଓଡ଼ିଶାରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତି ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରଣାଧୀନ ଅଛି । କୌଣସି ପ୍ରକାର ବିପଦ ନିମନ୍ତେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି । କୌଣସି ଜଣେ ଲୋକଙ୍କୁ ମଧ୍ୟ ସ୍ଥାନାନ୍ତରଣ କିମ୍ବା ସହାୟତା ଆବଶ୍ୟକ ଥିଲେ ତାହାଙ୍କୁ ଗୁରୁତ୍ୱ ସହିତ ଦୃଷ୍ଟିରେ ରଖି ସହଯୋଗ ଯୋଗାଇ ଦେବାକୁ ପ୍ରଶାସନକୁ ଦୃଢ଼ ନିର୍ଦ୍ଦେଶ ଦିଆଯାଇଛି । ଆନନ୍ଦପୁର ଏବଂ ଆଖୁଆପଦା ଠାରେ ବୈତରଣୀ ନଦୀରେ ଜଳସ୍ତର ଅପେକ୍ଷାକୃତ ବୃଦ୍ଧି ଘଟିଥିଲେ ମଧ୍ୟ ବିପଦ ସଙ୍କେତ ସ୍ତରଠୁ ଖୁବ୍ କମ୍ ଅଛି । ବିଭିନ୍ନ ନଦୀର ଜଳପ୍ରବାହ ସ୍ତର ଉପରେ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ତୀକ୍ଷ୍ଣ ନଜର ରଖାଯାଇଛି । ତେବେ ଏପର୍ଯ୍ୟନ୍ତ ଲଗାଣ ବର୍ଷାରେ ବିଶେଷ ଭାବେ କୌଣସି ବ୍ୟକ୍ତି କିମ୍ବା ଘର କ୍ଷତିଗ୍ରସ୍ତ ହୋଇ ନାହାନ୍ତି । ବିଭିନ୍ନ ବିଭାଗ ସହିତ ଜିଲ୍ଲା ପ୍ରଶାସନ ସହିତ ସମନ୍ୱୟ ରକ୍ଷା ସହ କୌଣସି ବି ପରିସ୍ଥିତିର ମୁକାବିଲା କରିବା ପାଇଁ ସରକାର ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ରହିଛନ୍ତି । ଲଗାଣ ବର୍ଷାର କିଛି ଅଞ୍ଚଳରେ ଚାଷଜମି କ୍ଷତିଗ୍ରସ୍ତ ହେବାର ସୂଚନା ମିଳିଛି । ଏହି ପରିପ୍ରେକ୍ଷୀରେ ଲଗାଣ ବର୍ଷା ଯୋଗୁ ଚାଷଜମି କ୍ଷତିଗ୍ରସ୍ତ ହେଲେ ଜିଲ୍ଲାପ୍ରଶାସନକୁ ତାହାର ସର୍ଭେ ଏବଂ କ୍ଷତି ଆକଳନ କରି ବିପର୍ଯ୍ୟୟ ପରିଚାଳନା ବିଭାଗକୁ ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏଥିସହିତ କ୍ଷୟକ୍ଷତିର ଚବିଶ ଘଣ୍ଟା ପୂରଣ ହେବା ପୂର୍ବରୁ ହିଁ କ୍ଷତିପୂରଣ ପ୍ରଦାନ କରିବାକୁ ମନ୍ତ୍ରୀ ଶ୍ରୀ ପୂଜାରୀ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଜଳସ୍ତର ହ୍ରାସ ପରେ ସମ୍ଭାବ୍ୟ ସାପ କାମୁଡ଼ା ଜନିତ ବିପଦ ହ୍ରାସ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ସହ ଡାକ୍ତରଖାନାରେ ଆଣ୍ଟିଭେନମ୍ ପ୍ରସ୍ତୁତ ରଖିବା ପାଇଁ ବୈଠକରେ ଆଲୋଚନା କରାଯାଇଛି ।

ଏହି ବୈଠକରେ ସ୍ୱତନ୍ତ୍ର ସହାୟତା ଆୟୁକ୍ତ ରାଜେଶ ପ୍ରଭାକର ପାଟିଲ, ଅତିରିକ୍ତ ସ୍ୱତନ୍ତ୍ର ସହାୟତା ଆୟୁକ୍ତ ପଦ୍ମନାଭ ବେହେରା ଏବଂ ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲାବେଳେ ଯାଜପୁର ଓ ଭଦ୍ରକ ଜିଲ୍ଲାପାଳଙ୍କ ସମେତ ସମ୍ପୃକ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ ।

## ଅବପାତ...

ଆସନ୍ତା ୧୦ ତାରିଖ ବେଳକୁ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ଅଛି । ଏହା ପ୍ରଭାବରେ ୧୧ ତାରିଖ ବେଳକୁ ବର୍ଷାର ପରିମାଣ ବୃଦ୍ଧି ପାଇବ । ତେବେ ଏହିଭଳି ବଡ ବର୍ଷା ହେବାର ସମ୍ଭାବନା ବହୁତ କମ୍ । ଗତ ୨୪ ଘଣ୍ଟା ମଧ୍ୟରେ ବଲାଙ୍ଗିରର ବେଲଗାଁରେ ୨୭୯ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ କେନ୍ଦୁଝରର ତେଲକୋଇରେ ୨୭୬ ମିମି, ଖଇରାମାଳରେ ୨୫୮ ମିମି, ବୁର୍ଲାରେ ୨୫୬.୪ ମିମି, କଣ୍ଟାମାଳରେ ୨୪୬.୮ ମିମି, ହାଟଡିହୀରେ ୨୪୧.୫ ମିମି, ବୀରମହାରାଜପୁରରେ ୨୨୩ ମିମି, ତରଭାରେ ୨୦୫ ମିମି, ହୀରାକୁଦରେ ୨୦୦ ମିମି, ସମ୍ବଲପୁରରେ ୧୯୩ ମିମି, ବିନୀକାରେ ୧୮୮ ମିମି, ଧନକୌଡାରେ ୧୮୭ ମିମି, ବେଲପଡାରେ ୧୮୫ ମିମି, ଫୁଲବାଣୀରେ ୧୫୫ ମିମି, ବରଗଡରେ ୧୫୮ ମିମି, ଖଜୁରୀପଡାରେ ୧୫୦ ମିମି, କାମାକ୍ଷାନଗରରେ ୧୫୦ମିମି, ଦେଓଗାଁରେ ୧୫୦ମିମି, ହରଭଙ୍ଗାରେ ୧୪୨ ମିମି, ପାଟଣାଗଡରେ ୧୪୦ ମିମି ବର୍ଷା ରେକର୍ଡ କରାଯାଇଛି । ଆସନ୍ତା ୩ ରୁ ୪ ଦିନ ପର୍ଯ୍ୟନ୍ତ କାଁ ଭାଁ ସ୍ଥାନରେ ବର୍ଷା ହେବା ସହ ରାଜ୍ୟରେ ପାଗ ସୁଖିଲା ରହିବାର ସମ୍ଭାବନା ଅଛି ।

## ଇଣ୍ଡୋନେସିଆ...

ପ୍ରବୋୱୋଙ୍କ ସରକାରୀ ଗସ୍ତ ପରେ ହେଉଛି, ଯିଏ ୨୬ ଜାନୁଆରୀ ୨୦୨୫ରେ ଆମର ଗଣତନ୍ତ୍ର ଦିବସ ସମାରୋହରେ ମୁଖ୍ୟ ଅତିଥି ଥିଲେ । ଭାରତ ଏବଂ ଇଣ୍ଡୋନେସିଆ ମଧ୍ୟରେ ଦୃଢ଼ ସଭ୍ୟତାଗତ ଏବଂ ଲୋକସମ୍ପର୍କ ରହିଛି ଏବଂ ମୋର ଗସ୍ତ ଆମର ବହୁମୁଖୀ ସହଭାଗୀତାର ସମସ୍ତ ଦିଗକୁ ଆହୁରି ମଜବୁତ କରିବ । ଏହି ଗସ୍ତ ସମୟରେ, ମୁଁ ଇଣ୍ଡୋନେସିଆରେ ଥିବା ପ୍ରବାସୀ ଭାରତୀୟମାନଙ୍କ ସହିତ ମଧ୍ୟ ଆଲୋଚନା କରିବି ଏବଂ ରାଷ୍ଟ୍ରପତି ପ୍ରବୋବୋଙ୍କ ସହିତ ଯୋଗ୍ୟକର୍ତ୍ତାରେ ପ୍ରମ୍ବାନନ ମନ୍ଦିର ପରିଦର୍ଶନ କରିବି, ଯାହା ଆମର ଘନିଷ୍ଠ ସାଂସ୍କୃତିକ ସମ୍ପର୍କର ଆଉ ଏକ ଉଲ୍ଲେଖନୀୟ ପ୍ରମାଣ ।

ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ଆନ୍ଥୋନୀ ଆଲବାନିଙ୍କୁ ନିମନ୍ତ୍ରଣରେ, ମୁଁ ଇଣ୍ଡୋନେସିଆରୁ ମେଲବର୍ଣ୍ଣ ଯାତ୍ରା କରିବି । ମୋର ଗସ୍ତ ଆମର ବ୍ୟାପକ ରଣନୈତିକ ସହଭାଗୀତାକୁ ମଜବୁତ କରିବ ଏବଂ ପ୍ରଧାନମନ୍ତ୍ରୀ ଅଲବାନିଜଙ୍କ ସହ ମୋର ଆଲୋଚନାରେ ପ୍ରତିରକ୍ଷା, ସୁରକ୍ଷା, ବାଣିଜ୍ୟ ଏବଂ ନିବେଶ, ଶିକ୍ଷା ଏବଂ ପରିବହନ ତଥା ଲୋକମାନଙ୍କ ମଧ୍ୟରେ ସମ୍ପର୍କକୁ ଏକ ନୂଆ ଦିଗ ଦେବ । ମେଲବର୍ଣ୍ଣରେ ମୋତେ ଭାରତୀୟ ପ୍ରବାସୀମାନଙ୍କ ସହିତ ଭାବ ବିନିମୟ କରିବାର ସୁଯୋଗ ମିଳିବ, ଯାହା ଆମର ରଣନୈତିକ ସହଭାଗୀତାର ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ । ଏହା ବ୍ୟତୀତ, ଏହି ଗସ୍ତ ଭାରତ ଏବଂ ଅଷ୍ଟ୍ରେଲିଆକୁ ଉଦୀୟମାନ ତଥା ଗୁରୁତ୍ୱପୂର୍ଣ୍ଣ ପ୍ରଯୁକ୍ତିବିଦ୍ୟା, କ୍ରୀଡା ଏବଂ କ୍ରୀଡା ବିଜ୍ଞାନ କ୍ଷେତ୍ରରେ ଆମର ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ଘନିଷ୍ଠ କରିବାର ସୁଯୋଗ ମଧ୍ୟ ପ୍ରଦାନ କରିବ ।

ମେଲବର୍ଣ୍ଣରୁ, ନ୍ୟୁଜିଲାଣ୍ଡର ପ୍ରଧାନମନ୍ତ୍ରୀ କ୍ରିଷ୍ଟୋଫର ଲକ୍ସନ୍ ନିମନ୍ତ୍ରଣରେ, ମୁଁ ନ୍ୟୁଜିଲାଣ୍ଡର ଅକଲ୍ୟାଣ୍ଡ ଗସ୍ତ କରିବି । ମାର୍ଚ୍ଚ ୨୦୨୫ରେ ପ୍ରଧାନମନ୍ତ୍ରୀ ଲକ୍ସନଙ୍କ ଭାରତ ଗସ୍ତ ପରେ ଆମର ଦ୍ୱିପାକ୍ଷିକ ସମ୍ପର୍କରେ ଯେଉଁ ସୁଧାର ଆସିଛି, ମୋର ଏହି ଯାତ୍ରା ତାହାକୁ ଅଧିକ ଗତିଶୀଳ କରିବ । ଏହି ଗସ୍ତ ସମୟରେ, ମୁଁ ପ୍ରଧାନମନ୍ତ୍ରୀ ଲକ୍ସନଙ୍କ ସହ ଅର୍ଥନୈତିକ, ବ୍ୟବସାୟିକ ଏବଂ ବାଣିଜ୍ୟିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ଉପରେ ଆଲୋଚନା କରିବି । ଭାରତ ଏବଂ ନ୍ୟୁଜିଲାଣ୍ଡ ମୁକ୍ତ ବାଣିଜ୍ୟ ଚୁକ୍ତିନାମାରେ ସ୍ୱାକ୍ଷର କରି ଦ୍ୱିପାକ୍ଷିକ ବ୍ୟବସାୟ ଏବଂ ବାଣିଜ୍ୟିକ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ନିଜକୁ ପ୍ରତିବଦ୍ଧ କରିଛନ୍ତି । ଆମର ଦ୍ୱିପାକ୍ଷିକ ସମ୍ପର୍କରେ ପ୍ରବାସୀ ଭାରତୀୟଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି ଏବଂ ଏହି ଗସ୍ତ ସମୟରେ ମୁଁ ଜୀବନର ସମସ୍ତ କ୍ଷେତ୍ରରେ ଉତ୍କର୍ଷ ହାସଲ କରିଥିବା ଭାରତୀୟ ସମ୍ପ୍ରଦାୟର ଏକ ବିଶାଳ ସମାବେଶକୁ ସମ୍ବୋଧିତ କରିବା ପାଇଁ ଉତ୍ସାହୀ ଅଛି । ପୂର୍ବ ଏବଂ ଦକ୍ଷିଣ ଭାରତ ମହାସାଗରରେ ଯଥାକ୍ରମେ ଇଣ୍ଡୋନେସିଆ, ଅଷ୍ଟ୍ରେଲିଆ ଏବଂ ପରେ ନ୍ୟୁଜିଲାଣ୍ଡକୁ ମୋର ଗସ୍ତ ଭାରତର ଆକ୍ଟ ଇଷ୍ଟ ପଲିସି, ମହାସାଗର ଦୃଷ୍ଟିକୋଣ ଏବଂ ଏକ ମୁକ୍ତ ତଥା ଅବାଧ ଭାରତ-ପ୍ରଶାନ୍ତ ମହାସାଗର ପ୍ରତି ଆମର ଦୃଷ୍ଟିକୋଣକୁ ଆହୁରି ସୁଦୃଢ଼ କରିବ ।

## ଆନ୍ତଃରାଜ୍ୟ...

ପରେ କେଉଁଝରର ଜିଲ୍ଲାଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ତା ନିକଟରୁ ଏକ ଦେଶୀ ନିର୍ମିତ ବନ୍ଧୁକ ଜବତ କରାଯାଇଛି । ଚମ୍ପୁଆ ଥାନାରେ କେଶ ନଂ୨୫/୨୭ ଅସ୍ତ୍ରଶସ୍ତ୍ର ଆଇନ ଅନୁଯାୟୀ ମାମଲା ନଂ ୨୫୭/୨୦୨୬ ରେ ମାମଲା ରୁଜୁ କରାଯାଇଛି । ଅନ୍ୟପଟେ ଅଭିଯୁକ୍ତଙ୍କ ସହଯୋଗୀ ଏବଂ ଅପରାଧିକ ନେଟୱାର୍କକୁ ଠାବ କରିବା ପାଇଁ ପୁଲିସ ଅଧିକ ତଦନ୍ତ ଜାରି ରହିଛି । ପୋଲିସ ଗୁଳିରେ ଆହତଙ୍କ ନାମ ମହମଦ ନଫିସ (୨୨) ଘର ଝାରଖଣ୍ଡ ରାଜ୍ୟ ମଝିଗାଁ ଥାନା ଅଞ୍ଚଳର ବୋଲି ଜଣାପଡ଼ିଛି ।

## ୯ରେ...

କ୍ରାଷ୍ଟ ଓ ୬୪ଟି ସ୍ଲୁଇସ୍ ଗେଟ୍ ରହିଛି । ଏହା ମାଧ୍ୟମରେ ହୀରାକୁଦ ଡ୍ୟାମରୁ ବନ୍ୟାଜଳ ନିଷ୍କାସିତ ହୋଇଥାଏ । ତେବେ ଗତବର୍ଷ ପ୍ରଥମ ବନ୍ୟାଜଳ ଗତ ୬ଜୁଲାଇରେ ୬୦୯.୩୩ଫୁଟ୍ ଥିବାବେଳେ ନିଷ୍କାସିତ ହୋଇଥିଲା । ସେହିପରି ୨୮ ଜୁଲାଇ, ୨୦୨୪ରେ ୬୧୭.୪୭ଫୁଟ୍, ୨୫ଜୁଲାଇ, ୨୦୨୩ରେ ୬୧୩ ଫୁଟ୍ , ୧୮ ଜୁଲାଇ, ୨୦୨୨ରେ ୬୧୩.୭୧ ଫୁଟ , ୧୧ଜୁଲାଇ, ୨୦୨୧ରେ ୬୦୯.୪୫ ଫୁଟ, ୨୫ଜୁନ, ୨୦୨୦ରେ ୬୧୮.୧୦ଫୁଟ, ୧୪ଅଗଷ୍ଟ ୨୦୧୯ରେ ୬୧୮.୬୯ଫୁଟ, ୨୪ଜୁଲାଇ ୨୦୧୮ରେ ୬୧୮ଫୁଟ, ୨୩ଜୁଲାଇ, ୨୦୧୭ରେ ୬୦୭.୬୫ଫୁଟ, ୫ଅଗଷ୍ଟ, ୨୦୧୬ରେ ୬୧୫.୬୫ଫୁଟ, ୧୩ଜୁଲାଇ, ୨୦୧୫ରେ ୬୧୫.୭୫ଫୁଟ, ୨୪ଜୁଲାଇ, ୨୦୧୪ରେ ୬୧୯.୧୭ଫୁଟ ଜଳସ୍ତର ଥିବାବେଳେ ସେହିବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସିତ ହୋଇଥିବା ବିଭାଗ ପକ୍ଷରୁ ଜଣାପଡିଛି । ଜଳ ନିଷ୍କାସନ ଯୋଗୁଁ ମହାନଦୀ ଓ ତାର ଶାଖା ନଦୀ ଗୁଡିକର ଜଳସ୍ତର ମଧ୍ୟ ବୃଦ୍ଧି ପାଇବ । ତେଣୁ ନଦୀ ମଧ୍ୟକୁ ପ୍ରବେଶ ଓ ଅନ୍ୟାନ୍ୟ ବ୍ୟବହାର ପାଇଁ ଜନସାଧାରଣ ସତର୍କତା ଅବଲମ୍ବନ କରିବାକୁ ମହାନଦୀ ଅବବାହିକା ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଜ୍ୟୋତିର୍ମୟ ଜଣାଇଛନ୍ତି ।

## ରଥଯାତ୍ରା...

ମୁତୟନ କରାଯାଇଛି । ସେହିପରି ସ୍ୱାସ୍ଥ୍ୟ, ପରିମଳ, ପାନୀୟ ଜଳ, ଗମନାଗମନ, ଟ୍ରାଫିକ ନିୟନ୍ତ୍ରଣ ଆଦି ସମସ୍ତ ବ୍ୟବସ୍ଥା କରାଯାଇଛି । ଗତ ଦୁଇ ବର୍ଷରେ ଯେଉଁ ଅଭିଜ୍ଞତା ମିଳିଛି ସେସବୁକୁ ଦୃଷ୍ଟିରେ ରଖି ଉପଯୁକ୍ତ ସମନ୍ୱୟ ରକ୍ଷା କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।

ସମସ୍ତ କାର୍ଯ୍ୟର ଉପଯୁକ୍ତ ମନିଟରିଙ୍ଗ୍ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଛନ୍ତି । ମହାପ୍ରଭୁଙ୍କ ସେବକମାନେ ସମୟାନୁବର୍ତ୍ତିତାର ସହ ସମସ୍ତ ନୀତିକାନ୍ତି ସମ୍ପନ୍ନ କରୁଥିବାରୁ ମୁଖ୍ୟମନ୍ତ୍ରୀ ସେମାନଙ୍କର ପ୍ରଶଂସା କରିଥିଲେ । ସଚେତନତା ପାଇଁ ବିଭିନ୍ନ ଗଣମାଧ୍ୟମ, ଡାକବାଜି ଯନ୍ତ୍ର ଓ ସାମାଜିକ ଗଣମାଧ୍ୟମ ବ୍ୟବହାର କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ମହାପ୍ରଭୁଙ୍କ ନୀତିକାନ୍ତି, ଅନ୍ୟାନ୍ୟ ସେବା, ଟ୍ରାଫିକ ଚଳାଚଳର ସଦ୍ୟତମ ସ୍ଥିତି ଏବଂ ଅନ୍ୟାନ୍ୟ ଜରୁରୀ ସୂଚନା ଏଫ୍.ଏମ୍ ରେଡିଓ, ସାମାଜିକ ଗଣମାଧ୍ୟମ, ବିଭାଗୀୟ ୱେବ ସାଇଟ ତଥା ଟେଲିଭିଜନ ମାଧ୍ୟମରେ ପ୍ରଦାନ କରାଗଲେ ଅନେକ ସମସ୍ୟାକୁ ଏଡାଇ ହେବ ବୋଲି ସେ କହିଥିଲେ । ଗୁଜବ ସୃଷ୍ଟିକାରୀଙ୍କ ଉପରେ କଡା ନଜର ରଖି ସେମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ ।

ଶେଷରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ମହାପ୍ରଭୁ ହେଉଛନ୍ତି ଭାବର ଠାକୁର । ସେହି ଭାବର ସମ୍ପର୍କକୁ ସମ୍ମାନ ଦେଇ ସମସ୍ତେ ନିଜର କର୍ତ୍ତବ୍ୟ ସୁଚାରୁ ରୂପେ ପାଳନ କଲେ ରଥଯାତ୍ରା ଠିକ୍ ଭାବରେ ସମ୍ପନ୍ନ ହୋଇପାରିବ ।

ସେ କହିଥିଲେ ଯେ, ସମସ୍ତ ଭକ୍ତ ଯେପରି ଏକ ସୁଖଦ ଆଧ୍ୟାତ୍ମିକ ଅନୁଭବ ନେଇ ମହାପ୍ରଭୁଙ୍କ ଦର୍ଶନ କରି ଫେରିବେ, ସେଥିରେ ଆମ ସମସ୍ତଙ୍କର ସଫଳତା ଓ ଆମ ସମସ୍ତଙ୍କର ପୁଣ୍ୟ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରକାଶିତ 'ରୂପରେଖ- ରଥଯାତ୍ରା ୨୦୨୬' ପୁସ୍ତିକାର ଉନ୍ମୋଚନ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ଏବଂ ଅନ୍ୟ ବରିଷ୍ଠ ମନ୍ତ୍ରୀଗଣ, ସାଂସଦ ଗଣ, ବିଧାୟକ ଗଣ ଉପସ୍ଥିତ ଥିଲେ । ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ସାମଗ୍ରିକ ପ୍ରସ୍ତୁତିର ବିବରଣୀ ପ୍ରଦାନ କରିଥିଲେ ଏବଂ ପୋଲିସ ମହାନିର୍ଦ୍ଦେଶକ ୱାଇ ବି ଖୁରାନିଆ ସୁରକ୍ଷା ସମ୍ପର୍କିତ ସମସ୍ତ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ ଅରବିନ୍ଦ ପାଢ଼ୀ ସମସ୍ତଙ୍କୁ ସ୍ୱାଗତ ସହ ରଥଯାତ୍ରା ପାଇଁ ଶ୍ରୀମନ୍ଦିର ପ୍ରଶାସନ ର ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ । ଶେଷରେ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ରାଜ୍ୟର ବରିଷ୍ଠ ଅଧିକାରୀ ବୃନ୍ଦ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ, ମଠାଧୀଶ, ସେବାୟତ, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ଗଣମାଧ୍ୟମ ପ୍ରତିନିଧି ଓ ବିଭିନ୍ନ ବିଭାଗର ଅଧିକାରୀ ମାନେ ଯୋଗ ଦେଇଥିଲେ ।

## ଇସ୍ତଫା...

ବ୍ୟକ୍ତିଗତ କାରଣ ପାଇଁ ଇସ୍ତଫା ଦେଇଥିବା ସେ ନିଜେ କହୁଛନ୍ତି । ଆଉ ୬ ମାସ ପରେ ସେ ଡିଆଇଜି ପଦବୀକୁ ପଦୋନ୍ନତି ପାଇଥାନ୍ତେ ।

ତାଙ୍କ ଇସ୍ତଫାକୁ ନେଇ ସରକାର ତର୍ଜମା କରୁଥିବା ବେଳେ ତାହା ଗ୍ରହଣ ହୋଇନାହିଁ । ପୂର୍ବରୁ ସେ ଭଲ କାମ କରି ବହୁବାର ପୁରସ୍କୃତ ମଧ୍ୟ ହୋଇଛନ୍ତି । ଶ୍ରୀ ମୀନା କହିଛନ୍ତି ଯେ ଜଗନ୍ନାଥଙ୍କ ଆଶୀର୍ବାଦରୁ ଓଡିଶା ଲୋକେ ମୋତେ ବହୁତ ଭଲ ପାଇଛନ୍ତି । ପ୍ରଭୁଙ୍କ ଆଶୀର୍ବାଦରୁ ମୁଁ ଓଡ଼ିଶା ଲୋକଙ୍କ ସେବା କରିବା ସୁଯୋଗ ପାଇଥିଲି । ଶ୍ରୀ ମିନାଙ୍କ ସମ୍ପର୍କରେ ପୋଲିସ ବିଭାଗ କିମ୍ବା ସାଧାରଣରେ ସେଭଳି ନକରାତ୍ମକ ଆଲୋଚନା କେବେ ହୋଇଥିବା ଜଣାପଡ଼ିନାହିଁ । ହେଲେ ସେ କାହିଁକି କିଛିଦିନ ତଳେ ଇସ୍ତଫପତ୍ର ସରକାରଙ୍କୁ ପଠାଇଛନ୍ତି ସେଥିନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

## ସରିଛି...

ବୈଜ୍ଞାନିକ ବୈଦ୍ଧତାକୁ ଆଧାର କରି ଅଧ୍ୟୟନ କରାଯାଇଥିଲା । ସୁରକ୍ଷିତ, ପ୍ରଭାବଶାଳୀ କର୍କଟ ରୋଗ ନିରୋଧକ ନିଦାନ ପାଇଁ ଏହି ଅଧ୍ୟୟନ ହୋଇଥିଲା । ଏଥିପାଇଁ ୫୦କିସମର ଔଷଧୀୟ ବୃକ୍ଷ ସଂଗ୍ରହ କରାଯାଇଥିଲା । ଏହି ଔଷଧୀୟ ବୃକ୍ଷ ମଧ୍ୟରୁ ନିଷ୍କାସନ କରାଯାଇଥିବା ଗୁଢ ଉପାଦାନ ପସ୍ତୁତ କରାଯାଇ ଫାଇଟୋ କେମିକାଲ ମୂଲ୍ୟାୟନ ସହ ଫେନୋଲିକ୍ (ଟିପିସି) ଓ ଟିଏଫ୍ସି ଏବଂ ଅନ୍ୟାନ୍ୟ ଗୁଣମାନ ସମୀକ୍ଷା କରାଯାଇଛି । ଏହି ଗୁଢ଼ ଉପଦାନକୁ ବିଭିନ୍ନ କ୍ୟାନ୍ସର ଟିସୁ ଲାଇଭ ବିରୁଦ୍ଧରେ ଉପଯୋଗ କରାଯାଇଥିଲା । ଏହାର ମୂଲ୍ୟାୟନରୁ ଉପାଦାନର ଭାଇବେଲିଟି ଓ କାଇଟୋ ଟକ୍ସିସିଟି ମୂଲ୍ୟାୟନ କରାଯାଇଛି । ଏହାର ଆଧାରରେ ୫ଟି ବୃକ୍ଷଲତାର ଗୁଢତତ୍ତ୍ୱ କ୍ୟାନ୍ସର ନିରୋଧକ ଥେରାପି ପାଇଁ ତାଲିକା ଭୁକ୍ତ କରାଯାଇଛି । ଏହି ଅଧ୍ୟୟନର ନିର୍ଯ୍ୟାସକୁ ସ୍ତନ କର୍କଟରେ ପରୀକ୍ଷା କରାଯାଇ ସଫଳତାର ସହ ଏହି ରୋଗ ଉପରେ ନିରନ୍ତର ୨୮ ଦିନ ବ୍ୟବହାର କରାଯାଇଥିଲା । ଏହି ବହୁ ବିଭାଗୀୟ ଗବେଷଣାରେ ଉତ୍କର୍ଷତା କେନ୍ଦ୍ରର ସମ୍ବଲପୁର ବିଶ୍ୱ ବିଦ୍ୟାଳୟର ଜୈବ ପ୍ରଯୁକ୍ତି ଓ ଜୈବ ସୂଚନା ବିଭାଗର ପ୍ରାଧ୍ୟାପକ ପ୍ରଦୀପ କୁମାର ନାୟକ ନିରୀକ୍ଷଣ କରିଥିଲେ । ସେ ପ୍ରମୁଖ ଅନୁସନ୍ଧାନକାରୀ ଥିବାବେଳେ ଡ, ପ୍ରତ୍ୟୁଷ ପ୍ରଜ୍ଞାଦୀପ୍ତ, ଏସାରା ନାୟକ, ନେହାରାଣୀ ନାୟକ, ସେକ୍ ଅବଦୁଲ ଆଲାମ, ଡ. ଅଙ୍କିତା ଅଗ୍ରୱାଲ, ଆକାଂକ୍ଷା ଦାଶ ଏହି ଗବେଷଣା ଟିମ୍‌ରେ ସାମିଲ ଥିଲେ ।

ଓଡ଼ିଶାର ଗନ୍ଧମାର୍ଦ୍ଦନ ପର୍ବତ ଔଷଧୀୟ ବୃକ୍ଷର ଭଣ୍ଡାର ଅଟେ । ଏହାର ବଲାଙ୍ଗିର ଓ ବରଗଡ ଜିଲ୍ଲା ସୀମାରେ ରହିଥିବା ବେଳେ ଛତିଶଗଡ଼ ରାଜ୍ୟ ସୀମାକୁ ଲାଗିଛି । ରାମାୟଣ ଗ୍ରନ୍ଥ ଅନୁଯାୟୀ ଏହି ପର୍ବତରୁ ହନୁମାନ ସଞ୍ଜିବନୀ ଖୋଜିଥିଲେ । ଏଠାରେ ୫୦୦ରୁ ଅଧିକ ଔଷଧୀୟ ବୃକ୍ଷ ଥିବାବେଳେ ୨୦୦ରୁ ଅଧିକ ବିରଳ ଓ ମୂଲ୍ୟବାନ ବୃକ୍ଷ ଥିବା ଜଣାପଡିଛି । ଅନ୍ୟ ପକ୍ଷରେ ଅନେକ ଝରଣା ସୃଷ୍ଟି ହୋଇ ଗନ୍ଧମାର୍ଦ୍ଦନ ପାଦଦେଶରେ ବହିଯାଇଥିବା ବେଳେ ସୁକତେଲ ନଦୀ ସହ ଅନେକ ଛୋଟ ବଡ଼ ନଦୀ ବହି ଯାଇଛି । ତେବେ ପରିବେଶବିତ, ସାମାଜିକକର୍ମିଙ୍କ ଅଭିଯୋଗ ହେଉଛି ଏହି ସବୁଜବଳୟ କ୍ଷେତ୍ର ପ୍ରତି ବିଭିନ୍ନ ଶିଳ୍ପସଂସ୍ଥାର ଲୋଲୁପ ଦୃଷ୍ଟି ପଡ଼ିଛି । ଏକଦା ୮୦ ଦଶକରେ ବାଲକୋକୁ ଅଞ୍ଚଳ ବାସୀ ଆନ୍ଦୋଳନ କରି ହଟେଇ ଦେଇଥିବା ବେଳେ ଏବେ

## ଗଞ୍ଜାମରେ...

ଖୋର୍ଦ୍ଧାରେ ୬୬,୬୬୯ ଓ ଭୁବନେଶ୍ୱରରେ ୧୯,୫୪୯ ଭୋଟରଙ୍କ ନାମ ତାଲିକାରୁ ବାଦ୍ ପଡ଼ିଛି । ତେବେ ଭୋଟର ତାଲିକାରୁ ନାଁ କଟିବା ନେଇ ଏବେ ରାଜନୀତି ତୀବ୍ର ହୋଇଛି । ବିରୋଧୀ ଦଳ କ୍ଷମତାସୀନ ବିଜେପିକୁ ଏ ନେଇ ଟାର୍ଗେଟ କରୁଛନ୍ତି । ତେବେ କେଉଁମାନଙ୍କ ନାଁ କଟିଛି, କେଉଁ ମାନଙ୍କ ନାଁ ରହିଛି ତାହା ଭୋଟରମାନେ ନିଜେ ଯାଞ୍ଚ କରି କେତେ ଅଭିଯୋଗ କରୁଛନ୍ତି ତାହାପରେ ସ୍ପଷ୍ଟ ଚିତ୍ର ଜଣାପଡ଼ିବ ।


**AFFIDAVIT**

By virtue of an Affidavit sworn Before the Executive Magistrate Khandapada, I **Sridhar Nayak**, S/o.:Tareswar Nayak, Resident of At: Mahulpada, PO: Jagannathprasad, PS: Fategarh, Dist: Nayagarh, Odisha, declare by this **Affidavit No.: 1059, Dated 23.06.2026** that now onwards I have changed my name from Sridhar Kahalsingh to Sridhar Nayak. Henceforth, I shall be known as **Sridhar Nayak** for all purposes. Sridhar Kahalsingh & Sridhar Nayak is one and same person.

**ଦ.ପୂ. ରେଳପଥ - ଟେଣ୍ଡର**

ଟେଣ୍ଡର ନୋଟିସ ନଂ. : ଇ-ଟେଣ୍ଡର/୨୦୨୬/୨୫, ତାରିଖ : ୦୩.୦୭.୨୦୨୬ । ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧ ଡିଭିଜନାଲ ରେଳ ପ୍ରବନ୍ଧକ (ଇଞ୍ଜିନିୟରିଂ) ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ନିମ୍ନଲିଖିତ କାର୍ଯ୍ୟଗୁଡିକ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି । ଟେଣ୍ଡରଗୁଡିକ ନିର୍ଦ୍ଦିଷ୍ଟ ତାରିଖର ଦିନ ୩:୦୦ ଟା ପର୍ଯ୍ୟନ୍ତ ଦାଖଲ କରିହେବ ଏବଂ ୩:୩୦ ଟାରେ ଖୋଲାଯିବ । କାର୍ଯ୍ୟ ବିବରଣୀ : ୧.ଇ-କେଜିପି-ସାଉଥ-୨୨-୨୦୨୬, ଖାଲିଆପୋଖରି ବାଲାଷ୍ଟ ଡିପୋଠାରେ ସହକାରୀ ଡିଭିଜନାଲ ଇଞ୍ଜିନିୟର/ବାଲେଶ୍ୱରଙ୍କ ଅଧୀନରେ ଆରଡିଏସଓ ସ୍ପେସିଫିକେସନ (ଆରଆରଏସ-ଜିଇ-୧) ଅନୁଯାୟୀ ୨୨,୪୨୨ ଘନମିଟର ମେସିନ୍‌ରେ ଭଙ୍ଗା ଟ୍ରାକ୍ ବାଲାଷ୍ଟ ଯୋଗାଣ ଏବଂ ଷ୍ଟାକିଂ । ଆନୁମାନିକ ମୂଲ୍ୟ: ଟ. ୪,୯୦,୨୨,୨୪୦.୮୮, ଜମା ରାଶି (ଇଏମଡି): ଟ.୯,୮୧,୫୦୦ । ୨. ଇ-କେଜିପି-ୱେଷ୍ଟ-୨୬-୨୦୨୬, ଡିଭିଜନାଲ ଇଞ୍ଜିନିୟର/ୱେଷ୍ଟ / ଖଡ଼ଗପୁରଙ୍କ କ୍ଷମତା ଅଧୀନସ୍ଥ ଧାଉଲାଗଡ ଠାରେ ବାଲାଷ୍ଟ ଡିପୋ ପାଇଁ ୫୦ ଏମଏମ ସେଇର ୧୫,୦୦୦ ଘନମିଟର କଠିନ ଭୋଡି ପଥର ଯୋଗାଣ, ସଂଗ୍ରହ ଏବଂ ରେଳ ୱାଗନରେ ଲୋଡିଂ । ଆନୁମାନିକ ମୂଲ୍ୟ: ଟ. ୩,୧୯,୯୬,୬୫୦, ଜମା ରାଶି (ଇଏମଡି): ଟ. ୬,୩୯,୯୦୦ ୩. ଇ-କେଜିପି-ୱେଷ୍ଟ-୨୭-୨୦୨୬, ଡିଭିଜନାଲ ଇଞ୍ଜିନିୟର/ୱେଷ୍ଟ/ଖଡ଼ଗପୁରଙ୍କ କ୍ଷମତା ଅଧୀନସ୍ଥ ମେଦିନୀପୁର ଷ୍ଟେସନ ୟାର୍ଡ ବାଲାଷ୍ଟ ଡିପୋ ପାଇଁ ୫୦ ଏମଏମ ସେଇର ୧୨,୫୯୫ ଘନମିଟର ମେସିନ ଭଙ୍ଗା କଠିନ ଭୋଡି ପଥର ଯୋଗାଣ, ସଂଗ୍ରହ ଏବଂ ରେଳ ୱାଗନରେ ଲୋଡିଂ । ଆନୁମାନିକ ମୂଲ୍ୟ: ଟ.୩,୨୨,୬୦,୮୩୩, ଜମା ରାଶି (ଇଏମଡି): ଟ. ୬,୪୫,୨୦୦ । ୪. ଇ-କେଜିପି-୪୩-୨୦୨୬ । ସାନ୍ତ୍ରାଗାଛି : ସିନିୟର ଡିଭିଜନାଲ ଇଞ୍ଜିନିୟର/ଇଷ୍ଟ/ଖଡ଼ଗପୁରଙ୍କ କ୍ଷମତା ଅଧୀନସ୍ଥ ହେନେକେ ବିଷ୍ଣୁମ ଷ୍ଟେସନର ବିକାଶ । ଆନୁମାନିକ ମୂଲ୍ୟ: ଟ. ୩,୪୪,୬୦,୨୨୮.୯୧, ଜମା ରାଶି (ଇଏମଡି): ଟ. ୬,୮୯,୪୦୦ । ଅନ୍ୟାନ୍ୟ ସୂଚନା **ଟେଣ୍ଡର ଡକ୍ୟୁମେଣ୍ଟ ମୂଲ୍ୟ** : ଶୂନ୍ୟ (ପ୍ରତ୍ୟେକଟି ପାଇଁ) । କାର୍ଯ୍ୟ ସମାପ୍ତି ସମୟ: ୬ ମାସ (ପ୍ରତ୍ୟେକ ପାଇଁ) । ଟେଣ୍ଡର ଖୋଲିବା ତାରିଖ : କ୍ରମିକ ସଂଖ୍ୟା ୧ ରୁ ୩ ପାଇଁ: ୨୮-୦୭-୨୦୨୬ କ୍ରମିକସଂଖ୍ୟା ୪ ପାଇଁ: ୩୦-୦୭-୨୦୨୬ । ବିଡିଂ ଆରମ୍ଭ ତାରିଖ : କ୍ରମିକସଂଖ୍ୟା ୧ ରୁ ୩ ପାଇଁ: ୧୪-୦୭-୨୦୨୬ ରୁ ୨୮.୦୭.୨୦୨୬ ତାରିଖ ୧୫.୦୦ ଘଡିକା ପର୍ଯ୍ୟନ୍ତ ଏବଂ କ୍ରମିକସଂଖ୍ୟା ୪ ପାଇଁ: ୩୦.୦୭.୨୦୨୬ ୧୫.୦୦ ଘଡିକା ପର୍ଯ୍ୟନ୍ତ । ବିସ୍ତୃତ ବିବରଣୀ, ନିୟମାବଳୀ ଏବଂ ଅନଲାଇନ୍ ବିଡ୍ ଦାଖଲ ପାଇଁ **www.ireps.gov.in** ୱେବସାଇଟ୍ ଖୋଜନ୍ତୁ ଏବଂ ସେମାନଙ୍କର ବିଡ୍ ଅନଲାଇନରେ ଦାଖଲ କରନ୍ତୁ । ଏହି କାର୍ଯ୍ୟଗୁଡିକ ପାଇଁ କୌଣସି ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର : ଆଶାୟୀ ବିଡରମାନେ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବାକୁ ନିୟମିତ ଭାବେ **www.ireps.gov.in** ଦେଖିପାରିବେ ।

(PR-421)

**Tender Cancellation Notice**

3001/42/2627

"Tender Call Notice" for supply, Installation, testing, commissioning, trial run and maintenance of one no. of 6-seater Battery Operated Golf cart to Odisha Crafts Miseum-Kalabhoomi invited vide tender call notice no. 910 floated on 07.05.2026 is hereby CANCELLED.

Sd/-
Member Secretary

**State Institute for Development of Arts & Crafts**
Handlooms, Textiles & Handicrafts Department, Govt of Odisha
Handicrafts Complex, Gandamunda, Bhubaneswar-751030
Tel. No.+91 (0674) 2350318, E-mail: sidacorissa@gmail.com,
SIDAC OIPR : 3001/3017/1/26-27/0008 Website: sidac.odisha.gov.in

**ROURKELA DEVELOPMENT AUTHORITY**
**UDITNAGAR: ROURKELA-769012**
**No. 1098/RDA, Date. 01/07/26**

**PROCLAMATION**

It is hereby informed to the General public that, Surendra Kishore Mohanty, S/O- Late Sadhu Charan Mohanty, has applied for permission for transfer of House No.- C2L2-276, under CHP-II, Chhend, Rourkela in favour of Shashi Bhusan Prashad, S/o- Late Ram Krishna Ram. Anybody has got objection to the proposed transfer,, he/she may file objection petition before the undersigned within 15 (fifteen) days from the date of publication of this proclamation. Objection petition shall not be entertained after expiry of the stipulated Period.

Sd/- Secretary
Rourkela Development Authority

OIPR : 13001/13250/1/26-27/0019

**OFFICE OF THE HEAD MISTRESS,**
**KASTURBA GANDHI BALIKA VIDYALAYA,**
**SINAPALI OF SINAPALI BLOCK**
**SAMAGRA SHIKSHA, NUAPADA**

27001/96/2627 **No. 12 // Date. 06.07.26**

**TENDER CALL NOTICE**

Sealed Tender are hereby invited from the intending Registered and reputed Firms/ Suppliers having valid GST registration for supply of different Categories of items, i.e. Grocery items (Category-A), Educational & Stationary items (Category-B) AND Cosmetics & dress items (Category-C) to KGBV Hostel of Sinapali, Sinapali Block of Nuapada District. The Tender notice along with detailed terms and conditions, related documents, list of items to be supplied & applying process etc. can be downloaded from the official website of Nuapada district www.nuapada.odisha.gov.in and form OSEPA website www.osepa.odisha.gov.in between dt 06.07.2026 to dt. 29.07.2026. The sealed Tender papers completed in all respects along with requisite documents, Tender paper cost & EMD in shape of Bank Draft/ Bankers Cheque must be submitted to KGBV, Sinapali on or before dt. 29.07.2026 by 5 P.M through Regd./ Speed post only. The Tender will be opened on dt.01.08.2026 at 11 A.M at office of the H.M. KGBV, Sinapali of Sinapali Block, Nuapada District.

The undersigned reserves the right to reject any tender in whole or in part without assigning any reason thereof. Any dispute in the process be subject to the court jurisdiction of Nuapada District.

Sd/- Head Mistress (I/c)
KGBV, Sinapali

OIPR : 27001/27254/1/26-27/0005

**Government of Odisha**
**Works Department**

34001/450/2627

Applications are invited from eligible candidates to fill up one post of full-time Member (Works Contracts and Operations) in the Odisha State Highway Authority (OSHA), an autonomous body constituted under the Odisha State Highway Authority (OSHA) Act, 2025 to develop and operate the highways or other roads vested in, or entrusted to it by the State Government :

2. Eligibility Criteria and experiences required for appointment as full-time Member (Works Contracts and Operations) are as follows: -

A person shall not be qualified for appointment as a full-time Member (Works Contracts and Operations) unless he/she:

i. is or has been employed for at least twenty-five years in the Central Government or a State Government, or a Public Sector Undertaking or an Autonomous Body established under law; and

ii. has held for a period of at least three years in a post carrying the pay scale equal to or more than the pay in the Level-16 of Pay Matrix under ORSP Rules, 2017 or equivalent,

iii. Desirable qualification for a person to be qualified for appointment is as follows:

a. Holds a B.Tech or equivalent degree in Civil Engineering,

b. Has experience of at least five years in structuring, awarding, and implementation of works contracts such as PPP/EPC/HAM etc.

3. The term of office of the full-time Member (Works Contracts and Operations) shall ordinarily be five years from the date of appointment. No person shall be appointed after he attains the age of 62 years and shall be eligible for reappointment if he/she has not attained the age of 64 years on the date of reappointment. No member shall hold office after he attains the age of 65 years. The state government may, in its discretion, terminate the term of office of the full-time member at any time by giving a notice of 03 months or the salary and allowance in lieu thereof.

4. The applications of only such officers/ candidates shall be considered if they are accompanied by the following certificates:

i) Application in duplicate as per the proforma given in the Annexure

ii) Cadre Clearance Certificate/ NOC if on service/ Service details in support of eligibility criteria

iii) Self affidavit showing the details of Major or Minor penalties imposed upon the Officer, if any, during the last ten (10) years.

iv) Self affidavit to the effect that no Vigilance case / enquiry is pending against the aplicant.

v) Self affidavit Integrity Certificate.

5. Applications from eligible Officers completed in all respects may be sent to Sri Srikanta Kumar Harichandan, Under Secretary to Govt., Works Department, by 5:30 P.M within 45 days from the date of publication of the advertisement by Registered/Speed Post only. An advance copy of the application will not be entertained. No advertisement will be published in Employment News.

6. Incomplete applications/applications sent to any officer other than the designated officer, i.e., Under Secretary to the Government, Works Department, and those received after the prescribed date/time shall be summarily rejected.

7. Details of the Advertisement can be seen at Works Department, Govt. of Odisha Website (https://works.odisha.gov.in)

Sd/- Additional Secretary to Government
Works Department

OIPR : 34001/34001/1/26-27/0001

8001/188/2627

**OFFICE OF THE DIVISIONAL FOREST OFFICER,**
**REDHAKHOL FOREST DIVISION**

Mobile No.: 06644-299949 | Email ID: dfo.redhakhol@odisha.gov.in
Tender Call Notice No- F&E/RKL/021/1F - Dated 06.07.2026

**TENDER CALL NOTICE**

The Divisional Forest Officer, Redhakhol Forest Division invites sealed tenders from reputed intending Manufacturing Firms/Dealers/Suppliers having valid GSTIN and PAN Registration Numbers for **"Procurement of Supply, Installation & Commissioning of a High-Performance GIS Workstation"** for Redhakhol Forest Division. The tender papers with detailed terms and conditions documents can be downloaded from website **www.redhakholforest.com** or **https://sambalpur.odisha.gov.in** or **www.odishaforest.in** from 11:00 Hours of 06.07.2026 (11:00 AM) to 17:00 Hours of 27.07.2026 (5:00 PM). The cost of tender paper of Rs. 1,000/- (One Thousand) only to be deposited through Demand Draft in favour of Divisional Forest Officer, Redhakhol Forest Division payable at Redhakhol. The Tender Papers can be submitted at the below mentioned address on or before 27.07.2026 till 05.00 PM by Speed Post/Registered Post or by hand only. The tender will be opened in the Office of the undersigned on 28.07.2026 at 11.30 AM.

The undersigned reserves the right to accept or reject any or all the tenders without assigning any reason thereof.

| | |
|---|---|
| Bid Validity Period | From 06.07.2026 (11.00 AM) to 27.07.2026 (05.00 PM) |
| Last Date Submission of Bids | 27.07.2026 till 05.00 PM |
| The Date of Opening of Tenders | 28.07.2026 at 11.30 AM |

Sd/- Divisional Forest Officer,
Redhakhol Forest Division

OIPR : 8001/8146/1/26-27/0032

**ପଞ୍ଜାବ ଆଣ୍ଡ ସିନ୍ଧ ବ୍ୟାଙ୍କ**
(ଭାରତ ସରକାରଙ୍କ ଅଧିକୃତ ଏକ ସଂସ୍ଥା)
୩୭, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯

**ଦଖଲ ବିଜ୍ଞପ୍ତି**
ପରିଶିଷ୍ଟ-୪ [ରୁଲ୍ ୮(୧)]
(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ପଞ୍ଜାବ ଆଣ୍ଡ ସିନ୍ଧ ବ୍ୟାଙ୍କ, ଅଶୋକ ନଗର, ଭୁବନେଶ୍ୱର** ଶାଖାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨(୨୦୦୨ର ୫୪) ଏବଂ ଧାରା ୧୩(୧୨) ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ନିୟମ ୩ ରେ ଦିଆଯାଇଥିବା କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତା/ଜାମିନଦାରମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନୋଟିସ୍‌ରେ ଦର୍ଶିତ ଅର୍ଥ ରାଶି ସହିତ ଭବିଷ୍ୟତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତାମାନେ ତାଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଜାମିନଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ନିମ୍ନସ୍ୱାକ୍ଷରକାରୀ ଉପରକଥିତ ଆକ୍ଟର ଧାରା ୧୩ର ଉପଧାରା (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଏନ୍‌ଫୋର୍ସମେଣ୍ଟ ରୁଲ୍ସ ୨୦୦୨ର ରୁଲ ୮ ଏବଂ ୯ ଅନୁସାରେ ନିମ୍ନ ବର୍ଣ୍ଣିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ଭବିଷ୍ୟତ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ **ପଞ୍ଜାବ ଆଣ୍ଡ ସିନ୍ଧ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ । **ଋଣଗ୍ରହୀତା/ଜାମିନଦାରମାନଙ୍କର ଦୃଷ୍ଟି ଆକର୍ଷଣ କରାଯାଉଛି କି ସେ କଥିତ ଅକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସମୟ ମୁତାବକ ତାଙ୍କର ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରନ୍ତୁ ।**

| ଋଣଗ୍ରହୀତା/ସହ-ଋଣଗ୍ରୀତା/ ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ / ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ନୋଟିସ୍ ତାରିଖ | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ମୋଟ୍ ବକେୟା |
|---|---|---|
| ଋଣଗ୍ରହୀତାମାନେ: ଶ୍ରୀ ସଞ୍ଜୟ କୁମାର ପାତ୍ର ଏବଂ ଶ୍ରୀ ମାନସ ରଞ୍ଜନ ପାତ୍ର, ଉଭୟଙ୍କ ପିତା: ଶ୍ୟାମ ସୁନ୍ଦର ପାତ୍ର / ଜାମିନ୍‌ଦାରମାନେ: ୧) ଶ୍ରୀମତୀ ମମତା ପାତ୍ର, ସ୍ୱାମୀ: ଶ୍ରୀ ସଞ୍ଜୟ କୁମାର ପାତ୍ର, ୨) ଶ୍ରୀମତୀ ସସ୍ମିତା ପାତ୍ର, ସ୍ୱାମୀ: ଶ୍ରୀ ମାନସ ରଞ୍ଜନ ପାତ୍ର, ସମସ୍ତଙ୍କ ବାସସ୍ଥାନ ଠିକଣା: ପ୍ଲଟ୍ ନଂ.: ଇ-୧୯୭, ସେକ୍ଟର-୭, ସିଡିଏ, କଟକ, ପିନ୍-୭୫୩୦୧୪ | ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୩, ଖାତା ନଂ.: ୬୩୨/୨୧୦, ମୌଜା: ଜଏରଣାସନ, ତହସିଲ/ଥାନା: ବାଲିଅନ୍ତା, ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୨୧୦୧, ଏହାର ଚଉହଦ୍ଦିରେ- ଉତ୍ତର: ଶ୍ରୀ ଅର୍ଜୁନ ଚରଣ ରାଉତଙ୍କ ସମ୍ପତ୍ତି, ଦକ୍ଷିଣ: କେନାଲ ରୋଡ୍, ପୂର୍ବ: ଶ୍ରୀ ରଘୁନାଥ ବେହେରାଙ୍କ ସମ୍ପତ୍ତି, ପଶ୍ଚିମ: ଶ୍ରୀ ଧିରେନ୍ଦ୍ର ସାହୁଙ୍କ ସମ୍ପତ୍ତି / ୦୨.୦୨.୨୦୨୫ / ୦୨.୦୭.୨୦୨୬ | ତା୦୨.୦୨.୨୦୨୫ରିଖ ସୁଦ୍ଧା ଟ.୪୫,୮୮,୧୮୨.୬୩ + ୩୧.୦୧.୨୦୨୫ ଠାରୁ ସୁଧ ଏବଂ ସେବାବଦ ଖର୍ଚ୍ଚ |

ସ୍ଥାନ: ଭୁବନେଶ୍ୱର, ତାରିଖ: ୦୬.୦୭.୨୦୨୬    ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ପଞ୍ଜାବ ଆଣ୍ଡ ସିନ୍ଧ ବ୍ୟାଙ୍କ

# ଡ୍ରିମ୍ସ ନର୍ସିଂ ସ୍କୁଲରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

କଟକ, (ସ୍ୱପ୍ର) : ପାଠପଢା ବ୍ୟତୀତ ଅନ୍ୟାନ୍ୟ କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କ ପାରଦର୍ଶିତାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଡ୍ରିମ୍ସ ନର୍ସିଂ ସ୍କୁଲରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ସହ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଫ୍ଲାସ ମବ୍‌ରେ ଛାତ୍ରଛାତ୍ରୀ ଡିନ୍ ଏନ୍ ପ୍ରେମଲତା ଦେବୀଙ୍କ ସମେତ ବିଭିନ୍ନ ବିଭାଗର ଅଧ୍ୟାପକ, ଅଧ୍ୟାପିକା ଉପସ୍ଥିତ ଥିଲେ । ଏସ୍‌ଏନ୍‌ଏ ଉପଦେଷ୍ଟା ସହକାରୀ



ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ଷ୍ଟୁଡେଣ୍ଟସ୍ ନର୍ସିଂ ଆସୋସିଏସନ୍ (ଏସଏନ୍‌ଏ) ୟୁନିଟ୍ ଆନୁକୂଲ୍ୟରେ ଆୟୋଜିତ ତିନିଦିନିଆ କାର୍ଯ୍ୟକ୍ରମର ଉଦଘାଟନୀ ପର୍ବରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହ ଏହା ସେମାନଙ୍କର ବ୍ୟକ୍ତିତ୍ୱ ବିକାଶରେ ସହାୟକ ହେବ ବୋଲି କହିଥିଲେ । ବିଶ୍ୱବିଦ୍ୟାଳୟର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ରଙ୍ଗାରଙ୍ଗ ନୃତ୍ୟରେ ଧୁମ୍ ମଚାଇଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ଉପଦେଷ୍ଟା ପ୍ରଫେସର ସୁଶାନ୍ତ କୁମାର ଦାସ, ନିର୍ଦ୍ଦେଶକ (ଛାତ୍ର ସଂପର୍କ) ଲୋକନାଥ ବେହେରା, ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ ଛାତ୍ରଛାତ୍ରୀଙ୍କୁ ଦିଗଦର୍ଶନ ଦେଇଥିଲେ । ଶିକ୍ଷାନୁଷ୍ଠାନର ଡିନ୍ ଡ. ପ୍ରଥିମା ପ୍ରକାଶମ୍‌ଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସହକାରୀ ପ୍ରାଧ୍ୟାପିକା ସ୍ମୃତିଶ୍ରୀ ପ୍ରିୟଦର୍ଶିନୀ ଦଳାଇ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ପ୍ରଥମ ଦିବସରେ ଅନୁଷ୍ଠିତ କ୍ୱିଜ୍ ପ୍ରତିଯୋଗିତା ପ୍ରଥମ ପର୍ଯ୍ୟାୟରେ ୨୦୦ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । ଏଥିସହିତ ପୋଷ୍ଟର ପ୍ରଦର୍ଶନୀ, ଏକକ ଅଭିନୟ, ବକ୍ତୃତା, ପ୍ରବନ୍ଧ ଲିଖନ, ଚଟାଣ ସୌନ୍ଦର୍ଯ୍ୟକରଣ, ପେନ୍‌ସିଲ ସ୍କେଚ୍, ସ୍ୱଟ୍ ପେଣ୍ଟିଂ, ମିସ୍ ଓ ମି. ଏସ୍‌ଏନ୍‌ଏ ପ୍ରଭୃତି ପ୍ରତିଯୋଗିତାରେ ଶତାଧିକ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଛନ୍ତି ।

### ଓଡ଼ିଶା ସୂଚନା ସେବା ଅଧିକାରୀମାନଙ୍କ ପାଇଁ

# ନୂଆଦିଲ୍ଲୀ ଭାରତୀୟ ଜନ ସଞ୍ଚାର ସଂସ୍ଥାନ ଠାରେ ପାଞ୍ଚଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶା ସୂଚନା ସେବା (ଓଆଇଏସ) ଅଧିକାରୀମାନଙ୍କ ପାଇଁ "ଗଣମାଧ୍ୟମ ଓ ଯୋଗାଯୋଗ" ବିଷୟ ସଂପର୍କିତ ଆୟୋଜିତ ପାଞ୍ଚଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ୩ ଜୁଲାଇ ୨୦୨୬ରେ ନୂଆଦିଲ୍ଲୀସ୍ଥିତ ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମସି)ରେ ସଫଳତାର ସହ ସମାପ୍ତ ହୋଇଛି । ଓଡ଼ିଶାରେ ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗଗୁଡ଼ିକରେ ଲୋକ ସମ୍ପର୍କ ଅଧିକାରୀ, ରାଜସ୍ୱ ଆୟୁକ୍ତ (ଆରଡିସି) କାର୍ଯ୍ୟାଳୟରେ ଅବସ୍ଥାପିତ ଉପନିର୍ଦ୍ଦେଶକ(ଲୋକ ସଂପର୍କ), ଜିଲ୍ଲା ମୁଖ୍ୟାଳୟରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ (ଡିଆଇପିଆରଓ) ଏବଂ ଉପଖଣ୍ଡ କାର୍ଯ୍ୟାଳୟରେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ (ଏସଡିଆଇପିଆରଓ) ଭାବେ କାର୍ଯ୍ୟରତ ବିଭିନ୍ନ ବ୍ୟାଚ୍‌ର ୧୯ ଜଣ ଓଡ଼ିଶା ସୂଚନା ସେବା ଅଧିକାରୀଙ୍କ ପାଇଁ ୨୯ ଜୁନରୁ ୩ ଜୁଲାଇ ୨୦୨୬ ପର୍ଯ୍ୟନ୍ତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଗଣମାଧ୍ୟମ ପରିଚାଳନା, ଜନସମ୍ପର୍କ, ରଣନୈତିକ ଯୋଗାଯୋଗ କୌଶଳ, ଡିଜିଟାଲ ଯୋଗାଯୋଗ, ଗଣମାଧ୍ୟମରେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ)ର ପ୍ରୟୋଗ ଏବଂ ଜନସାଧାରଣଙ୍କ ନିକଟରେ ସରକାରୀ ଯୋଜନା ଓ କାର୍ଯ୍ୟକ୍ରମର ପହଞ୍ଚ କ୍ଷେତ୍ରରେ ଓ ବିଷୟ ବିଶେଷଜ୍ଞମାନେ ବିଭିନ୍ନ ଅଧିବେଶନରେ ଯୋଗଦେଇ ସେମାନଙ୍କର ପ୍ରାୟୋଗିକ ଅନ୍ତର୍ଦୃଷ୍ଟି ଏବଂ କ୍ଷେତ୍ରଭିତ୍ତିକ ଅଭିଜ୍ଞତା ବାଣ୍ଟିଥିଲେ । ଉଦଯାପନୀ ସମାରୋହରେ ପତ୍ର ସୂଚନା କାର୍ଯ୍ୟାଳୟର ପୂର୍ବତନ ଦେଇଥିଲେ । ଆଇଆଇଏମସି, ନୂଆଦିଲ୍ଲୀର କୁଳପତି ଡ. ପ୍ରଜ୍ଞା ପାଲିୱାଲ ଗୌର, କାର୍ଯ୍ୟନିର୍ବାହୀ ଶିକ୍ଷା କେନ୍ଦ୍ର(ସିଇ)ର ମୁଖ୍ୟ ପ୍ରଫେସର (ଡ.) ସୁନେତ୍ରା ସେନ ନାରାୟଣ ଏବଂ ରେଜିଷ୍ଟ୍ରାର ଏଲ୍. ମଧୁ ନାଗ କାର୍ଯ୍ୟକ୍ରମରେ




ଅଧିକାରୀମାନଙ୍କ ବୃତ୍ତିଗତ ଦକ୍ଷତାକୁ ସୁଦୃଢ଼ କରିବା ଏହି ପାଠ୍ୟକ୍ରମର ଉଦ୍ଦେଶ୍ୟ ଥିଲା । ଏଥିରେ ଆଇଆଇଏମସି, ପତ୍ର ସୂଚନା କାର୍ଯ୍ୟାଳୟ(ପିଆଇବି), ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ, ପ୍ରସାର ଭାରତୀ, ଜାତୀୟ ଟେଲିଭିଜନ ଗଣମାଧ୍ୟମ ଏବଂ ଅନ୍ୟାନ୍ୟ ପ୍ରତିଷ୍ଠିତ ସଂସ୍ଥାର ବିଶିଷ୍ଟ ଅଧ୍ୟାପକ ମହାନିର୍ଦ୍ଦେଶକ ଜୟଦୀପ ଭଟ୍ଟନାଗର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସେ ଜନସେବାର ଏକ ପ୍ରଭାବଶାଳୀ ମାଧ୍ୟମ ଭାବେ ଫଳପ୍ରଦ ଯୋଗାଯୋଗର ପ୍ରୟୋଗ କରିବା ସହ ରାଜ୍ୟ ଓ ଦେଶର ବିକାଶ ଲକ୍ଷ୍ୟ ପୂରଣରେ ଅବଦାନ ରଖିବାକୁ ଅଧିକାରୀମାନଙ୍କୁ ଆହ୍ୱାନ ସମଗ୍ର ପ୍ରଶିକ୍ଷଣ ଅବଧିରେ ଅଂଶଗ୍ରହଣକାରୀମାନଙ୍କ ସହ ଆଲୋଚନା ଓ ମତବିନିମୟ କରିଥିଲେ । ଆଇଆଇଏମସି କାର୍ଯ୍ୟନିର୍ବାହୀ ଶିକ୍ଷା କେନ୍ଦ୍ରର ପ୍ରଶିକ୍ଷଣ ସହଯୋଗୀ ଶ୍ରୀମତୀ ମନପାହ କୋନ୍ୟାକ ବିଭିନ୍ନ ଅଧିବେଶନର ସମନ୍ୱୟ ଓ ସଞ୍ଚାଳନ କରିଥିଲେ । ଅଂଶଗ୍ରହଣକାରୀ ଓଡ଼ିଶା ସୂଚନା ସେବା ଅଧିକାରୀମାନେ କହିଥିଲେ ଯେ, ଏହି ପ୍ରଶିକ୍ଷଣ ସେମାନଙ୍କର ଗଣମାଧ୍ୟମ ପରିଚାଳନା ଓ କୌଶଳଗତ ଯୋଗାଯୋଗ କ୍ଷମତାକୁ ଆହୁରି ସୁଦୃଢ଼ କରିବା ସହିତ 'ବିକଶିତ ଓଡ଼ିଶା-୨୦୩୬' ଏବଂ 'ବିକଶିତ ଭାରତ- ୨୦୪୭' ଗଠନ ଦିଗରେ ରାଜ୍ୟର ଲକ୍ଷ୍ୟ ପୂରଣ ଦିଗରେ ସହାୟକ ହେବ । ଏହି ପ୍ରଶିକ୍ଷଣ ସୁଯୋଗ ପାଇଁ ସେମାନେ ଓଡ଼ିଶା ସରକାର ତଥା ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗକୁ ଧନ୍ୟବାଦ ଜଣାଇଛନ୍ତି । ଆଇଆଇଏମସିରେ ପ୍ରଦାନ କରାଯାଇଥିବା ପ୍ରାୟୋଗିକ ପ୍ରଶିକ୍ଷଣ ସେମାନଙ୍କୁ ଅଧିକ ଦକ୍ଷତା ଓ ବୃତ୍ତିଗତତାର ସହ ଜନସେବା ପ୍ରଦାନ କରିବାରେ ସହାୟତା କରିବ ବୋଲି ସେମାନେ ମତ ପ୍ରକାଶ କରିଛନ୍ତି । ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସଫଳତାର ସହ ସମାପ୍ତ କରିଥିବା ଅଧିକାରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

### ଚାଉଳିଆଗଞ୍ଜ ଥାନା ଆଇଆଇସି ଆତ୍ମହତ୍ୟା ପ୍ରସଙ୍ଗ

# ପୁଲିସ ସ୍କାନରରେ ପାହାଲ ଥାନା ଏଏସ୍‌ଆଇ

କଟକ,(ସବ୍ୟୁ): ଆଇଆଇସି ବିଉଟି ମହାନ୍ତିଙ୍କ ଆତ୍ମହତ୍ୟା ଘଟଣାକୁ କମିଶନରେଟ୍ ପୁଲିସ ଗୁରୁତର ସହିତ ଗ୍ରହଣ କରି ତଦନ୍ତ ଚଳାଇଛି । ମୃତକା ବିଉଟିଙ୍କ ପରିବାରକୁ ଛାଡ଼ି ଜଣେ ବାହାର ଲୋକଙ୍କୁ ପୁଲିସ ଟାର୍ଗେଟ୍‌ରେ ରଖିଛି । ସ୍କାନରରେ ରହିଥିବା ପାହାଲ ଥାନା ଏଏସଆଇଙ୍କ ସହିତ ବିଉଟିଙ୍କ ରହିଥିଲା ବ୍ୟକ୍ତିଗତ ସମ୍ପର୍କ । ଏହି ସୂଚନା ଗତ ୨ଦିନ ହେବ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି । ଅନ୍ୟପଟେ ସମ୍ପୃକ୍ତ ଏଏସଆଇଙ୍କୁ ଗତକାଲି ଜେରା କରାଯାଇଥିବା ବେଳେ ଆଜି ତାଙ୍କର ୨ଟି ଫୋନ୍‌କୁ ଜବତ କରାଯାଇଥିବା ଜଣାପଡ଼ିଛି । ବିଉଟିଙ୍କ ସହିତ ତାଙ୍କର କେଉଁ ଭଳି ସମ୍ପର୍କ ରହିଥିଲା, ସେ ଦୀର୍ଘ ଦିନ ହେବ ହ୍ୱାଟସାପ ରେ କଣ ଚାଟ୍ କରୁଥିଲେ, ଫୋନ୍‌ରେ କଣ କଥା ହେଉଥିଲେ, ଏହା ଉପରେ ତଦନ୍ତକାରୀ ଅଫିସର ନଜର ରଖିଛନ୍ତି । ଏହାକୁ ବାଦ ଦେଇ ପୁଲିସ ବିଉଟିଙ୍କ ବ୍ୟକ୍ତିଗତ ସମ୍ପର୍କକୁ ଛାନଭିନ୍ କରୁଛି ।

## ବର୍ଷା ଜଳରେ ବୁଡ଼ି ପୂଜା ପାଉଛନ୍ତି ସ୍ୱପ୍ନେଶ୍ୱର ମହାଦେବ

ଆଠଗଡ଼ ,(ସବ୍ୟୁ): ମନ୍ଦିର ଭିତରେ ଚାରିଫୁଟର ବର୍ଷା ଜଳ । ପାଣିରେ ବୁଡି ପୂଜା ପାଉଛନ୍ତି ସ୍ୱପ୍ନେଶ୍ୱର ମହାଦେବ । କଟକ ଜିଲ୍ଲା ଆଠଗଡ଼ ବ୍ଲକ ତଳଗଡ଼ ଗ୍ରାମରେ ଥିବା ଆରାଧ୍ୟ ଦେବତା ପ୍ରଭୁ ସ୍ୱପ୍ନେଶ୍ୱର ମହାଦେବଙ୍କ ମନ୍ଦିରରେ ବର୍ଷା ଜଳ ପ୍ରବେଶ କରିଛି । ମନ୍ଦିର ଭିତରେ ପ୍ରାୟ ଚାରି ଫୁଟ ଉଚ୍ଚର ପାଣି ଜମି ରହିଥିବା ବେଳେ ପାଣି ଭିତରେ ହିଁ ଚାଲିଛି ପୂଜାର୍ଚ୍ଚନା । ପୁରୁଣା କଟକ-ସମ୍ବଲପୁର ରାସ୍ତାର ଚମ୍ପାପୁର ନିକଟରେ ଦୀର୍ଘଦିନ ଧରି ପୋଲ ନିର୍ମାଣ କାମ ଚାଲିଥିବାରୁ କଣ୍ଟିଆ ନାଳର ପାଣି ଠିକ ଭାବେ ନିଷ୍କାସନ ହୋଇପାରୁନାହିଁ । ଫଳରେ ବର୍ଷା ଜଳ ମନ୍ଦିର ଭିତରକୁ ପ୍ରବେଶ କରିଛି । ସୋମବାର ହୋଇଥିବାରୁ ଶିବଭକ୍ତମାନଙ୍କ ଭିଡ଼ ଦେଖିବାକୁ ମିଳିଛି । ପାଣି ଭିତରେ ପଶି ଭକ୍ତମାନେ ବାବା ସ୍ୱପ୍ନେଶ୍ୱରଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରୁଛନ୍ତି ।

### ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

# ୨୮ ଟିର ହେଲା ତୁରନ୍ତ ସମାଧାନ

କଟକ, (ସବ୍ୟୁ):ନିଶ୍ଚିନ୍ତକୋଇଲି ବ୍ଲକ୍ କାର୍ଯ୍ୟାଳୟଠାରେ ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୬୦ ଟି ଅଭିଯୋଗ ହସ୍ତଗତ ହୋଇଥିବାବେଳେ ତନ୍ମଧ୍ୟରେ ୪୯ ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୧୧ଟି ସାମୁହିକ ଅଭିଯୋଗ ରହିଥିଲା । ଏହି ଅଭିଯୋଗ ଶୁଣାଣି ଶିବିରରେ ୨୮ ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା । ଅଭିଯୋଗ ଶୁଣାଣି ସ୍ଥଳରେ , ଆରକ୍ଷୀ ଅଧିକ୍ଷକ ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ କମଳଜିତ ଦାସ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ପ୍ରଶାନ୍ତ ନାୟକ, ଉପଜିଲ୍ଲାପାଳ କଟକ ସଦର ଦିବ୍ୟଜ୍ୟୋତି ସ୍ମୃତି ରଞ୍ଜନ ଦେଓ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଏଥିସହ କୃଷି, ଶିକ୍ଷା, ବିଦ୍ୟୁତ, ପାନୀୟ ଜଳ, ଭିନ୍ନକ୍ଷମ ଏବଂ ଅନ୍ୟାନ୍ୟ ଭତ୍ତା ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜିକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏଠାରେ ସୂଚନାଯୋଗ୍ୟ, ଆସନ୍ତା ଜୁଲାଇ ୧୩ ତାରିଖରେ ବଡ଼ମ୍ବା ବ୍ଲକ୍‌ଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ।

# ଶିଳ୍ପ ସଂସ୍ଥା ପ୍ରେମରେ ସରକାର, ଆଦିବାସୀଙ୍କ ସ୍ୱାର୍ଥକୁ ଅଣଦେଖା : ଯୁବ କଂଗ୍ରେସ

ଭୁବନେଶ୍ୱର,(ସବ୍ୟୁ): ପ୍ରଦେଶ କଂଗ୍ରେସ ଅଫିସରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସରକାରଙ୍କ ଶିଳ୍ପପ୍ରତି ଓ ଆଦିବାସୀଙ୍କୁ ଅଣଦେଖା ପ୍ରତିବାଦରେ ବିଷୋଦଗାର କରିଥିଲେ । ଅଭିଯୋଗ କରିଥିଲେ ଯେ ଶିଳ୍ପାୟନ ନାମରେ ରାଜ୍ୟ ସରକାର ଆଦିବାସୀ, ଦଳିତ, ଓବିସି ଓ ବନବାସୀ ମାନଙ୍କର ସର୍ବସ୍ୱାନ୍ତ କରିବାକୁ ଚକ୍ରାନ୍ତ କରିଛନ୍ତି । ରାଜ୍ୟର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବିକାଶ ତ ହେଉନାହିଁ କି ସେମାନଙ୍କର ସମସ୍ୟାର ସମାଧାନ ହେଉନାହିଁ, ମାତ୍ର ସେ ଅଞ୍ଚଳରେ ଦୃତ ଖଣି ଖନନ ଓ ଶିଳ୍ପାୟନ କରି ସେମାନଙ୍କର ଜୀବିକା, ପୈତୃକ ସମ୍ପତ୍ତି ,ବାସସ୍ଥାନ ସେମାନଙ୍କ ଠାରୁ ଜୋର ଜବରଦସ୍ତ ଛଡ଼ାଇ ନିଆଯାଉଛି । ସେମାନଙ୍କୁ ଅମାନୁଷିକ ଆକ୍ରମଣ କରି ଲହୁଲୁହାଣ କରାଯାଉଛି, ହତ୍ୟା କରାଯାଉଛି ଓ ସେମାନଙ୍କ ନାମରେ ମିଥ୍ୟା ମୋକଦ୍ଦମା ଲଗାଯାଉଛି । ରାଜ୍ୟର ଆଦିବାସୀ ଓ ବନବାସୀ ସବୁଠାରୁ ଲୁଣ୍ଠିତ ଓ ଅତ୍ୟାଚାରିତ । କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକରେ କିପରି ଆଦିବାସୀ, ଦଳିତ ଓ ବନବାସୀଙ୍କୁ ଶିଳ୍ପାୟନ ନାମରେ




ଅତ୍ୟାଚାର କରାଯାଉଛି ତାର ଚିତ୍ର ପ୍ରଦାନ କରିଥିଲେ । ପୂର୍ବ ସରକାରରେ ପାଟଣା ବ୍ଲକରେ ଷ୍ଟିଲପ୍ଲାଣ୍ଟ ସ୍ଥାପନ ହେବାପାଇଁ ସମସ୍ତ ବ୍ୟବସ୍ଥା କରୁଥିବା ସତ୍ୱେ ପାଟଣା ଅଞ୍ଚଳର ଲୋକଙ୍କ ଦୃଢ଼ ପ୍ରତିବାଦ ଯୋଗୁଁ ମିତ୍ତଲ ୨୦୧୩ ମସିହାରେ ତାର ନିଷ୍ପତ୍ତିରୁ ଓହରି ଯାଇଥିଲା ।

ମାତ୍ର ଏବେ ନୂଆ ସରକାର ପାଟଣା ବ୍ଲକର ଯମୁନାପସି ଓ ଚେମଣା ପଞ୍ଚାୟତର ୧୪୭୫ ଏକର ୯୨ ଡିସିମିଲ ଜାଗା ନେଇ ଶିଳ୍ପସଂସ୍ଥା ସ୍ଥାପନ କରିବାପାଇଁ ଯୋଜନା କରିଛି । ଏବେ ଶୁଣିବାକୁ ମିଳୁଛି ସେହି ଅଞ୍ଚଳର ୯୯ ଏକର ଜମି ସରକାର ସ୍ଥାନୀୟ ଲୋକଙ୍କ ଅଜାଣତରେ କାଗଜପତ୍ରରେ କମ୍ପାନୀକୁ ଦେଇ ସାରିଲେଣି । ଯେଉଁ ଦୁଇଟି ପଞ୍ଚାୟତକୁ ନେଇ ଏହି କମ୍ପାନୀ ପ୍ରତିଷ୍ଠା ହେବ ସେଠାରେ ପାଖାପାଖି ୧୫ ହଜାର ଅଧିବାସୀ ପ୍ରଭାବିତ ହେବେ । ସଠିକ ଭାବେ ଗ୍ରାମସଭା କରାଯାଉ ନାହିଁ । ସେଠିକାର ଅଧିବାସୀମାନଙ୍କର ସ୍ୱାର୍ଥ ଓ ଅଧିକାରକୁ ପଦଦଳିତ କରି କମ୍ପାନୀ ପ୍ରତିଷ୍ଠା କରିବାପାଇଁ ସିଦ୍ଧାନ୍ତ କରାଯାଇଛି । ଏହି ପ୍ରରିପ୍ରେକ୍ଷୀରେ ପିସିସି ସାଧାରଣ ସମ୍ପାଦକ ୟାସିର ନଓ୍ୱାଜ କହିଲେ ଯେ ଏହି ସରକାରରେ ଆଦିବାସୀମାନେ ସବୁଠାରୁ ଅଧିକ ଅତ୍ୟାଚାରିତ ହେଉଛନ୍ତି । ପାଟଣା ବ୍ଲକର ଯମୁନାପସି ପଞ୍ଚାୟତର ଯମୁନାପସି, କୋଡ଼ଖମଣ,ଗୋଡ଼ି ପୋଖରୀ, ବରୁନିପସି ଏବଂ ଚେମଣା ପଞ୍ଚାୟତର ଅଙ୍ଗିକଳା, ଚିଲିଦା, ରେଙ୍ଗାଲବେଡା, ଚେମଣା, ବାରଡାଙ୍ଗୁଆ, ଧର୍ନୁଞ୍ଜୟପୁର, ଭୃଙ୍ଗରାଜପସି, ବଳିଆପସି ପ୍ରଭୃତି ୧୨ଟି ଗ୍ରାମ ଏହି କମ୍ପାନୀ ହେଲେ ମରୁଭୂମିରେ ପରିଣତ ହେବ । ଏହି କମ୍ପାନୀ ପ୍ରତିଷ୍ଠା ହେଲେ ଗ୍ରାମ୍ୟ ଜଙ୍ଗଲ, ଜଳାଶୟ, ଜଙ୍ଗଲ, ଝରଣା, ଶ୍ମଶାନ, ଗୋଚର, ଖେଳପଡ଼ିଆ, ମନ୍ଦିର ଓ ଗ୍ରାମ୍ୟ ଠାକୁରାଣୀ ପ୍ରଭୃତି ଧ୍ୱଂସ ହୋଇଯିବ । ବିଶେଷ କରି ଏଠିକାର ସୁନ୍ଦର ପରିବେଶ, ଉର୍ବର ଚାଷଜମି, ଘରବାଡ଼ି ଓ ଲୋକଙ୍କର ଜୀବିକା, ପରମ୍ପରା ଓ ସ୍ୱାଭିମାନ, ଧର୍ମୀୟ ଅନୁଷ୍ଠାନ ଓ ଭାବନ ସବୁକିଛି କମ୍ପାନୀ ଛଡ଼େଇ ନେବ ଏବଂ ଧ୍ୱଂସ କରିଦେବ । ଏହି ୧୨ ଟି ଗ୍ରାମରେ ୭୦ ପ୍ରତିଶତ ଲୋକ ଆଦିବାସୀ ଏବଂ ଏଠାରେ ଗଣ୍ଡ, ବାଥୁଡ଼ି, କୋହ୍ଲ, ଭୂୟାଁ ଓ ସାଉଁଟି ସମ୍ପ୍ରଦାୟର ଲୋକ ରହୁଛନ୍ତି । ବାକି ଲୋକମାନେ ପଛୁଆବର୍ଗର ଅଟନ୍ତି । ମୋହନ ସରାକର କମ୍ପାନୀ ପ୍ରେମରେ ସେଠିକାର ଆଦିବାସୀଙ୍କ ଡିରେ ଖୋଜ ପକାଇବାପାଇଁ ଚକ୍ରାନ୍ତ କରିଛନ୍ତି । ପେସା ଆଇନ ଲାଗୁ କରାଯାଇ ତୁରନ୍ତ ଆଦିବାସୀ ଓ ବନବାସୀମାନଙ୍କର ଅଧିକାର ଓ ସ୍ୱାର୍ଥକୁ ସୁରକ୍ଷା ଦିଆଯାଉ ବୋଲି ଯୁବ କଂଗ୍ରେସ ଦାବି କରିଛି ।

# ଇସ୍କନର ଅଦିନିଆ ରଥଯାତ୍ରାକୁ ବିରୋଧ

ଭୁବନେଶ୍ୱର (ସବ୍ୟୁ): ଇସ୍କନ ସଂସ୍ଥାର ଅଦିନିଆ ରଥଯାତ୍ରା ବିରୁଦ୍ଧରେ ଏକ ଘଣ୍ଟିକିଆ ଗଣ ବିକ୍ଷୋଭ କାର୍ଯ୍ୟକ୍ରମ ଓଡ଼ିଶା ବିକାଶ ମହାମଞ୍ଚ,ସେବା ପ୍ରତିନିଧି ଓ ମମତା ଚ୍ୟାରିଟେବୁଲ ଟ୍ରଷ୍ଟର ମିଳିତ ଉଦ୍ୟମରେ ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ ଛକରେ ଓବିଏମ ସଭାପତି ପ୍ରଣବ ଛୋଟରାୟ ଓ ସେବା ପ୍ରତିନିଧି ଆବାହକ ନୀଳମଣି ମିଶ୍ରଙ୍କ ନେତୃତ୍ୱରେ ଏକତ୍ରିତ ହୋଇ ଇସ୍କନର ଏହି ମନମୁଖି କାର୍ଯ୍ୟ ବିରୁଦ୍ଧରେ ଶାଣିତ ସ୍ୱର ଉତ୍ତୋଳନ କରିଛନ୍ତି ।ଏହି ପ୍ରତିବାଦ ସଭାରେ ଜଗନ୍ନାଥ ଗବେଷକ ସୁଦର୍ଶନ ସାହୁ, ଡାକ୍ତର ମମତା ମହାନ୍ତି, ପ୍ରକାଶ ମହାପାତ୍ର,ପୁଷ୍ପଲତା ମିଶ୍ର, ଘନଶ୍ୟାମ ବେହେରା ପ୍ରଭୃତି ବକ୍ତବ୍ୟ ରଖି ପୁରୀ ଗଜପତିମହାରାଜାଙ୍କ ବାରମ୍ବାର ନିବେଦନ ଓ ମନ୍ଦିର ପ୍ରଶାସନର ପତ୍ରାଳାପକୁ ବେଖାତିର କରି ଇସ୍କନ ସଂସ୍ଥା ଏହି ଅଦିନିଆ




ରଥଯାତ୍ରାର ଆୟୋଜନ କରୁଥିବାରୁ ଏହାକୁ ତୁରନ୍ତ ବନ୍ଦ ନକଲେ ଏଣିକି ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି । ଏହି ଗଣ ବିକ୍ଷୋଭରେ ଭୁବନାନନ୍ଦ ସାମଲ, ରାଜୀବ ସ୍ୱାଇଁ, ଦିଲୀପ ପଟ୍ଟନାୟକ, ଜଗନ୍ନାଥ ପ୍ରଧାନ, ଅଶୋକ ମହାରଣା, ଶୁଭେନ୍ଦୁ ରାଉତରାୟ, ଶ୍ରୀଧର ଘଡ଼େଇ, ଭୁବନୀ ମିଶ୍ର, ପ୍ରଦୀପ ମହାନ୍ତି, ପ୍ରସନ୍ନ ପ୍ରଧାନ, ସନାତନ ଦାସ, ପ୍ରଶାନ୍ତ ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ଆଗାମୀ ଦିନରେ ଏହି ପ୍ରତିବାଦକୁ ଆହୁରି ତୀବ୍ର କରିବାକୁ ଚେତାବନୀ ଦେଇଛନ୍ତି ।

# ଇନର ହ୍ୱିଲ କ୍ଲବ୍‌ରେ ଡାକ୍ତର ଦିବସ ପାଳିତ




ଭୁବନେଶ୍ୱର, (ସବ୍ୟୁ) : ଡାକ୍ତର ଦିବସ ଅବସରରେ ଇନର୍ ହ୍ୱିଲ୍ କ୍ଲବ୍ ଇନଫୋସିଟି, ଭୁବନେଶ୍ୱରର ସଭାପତି ସଂଗୀତା ଅଗ୍ରୱାଲଙ୍କ ମାର୍ଗଦର୍ଶନରେ "ଜୀବନ ଧାରା" ପ୍ରକଳ୍ପ ଅନ୍ତର୍ଗତ ଏକ ଅର୍ଥପୂର୍ଣ୍ଣ ସେବା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କ୍ଲବ୍ ପକ୍ଷରୁ ଜଣେ ଡାଏଲିସିସ୍ ରୋଗୀଙ୍କୁ ଏକ ମାସ ପାଇଁ ଆବଶ୍ୟକୀୟ ଔଷଧ, ଇଞ୍ଜେକ୍ସନ, ପ୍ରୋଟିନ୍ ପାଉଡର ଓ ଫଳ ଇତ୍ୟାଦି ପ୍ରଦାନ କରାଯାଇଥିଲା। ଏହି ସହାୟତା ମାଧ୍ୟମରେ ରୋଗୀଙ୍କର ଦୀର୍ଘକାଳିନ ଚିକିତ୍ସାଜନିତ ଆର୍ଥିକ ଭାର ହ୍ରାସ କରିବା ସହ ଚିକିତ୍ସାକୁ ନିରବଚ୍ଛିନ୍ନ ରଖିବାରେ ସହଯୋଗ କରାଯାଇଛି। ଏହି ଅବସରରେ "ଅନରିଂ ଦି ଗାର୍ଡିଆନ୍ସ ଅଫ୍ ହେଲ୍‌ଥ ଶୀର୍ଷକ" ଥିମ୍‌ରେ କ୍ଲବ୍ ପକ୍ଷରୁ ଦୁଇ ଜଣ ଅତିଥି ଡାକ୍ତରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଚାରି ଜଣ ଇନ୍ ହାଉସ୍ ଡାକ୍ତରଙ୍କୁ ସମାଜ ପ୍ରତି ସେମାନଙ୍କର ନିଷ୍ଠା, ସଚ୍ଚୋଟତା ଏବଂ ସମର୍ପିତ ସେବା ପାଇଁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ କ୍ଲବ୍‌ର ସ୍ୱାସ୍ଥ୍ୟସେବା, ମାନବିକତା ଓ ସାମାଜିକ ସେବା ପ୍ରତି ଦୃଢ ପ୍ରତିବଦ୍ଧତାର ପରିଚୟ ପ୍ରଦାନ କରିଛି।

## ଜଳବନ୍ଦୀରେ ଥିବା ଧୂମାବତୀ ବିହାର ଲୋକଙ୍କ ସମସ୍ୟା ବୁଝିଲେ ବିଧାୟକ

ଚୌଦ୍ୱାର, (ସ.ବ୍ୟୁ.): ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ୧୭ନମ୍ବର ୱାର୍ଡ଼ସ୍ଥିତ ଧୂମାବତୀ ବିହାର ଲଗାଣ ବର୍ଷା ଯୋଗୁଁ ବର୍ତ୍ତମାନ ଏକପ୍ରକାରର ବାହ୍ୟ ଜଗତରୁ ବିଚ୍ଛିନ୍ନ ସ୍ଥିତିରେ ରହିଛି । ବହୁବର୍ଷ ଧରି ଧୂମାବତୀ ବିହାରରେ ଏହି ସମସ୍ୟା ଲାଗି ରହିଥିବାବେଳେ ୫୫ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ପରେ ଏହି ସମସ୍ୟାଟି ଏବେ ଅଂଚଳବାସୀଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି । ମୁଖ୍ୟତଃ ଏହି ଅଂଚଳରେ ପଶୁଥିବା ବର୍ଷାଜଳ ପୂର୍ବରୁ ଜଳ ନିଷ୍କାସନ ସ୍ୱଟ ଦ୍ୱାରା ନିଷ୍କାସିତ ହେଉଥିବା ବେଳେ ରାସ୍ତା ସମ୍ପ୍ରସାରଣ ସମୟରେ ସମସ୍ତ ସ୍ୱଟଗୁଡ଼ିକ ବନ୍ଦ ହୋଇଯିବା ଫଳରେ ଅଂଚଳବାସୀ ନାହିଁ ନଥିବାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ଅଂଚଳରେ ପ୍ରାୟ ୫ଶହରୁ ଊର୍ଦ୍ଧ୍ୱଲୋକ ବସବାସ କରୁଥିବାବେଳେ ବର୍ଷାଜଳ ନିଷ୍କାସନ ନ ହେବା ଫଳରେ କୂଅରେ ମଇଳା ପାଣି ପଶିଯିବା ଦ୍ୱାରା ପାନୀୟଜଳର ମୁଖ୍ୟସମସ୍ୟା ଦେଖାଦେଇଛି । ଛାତ୍ରଛାତ୍ରୀମାନେ ପାଣି ଭିତରେ ପଶି ଅତିକ୍ରମ କରିବାକୁ ଅସୁବିଧା ହେଉଥିବା ବେଳେ ସେମାନେ ପାଠପଢ଼ାରୁ ବଂଚିତ ହେଉଛନ୍ତି । ଅଂଚଳବାସୀ ଏହିସବୁ ସମସ୍ୟା ସମ୍ପର୍କରେ ବିଧାୟକ ସୌଭିକ୍ ବିଶ୍ୱାଳଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଆଜି ଶ୍ରୀବିଶ୍ୱାଳ ଧୂମାବତୀ ବିହାରରେ ପହଂଚି ଲୋକମାନଙ୍କର ସମସ୍ୟାକୁ ବୁଝିବା ସହ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଡ୍ରେନ୍‌କୁ ସଫାକରିବା ପାଇଁ ଜାତୀୟରାଜପଥ ପ୍ରାଧୀକରଣ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ ।

# ସମ୍ ହସ୍ପିଟାଲରେ ଅସୁସ୍ଥ ନବଜାତ ଶିଶୁକୁ ନୂଆ ଜୀବନ ଦେଲେ ଡାକ୍ତର

ଭୁବନେଶ୍ୱର, (ସବ୍ୟୁ): ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ପରିଚାଳିତ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ ସମ୍ ହସ୍ପିଟାଲର ଡାକ୍ତରମାନେ ମାତ୍ର ୨୪ ସପ୍ତାହରେ ଜନ୍ମ ହୋଇଥିବା ଗୋଟିଏ ଅସୁସ୍ଥ ଏବଂ ଅପରିପକ୍ୱ ଶିଶୁର ଜୀବନ ରକ୍ଷା କରିବାରେ ସଫଳ ହୋଇଛନ୍ତି। ଅନ୍ୟ ଏକ ହସ୍ପିଟାଲରେ ଜନ୍ମ ହୋଇଥିବା ଏହି ଶିଶୁଟିର ଓଜନ ସମ୍ ହସ୍ପିଟାଲରେ ଭର୍ତ୍ତି ସମୟରେ ମାତ୍ର ୬୩୦ ଗ୍ରାମ ଥିଲା। ଶିଶୁଟିକୁ ଗୁରୁତର ଅବସ୍ଥାରେ ସମ୍ ହସ୍ପିଟାଲର ନବଜାତ ଶିଶୁରୋଗ ଚିକିତ୍ସା ବିଭାଗ (ଏନ୍‌ଆଇସିୟୁ)ରେ ଭର୍ତ୍ତି କରାଯାଇ ଚିକିତ୍ସା ଆରମ୍ଭ କରାଯାଇଥିଲା। ଏଭଳି ଅତ୍ୟନ୍ତ ଅପରିପକ୍ୱ ଶିଶୁଙ୍କ କ୍ଷେତ୍ରରେ ବଂଚିବାର ସମ୍ଭାବନା ସାଧାରଣତଃ କମ୍ ଥିବାରୁ ଶିଶୁଟିକୁ ଇନଭେସିଭ୍ ମେକାନିକାଲ୍ ଭେଂଟିଲେସନ୍ ଓ ପରବର୍ତ୍ତୀ ସମୟରେ ନନ୍-ଇନଭେସିଭ୍ ଭେଂଟିଲେସନ୍ (ଏନ୍‌ଆଇଭି), ସିପିଏପି ଏବଂ ପାରେନ୍‌ଟେରାଲ୍ ନ୍ୟୁଟ୍ରିସନ୍ ଭଳି ଉନ୍ନତ ଚିକିତ୍ସା ସେବା ପ୍ରଦାନ କରାଯାଇଥିଲା। ଡାକ୍ତର ଓ ନର୍ସମାନଙ୍କର ନିରନ୍ତର ତତ୍ତ୍ୱାବଧାନ ଏବଂ ସଠିକ୍ ଚିକିତ୍ସା ଫଳରେ ଶିଶୁଟିର ସ୍ୱାସ୍ଥ୍ୟାବସ୍ଥାରେ ଧୀରେ ଧୀରେ ସୁଧାର ଆସିଥିଲା। ନବଜାତ ଶିଶୁରୋଗ ବିଭାଗର ସମସ୍ତ ଡାକ୍ତର ଓ ନର୍ସମାନଙ୍କର ସମନ୍ୱିତ ପ୍ରୟାସ ଏହି ସଫଳତାର ମୂଳ କାରଣ ବୋଲି ବିଭାଗର ମୁଖ୍ୟ ଡାକ୍ତର ଦେବାଶିଷ ନନ୍ଦ କହିବା ସହ ଏହି ସଫଳତା ପାଇଁ ସମଗ୍ର ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି। ଶିଶୁଟିର ଅଭିଭାବକଙ୍କ ଧୈର୍ଯ୍ୟ, ସହଯୋଗ ଏବଂ ଚିକିତ୍ସା ପ୍ରକ୍ରିୟାରେ ସକ୍ରିୟ ଭୂମିକା ପାଇଁ ମଧ୍ୟ ପ୍ରଶଂସା କରିଥିଲେ। ଶିଶୁଟିର ଅଭିଭାବକ ସଂପୂର୍ଣ୍ଣ ନବଜାତ ଶିଶୁରୋଗ ଟିମ୍ ପ୍ରତି କୃତଜ୍ଞତା ଜଣାଇବା ସହ ସେମାନଙ୍କ




ଶିଶୁଟିକୁ ଚିକିତ୍ସା କରିଥିବା ଡାକ୍ତରୀ ଟିମରେ ଡାକ୍ତର ଭବଗ୍ରାହୀ ମଲ୍ଲିକ, ଡାକ୍ତର ରତନ କୁମାର ଦାସ, ଡାକ୍ତର ବିଜୟ କୁମାର, ଡାକ୍ତର ବିନୀତ ପାଣିଗ୍ରାହୀ, ଡାକ୍ତର ପାୟଲ ପ୍ରଧାନ, ଡାକ୍ତର କଳ୍ପିତା ସାହୁ, ଡାକ୍ତର ସୁରେଶ ତ୍ରିପାଠୀ, ଡାକ୍ତର ସୀତିକାନ୍ତ ନାୟକ, ଡାକ୍ତର ଶ୍ରୁତିପ୍ରଜ୍ଞା କର, ଡାକ୍ତର ଶରତ ଚନ୍ଦ୍ରିକା, ଡାକ୍ତର ଆଦ୍ୟାଶା କାନୁନ୍‌ଗୋ ଏବଂ ଡାକ୍ତର ଶୁଭଲକ୍ଷ୍ମୀ ସାହୁ ସାମିଲ ଥିଲେ। ଡାକ୍ତର ନନ୍ଦ ଶିଶୁକୁ ନୂଆ ଜୀବନ ଦେଇଥିବାରୁ ଧନ୍ୟବାଦ ଜଣାଇଥିଲେ। ଏହି ଜଟିଳ ମାମଲାର ସଫଳ ପରିଚାଳନା ପାଇଁ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲର ଡିନ୍ ପ୍ରଫେସର (ଡାକ୍ତର) ସଙ୍ଘମିତ୍ରା ମିଶ୍ର ଏବଂ ମେଡିକାଲ୍ ସୁପରିଟେଣ୍ଡେଣ୍ଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ସମସ୍ତ ଆବଶ୍ୟକ ପ୍ରଶାସନିକ ଓ ଲଜିଷ୍ଟିକ୍ ସହଯୋଗ ପ୍ରଦାନ କରିଥିଲେ।

# ଆକାଶ ମାର୍ଗରେ ଭବ୍ୟ ସ୍ୱାଗତ: ସୁରକ୍ଷା ବଳୟରେ ମୋଦୀଙ୍କ ବିମାନ

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇଣ୍ଡୋନେସିଆର ଜାକର୍ତ୍ତାରେ ପହଞ୍ଚିବା ପୂର୍ବରୁ ଆକାଶ ମାର୍ଗରେ ତାଙ୍କୁ ଏକ ଅଭୁତପୂର୍ବ ଓ ଭବ୍ୟ ସ୍ୱାଗତ କରାଯାଇଛି। ଇଣ୍ଡୋନେସିଆ ଆକାଶସୀମାରେ ପ୍ରଧାନମନ୍ତ୍ରୀଙ୍କ ବିମାନ ପ୍ରବେଶ କରିବା ମାତ୍ରେ ସେଠାକାର ବାୟୁସେନାର ଦୁଇଟି ଶକ୍ତିଶାଳୀ ଯୁଦ୍ଧବିମାନ ତାଙ୍କୁ ସ୍ୱାଗତ କରିବା ସହ ସୁରକ୍ଷା ବଳୟ ଯୋଗାଇ ଦେଇଥିଲେ। ନୀଳ ଆକାଶରେ ପ୍ରଧାନମନ୍ତ୍ରୀଙ୍କ ବିମାନ ସହିତ ଏହି ଦୁଇ ଯୁଦ୍ଧବିମାନର ଉଡ଼ାଣର ଏକ ଭିଡିଓ ସାମ୍ନାକୁ ଆସିଛି । ପ୍ରଧାନମନ୍ତ୍ରୀଙ୍କ ସ୍ୱାଗତ ପାଇଁ ଇଣ୍ଡୋନେସିଆ ବାୟୁସେନା ପକ୍ଷରୁ ଦୁଇଟି ଯୁଦ୍ଧବିମାନ ନିୟୋଜିତ କରାଯାଇଥିଲା । ପ୍ରଥମଟି F-16: ଏହା



ଆମେରିକା ନିର୍ମିତ ଏକ ସିଙ୍ଗଲ୍-ଇଞ୍ଜିନ ବିଶିଷ୍ଟ ଫାଇଟର ଜେଟ୍, ଯାହା ବିଶ୍ୱର ଅନେକ ଦେଶର ବାୟୁସେନାର ମୁଖ୍ୟ ଶକ୍ତି । ଦ୍ୱିତୀୟଟି ହେଉଛି Sukhoi-30: ଏହା ଋଷିଆ ଦ୍ୱାରା ନିର୍ମିତ ଏକ ବଡ଼, ଟ୍ୱିନ୍-ଇଞ୍ଜିନ ଏବଂ ଦୁଇ ଜଣ ପାଇଲଟ୍ ବିଶିଷ୍ଟ ଶକ୍ତିଶାଳୀ ଯୁଦ୍ଧବିମାନ। ଏହି ଦୁଇ ବିମାନ ଏକାଠି ଉଡ଼ିବା ଏକ ବିରଳ ଦୃଶ୍ୟ।

ଭାରତୀୟ ବାୟୁସେନା ପାଖରେ ମଧ୍ୟ ଭାରତୀୟ ଆବଶ୍ୟକତା ଅନୁଯାୟୀ ପ୍ରସ୍ତୁତ 'ସୁଖୋଇ-୩୦ MKI' ର ଅନେକ ସ୍କ୍ୱାଡ୍ରନ ରହିଛି। ଜାକର୍ତ୍ତାରେ ଓହ୍ଲାଇବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋସିଆଲ ମିଡିଆ ପ୍ଲାଟଫର୍ମ 'X' (ପୂର୍ବରୁ ଟ୍ୱିଟର) ରେ ପୋଷ୍ଟ କରି ଇଣ୍ଡୋନେସିଆର ରାଷ୍ଟ୍ରପତି ପ୍ରବୋୱୋ ସୁବିଆଣ୍ଟୋଙ୍କୁ ଏହି ସ୍ୱାଗତ ପାଇଁ ଧନ୍ୟବାଦ ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ଲେଖିଛନ୍ତି, '୨୦୧୮ ମସିହାରେ ଆମେ ଆମର ସମ୍ପର୍କକୁ ଆହୁରି ମଜଭୁତ କରିଥିଲୁ ।ଏହା ଦ୍ୱାରା ଉଭୟ ଦେଶର ଜନସାଧାରଣ ଉପକୃତ ହୋଇଛନ୍ତି। ଏହି ଗସ୍ତ ସମୟରେ ରାଷ୍ଟ୍ରପତି ପ୍ରବୋୱୋ ସୁବିଆଣ୍ଟୋ ଏବଂ ମୁଁ ବିଭିନ୍ନ କ୍ଷେତ୍ରରେ ଏହି ସହଭାଗିତାକୁ ଆହୁରି ସଦୃଢ଼ କରିବା ପାଇଁ ଆଲୋଚନା କରିବୁ।' ପ୍ରଧାନମନ୍ତ୍ରୀ ମୋଦୀ ନିଜ ପୋଷ୍ଟରେ ଆହୁରି ମଧ୍ୟ କହିଛନ୍ତି ଯେ, ସେ ଏବଂ ରାଷ୍ଟ୍ରପତି ପ୍ରସିଦ୍ଧ 'ପ୍ରାମ୍ବନାନ ମନ୍ଦିର' ପରିଦର୍ଶନ କରିବେ, ଯାହା ଦୁଇ ଦେଶ ମଧ୍ୟରେ ସାଂସ୍କୃତିକ ସମ୍ପର୍କକୁ ଆହୁରି ନିବିଡ଼ କରିବ। ଏହା ସହିତ ସେ ସେଠାରେ ରହୁଥିବା ଭାରତୀୟ ସମୁଦାୟ ସହ ମଧ୍ୟ ଆଲୋଚନା କରିବେ।

# ଭାରତକୁ କୃତଜ୍ଞତା ଜଣାଇଲା ଇରାନ

**ନୂଆଦିଲ୍ଲୀ:** ଇରାନର ପୂର୍ବ ସୁପ୍ରିମ୍ ଲିଡର ଆୟତୁଲ୍ଲା ଅଲ୍ଲୀ ଖେମନେଇଙ୍କର ଅନ୍ତିମ ସଂସ୍କାର ଯାତ୍ରାରେ ଭାରତର ନେତାମାନେ ସାମିଲ ହୋଇଥିବାରୁ ଇରାନ ପକ୍ଷରୁ କୃତଜ୍ଞତା ଜଣାଇବା ସହ ଇରାନ ଏହାକୁ କଦାପି ଭୁଲିବ ନାହିଁ ବୋଲି କହିଛି । ଗତ ଫେବୃଆରୀ ୨୮ ରେ ଆମେରିକା ଓ ଇସ୍ରାଏଲର ଏୟାର ଷ୍ଟ୍ରାଇକ୍‌ରେ ଖେମନେଇଙ୍କର ମୃତ୍ୟୁ ଘଟିଥିଲା। ଯାହାକୁ ନେଇ ଭାରତରେ ଥିବା ଇରାନର ରାଷ୍ଟ୍ରଦୂତ ଚିନ୍ତା ପ୍ରକଟ କରିବା ସହ ଆଜି ଭାରତର ପ୍ରତିନିଧିମାନେ ସେଠାକୁ ଯାଇଥିବାରୁ ଧନ୍ୟବାଦ ଜଣାଇଛନ୍ତି। ଭାରତ ପକ୍ଷରୁ କଂଗ୍ରେସ ନେତା ତଥା ପୂର୍ବତନ ବୈଦେଶିକ ମନ୍ତ୍ରୀ ସଲମନ ଖୁର୍ସିଦ୍, ପିଡିପି ମୁଖ୍ୟ ମେହେବୁବା ମୁଫ୍ତି, ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ପବିତ୍ର ମାରଘରିଟା ଓ ବିହାର ରାଜ୍ୟପାଳ ସୟଦ ଆତାହାନ୍‌ସିଆଲ ଦେଶ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ । ସେମାନେ ଗତ ସପ୍ତାହରେ ତେହେରାନ ଯାଇଥିଲେ । ଇରାନର କୂଟନୈତିକ କାର୍ଯ୍ୟାଳୟ ପକ୍ଷରୁ ଭାରତକୁ ଏଥିଲାଗି ହୃଦୟରୁ କୃତଜ୍ଞତା ଜଣାଯିବା ସହ ଭାରତୀୟ ଲୋକଙ୍କ ସହ ସେମାନଙ୍କ ବନ୍ଧୁତ୍ୱ ରହିଛି ବୋଲି ମତ ଦେଇଛନ୍ତି । ସରକାର ଓ ଦେଶବାସୀଙ୍କ ପକ୍ଷରୁ ଏହି ଅନ୍ତିମ ସଂସ୍କାର କାର୍ଯ୍ୟକ୍ରମରେ ପ୍ରତିନିଧିମାନେ ଯାଇ ଦିବଂଗତ ନେତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଇରାନ ଦୂତାବାସ ପକ୍ଷରୁ ସୋସିଆଲ ମିଡ଼ିଆରେ ଉଲ୍ଲେଖ କରାଯାଇଛି ଯେ ବିଭିନ୍ନ ରାଜନୈତିକ ନେତା, ସାଂସଦ, ବୁଦ୍ଧିଜୀବୀ ଓ ଭାରତର ନେତାମାନେ ବିଶ୍ୱାସ ଓ ଧାର୍ମିକ ସମ୍ପ୍ରଦାୟ ପ୍ରତି ଥିବା ସେମାନଙ୍କର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି । ଭାରତ ଓ ଇରାନ ମଧ୍ୟରେ ଏହା ଐତିହାସିକ, ସାଂସ୍କୃତିକ ଓ ମାନବିକ ବନ୍ଧନ । ପ୍ରାୟ ୧୦୦ ଦେଶରୁ ବିଭିନ୍ନ ନେତାମାନେ ଖେମନେଇଙ୍କ ଅନ୍ତିମ ସଂସ୍କାରରେ ଯୋଗ ଦେଇଛନ୍ତି । ଏଥିରେ ପାକିସ୍ତାନ, ଋଷ୍ ଓ ଚୀନ୍‌ର ନେତାମାନେ ଅଛନ୍ତି ।

# ରନ୍ଧନ ଗ୍ୟାସ୍ ଯୋଗାଣ ବଢ଼ାଇବାକୁ ଐତିହାସିକ ନିଷ୍ପତ୍ତି

**ନୂଆଦିଲ୍ଲୀ:** ରନ୍ଧନ ଗ୍ୟାସ ଯୋଗାଣକୁ ସୁରକ୍ଷିତ କରିବା ଦିଗରେ ବଡ଼ ପଦକ୍ଷେପ ନେବାକୁ ଯାଉଛନ୍ତି ଭାରତ ସରକାର । ଏହାଦ୍ୱାରା ଗଲ୍ଫ ଦେଶ ଉପରେ ଏଲପିଜି ପାଇଁ ଅଧିକ ନିର୍ଭର ହେବାକୁ ପଡ଼ିବନି । ରିପୋର୍ଟ ଅନୁସାରେ, ଦେଶର ସରକାରୀ ତେଲ କମ୍ପାନି ଏବେ ଆମେରିକାରୁ ଏଲପିଜି କ୍ରୟ ଦୁଇଗୁଣା କରିବାକୁ ପ୍ରସ୍ତୁତି କରୁଛନ୍ତି । ଏହାର ମୁଖ୍ୟ ଉଦ୍ଦେଶ୍ୟ ଏଲପିଜି ପାଇଁ ମଧ୍ୟପ୍ରାଚ୍ୟ ଉପରେ ନିର୍ଭରତା କମାଇବା ଏବଂ ଭବିଷ୍ୟତରେ କୌଣସି ବୈଶ୍ୱିକ ସଙ୍କଟ ସମୟରେ ରନ୍ଧନ ଗ୍ୟାସର ଅଭାବ ନହେବାକୁ ଦେବା। ସୂଚନାଥାଉକି, ବର୍ତ୍ତମାନ ଭାରତ ପ୍ରତିବର୍ଷ ଆମେରିକାରୁ ପ୍ରାୟ ୨୨ ଲକ୍ଷ ଟନ୍ ଏଲପିଜି କିଣୁଛି । ଟାଇମ୍ସ ଅଫ୍ ଇଣ୍ଡିଆର ରିପୋର୍ଟ ଅନୁସାରେ, ସରକାର ଏବେ ଏହି ମାତ୍ରାକୁ ପ୍ରାୟ ଦୁଇଗୁଣା କରିବାକୁ ଯୋଜନା କରୁଛନ୍ତି । ଏହା ସହ ଆଲଜେରିଆ ଭଳି ଅନ୍ୟ ଦେଶଗୁଡ଼ିକ ଠାରୁ ମଧ ଏଲପିଜି ଆମଦାନୀ ବଢ଼ାଇବା ନେଇ ସମ୍ଭାବନା ରହିଛି। ଏଲପିଜି ଆମଦାନୀ ବଢ଼ାଇବାର ଏକମାତ୍ର ଉଦ୍ଦେଶ୍ୟ, ଏହାଦ୍ୱାରା ଯେପରି ଭାରତକୁ ଗୋଟିଏ ଦେଶ ଉପରେ ଅଧିକ ନିର୍ଭର ରହିବାକୁ ନପଡ଼େ । ଉଲ୍ଲେଖଯୋଗ୍ୟ, ପଶ୍ଚିମ ଏସିଆରେ ଯୁଦ୍ଧ ଯୋଗୁ ଷ୍ଟ୍ରେଟ୍ ଅଫ୍ ହର୍ମୁଜରେ ଜାହାଜ ଚଳାଚଳ ବାଧା ଉପୁଜିଥିଲା । ଫଳରେ ଏହି ପ୍ରଣାଳୀ ଦେଇ ଏଲପିଜି ପରିବହନ ବିଶେଷ ଭାବରେ ପ୍ରଭାବିତ ହୋଇଥିଲା । ଆଉ ଭାରତ ଭଳି ଦେଶରେ ରନ୍ଧନ ଗ୍ୟାସର ଅଭାବ ଦେଖିବାକୁ ମିଳିଥିଲା। ସରକାରୀ ଅଧିକାରୀଙ୍କ କହିବା ଅନୁସାରେ, ଅଶୋଧିତ ତେଲ ପାଇଁ ଯେତିକି ଚିନ୍ତା ନଥିଲା, ତା' ଠାରୁ ବଡ଼ ବିପଦ ଥିଲା ଏଲପିଜି ଯୋଗାଣ ପ୍ରଭାବିତ ହେବା । ଦୁନିଆରେ ଗଲ୍ଫ ଦେଶ ବ୍ୟତୀତ ଖୁବ୍ କମ୍ ଦେଶ ପର୍ଯ୍ୟାପ୍ତ ପରିମାଣରେ ଏଲପିଜି ଉତ୍ପାଦନ କରୁଛନ୍ତି । ଏମିତିରେ ଆମେରିକା ଠାରୁ ଅତିରିକ୍ତ ଯୋଗାଣ ମିଳିବା ଦ୍ୱାରା ଭାରତକୁ ଖୁବ୍ ଆଶ୍ୱସ୍ତି ମିଳିଛି । ସରକାର ଏବେ କେବଳ ଆମଦାନୀ ବଢ଼ାଇବା ପର୍ଯ୍ୟନ୍ତ ସୀମିତ ରଖିବାକୁ ଚାହୁଁନାହାଁନ୍ତି । ପେଟ୍ରୋଲିୟମ ମନ୍ତ୍ରଣାଳୟ ତେଲ କମ୍ପାନିଙ୍କୁ ୩୦ ଦିନର ଷ୍ଟ୍ରାଟେଜିକ ଏଲପିଜି ରିଜର୍ଭ ପ୍ରସ୍ତୁତ କରିବାକୁ ଯୋଜନା ଉପରେ କାମ କରିବାକୁ କହିଛନ୍ତି । ଏହାର ଅର୍ଥ ଯଦି ଭବିଷ୍ୟତରେ କୌଣସି କାରଣରୁ ଆମାଦାନୀ ବାଧା ପ୍ରାପ୍ତ ହୁଏ, ତଥାପି ଦେଶରେ ହାରାହାରି ୩୦ ଦିନ ପର୍ଯ୍ୟନ୍ତ ରନ୍ଧନ ଗ୍ୟାସର ଯୋଗାଣ ବିନା କୌଣସି ବାଧାରେ ହୋଇପାରିବ । ବର୍ତ୍ତମାନ ୪୫ ଦିନ ଷ୍ଟ୍ରୋଟେଜିକ ରିଜର୍ଭ ରହିଛି ।

# ମୁମ୍ବାଇରେ ବର୍ଷା ବିଭ୍ରାଟ, ୧୭ ଉଡାଣ ବାତିଲ

**ମୁମ୍ବାଇ :** ଦେଶର ଆର୍ଥିକ ରାଜଧାନୀ ମୁମ୍ବାଇ ରେ ଏବେ ପ୍ରକୋପ କରୁଛି ବର୍ଷା। ଆକାଶରୁ ଲଗାତାର ଝରୁଥିବା ମୁଶଳଧାର ବର୍ଷା ମାୟାନଗରୀର ବେଗରେ ବ୍ରେକ୍ ଲଗାଇ ଦେଇଛି । କଥା କେବଳ ଏତିକିରେ ନାହିଁ ଭୀଷଣ ବର୍ଷା ଯୋଗୁ ସହର ଜଳମଗ୍ନ ହୋଇପଡିଛି। ଫଳରେ ଜନଜୀବନ ଗୁରୁତର ପ୍ରଭାବିତ ହୋଇଛି। ତେବେ ଏହି ସଂକଟ କେବଳ ଭୂ-ଭାଗରେ ସୀମିତ ନାହିଁ, ଯେଉଁଠି ରେଳ ଓ ଅନ୍ୟ ବାହନ ଚଳାଚଳ ଅଟକି ଯାଇଛି, ଆକାଶରେ ବିମାନ ସେବା ମଧ୍ୟ ଗୁରୁତର ପ୍ରଭାବିତ ହୋଇଛି । ପରିସ୍ଥିତିକୁ ନଜରରେ ରଖି ଇଣ୍ଡିଗୋ ଓ ଅକାସା ଏୟାରଲାଇନ୍ସ ସମେତ ଅନ୍ୟ ବଡ଼ ଏୟାରଲାଇନ କମ୍ପାନୀମାନେ ସେମାନଙ୍କ ଯାତ୍ରୀଙ୍କ ଲାଗି ଆଡଭାଇଜରୀ ଜାରି କରିଛନ୍ତି । ଖରାପ ପାଗ ଯୋଗୁ ମୁମ୍ବାଇର ଛତ୍ରପତି ଶିବାଜୀ ମହାରାଜା ଇଣ୍ଟରନ୍ୟାସନାଲ ଏୟାରପୋର୍ଟ ରେ ସୋମବାର ପୂର୍ବାହ୍ନ ସାଢେ ୧୧ଟା ସୁଦ୍ଧା ଅନୁନ୍ୟ ୧୭ଟି ଉଡାଣ ବାତିଲ ହୋଇଥିଲା । ସେହିପରି ୨୦୦ରୁ ଅଧିକ ଉଡାଣ ବିଳମ୍ବିତ ଥିଲା । ପାଣିପାଗ ବିଭାଗ ମୁମ୍ବାଇ ଓ ପୁଣେ ସମେତ ଆଖାପାଖ ଅଞ୍ଚଳ ପାଇଁ ହାଇଆଲର୍ଟ ଜାରି କରିଛନ୍ତି। ଭୀଷଣ ବର୍ଷା ଓ ଆକାଶରେ ଘନ ବାଦଲ ବିମାନ ଉଡାଣ ଉପରେ ବ୍ରେକ୍ ଲଗାଇ ଦେଇଛି। ଏହା ଛଡା ରନୱେ ଆଖପାଖରେ ପାଣି ଭରି ରହିବା, ଜୋର ରେ ପବନ ବହିବା ଓ ଭିଜିବିଲିଟି ଅଚାନକ ହ୍ରାସ ହେବା ଯୋଗୁ ବିମାନ ଅବତରଣ ଓ ଉଡାଣ ସମସ୍ୟା ଉପୁଜୁଛି। ବିମାନ ଚଳାଚଳ ବ୍ୟହତ



ହୋଇଥିବାରୁ ଏୟାରପୋର୍ଟ ଟର୍ମିନାଲରେ ଯାତ୍ରୀଙ୍କ ଭିଡ ବଢିବାରେ ଲାଗିଛି। ବିମାନ ଯାତାୟତ କରୁନଥିବାରୁ ଲୋକଙ୍କୁ ଘଣ୍ଟାଘଣ୍ଟା ଅପେକ୍ଷା କରିବାକୁ ପଡୁଛି । ତେବେ ଅପେକ୍ଷାରତ ଯାତ୍ରୀଙ୍କ ସହାୟତା ପାଇଁ ଗ୍ରାଉଣ୍ଡ ଓ କଷ୍ଟମର ସର୍ବିସ ଡେସ୍କ ସମ୍ପୂର୍ଣ୍ଣ ସଜାଗ ଅଛନ୍ତି, ଯାହାଦ୍ୱାରା ଯାତ୍ରୀଙ୍କୁ ଅନ୍ୟ ରୁଟରେ ଟିକେଟ୍ ଅଥବା ରହିବାର ବ୍ୟବସ୍ଥା କରି ପାରିବେ। ଅନ୍ୟପଟେ ଦେଶର ସର୍ବ ବୃହତ୍ତ ଏୟାରଲାଇନ ଇଣ୍ଡିଗୋ ସୋସିଆଲ ମିଡିଆରେ ଯାତ୍ରୀଙ୍କୁ ସାବଧାନ କରି ଭୀଷଣ ବର୍ଷା ଯୋଗୁ ମୁମ୍ବାଇ ଓ ପୁଣେ ଯାତାୟାତ କରୁଥିବା ଉଡାଣ ପ୍ରଭାବିତ ହୋଇଛି । ଏଣୁ ଘରୁ ବାହାରିବା ପୂର୍ବରୁ ନିଜ ଉଡାଣର ଷ୍ଟାଟସ୍ ନିଶ୍ଚିତ ଯାଞ୍ଚ କରନ୍ତୁ ବୋଲି ପରାମର୍ଶ ଦେଇଛି। ଇଣ୍ଡିଗୋ ବ୍ୟତୀତ ଅକାସା ଏୟାର ଓ ସ୍ପାଇସ୍ ଜେଟ୍ ଭଳି ବିମାନ କମ୍ପାନୀମାନେ ମଧ୍ୟ ସମାନ ଚେତାବନୀ ଜାରି କରିଛନ୍ତି । ଏଥିରେ ଖରାପ ପାଗର ପ୍ରଭାବ ଅନ୍ୟ ସହରଙ୍କୁ ସଂଯୁକ୍ତ କରୁଥିବା ଫ୍ଲାଇଟ ଉପରେ ପଡୁଥିବାର ସୂଚିତ କରିଛନ୍ତି। ତେବେ ବର୍ଷା ଯୋଗୁ କେବଳ ଏୟାରପୋର୍ଟରେ ସମସ୍ୟା ଉପୁଜିନି ବାହାରେ ମଧ୍ୟ ସମାନ ଅବସ୍ଥା । ମୁମ୍ବାଇ ୱେଷ୍ଟର୍ଣ୍ଣ ଏକ୍ସପ୍ରେସ୍ ହାଇୱେ ଓ ଏୟାରପୋର୍ଟକୁ ସଂଯୋଗ କରୁଥିବା ସବୁ ସଡ଼କ ପାଣିରେ ବୁଡି ରହିଛି । ଏଣୁ ରାସ୍ତାରେ ଦୀର୍ଘ ଜାମ ଲାଗି ରହିଛି । ଏୟାରପୋର୍ଟ ପ୍ରଶାସନ ଯାତ୍ରୀଙ୍କୁ ନିବେଦନ କରିଛନ୍ତି ଯେ ନିଜ ଫ୍ଲାଇଟ୍ ଟାଇମର ୧ବା ୨ ଘଣ୍ଟା ପୂର୍ବରୁ ଘରୁ ବାହାରନ୍ତୁ। ଯାହାଦ୍ୱାରା ସେମାନେ ଠିକ୍ ସମୟରେ ଚେକ-ଇନ୍ କରିପାରିବେ।

# ଚୀନ୍ ସେନାରେ ବଡ଼ ଅଦଳବଦଳ

**ବେଜିଂ:** ଚୀନ୍ ରାଷ୍ଟ୍ରପତି ତଥା ଦେଶର ସର୍ବୋଚ୍ଚ ସାମରିକ ନେତା ସି ଜିନପିଙ୍ଗ ଦେଶର ସେନାରେ ଏକ ବଡ଼ ପରିବର୍ତ୍ତନ କରିଛନ୍ତି। ଦୁର୍ନୀତି ବିରୋଧୀ ଅଭିଯାନ ଅନ୍ତର୍ଗତ ପିପୁଲ୍ସ ଲିବରେସନ୍ ଆର୍ମି (ପିଏଲ୍ଏ) ର ୧୦୧ ଜଣ ବରିଷ୍ଠ ସାମରିକ ଅଧିକାରୀଙ୍କୁ ପଦରୁ ହଟାଯାଇଛି କିମ୍ବା ତଦନ୍ତ ପରିସରକୁ ଅଣାଯାଇଛି । ଏହାକୁ ସି ଜିନପିଙ୍ଗଙ୍କ ଶାସନକାଳର ସବୁଠୁ ବଡ଼ ସାମରିକ ପୁନର୍ଗଠନ ବୋଲି ବିଶ୍ଳେଷକମାନେ ମନେ କରୁଛନ୍ତି ।ଏହି ପରିବର୍ତ୍ତନର ଅଂଶ ଭାବେ ଜିନପିଙ୍ଗ ନିଜର ଦୁଇ ଘନିଷ୍ଠ ଓ ବିଶ୍ୱସ୍ତ ଅଧିକାରୀଙ୍କୁ ସେନାର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦେଇଛନ୍ତି । ଝାଙ୍ଗ ଶୁଗୁଆଙ୍ଗଙ୍କୁ କେନ୍ଦ୍ରୀୟ ସାମରିକ କମିସନ (ସିଏମ୍ସି)ର ଶୃଙ୍ଖଳା ଯାଞ୍ଚ କମିସନ୍‌ର ମୁଖ୍ୟ କରାଯାଇଛି । ଏହି ସଂସ୍ଥା ସେନା ଭିତରେ ଦୁର୍ନୀତି ଓ ଶୃଙ୍ଖଳାଭଙ୍ଗ ମାମଲାର ତଦନ୍ତ କରିଥାଏ । ସେହିପରି ୱାଙ୍ଗ ଗ୍ୟାଙ୍ଗଙ୍କୁ ବାୟୁସେନାର ଶୀର୍ଷ ପଦରେ ନିଯୁକ୍ତ କରାଯାଇଛି । ଏହି ଦୁଇ ଅଧିକାରୀଙ୍କୁ ଚୀନ୍ ସେନାର ସର୍ବୋଚ୍ଚ ସକ୍ରିୟ ସାମରିକ ପଦବୀ 'ଜେନେରାଲ୍' ମଧ୍ୟ ପ୍ରଦାନ କରାଯାଇଛି । ଗତ କିଛି ବର୍ଷ ଧରି ସି ଜିନପିଙ୍ଗ ସେନାରେ ଦୁର୍ନୀତି ବିରୋଧରେ କଠୋର ଅଭିଯାନ ଚଳାଇ ଆସୁଛନ୍ତି । ଏହି ଅଭିଯାନରେ ପୂର୍ବତନ ପ୍ରତିରକ୍ଷାମନ୍ତ୍ରୀଙ୍କ ସମେତ ଅନେକ ଉଚ୍ଚପଦସ୍ଥ ଜେନେରାଲ୍ ଓ ସାମରିକ ଅଧିକାରୀଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗରେ କାର୍ଯ୍ୟାନୁଷ୍ଠାନ ହୋଇଛି। ଏହାର ପ୍ରଭାବରେ କେନ୍ଦ୍ରୀୟ ସାମରିକ କମିସନର ଅନେକ ପଦ ଖାଲି ହୋଇଯାଇଥିଲା ଏବଂ ସେନାର ଉଚ୍ଚସ୍ତରୀୟ ନେତୃତ୍ୱରେ ଶୂନ୍ୟତା ସୃଷ୍ଟି ହୋଇଥିଲା । ବିଶ୍ଳେଷକମାନଙ୍କ ମତରେ, ସି ଜିନପିଙ୍ଗ ଏହି ପରିବର୍ତ୍ତନ ମାଧ୍ୟମରେ ସେନା ଉପରେ ନିଜର ନିୟନ୍ତ୍ରଣକୁ ଆହୁରି ସୁଦୃଢ଼ କରିବା ସହ କମ୍ୟୁନିଷ୍ଟ ପାର୍ଟି ପ୍ରତି ସେନାର ଆନୁଗତ୍ୟ ନିଶ୍ଚିତ କରିବାକୁ ଚାହୁଁଛନ୍ତି। ସେ ସମ୍ପ୍ରତି ବରିଷ୍ଠ ସାମରିକ ଅଧିକାରୀଙ୍କ ପାଇଁ ୧୦ ସପ୍ତାହର ରାଜନୈତିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମଧ୍ୟ ଆରମ୍ଭ କରିଛନ୍ତି । ଏଥିରେ ପାର୍ଟି ପ୍ରତି ନିଷ୍ଠା, ଶୃଙ୍ଖଳା ଓ ଆତ୍ମସମୀକ୍ଷା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି । ତେବେ ଏତେ ବଡ଼ କାର୍ଯ୍ୟାନୁଷ୍ଠାନ ଫଳରେ ସେନାର ଉଚ୍ଚସ୍ତରୀୟ ନେତୃତ୍ୱରେ ସାମୟିକ ଶୂନ୍ୟତା ସୃଷ୍ଟି ହୋଇଥିବାରୁ ଏହାର ପ୍ରଭାବ ଚୀନ୍‌ର ସାମରିକ ପ୍ରସ୍ତୁତି ଓ ନେତୃତ୍ୱ ବ୍ୟବସ୍ଥା ଉପରେ ମଧ୍ୟ ପଡ଼ିପାରେ ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି ।

# ଭାରତ ଖୋଲିଲା ବଗଲିହାର ଡ୍ୟାମ୍ ଗେଟ୍

**ନୂଆଦିଲ୍ଲୀ:** ପାକିସ୍ତାନ ସୀମାପାର ଆତଙ୍କବାଦ ନୀତି ନ ଛାଡ଼ିବା ଯାଏ, ସିନ୍ଧୁ ଜଳ ଚୁକ୍ତି ସ୍ଥଗିତ ରହିବ ବୋଲି ଭାରତ ନିକଟରେ ନିଜର ସଂକଳ୍ପ ଦୋହରାଇଥିଲା ।ସେତେବେଳେ ଶୁଖିଲା ମରୁଡ଼ି ଯୋଗୁଁ ପାକିସ୍ତାନର ପାଣି ପାଇଁ ଡହଳବିକଳ ହେଉଥିଲା । କିନ୍ତୁ, ମାତ୍ର ଦୁଇ-ତିନି ଦିନ ଭିତରେ ସ୍ଥିତି ସମ୍ପୂର୍ଣ୍ଣ ବଦଳି ଯାଇଛି । ଜମ୍ମୁ-କାଶ୍ମୀରରେ ପ୍ରବଳ ବର୍ଷା ଯୋଗୁଁ ଭାରତକୁ ବଗଲିହାର ଡ୍ୟାମରୁ ହଠାତ୍ ପାଣି ଛାଡ଼ିବାକୁ ପଡ଼ିଛି । ଏଭଳି ପରିସ୍ଥିତିରେ ଏବେ ପାକିସ୍ତାନ ବୁଡ଼ିବାକୁ ଯାଉଛି । ଚିନାବ୍ ନଦୀର ଜଳସ୍ତର ବଢ଼ିବା ଯୋଗୁଁ ଖୋଲିଲା ଗେଟ୍ ଜମ୍ମୁ-କାଶ୍ମୀରର ରାମବନ୍ ଜିଲ୍ଲାରେ ପ୍ରଶାସନ ସୋମବାର ବଗଲିହାର ଡ୍ୟାମର ୩ଟି ଗେଟ୍ ଖୋଲି ପାଣି ଛାଡ଼ିଛି । ଡୋଡା-କିସ୍ତୱାଡ଼ ଅଞ୍ଚଳରେ ଲଗାତାର ପ୍ରବଳ ବର୍ଷା ଫଳରେ ଚିନାବ୍ ନଦୀର ଜଳସ୍ତର ବଢ଼ିଯାଇଛି । ରିପୋର୍ଟ



ଅନୁଯାୟୀ, ଅଧିକାରୀମାନେ କହିଛନ୍ତି ଯେ ଚିନାବ୍ ନଦୀରେ ପାଣିର ମାତ୍ରା କମାଇବା ପାଇଁ ବଗଲିହାର ଡ୍ୟାମର ଗେଟ୍ ଖୋଲିବାକୁ ପଡ଼ିଛି । ଯେକୌଣସି ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ପ୍ରଶାସନ ସମ୍ପୂର୍ଣ୍ଣ ଆଲର୍ଟ ରହିଛି । ରାମବନ୍ ଜିଲ୍ଲା ପ୍ରଶାସନ କହିଛି ଯେ ପାଣିପାଗ ସ୍ଥିତି ଏବଂ ଚିନାବର ପ୍ରବାହ ଉପରେ ଲଗାତାର ନଜର ରଖାଯାଇଛି । ମେ' ମାସରେ ବନ୍ଦ ହୋଇଥିଲା ବଗଲିହାରର ସବୁ ଗେଟ୍ ପ୍ରାୟ ଦୁଇ ମାସ ପୂର୍ବରୁ ଅର୍ଥାତ୍ ମେ ମାସ ଆରମ୍ଭରେ ଭାରତ ବଗଲିହାର ଡ୍ୟାମର ସମସ୍ତ ଗେଟ୍ ବନ୍ଦ କରିଦେଇଥିଲା । ଭାରତର ଏହି ପଦକ୍ଷେପ ସିନ୍ଧୁ ଜଳ ଚୁକ୍ତିକୁ ସ୍ଥଗିତ ରଖିବା ନୀତି ଅନୁଯାୟୀ ଥିଲା । ଚିନାବ୍ ନଦୀ ଉପରେ ନିର୍ମିତ ବଗଲିହାର ହାଇଡ୍ରୋଇଲେକ୍ଟ୍ରିକ୍ ପାୱାର ପ୍ରୋଜେକ୍ଟ, ଭାରତର ଅନ୍ୟତମ ପ୍ରମୁଖ ହାଇଡ୍ରୋପାୱାର ପ୍ରୋଜେକ୍ଟ । ଏହା ଜମ୍ମୁ-କାଶ୍ମୀରରେ ବିଦ୍ୟୁତ୍ ସଂଚାଳନ ଏବଂ ଜଳପ୍ରବାହ ନିୟନ୍ତ୍ରଣ ଉଭୟ ପାଇଁ ଗୁରୁତ୍ୱପୂର୍ଣ୍ଣ ।

ଡ୍ୟାମ୍ ଗେଟ୍ ଖୋଲିବା ଦ୍ୱାରା ପାକିସ୍ତାନର କ'ଣ ହେବ ?

ମୌସୁମୀ ଋତୁରେ ଯେତେବେଳେ ବଗଲିହାର ଡ୍ୟାମରୁ ପାଣି ଛଡ଼ାଯାଏ, ସେତେବେଳେ ତଳିଆ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥାଏ । ପାକିସ୍ତାନର ସିଆଲକୋଟ୍ ନିକଟରେ ଥିବା 'ମରାଲା ହେଡୱର୍କସ' ଏହାଦ୍ୱାରା ସବୁଠାରୁ ପ୍ରଥମେ ପ୍ରଭାବିତ ହୋଇପାରେ ।

ଭାରତ ସିନ୍ଧୁ ଜଳ ଚୁକ୍ତି ସ୍ଥଗିତ କରିବା ପରେ ମଧ୍ୟ ପାକିସ୍ତାନକୁ ଯେକୌଣସି ସମ୍ଭାବ୍ୟ ବିପଦ ବିଷୟରେ ଆଗୁଆ ସତର୍କ କରାଇବାର ପରମ୍ପରା ବଜାୟ ରଖିଛି । କିନ୍ତୁ ଚୁକ୍ତିରେ ବିବାଦ ଯୋଗୁଁ ପାକିସ୍ତାନକୁ 'ରିଅଲ-ଟାଇମ୍ ହାଇଡ୍ରୋଲିକ୍ ଡାଟା' ନମିଳିବାର ଯେଉଁ ସମସ୍ୟା ଭୋଗିବାକୁ ପଡ଼ିପାରେ, ତାର ଆଶଙ୍କା ରହିଛି । ଚିନାବ୍ ନଦୀର ପାଣି ପାକିସ୍ତାନର କୃଷି ଅର୍ଥନୀତି ପାଇଁ ସଞ୍ଜୀବନୀ ସଦୃଶ । କିଛି ଦିନ ପୂର୍ବରୁ ପାକିସ୍ତାନ ବଗଲିହାର ଗେଟ୍ ବନ୍ଦ ହେବା ଯୋଗୁଁ ପାଣି ବୁନ୍ଦାଏ ପାଇଁ ଛଟପଟ ହେବା ଆଶଙ୍କାରେ ଛାତି ପିଟୁଥିଲା । କିନ୍ତୁ ଏବେ ସେହି ନଦୀ ପାଣିରେ ହଠାତ୍ ବନ୍ୟା ଆସିବା ଯୋଗୁଁ ତାର ଚାଷଜମିର ଫସଲ ସମ୍ପୂର୍ଣ୍ଣ ନଷ୍ଟ ହେବାର ଆଶଙ୍କା ମଧ୍ୟ ଦେଖାଦେଇଛି ।

# ଇସିଙ୍କ ନିକଟରେ ଜବାବ ଦାଖଲ କଲେ ମମତାଙ୍କ ଗୋଷ୍ଠୀ

**କୋଲକାତା:** ତୃଣମୂଳ କଂଗ୍ରେସ ଦଳକୁ ନେଇ ରତବ୍ରତ ବାନାର୍ଜୀଙ୍କ ନେତୃତ୍ୱାଧୀନ ବିଦ୍ରୋହୀ ଗୋଷ୍ଠୀ କରିଥିବା ଦାବି ଉପରେ ଆଜି ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ଗୋଷ୍ଠୀ ନିର୍ବାଚନ କମିସନ (ଇସି)ଙ୍କ ନିକଟରେ ଜବାବ ଦାଖଲ କରିଛି। ମମତାଙ୍କ ନେତୃତ୍ୱାଧୀନ ଗୋଷ୍ଠୀ ବିଦ୍ରୋହୀ ଗୋଷ୍ଠୀଙ୍କ ଦାବିକୁ ବେଆଇନ ଓ ତ୍ରୁଟିପୂର୍ଣ୍ଣ ବୋଲି କହିଛନ୍ତି ଏବଂ ଦଳୀୟ ସମ୍ବିଧାନ ଅଧୀନରେ ଏଆଇଟିସି ସାଂଗଠନିକ କମିଟି ୨୦୨୭ ପର୍ଯ୍ୟନ୍ତ ବୈଧ ରହିବ ବୋଲି କହିଛନ୍ତି। ନିର୍ବାଚନ କମିସନଙ୍କ ନିକଟରେ ଜବାବ ଦାଖଲ ପରେ ଟିଏମ୍ସି ସାଂସଦ କଲ୍ୟାଣ ବାନାର୍ଜୀ କହିଛନ୍ତି, ବିଦ୍ରୋହୀ ନେତା ରତବ୍ରତ ବାନାର୍ଜୀଙ୍କ ଦ୍ୱାରା କରାଯାଇଥିବା ପ୍ରତିନିଧିତ୍ୱର ଜବାବରେ ଏକ ବିସ୍ତୃତ ଜବାବ ଦାଖଲ କରାଯାଇଛି। ଏଆଇଟିସି କମିଟି ଏବଂ ଜାତୀୟ କାର୍ଯ୍ୟକାରିଣୀ କମିଟିର କାର୍ଯ୍ୟକାଳ ୨୦୨୫ରେ ଶେଷ ହୋଇଥିବା ସଂକ୍ରାନ୍ତ ବିଦ୍ରୋହୀ ଗୋଷ୍ଠୀର ପ୍ରମୁଖ ଦାବିକୁ ପ୍ରତ୍ୟାଖ୍ୟାନ କରି ମମତାଙ୍କ ଗୋଷ୍ଠୀ କହିଛନ୍ତି, ଦଳର ସମ୍ବିଧାନ ସଂଶୋଧନ ହୋଇଛି। ପୂର୍ବରୁ ଦଳୀୟ କମିଟିର କାର୍ଯ୍ୟକାଳ ୩ ବର୍ଷ ଥିଲା। ୨୦୦୦ ମସିହାରେ



ଏହା ୪ ବର୍ଷକୁ ବୃଦ୍ଧି ପାଇଥିଲା ଏବଂ ୨୦୦୬ରେ ୫ ବର୍ଷକୁ ବୃଦ୍ଧି ପାଇଥିଲା। ଦଳୀୟ ସମ୍ବିଧାନରେ ଏହି ସଂଶୋଧନ ସଂକ୍ରାନ୍ତରେ ମଧ୍ୟ ନିର୍ବାଚନ କମିସନଙ୍କୁ ଅବଗତ କରାଯାଇଥିଲା। ଦଳର ଶେଷ ସାଂଗଠନିକ ନିର୍ବାଚନ ୨୦୨୨ରେ ହୋଇଥିଲା। ତେଣୁ ସ୍ୱତଃପ୍ରବୃତ୍ତ ଭାବେ ଏଆଇଟିସି ଏବଂ ଜାତୀୟ କାର୍ଯ୍ୟକାରିଣୀ କମିଟିର କାର୍ଯ୍ୟକାଳ ୫ ବର୍ଷ ପର୍ଯ୍ୟନ୍ତ ରହିବ। ଦଳର ସାଂଗଠନିକ ଗଠନକୁ ନେଇ ବିଦ୍ରୋହୀ ଗୋଷ୍ଠୀ କରିଥିବା ଦାବିକୁ ମମତାଙ୍କ ଗୋଷ୍ଠୀ ତ୍ରୁଟିପୂର୍ଣ୍ଣ ବୋଲି କହିଛନ୍ତି। ମମତାଙ୍କ ଗୋଷ୍ଠୀ ଇସିଙ୍କ ନିକଟରେ କହିଛନ୍ତି ଯେ, ଏକ ସ୍ୱତନ୍ତ୍ର ଅଧିବେଶନ ଦ୍ୱାରା ବିଦ୍ରୋହୀ ଗୋଷ୍ଠୀ ତୃଣମୂଳ ସଂଶୋଧନର ଉଲ୍ଲଂଘନ କରିଛନ୍ତି।

# ଏନ୍‌ଆଇଏ ଅତିରିକ୍ତ ଚାର୍ଜସିଟରେ ହାଫିଜ


**ଶ୍ରୀନଗର:** ୨୦୨୫ ପହଲଗାମ ଆତଙ୍କବାଦୀ ଆକ୍ରମଣ ମାମଲାରେ ପାକିସ୍ତାନ ଷଡ୍ଯନ୍ତ୍ରକୁ ପ୍ରମାଣ କରିବା ଦିଗରେ ଏକ ପଡ଼ ପଦକ୍ଷେପ ଗ୍ରହଣ ସ୍ୱରୂପ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଆଜି ଏକ ଅତିରିକ୍ତ ଚାର୍ଜସିଟ୍ ଦାଖଲ କରିଛି । ଏନ୍‌ଆଇଏ ଅତିରିକ୍ତ ଚାର୍ଜସିଟ୍ରେ ପାକିସ୍ତାନ ଆତଙ୍କବାଦୀ ଗୋଷ୍ଠୀ ଏଲ୍ଇଟି ( ଲସ୍କର-ଏ-) ମୁଖ୍ୟ ହାଫିଜ ସୟିଦର ନାଁ ରହିଛି। ଜମ୍ମୁର ଏନ୍‌ଆଇଏ ସ୍ୱତନ୍ତ୍ର କୋର୍ଟରେ ଦାଖଲ ହୋଇଥିବା ଅତିରିକ୍ତ ଚାର୍ଜସିଟ୍ରେ ସୟିଦର ନାମ ଏହି ଆକ୍ରମଣ ଷଡ୍ଯନ୍ତ୍ର ପାଇଁ ତା'ର ବ୍ୟକ୍ତିଗତ ଦକ୍ଷତା ଏବଂ ନିଷିଦ୍ଧ ଏଲ୍ଇଟି ଓ ଏହାର ପ୍ରକ୍ସି ଟିଆର୍ଏଫ୍ (ଦି ରେଜିଷ୍ଟାନ୍ସ ଫ୍ରଣ୍ଟ)ର ମୁଖ୍ୟ ଭାବେ ଦର୍ଶାଯାଇଛି। ଏନ୍‌ଆଇଏ ଅନୁଯାୟୀ ଅତିରିକ୍ତ ଚାର୍ଜସିଟ୍ରେ ସଦ୍ୟ ପ୍ରମାଣ, ପାକିସ୍ତାନ ସମର୍ଥିତ ଷଡ୍ଯନ୍ତ୍ରର ବିସ୍ତୃତ ସୂଚନା, ଆକ୍ରମଣରେ ହାଫିଜ ସୟିଦର ଭୂମିକା ଏବଂ ବୈଜ୍ଞାନିକ ଅନୁଶୀଳନ ଦ୍ୱାରା ମିଳିଥିବା ପ୍ରମାଣ ଆଦି ରହିଛି। ଉଲ୍ଲେଖଯୋଗ୍ୟ ଗତବର୍ଷ ଡିସେମ୍ବର ୧୫ ତାରିଖରେ ଏନ୍‌ଆଇଏ ଏହି ମାମଲାରେ ୧୫୯୭ ପୃଷ୍ଠାର ଚାର୍ଜସିଟ୍ ଦାଖଲ କରିଥିଲା। ସୟିଦ ହେଉଛି ଦେଶର ମୋଷ୍ଟ ୱାଣ୍ଟେଡ୍ ଆତଙ୍କବାଦୀ । ୨୬/୧୧ ମୁମ୍ବାଇ ଆକ୍ରମଣ ସମେତ ଅନେକ ଆକ୍ରମଣରେ ତା'ର ସମ୍ପୃକ୍ତି ରହିଛି। ବିଏନ୍ଏସ ( ଭାରତୀୟ ନ୍ୟାୟ ସଂହିତା)




ଏବଂ ବେଆଇନ କାର୍ଯ୍ୟ ନିବାରଣ ଆଇନର ବିଭିନ୍ନ ଧାରା ଅଧୀନରେ ଏନ୍‌ଆଇଏ ତା' ବିରୋଧରେ ଚାର୍ଜସିଟ୍ ଦାଖଲ କରିଛି। ଏନ୍‌ଆଇଏ କହିଛି ଯେ ସୀମା ବାହାରୁ ଭାରତୀୟ ମାଟିରେ ଆତଙ୍କବାଦୀ କାର୍ଯ୍ୟକଳାପରେ ସମ୍ପୃକ୍ତ ରହୁଥିବା ପାକିସ୍ତାନ ଷଡ୍ଯନ୍ତ୍ରର ପର୍ଦ୍ଦାଫାସ ପାଇଁ ଲଗାତାର ତଦନ୍ତ ଜାରି ରହିଛି। ଉଲ୍ଲେଖଯୋଗ୍ୟ, ଏନ୍‌ଆଇଏର ପ୍ରଥମ ଚାର୍ଜସିଟ୍ରେ ୩ ପାକିସ୍ତାନୀ ଆତଙ୍କବାଦୀ ଫୈସଲ ଜାଟ୍ଟ ଓରଫ ସୁଲେମାନ, ହବିବ ତାହିର ଓରଫ ଜିବରନ ଭାଇ ଓ ହମ୍ଜା ଆଫଗାନୀର ନାମ ରହିଥିଲା । ।

# ଚମ୍ପତ ରାଏଙ୍କ ଇସ୍ତଫା ମଞ୍ଜୁର

**ଲକ୍ଷ୍ନୌ:** ରାମ ମନ୍ଦିରେ ଦାନ ଚୋରି ହେବା ପରେ, ଶ୍ରୀ ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟ ସାଧାରଣ ସମ୍ପାଦକ ଚମ୍ପତ ରାୟ ଏବଂ ଟ୍ରଷ୍ଟି ଅନିଲ ମିଶ୍ରଙ୍କ ଇସ୍ତଫା ଗ୍ରହଣ କରିଛି । ଟ୍ରଷ୍ଟ ଅବସରପ୍ରାପ୍ତ ଆଇଏଫଏସ ଅଧିକାରୀ କୃଷ୍ଣ ମୋହନଙ୍କୁ କାର୍ଯ୍ୟକାରୀ ସାଧାରଣ ସମ୍ପାଦକ ଭାବରେ ନିଯୁକ୍ତ କରିଛି । କାର୍ଯ୍ୟଭାର ଗ୍ରହଣ କରିବା ପରେ, କୃଷ୍ଣ ମୋହନ କହିଥିଲେ ଯେ ଚୋରି ପାଇଁ ଦୋଷୀମାନଙ୍କୁ ଆଇନ



## ଅଯୋଧ୍ୟା ରାମମନ୍ଦିର ଦାନବାକ୍ସ ଚୋରି ମାମଲା

ଅନୁଯାୟୀ କଠୋର ଦଣ୍ଡ ଦିଆଯିବ । ଚମ୍ପତ ରାୟଙ୍କ ଇସ୍ତଫା ପରେ ସମସ୍ତଙ୍କ ନଜର, ରାମ ମନ୍ଦିର ଟ୍ରଷ୍ଟର ପରବର୍ତ୍ତୀ ନୂଆ ମହାସଚିବ କିଏ ହେବେ ତାହା ଉପରେ ରହିଛି । ଏହି ଦୌଡ଼ରେ ବିଶ୍ୱ ହିନ୍ଦୁ ପରିଷଦର ଅନ୍ତର୍ଜାତୀୟ ମହାମନ୍ତ୍ରୀ ବଜରଙ୍ଗ ଲାଲ୍ ବାଗଡାଙ୍କ ନାମ ସବୁଠାରୁ ଆଗରେ ରହିଛି । ରାଜସ୍ଥାନର ସୀକର ଜିଲ୍ଲାର ମୂଳ ବାସିନ୍ଦା ବଜରଙ୍ଗ ଲାଲ୍ ବାଗଡା ହିନ୍ଦୁତ୍ୱବାଦୀ ସଂଗଠନ ବିଏଚପିର ଜଣେ ପ୍ରଭାବଶାଳୀ ଏବଂ ଶିକ୍ଷିତ ଚେହେରା । ଫେବ୍ରୁଆରୀ ୨୦୨୪ରେ ଅଯୋଧ୍ୟାରେ ଅନୁଷ୍ଠିତ ବିଏଚପିର ଏକ ବଡ଼ ବୈଠକରେ ତାଙ୍କୁ ସର୍ବସମ୍ମତି କ୍ରମେ ସଂଗଠନର କେନ୍ଦ୍ରୀୟ ଏବଂ ଅନ୍ତର୍ଜାତୀୟ ମହାମନ୍ତ୍ରୀ ଚୟନ କରାଯାଇଥିଲା । ବଜରଙ୍ଗ ଲାଲ୍ କେବଳ ଜଣେ ସଂଗଠକ ନୁହନ୍ତି ବରଂ ତାଙ୍କର ପୁରୁଣା ଟ୍ରାକ୍ ରେକର୍ଡ ମଧ୍ୟ ବେଶ ପ୍ରଭାରୀ । ସେ ପେଶାରେ ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଏବଂ ଦେଶର କର୍ପୋରେଟ୍ ସେକ୍ଟର ସହିତ ବଡ଼ ବଡ଼ ପ୍ରଶାସନିକ ପଦବୀରେ କାମ କରିବାର ଦୀର୍ଘ ଅନୁଭବ ରହିଛି । ସେ ନିଜର ସ୍ୱଚ୍ଛ ଭାବମୂର୍ତ୍ତି ଏବଂ କାର୍ଯ୍ୟଶୈଳୀ ପାଇଁ ଜଣାଶୁଣା । ବଜରଙ୍ଗ ଲାଲ୍ ବାଗଡାଙ୍କ ପ୍ରୋଫାଇଲ୍ କୌଣସି ସାଧାରଣ ନେତାଙ୍କ ଭଳି ନୁହେଁ । ସେ ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧୀନରେ ଆସୁଥିବା 'ନବରତ୍ନ' ନାଲକୋର ଚେୟାରମ୍ୟାନ୍ ତଥା ପରିଚାଳନା ନିର୍ଦ୍ଦେଶକ ରହିସାରିଛନ୍ତି । ନାଲକୋର ଶୀର୍ଷ ପଦବୀରୁ ସ୍ୱେଚ୍ଛାକୃତ ଅବସର ନେବା ପରେ ସେ ନିଜର ସମ୍ପୂର୍ଣ୍ଣ ସମୟ ସମାଜ ଏବଂ ସଂଗଠନ କାର୍ଯ୍ୟରେ ଲଗାଇବାକୁ ନିଷ୍ପତ୍ତି ନେଇଥିଲେ । ବିଏଚପିରେ ସାମିଲ ହେବା ପରେ ସେ ପ୍ରଥମେ ଜାତୀୟ ସମ୍ପାଦକ ହୋଇଥିଲେ । ପରେ ନିଜ ଯୋଗ୍ୟତା ବଳରେ ଅନ୍ତର୍ଜାତୀୟ ମହାମନ୍ତ୍ରୀ ପଦରେ ପହଞ୍ଚିଥିଲେ । ଜନସଂଖ୍ୟା ଅସନ୍ତୁଳନ, ଧର୍ମାନ୍ତରୀକରଣ ଏବଂ ମନ୍ଦିରଗୁଡ଼ିକର ଆର୍ଥିକ ପରିଚାଳନା ଭଳି ଗମ୍ଭୀର ବିଷୟଗୁଡ଼ିକରେ ସେ ସର୍ବଦା ଦୃଢ଼ ଯୁକ୍ତି ରଖିଆସିଛନ୍ତି ।

ଦୌଡ଼ରେ ବାଗଡାଙ୍କ ନାମ କାହିଁକି ସବୁଠାରୁ ଆଗରେ ? ଅଯୋଧ୍ୟା ଦାନ ଚୋରି ମାମଲା ପରେ ଟ୍ରଷ୍ଟର ବିଶ୍ୱସନୀୟତାକୁ ପୁଣି ଥରେ ମଜବୁତ କରିବା ପାଇଁ ଏଭଳି ଏକ ଚେହେରାର ଆବଶ୍ୟକତା ରହିଛି, ଯିଏ ଆର୍ଥିକ ମାମଲାର ଏକ୍ସପର୍ଟ ହୋଇଥିବେ । ଏହି କାରଣରୁ ବଜରଙ୍ଗ ଲାଲ୍ ବାଗଡ଼ାଙ୍କୁ ପ୍ରଥମ ପସନ୍ଦ କୁହାଯାଉଛି । ଏହି ଦୌଡରେ ଟ୍ରଷ୍ଟି କୃଷ୍ଣମୋହନଙ୍କ ନାଁ ରହିଛି । ସେ ଭାରତୀୟ ବନ ସେବାର ଅବସରପ୍ରାପ୍ତ ଅଫିସର ଏବଂ ବର୍ତ୍ତମାନ ଆରଏସଏସର ପୂର୍ବ ୟୁପିର ସଂଘଚାଳକ ଅଛନ୍ତି । ବିଶେଷ କଥା ହେଉଛି, ଦାନ ଚୋରି ମାମଲାରେ ଏଫଆଇଆର ମଧ୍ୟ କୃଷ୍ଣମୋହନ ହିଁ ଦାୟର କରିଥିଲେ ।

# ରୋନାଲ୍ଡୋଙ୍କ ଶେଷ ବିଶ୍ୱକପ

ନୂଆଦିଲ୍ଲୀ,୬।୭(ଏଜେନ୍ସି): ବିଶ୍ୱ ଫୁଟବଲରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ପର୍ତ୍ତୁଗାଲର ପେସାଦାର ଫୁଟବଲ ତାରକା କ୍ରିଷ୍ଟିଆନୋ ରୋନାଲ୍ଡୋ ଆଉ ବିଶ୍ୱକପ ଖେଳିବେ ନାହିଁ। ସୋମବାର ଡଲାସରେ ଖେଳାଯାଇଥିବା ପର୍ତ୍ତୁଗାଲ-ସ୍ପେନ ପ୍ରି-କ୍ୱାର୍ଟରଫାଇନାଲ ମ୍ୟାଚ ପୂର୍ବରୁ ରୋନାଲ୍ଡୋ ଏହି ବଡ଼ ଘୋଷଣା କରିଛନ୍ତି। ଏହି ନିଷ୍ପତ୍ତିରେ ତାଙ୍କର କୌଣସି ଅବଶୋଷ ନଥିବା କହିଛନ୍ତି। ୪୧ ବର୍ଷୀୟ ରୋନାଲ୍ଡୋ ନିଜ କ୍ୟାରିୟରର ଷଷ୍ଠ ବିଶ୍ୱକପ ଖେଳୁଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇଥିବା ରୋନାଲ୍ଡୋ ନିଜ ସନ୍ୟାସ କଥା କହିଛନ୍ତି। ଏହା ମୋର ଶେଷ ବିଶ୍ୱକପ ହେବାକୁଯାଉଛି। ମୁଁ ଆଶା କରୁଛି ଯେ, ସ୍ପେନ ବିପକ୍ଷ ମ୍ୟାଚ ମୋର ଶେଷ ମ୍ୟାଚ ନହେବ। ତାଙ୍କର ଏହି ଭାବୁକ ବୟାନ ପରେ ସେଠାରେ ଉପସ୍ଥିତ ଥିବା ସମସ୍ତ ସାମ୍ବାଦିକ ତାଳିମାରି ତାଙ୍କୁ ସମ୍ମାନ ଜଣାଇଥିଲେ। ମାଞ୍ଚେଷ୍ଟର ୟୁନାଇଟେଡ ଏବଂ ରିୟଲ ମାଦ୍ରିଦର ଏହି ପୂର୍ବତନ ତାରକା ଷ୍ଟ୍ରାଇକର ଅବସର ସମ୍ପର୍କରେ ସ୍ପଷ୍ଟ କରୁନଥିଲେ। ୨୦୩୦ ବିଶ୍ୱକପ ବେଳକୁ ତାଙ୍କୁ ୪୫ ବର୍ଷ ହୋଇଥିବ। ପ୍ରଥମେ ସେ କହିଥିଲେ ମୁଁ କେବେ ଅବସର ନେବି ତାହା ମୁଁ ନିଜେ ସ୍ଥିର କରିବି। ଆପଣମାନେ ସବୁ ବେଳେ ସେହି ଗୋଟିଏ ପ୍ରଶ୍ନ ପଚାରୁଛନ୍ତି। କିନ୍ତୁ ବର୍ତ୍ତମାନ ମୋର ଚିନ୍ତା ଯେ, ପରବର୍ତ୍ତୀ ମ୍ୟାଚରେ କିଭଳି ଭଲ ପ୍ରଦର୍ଶନ କରିବେ। ରୋନାଲ୍ଡୋ ଦୀର୍ଘ ବର୍ଷ ଧରି କୌଣସି ଅଭାବ ବା ଆବଶ୍ୟକତା ପାଇଁ ଫୁଟବଲ ଖେଳୁନାହାନ୍ତି। ବରଂ ଏହା ତାଙ୍କର ଫୁଟବଲ ଖେଳ ପ୍ରତି ଭଲ ପାଇବା। ପର୍ତ୍ତୁଗାଲ ପାଇଁ ଅନ୍ତର୍ଜାତୀୟ ମ୍ୟାଚ ଖେଳିବାକୁ ସେ ପସନ୍ଦ କରନ୍ତି। ସେଥିପାଇଁ ମ୍ୟାଚ ଜିତିବା ଲାଗି ସେ ନିଜ ଉପରେ କୌଣସି ପ୍ରକାର ମାନସିକ ଚାପ ପକାଇବାକୁ ଚାହାଁନ୍ତି ନାହିଁ।



# ଅବସର ନେଲେ ନେମାର

ନୂଆଦିଲ୍ଲୀ,୬।୭(ଏଜେନ୍ସି): ବ୍ରାଜିଲ ଫୁଟବଲ କିମ୍ବଦନ୍ତୀ ନେମାର ଅନ୍ତର୍ଜାତୀୟ ଫୁଟବଲରୁ ଅବସର ଘୋଷଣା କରିଛନ୍ତି। ୨୦୨୬ ଫିଫା ବିଶ୍ୱକପରୁ ତାଙ୍କ ଦଳ ବାଦ ପଡିବା ପରେ ସେ ଏହି ନିଷ୍ପତ୍ତି ନେଇଛନ୍ତି। ସୋମବାର ରାଉଣ୍ଡ ଅଫ୍ ୧୬ ମ୍ୟାଚରେ ବ୍ରାଜିଲକୁ ୨-୧ ଗୋଲରେ ପରାସ୍ତ କରି ନରୱେ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଥିଲା। ମ୍ୟାଚ ସମୟରେ ନେମାର ଭାଗପ୍ରବଣ ଦେଖାଯାଉଥିଲେ। ସେହି ଆଶା କରିନଥିଲେ ଯେ ନରୱେ ବ୍ରାଜିଲକୁ ପରାସ୍ତ କରିବ। ଏବଂ ବିଶ୍ୱକପରୁ ଅଭିଯାନ ସରିବ। ନେମାର ତାଙ୍କ ଦଳର ପରାଜୟରେ ମର୍ମାହତ ହୋଇ ଅବସର ନେବାକୁ ନିଷ୍ପତ୍ତି ନେଇଥିଲେ। ଏହି ମ୍ୟାଚରେ ବ୍ରାଜିଲ ପାଇଁ ନେମାର ଏକମାତ୍ର ଗୋଲ ଦେଇଥିଲେ। ତଥାପି ତାଙ୍କ ଦଳ ଗୋଟିଏ ଦଳ ପଛରେ ରହିଯାଇଥିଲା। ମ୍ୟାଚ ପରେ ନେମାର କହିଥିଲେ ଯେ, ସେ ତାଙ୍କ ଦଳକୁ ଜିତାଇବା ପାଇଁ ସର୍ବୋତ୍ତମ ଚେଷ୍ଟା କରିଥିଲେ। କିନ୍ତୁ ସଫଳ ହୋଇନଥିଲେ। ମ୍ୟାଚର ଶେଷ ହ୍ୱିସିଲ ବାଜିବା ପରେ ବ୍ରାଜିଲ ବିଶ୍ୱକପରୁ ବିଦାୟ ନେଇଥିଲା। ନେମାର ଆନୁଷ୍ଠାନିକ ଭାବେ ତାଙ୍କର ଅବସର ଘୋଷଣା କରିଥିଲେ। ମୁଁ ବହୁତ ଚେଷ୍ଟା କରିଥିଲି କିନ୍ତୁ ସବୁ କିଛି ଶେଷ ହୋଇଗଲା। ମୁଁ କ୍ଲାନ୍ତ, ମୁଁ ମେଟ ଲାଇଫ ଷ୍ଟାଡିୟମରେ ଯାତ୍ରା ଆରମ୍ଭ କରିଥିଲି ଏବଂ ଏଠାରେ ମୋର ଅନ୍ତର୍ଜାତୀୟ ଯାତ୍ରା ଶେଷ କରୁଛି ବୋଲି ନେମାର କହିଛନ୍ତି।



# ରେଡକାର୍ଡ ପରେ ବି ଖେଳିବାକୁ କେମିତି ମିଳିଲା ଅନୁମତି ?

ନୂଆଦିଲ୍ଲୀ,୬।୭(ଏଜେନ୍ସି): ଫିଫା ବିଶ୍ୱକପ ୨୦୨୬ରେ ଆମେରିକାର ତାରକା ଷ୍ଟ୍ରାଇକର ଫୋଲାରିନ ବାଲୋଗୁନଙ୍କୁ ନେଇ ଏଭଳି ଏକ ବିବାଦ ସାମ୍ନାକୁ ଆସିଛି। ଯାହାର ଚର୍ଚ୍ଚା ସାରା ଦୁନିଆରେ ହେଉଛି। କାରଣ ରେଡକାର୍ଡ ପରେ ମଧ୍ୟ ଫିଫା ହଠାତ ନିଷ୍ପତ୍ତି ବଦଳାଇବା ଏଥିରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭୂମିକା ରହିବା ନେଇ ଚର୍ଚ୍ଚା ହେଉଛି।

ଆମେରିକା ରାଉଣ୍ଡ ଅଫ୍ ୩୨ର ନକଆଉଟ ମୁକାବିଲାରେ ବୋସନିଆକୁ ୨-୦ ଗୋଲରେ ହରାଇଥିଲା। ଏହି ମ୍ୟାଚରେ ବାଲେଗୁଲ ଏକ ସୁନ୍ଦର ଗୋଲ କରିଥିଲେ। କିନ୍ତୁ ମ୍ୟାଚ ସମୟରେ ତାଙ୍କ ଗୋଡ ବୋସନିଆର ଡିଫେଣ୍ଡର ତାରିକ ମୁହାରୋମୋଭିଚଙ୍କ ଗୋଡରେ ବାଜିଥିଲା। ପଡିଆରେ ଥିବା ବ୍ରାଜିଲ ରେଫରୀ ରାଫେଲ କ୍ଲସ ରିଭ୍ୟୁରେ ଘଟଣାଟି ପୁଣିଥରେ ଦେଖିବାକୁ କହିଥିଲେ। ସ୍ଲୋମୋସନ ରିପ୍ଲେ ଦେଖିବା ପରେ ରେଫରୀ ବାଲୋନଗୁନଙ୍କୁ ସିଧାସଳଖ ରେଡକାର୍ଡ ଦେଖାଇ ପଡିଆରୁ ବିଦା କରିଥିଲେ। ଫିଫା ଦୁଇ ଦିନ ପରେ ସ୍ପଷ୍ଟ କରିଥିଲା ଯେ, ରେଡକାର୍ଡ ସଠିକ। ନିୟମ ଅନୁଯାୟୀ ବାଲଗୁନ ପରବର୍ତ୍ତୀ ମ୍ୟାଚରେ ଖେଳି ପାରିବେ ନାହିଁ। ଅର୍ଥାତ୍ ବେଲଜିୟମ ବ୍ୟତୀତ ପ୍ରି-କ୍ୱାର୍ଟରଫାଇନାଲରୁ ସେ ବାଦ ପଡିବା ନିଶ୍ଚିତ ଥିଲା। ରବିବାର ଫିଫା ହଠାତ ନିଜର ନିଷ୍ପତ୍ତି ବଦଳାଇଥିଲା। ବାଲେଗୁନ ଏବେ ବେଲଜିୟମ ବିପକ୍ଷରେ ଖେଳିପାରିବେ ବୋଲି ଫିଫା କହିଥିଲା। ଯଦିଓ ଫିଫା ରେଡକାର୍ଡକୁ ସମ୍ପୂର୍ଣ୍ଣ ଭାବେ ଶେଷ କରିନାହିଁ। ତାହା ଏକବର୍ଷ ପର୍ଯ୍ୟନ୍ତ ରେକର୍ଡରେ ରହିବ। ଏହି ସମୟ ମଧ୍ୟରେ ବାଲେଗୁନ ପୁଣି ଗୁରୁତର ଫାଉଲ ମାରିନ୍ତି ତେବେ ଗୋଟିଏ ମ୍ୟାଚର ବ୍ୟାନ ତୁରନ୍ତ ଲାଗୁ ହେବ।

ଫିଫାର ନିୟମରେ ଏକ ପ୍ରାବଧନ ରହିଛି। ଯାହାକୁ ଆର୍ଟିକିଲ-୨୭ କୁହାଯାଏ। ଏହାର ଅଧିନରେ ଫିଫାର ନ୍ୟାୟକ ସମିତି କୌଣସି ଅନୁସାଶାନଗତ ଦଣ୍ଡକୁ ସମ୍ପୂର୍ଣ୍ଣ କିମ୍ବା ଆଂଶିକ ଭାବେ ସ୍ଥଗିତ ରଖିପାରିବେ। ସାଧାରଣ ଭାବେ ସିଧାସଳଖ ରେଡକାର୍ଡ ବିରୋଧରେ ଅପିଲ କରାଯାଇପାରିବ ନାହିଁ। କିନ୍ତୁ ଆର୍ଟିକିଲ-୨୭ ଫିଫାକୁ ବିଶେଷ ପରିସ୍ଥିତିରେ ନିଜର ନିଷ୍ପତ୍ତି ବଦଳାଇବାର ଅଧିକାର ଦେଇଥାଏ। ଫିଫା ଏହି ନିୟମ ବ୍ୟବହାର କରି ବାଲୋଗୁନଙ୍କ ପ୍ରତିବନ୍ଧକକୁ ହଟାଇ ଦିଆଯାଇଛି। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବୁଧବାରରୁ ରବିବାର ମଧ୍ୟରେ ଫିଫା ଅଧିକାରୀଙ୍କୁ ୩ଥର ଫୋନ କରିଥିଲେ। ଦାବି କରାଯାଉଛି ଯେ, ବାଲୋଗୁନଙ୍କ ଉପରେ ଲାଗିଥିବା ପ୍ରତିବନ୍ଧକ ହଟାଇବାକୁ ଟ୍ରମ୍ପ ଫିଫାକୁ କହିଥିଲେ। ହ୍ୱାଇର୍ଟହାଉସ କିମ୍ବା ଫିଫା ଏହା ଉପରେ କୌଣସି ପ୍ରତିକ୍ରିୟା ଦେଇନାହିଁ। ରବିବାର ଫିଫା ଯେତେ ବେଳେ ନିଷ୍ପତ୍ତି ବଦଳାଇଲା ସେତେବେଳେ ଟ୍ରମ୍ପ ନିଜ ସୋସିଆଲ ମିଡ଼ିଆ ପ୍ଲାର୍ଟଫର୍ମରେ ଫିଫା ଠିକ କରିଛି ବୋଲି ସେ କହିଥିଲେ।



# ମେକ୍ସିକୋକୁ ପରାସ୍ତ କରି କ୍ୱାର୍ଟରରେ ଇଂଲଣ୍ଡ

ମେକ୍ସିକୋ ସିଟି,୬।୭(ଏଜେନ୍ସି): ଫିଫା ବିଶ୍ୱକପର ଏକ ରୋମାଞ୍ଚକର ପ୍ରି-କ୍ୱାର୍ଟରଫାଇନାଲ ମ୍ୟାଚରେ ଇଂଲଣ୍ଡ ଆୟୋଜକ ମେକ୍ସିକୋକୁ ୩-୨ ଗୋଲରେ ପରାସ୍ତ କରି କ୍ୱାର୍ଟରଫାଇନାଲ ମ୍ୟାଚରେ ପ୍ରବେଶ କରିଛି। ଶେଷ ମୁହୂର୍ତ୍ତ ମଧ୍ୟରେ ଉଭୟ ଦଳ ମଧ୍ୟରେ କଡା ସଂଘର୍ଷ ଦର୍ଶକଙ୍କ ଉତ୍ସାହକୁ ଚରମସୀମକୁ ନେଇଥିଲା। ଇଂଲଣ୍ଡ ଫୁଟବଲ ଦଳର ସ୍ମରଣୀୟ ବିଜୟ ବୋଲି କୁହାଯାଇଛି। କାରଣ ୧୦ ଜଣ ଖେଳାଳିଙ୍କ ସହ ଇଂଲଣ୍ଡ ମ୍ୟାଚ ଖେଳିଥିଲା। ପରାଜୟ ସହ ମେକ୍ସିକୋ ବିଶ୍ୱକପରୁ ବିଦାୟ ନେଇଛି। କ୍ୱାର୍ଟରଫାଇନାଲରେ ଇଂଲଣ୍ଡ ଓ ନରୱେ ପରସ୍ପରକୁ ଭେଟିବେ।

ମ୍ୟାଚ ଆରମ୍ଭରୁ ମେକ୍ସିକୋ ଆକ୍ରମଣାତ୍ମ ଖେଳ ପ୍ରଦର୍ଶନ କରିଥିଲେ ମଧ୍ୟ ଇଂଲଣ୍ଡ ଧୀରେ ଧୀରେ ମ୍ୟାଚ ଉପରେ ନିୟନ୍ତ୍ରଣ ଆଣିଥିଲା। ୩୬ତମ ମିନିଟରେ ବୁକାୟୋ ଶାକାଙ୍କ ଚମତ୍କାର କ୍ରସକୁ ଜୁଡ ବେଲିଂହାମ ହେଡ ମାଧ୍ୟମରେ ଗୋଲରେ ପରିଣତ କରି ଇଂଲଣ୍ଡକୁ ଆଗୁଆ କରିଥିଲେ। ମାତ୍ର ୨ ମିନିଟ ପରେ ବେଲିଂହାମ ପୁଣିଥରେ ଗୋଲ କରି ଦଳକୁ ୨-୦ରେ ଆଗୁଆ କରିଥିଲେ। ୪୨ତମ ମିନିଟରେ ଜୁଲିଆନ୍ କ୍ୱିନୋନେସ ମେକ୍ସିକୋ ପକ୍ଷରୁ ଗୋଲ ପରିଷଦ କରି ବ୍ୟବଧାନକୁ ୨-୧ କରିଥିଲେ।

ମ୍ୟାଚର ୬୦ତମ ମିନିଟରେ ହ୍ୟାରିକେନ ପେନାଲ୍ଟିକୁ ସଫଳତାର ସହ ଗୋଲରେ ପରିଣତ କରି ସ୍କୋରକୁ ୩-୧ରେ କରିଥିଲେ। ୬୯ତମ ମିନିଟରେ ରାଉଲ ଜିମେନେଜ ପେନାଲ୍ଟିରୁ ମେକ୍ସିକୋର ଦ୍ୱିତୀୟ ଗୋଲ କରି ରୋମାଞ୍ଚ ବଢ଼ାଇଥିଲେ। ଶେଷ ହ୍ୱିସିଲ ବାଜିବା ସହିତ ଇଂଲଣ୍ଡ ୩-୨ ଗୋଲରେ ବିଜୟୀ ହୋଇ କ୍ୱାର୍ଟରଫାଇନାଲରେ ସ୍ଥାନ ସୁରକ୍ଷିତ କରିଥିଲେ।




## ୱିମ୍ବଲଡନ

# ଫେଡେରରଙ୍କୁ ଟପିଲେ ଜୋକୋଭିକ

ଲଣ୍ଡନ,୬।୭(ଏଜେନ୍ସି): ସର୍ବିଆର ପେସାଦାର ପୁରୁଷ ଟେନିସ୍ ଖେଳାଳି ରୋଜର ଫେଡେରର ଚଳିତ ୱିମ୍ବଲଡନରେ ଏକାଧିକ ରେକର୍ଡ କରିଛନ୍ତି। ଜମାଣିଆ ବିଜୟ ସହ ସେ କ୍ୱାର୍ଟରଫାଇନାଲରେ ପ୍ରବେଶ କରି ସ୍ୱିଜରଲାଣ୍ଡର ମହାନ୍ ଖେଳାଳ ରୋଜର ଫେଡେରରଙ୍କ ୱିମ୍ବଲଡନ ରେକର୍ଡକୁ ପଛରେ ପକାଇଛନ୍ତି। ୨୪ ଥର ଗ୍ରାଣ୍ଡସ୍ଲାମ ଚାମ୍ପିଅନ ଜୋକୋଭିକ ୱିମ୍ବଲଡନ ପ୍ରି-କ୍ୱାର୍ଟରଫାଇନାଲ ମ୍ୟାଚରେ ରୁଷିଆର ରୋମାନ ସାଫି ଉଲିନଙ୍କୁ ୭-୬, ୬-୩, ୩-୬, ୬-୩ ସେଟରେ ପରାସ୍ତ କରିଥିଲେ। ୩ ଘଣ୍ଟା ୨୭ ମିନିଟ ଧରି ଏହି ମ୍ୟାଚ ଚାଲିଥିଲା। ଏହା ଜୋକୋଭିକଙ୍କ ୧୦୬ତମ ୱିମ୍ବଲଡନ ମ୍ୟାଚ ବିଜୟ। ରୋଜର ଫେଡେରରଙ୍କ ନାଁରେ ପୁରୁଷ ସିଙ୍ଗଲ୍ସ ମ୍ୟାଚ ଜିତିବାର ସର୍ବକାଳୀନ ରେକର୍ଡ ରହିଥିଲେ। ଏହାକୁ ଅତିକ୍ରମ କରିଛନ୍ତି ଜୋକୋଭିକ। ଫେଡେରର ମୋଟ ୧୦୫ଟି ମ୍ୟାଚ ଜିତିଥିଲେ। ପରବର୍ତ୍ତୀ ମ୍ୟାଚରେ ଜୋକୋଭିକ ଓ ତୃତୀୟସିଡ ଫେଲିକ୍ସଙ୍କ ମଧ୍ୟରେ ଲଢ଼େଇ ହେବ। କ୍ୱାର୍ଟରଫାଇନାଲରେ ଜୋକୋଭିକ ଓ ଫେଲିକ୍ସ ଆଉଜରଙ୍କ ମଧ୍ୟରେ ଲଢ଼େଇ ହେବ।

### ସାବାଲେଙ୍କାଙ୍କୁ ବିଦା କଲେ ଓସାକା

୪ଥର ଗ୍ରାଣ୍ଡସ୍ଲାମ ଚାମ୍ପିଅନ ଜାପାନର ନାଓମୀ ଓସାକା ବିଶ୍ୱର ନଂ.୧ ଖେଳାଳି ଆର୍ଜାନା ସାବାଲେଙ୍କାଙ୍କୁ ପରାସ୍ତ କରିଛନ୍ତି। ଓସାକା ୬-୨, ୭-୬ ସେଟରେ ବିଜୟୀ ହୋଇ ପ୍ରଥମଥର ୱିମ୍ବଲଡନ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି।

### ଓହରିଲେ ସେରେନା

ଆମେରିକାର ମହିଳା ଟେନିସ୍ ତାରକା ସେରେନା ୱିଲିୟମ୍ସଙ୍କ ପ୍ରତ୍ୟାବର୍ତ୍ତନ ଚମକବିହୀନ ରହିଛି। ୪୪ ବର୍ଷୀୟ ସେରେନା ୱିଲିୟମ୍ସ ୩ ସେଟ ବିଶିଷ୍ଟ ସିଙ୍ଗଲ୍ସ ଲଢ଼େଇରେ ପରାଜିତ ହୋଇ ଆହତ ହୋଇଥିଲେ। ତାଙ୍କ ଆଣ୍ଠୁରେ ଆଘାତ ଲାଗିଛି। ଯନ୍ତ୍ରଣା ଯୋଗୁଁ ସେ ମହିଳା ଡବଲ୍ସରୁ ଓହରି ଯାଇଛନ୍ତି। ଇଞ୍ଜୁରୀ ସମସ୍ୟା ପାଇଁ ଖେଳକୁ ଆଗେଇ ନେବା ମୋ ପକ୍ଷେ ସମ୍ଭବ ନୁହେଁ ବୋଲି ସେରେନା କହିଛନ୍ତି।



# ଦିନିକିଆ ବିଶ୍ୱକପ ପୂର୍ବରୁ ଖେଳାଯିବ ଏସିଆ କପ

ନୂଆଦିଲ୍ଲୀ,୬।୭(ଏଜେନ୍ସି): ଏସିଆ କପ୍ କ୍ରିକେଟ ପୁନର୍ବାର ଆରମ୍ଭ ହେବାକୁଯାଉଛି। ୨୦୨୭ ଦିନିକିଆ ବିଶ୍ୱକପ ପୂର୍ବରୁ ଆଇସିସି ୫୦ ଓଭର ଫର୍ମାଟରେ ପୁନର୍ବାର ଏସିଆ କପ ଆରମ୍ଭ କରିବା ପାଇଁ ଯୋଜନା ପ୍ରସ୍ତୁତି କରିଛି। ଏସିଆନ୍ କ୍ରିକେଟ କାଉନସିଲ ପକ୍ଷରୁ କୌଣସି ସ୍ପଷ୍ଟ କରାଯାଇନାହିଁ। ଆସନ୍ତା ବର୍ଷ ଶେଷ ଭାଗରେ ଦ.ଆଫ୍ରିକା, ଜିମ୍ବାୱେ ଓ ନାମ୍ବିଆରେ ଦିନିକିଆ ବିଶ୍ୱକପ ଖେଳାଯିବ। ଜୁନ୍ ଓ ଜୁଲାଇ ମଧ୍ୟରେ ଏସିଆ କପ୍ ଆୟୋଜନ କରାଯିବା ଏକ ପ୍ରକାର ଚୂଡାନ୍ତ ହୋଇଛି। ବାଂଲାଦେଶରେ ଏସିଆ କପ୍ ଆୟୋଜନ ହୋଇପାରେ। ଯଦି ଏହା ହୁଏ ଭାରତର ଦୁଇ ମହାନ୍ ଖେଳାଳି ରୋହିତ ଶର୍ମା ଓ ବିରାଟ କୋହଲି ଏଥିରେ ଖେଳିବାର ସମ୍ଭାବନା ହୋଇଛି। ଟେଷ୍ଟ ଓ ଟି-୨୦ରୁ ଦୁହେଁ ଅବସର ନେଇସାରିଛନ୍ତି। କେବଳ ଅନ୍ତର୍ଜାତୀୟ ଦିନିକିଆରେ ଦୁହେଁ ନଜର ଆସିବେ। ପ୍ରଶଂସକ ପୁନର୍ବାର ଭାରତ ଓ ପାକିସ୍ତାନ ମ୍ୟାଚ ଉପଭୋଗ କରିବାର ସୁଯୋଗ ପାଇପାରନ୍ତି। ଏସିଆ କ୍ରିକେଟ କାଉନସିଲ ସହ ଆଲୋଚନା କରିବା ପରେ ଆଇସିସି ଏସମ୍ପର୍କରେ ଚୂଡାନ୍ତ ନିଷ୍ପତ୍ତି ନେବ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.

# ଆଜି ତୃତୀୟ ଟି-୨୦

ନଟିଂହାମ୍,୬।୭(ଏଜେନ୍ସି): ନଟିଂହାମର ଟ୍ରେଣ୍ଟ ବ୍ରିଜ ଷ୍ଟାଡିୟମରେ ମଙ୍ଗଳବାର ଭାରତ-ଇଂଲଣ୍ଡ ତୃତୀୟ ଟି-୨୦ ମ୍ୟାଚ ଖେଳାଯିବ। ଦ୍ୱିତୀୟ ମ୍ୟାଚରେ ପରାଜିତ ହୋଇଥିବା ଭାରତୀୟ ଦଳ ଏହି ମ୍ୟାଚରେ ବିଜୟୀ ହୋଇ ଶୃଙ୍ଖଳାକୁ ଫେରିବା ଲାଗି ଉଦ୍ୟମ କରିବ। ଭାରତୀୟ ଦଳର ଦୁର୍ବଳତା କମିବା ବଦଳରେ ବଢ଼ିବାରେ ଲାଗିଛି। ଏହାକୁ ସୁଧାରିବା ପାଇଁ କୋଚ ଗୌତମ ଗମ୍ଭୀର ଲାଗି ପଡିଛନ୍ତି। ଭାରତୀୟ ବ୍ୟାଟିଂ ଲାଇନ ଅପ୍ ଏପର୍ଯ୍ୟନ୍ତ ନିଜର ପୂର୍ବ ଅନୁରୂପ ପ୍ରଦର୍ଶନ କରିପାରିନାହିଁ। ବୋଲିଂର ଦୁର୍ବଳତା ମଧ୍ୟ ପଦାରେ ପଡିଛି। ଦ୍ୱିତୀୟ ମ୍ୟାଚରେ ଭାରତୀୟ ସ୍ପିନର ରବି ବିଷ୍ଣୋଇଙ୍କ ଓଭର ଗୁଡିକରୁ ଇଂଲଣ୍ଡ ବ୍ୟାଟର ଭରପୂର ଫାଇଦା ଉଠାଇଥିଲେ। ଏପରିକି ତାଙ୍କର ଗୋଟିଏ ଓଭରରୁ ହିଁ ମ୍ୟାଚର ଗତି ବଦଳି ଯାଇଥିଲା। ୧୭ତମ ଓଭରରେ ସେ ୩ଟି ନୋ ବଲ ପକାଇବା ପରେ ଫି-ହିଟର ଫାଇଦା ନେଇ ଇଂଲଣ୍ଡ ବିଜୟ ସୁନିଶ୍ଚିତ କରିଥିଲା। ବାରମ୍ବାର ନୋ ବଲ ପକାଇବା ପଛରେ ରବି ବିଷ୍ଣୋଇଙ୍କ ଅସ୍ୱାଭାବିକ ବୋଲିଂ ରନଅପକୁ ଦାୟୀ କରାଯାଉଛି। ସେ ନିଜର ୪ ଓଭରରେ ସେ ୬୦ ରନ୍ ଦେଇଥିଲେ। ତେଣୁ ତୃତୀୟ ମ୍ୟାଚରେ ତାଙ୍କ ସ୍ଥାନରେ ପ୍ରିନ୍ସ ଯାଦବଙ୍କୁ ସୁଯୋଗ ମିଳିପାରେ। ପ୍ରିନ୍ସ ଆୟର୍ଲାଣ୍ଡ ବିପକ୍ଷରେ ଭଲ ପ୍ରଦର୍ଶନ କରିଥିଲେ। ଅନ୍ୟ ପକ୍ଷରୁ ଗତ ମ୍ୟାଚରେ ଫର୍ମ ନଥିବା ସଞ୍ଜୁ ସାମସନଙ୍କ ବଦଳରେ ବୈଭବ ସୂର୍ଯ୍ୟବଂଶୀଙ୍କୁ ସାମିଲ କରାଯାଇଥିଲା। କିନ୍ତୁ ସେ ବଡ଼ ସ୍କୋର କରିପାରିନଥିଲେ। ଏହି ମ୍ୟାଚରେ ବି ତାଙ୍କ ଉପରେ ସମସ୍ତ ନଜର ରହିବ। ତାଙ୍କଠାରୁ ଏକ ବିସ୍ଫୋରକ ପାଳି ଆଶା କରାଯାଉଛି। ଇଂଲଣ୍ଡ ଦଳ ନିଜର ବିଜୟଧାରା ଜାରି ରଖିବାକୁ ଉଦ୍ୟମ କରିବ। ଗତ ମ୍ୟାଚରେ ଇଂଲଣ୍ଡର ଦୁଇ ଓପନର ଫିଲସଲ୍ଟ ଓ ଜୋ ବଟଲର ଖାତା ଖୋଲିପାରିନଥିଲେ। ତେଣୁ ଏହି ମ୍ୟାଚରେ ସେମାନେ ବଡ଼ ଇନିଂସ ଖେଳିବାକୁ ଚେଷ୍ଟା କରିବେ। ଏହି ମ୍ୟାଚ ଭାରତୀୟ ସମୟ ରାତି ୧୦ଟାରେ ଆରମ୍ଭ ହେବ।

**ସମ୍ଭାବ୍ୟ ଭାରତୀୟ ଦଳ:** ବୈଭବ ସୂର୍ଯ୍ୟବଂଶୀ, ଇଷାନ କିଷାନ, ଶ୍ରେୟାସ ଆୟର, ତିଲକ ବର୍ମା, ଶିବମ ଦୁବେ, ଅକ୍ଷର ପଟେଲ, ଅର୍ଶଦୀପ ସିଂ, ହର୍ଷିତ ରାଣା, ପ୍ରିନ୍ସ ଯାଦବ, ରବି ବିଷ୍ଣୋଇ, ବରୁଣ ଚକ୍ରବର୍ତ୍ତୀ।

**ସମ୍ଭାବ୍ୟ ଇଂଲଣ୍ଡ ଦଳ:** ଫିଲ ସଲ୍ଟ, ଜୋସ ବଟଲର, ହ୍ୟାରି ବ୍ରୁକ, ଜ୍ୟାକବ ବେଥେଲ, ଟମ ବଣ୍ଟନ, ସାମ କୁରନ, ୱିଲ ଜ୍ୟାକ୍ସ, ଲିଆମ ଡାଓସନ, ଜୋଫ୍ରା ଆର୍ଚର, ସାକିବ ମହମ୍ମୁଦ, ଆଦିଲ ରସିଦ।



ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି